


ମନ୍ତବ୍ୟ (Notes)

୧୫.୫

୧. (i) ଲୋକମାନଙ୍କର ଛୋଟ ପରିବାର ହେବା ଦରକାର, ବଡ଼ ପରିବାର ବହୁତ ଅସୁବିଧାର କାରଣ ହୋଇଥାଏ ।

(ii) ଗରିବରୁ ଗରିବ ଲୋକମାନେ ପରିବେଶ ପରିଚାଳନାରେ ଅଂଶଗ୍ରହଣ କରିବା ଦରକାର ।


(iii) ଘରୋଇ ଆବର୍ଜନାର ସଠିକ୍ ଉପଯୋଗ ହେବା ଦରକାର, ନଚେତ୍ ଏହା ପରିବେଶ ଅଧୋଗତିର କାରଣ ହୋଇଥାଏ ।

(iv) ଅଦରକାରୀ ଜମିକୁ କୃଷି ଉପଯୋଗୀ କରାଯିବା ଦରକାର ।

(v) ଉତ୍ତମ ଚାଷ ନିମନ୍ତେ ଗୋପାଳନ ଏବଂ ମିଳିତ ମାଟିଦ୍ରବ୍ୟ ଏବଂ ପ୍ରାକୃତିକ ପଦାର୍ଥର ବ୍ୟବହାର କରାଯିବା ଦରକାର ।

୨. (i) ଜଙ୍ଗଲ କ୍ଷୟ, (ii) ଧୂମ୍ରପାନ, (iii) ପୁର୍ନକରଣ, (iv) ଜୈବ ବାଷ୍ପ, (v) ଖତ

୩. (କ) iii, (ଖ) iv, (ଗ) v, (ଘ) v, (ଙ) ii



ମନ୍ତବ୍ୟ (Notes)

୩ । ଜଙ୍ଗଲ କିପରି ପରିବେଶକୁ ସାହାଯ୍ୟ କରୁଛି ଲେଖ ଏବଂ ଜଙ୍ଗଲକ୍ଷୟର ପ୍ରଭାବ ବିଷୟରେ ବୁଝାଅ ।

୪ । ନୂତନ ଯନ୍ତ୍ରପାତିର ବ୍ୟବହାର କିପରି ପରିବେଶ ଅଧୋଗତିର କାରଣ ଲେଖ ।

୫ । ଜନସଂଖ୍ୟା ବୃଦ୍ଧିର ପ୍ରଭାବ କିପରି ପରିବେଶ ଉପରେ ପଡୁଛି ତାହା ବୁଝାଅ ।

୬ । ନିମ୍ନରେ ଦିଆଯାଇଥିବା ବାୟୁ ଅଧୋଗତିର ପ୍ରଭାବ ବିଷୟରେ ବୁଝାଅ ।

(କ) ଅମ୍ଳବର୍ଷା (ଖ) ଉତ୍ତପ୍ତ ପୃଥିବୀ (ଗ) ଓଜନସ୍ତର କ୍ଷୟ

୭ । ପରିବେଶର ସୁରକ୍ଷା ସମ୍ବନ୍ଧରେ ତୁମର ଯୋଜନା ଲେଖ ।

୮ । ସହରରେ ରହୁଥିବା ଲୋକ ଏବଂ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ଜୀବନଶୈଳୀ ବର୍ଣ୍ଣନା କର ।

**ଉତ୍ତରମାଳା :**

୧୫.୧   ୧. (କ) (iii), (ଗ) (iv)

୨. (କ) ଘ, (ଖ) ଚ, (ଗ) ଛ, (ଘ) ଚ, (ଙ) ଗ, (ଚ) ଜ

୧୫.୨   (କ) କ୍ଷୟ, ସାର

(ଖ) ଧୂଳି, ତାପ, ଅହିତକର ବାଷ୍ପ

(ଗ) ମୃତ୍ତିକା, କଠିତନକରଣ ମୃତ୍ତିକା

(ଘ) ଖୋଲାରେ ମଳତ୍ୟାଗ କରିବା, ଛେପ ପକାଇବା, ଧୂମ୍ରପାନ

(ଙ) ପ୍ରାକୃତିକ

୧୫.୩   ୧. (କ) ଙ, (ଖ) ଗ, (ଗ) ଘ, (ଘ) କ

୨. (କ) ଅମ୍ଳବର୍ଷା, (ଖ) ଚର୍ମ କ୍ୟାନସର ଏବଂ ଆଖି, (ଗ) ତାପମାତ୍ରା, (ଘ) ଶ୍ୱାସରୋଗ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, (ଙ) ବିକଳାଙ୍ଗ, (ଚ) ଜଣ୍ଡିସ, (ଛ) ମ୍ୟାଲେରିଆ, (ଯେକୌଣସି ଦୁଇଟି), (ଛ) ଚର୍ମରୋଗ, କୁଣ୍ଡିଆ

୧୫.୪   ୧. (କ) iii, (ଖ) iv, (ଗ) ii


୨.

| ଜୈବ-ଉପକାରୀତା | ଅଜୈବ-ଉପକାରୀତା |
|---|---|
| - ପ୍ରାକୃତିକ ରଙ୍ଗ | - ପଲିଥିନ୍ ବ୍ୟାଗ୍ |
| - ଝୋଟ | - ଲାଇଲନ୍ ଶାଢ଼ୀ |
| - ମାଟି ପାତ୍ର | - ଅଶୋଧିତ ମଟରଗାଡ଼ି ତେଲ |
| - କାଗଜ ବ୍ୟାଗ୍ | |

୩. (କ) iii, (ଖ) iv, (ଗ) i, (ଘ) v, (ଙ) ii

ମନ୍ତବ୍ୟ (Notes)

### ତୁମେ କ'ଣ ଶିଖିଲ




### ମଧ୍ୟାନ୍ତର ଅଭ୍ୟାସ

୧ । ନିଜ ଦୈନନ୍ଦିନ ଜୀବନର ଦୁଇଟି ଉପଯୁକ୍ତ ଉଦାହରଣ ନେଇ ପରିବେଶ ଅଧୋଗତି ସମ୍ବନ୍ଧରେ ବୁଝାଅ ।

୨ । ଜୈବ ଉପକାରିତା କହିଲେ ତୁମେ କ'ଣ ବୁଝ ? ୪ଗୋଟି ଜୈବ ଉପକାରିତା ଦ୍ରବ୍ୟ ଏବଂ ତାହାର ବ୍ୟବହାର ସମ୍ବନ୍ଧରେ ଲେଖ ।



ମନ୍ତବ୍ୟ (Notes)

**ଅଭ୍ୟାସ ୧୫.୩ :**

୧ । ନିକଟସ୍ଥ କବାଡ଼ି ଦୋକାନକୁ ଯାଅ ଏବଂ ନିମ୍ନରେ ଦିଆଯାଇଥିବା ଦ୍ରବ୍ୟଗୁଡ଼ିକୁ କିପରି ବିନିଯୋଗ କରାଯାଏ ଦେଖ ।

(କ) ପୁରୁଣା ଖବରକାଗଜ ଏବଂ ପତ୍ରିକା

(ଖ) ଟିଣ ଏବଂ ପ୍ଲାଷ୍ଟିକ୍ ଦ୍ରବ୍ୟ

(ଗ) ଗ୍ଲାସ୍ ଏବଂ ବୋତଲ

୨ । ନିଜ ଘରେ ଥିବା ଜୈବ ଉପକାରୀ ଏବଂ ଜୈବ ଅପକାରୀ ପଦାର୍ଥକୁ ଚିହ୍ନଟ କର । ଖତ ତିଆରି କରିବା ପାଇଁ ଅଜୈବିକ (bio-degradable) ପଦାର୍ଥ ବ୍ୟବହାର କର ।

**ପାଠଗତ ପ୍ରଶ୍ନାବଳୀ : ୧୫.୫**

**୧ । ସଠିକ୍ କାରଣ ଦର୍ଶାଇ ବାକ୍ୟଗୁଡ଼ିକ ଠିକ୍‌ରେ ଲେଖ ।**

(କ) ଯଦି ଲୋକଙ୍କର ବଡ଼ ପରିବାର ଥାଏ, ତେବେ ଏହା ଏକ ବଡ଼ ଧରଣର ଘଟଣା ନୁହେଁ ।

.......................................................................................

(ଖ) ସମାଜର ସମସ୍ତ ଲୋକ ପରିବେଶ ସନ୍ତୁଳନରେ ସାମିଲ ନୁହଁନ୍ତି ।

.......................................................................................

(ଗ) ଘରୋଇ ଅଦରକାରୀ ଦ୍ରବ୍ୟ ମୁଖ୍ୟ ନୁହେଁ ପରିବେଶ ଅଧୋଗତିରେ ଏହା ସୁବିନିଯୋଗ ହେଉଛି ମୁଖ୍ୟ ।

.......................................................................................

(ଘ) ଅଦରକାରୀ ଜିନିଷଗୁଡ଼ିକ ଚାଷ ପାଇଁ ଉପଯୋଗୀ ନୁହେଁ ।

.......................................................................................

(ଙ) ଉତ୍ତମ ଚାଷ ନିମନ୍ତେ ରାସାୟନିକ ସାର ଏବଂ ସୁସ୍ଥ ଗୋପାଳନ ଅନ୍ତର୍ଭୁକ୍ତ ।

.......................................................................................

**୨ । ନିମ୍ନ ଶବ୍ଦଗୁଡ଼ିକୁ ସଜାଡ଼ିବା ପାଇଁ ସଠିକ୍ ଉତ୍ତର ଯୋଗାଡ଼ କର ।**

| | |
|---|---|
| (କ) ଗଛ କଟା ବନ୍ଦ କରିବା | (କ) NTOSIFEAORTED<br>କ୍ଷଜଲଙ୍ଗୟ |
| (ଖ) ବାୟୁ ପ୍ରଦୂଷଣ | (ଖ) ISGOMKN<br>ନପାମ୍ରଧୂ |
| (ଗ) ଗ୍ଲାସ୍ ଏବଂ ଟିଣକୁ ପୁର୍ନ ବ୍ୟବହାର | (ଗ) GCEIRCYLN<br>କରପୁର୍ନଣ |
| (ଘ) ରୋଷେଇ ନିମନ୍ତେ ଜୈବ-ଉପକାରିତା ଗ୍ୟାସ୍ ବ୍ୟବହାର କରିବା | (ଘ) SGAOIB<br>ଷ୍ଵବାବଜୈ |
| (ଙ) ଘରୋଇ ଆବର୍ଜନାର ପୁର୍ନରିକରଣ | (ଙ) EAMUNR<br>ତଖ |

ମନ୍ତବ୍ୟ (Notes)

**(ଖ) ଯେତେବେଳେ ବାହାରକୁ ଯିବେ :**

- ଅଫିସ୍ / ସ୍କୁଲ / କଲେଜ ନିକଟରେ ବସବାସ କରନ୍ତୁ ।
- ଶୁଦ୍ଧ ପ୍ରାକୃତିକ ଗ୍ୟାସ୍ ଏବଂ ପେଟ୍ରୋଲ ବ୍ୟବହାର କରନ୍ତୁ ଏବଂ ନିଜ ଗାଡ଼ିରେ ଅନ୍ୟମାନଙ୍କୁ ନିଅନ୍ତୁ ।
- ସାଇକେଲ୍ ବ୍ୟବହାର କରନ୍ତୁ, ଏହା ଶରୀର ପାଇଁ ବହୁତ ଭଲ ।
- ସର୍ବସାଧାରଣ ଯାନବାହାନ ବ୍ୟବହାର କର ।

**(ଗ) ପ୍ରକୃତି ସହିତ ନିକଟତର ହୁଅ :**

- ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛ ଲଗାଅ । (ତାହାର ଯତ୍ନ ନିଅ)
- ଜଙ୍ଗଲ କ୍ଷୟର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର ।
- ଜୈବଜଗତ ନିମନ୍ତେ ଅର୍ଥ ଦାନ କର ।
- ସାଙ୍ଗସାଥୀ, ପରିବାର ଏବଂ ସଂପର୍କୀୟଙ୍କ ମଧ୍ୟରେ ସବୁଜ ପୃଥିବୀ ନିମନ୍ତେ ସଚେତନତା ସୃଷ୍ଟି କର ।

## ୧୫.୬ ପରିବେଶର ଅଧୋଗତି ସମ୍ବନ୍ଧରେ ସରକାରଙ୍କର ଭୂମିକା :

ବର୍ତ୍ତମାନ ମନୁଷ୍ୟ ପରିବେଶ ଅଧୋଗତିର ପ୍ରଭାବ ନିମନ୍ତେ ସଚେତନ । ପରିବେଶ ଅଧୋଗତିକୁ ଆୟତ୍ତ କରିବା ନିମନ୍ତେ ସରକାରଙ୍କର ମୁଖ୍ୟ ଭୂମିକା ଅଛି । ସରକାରଙ୍କ ଦ୍ୱାରା ନିଆଯାଉଥିବା କେତେକ ପଦକ୍ଷେପ :

- ସହର ଠାରୁ ଦୂରରେ ଶିକ୍ଷାନୁଷ୍ଠାନମାନଙ୍କର ଅବସ୍ଥିତି ।
- ଗାଡ଼ି ମଟର ଏବଂ କଳକାରଖାନା ମାନଙ୍କଠାରୁ ହେଉଥିବା ପ୍ରଦୂଷଣର କଡ଼ା ଆଇନଦ୍ୱାରା ପ୍ରତିରୋଧ ।
- ଶିକ୍ଷାନୁଷ୍ଠାନମାନଙ୍କ ଦ୍ୱାରା ବହିଷ୍କୃତ ଅନାବର୍ଜ୍ୟ ଦ୍ରବ୍ୟର ସୁବିନିଯୋଗ କରିବା ।
- ଯଥା ସମ୍ଭବ କଳକାରଖାନାମାନଙ୍କ ମଧ୍ୟରେ ବର୍ଜ୍ୟବସ୍ତୁର ସୁବିନିଯୋଗ ଯଥା: ଷ୍ଟିଲ କାରଖାନା ଗୁଡ଼ିକରେ ମଟର କାରଖାନାର ଖରାପ ବ୍ୟବହାର କରିବା ।
- ଲୋକମାନଙ୍କୁ ପରିବାର ନିଯୋଜନ ଆପଣାଇବାକୁ ପ୍ରବର୍ତ୍ତାଇବା ।
- ଘରୋଇ ଆବର୍ଜନାର ସୁପରିଚାଳନା ।
- ପରିବେଶ ଅଧୋଗତି ସମ୍ବନ୍ଧରେ ଲୋକମାନଙ୍କୁ ଜ୍ଞାନଦେବା ।
- ଲୋକମାନଙ୍କୁ ଜୈବ ଗ୍ୟାସ୍, ସୂର୍ଯ୍ୟାଲୋକରେ ପରିଚାଳିତ ଚୁଲା ଓ ତାପଯନ୍ତ୍ର ଆଦି ବ୍ୟବହାର ସମ୍ବନ୍ଧରେ ପ୍ରବର୍ତ୍ତାଇବା ।
- ଜନହୀତକର ଦ୍ରବ୍ୟ ଚାଷ ପାଇଁ ବ୍ୟବହାର କରିବା, ଯଥା: ପ୍ରାକୃତିକ ଖତ,
- ମିଶ୍ରିତ ଚାଷ ପଦ୍ଧତି ଓ ଫସଲ ପର୍ଯ୍ୟାୟକ୍ରମେ କରିବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇବା ।
- ବୃକ୍ଷରୋପଣ ଓ ଯତ୍ନ ବିଷୟରେ ଲୋକମାନଙ୍କୁ ପ୍ରବର୍ତ୍ତାଇବା ।
- ବନ୍ୟଜନ୍ତୁଙ୍କ ସଂରକ୍ଷଣ ପାଇଁ ଜଙ୍ଗଲକୁ ସରକ୍ଷିତ ରଖିବା ।



ମନ୍ତବ୍ୟ (Notes)

୨ । ନିମ୍ନରେ କେତେକ ଜୈବ ଉପକାରୀ ଓ ଜୈବ ଅପକାରୀ ଉତ୍ପାଦକ ଦିଆଯାଇଛି । ସେଗୁଡ଼ିକୁ ସେମାନଙ୍କର ଗୁଣ ନେଇ ଅଲଗା କର ।

ପଲିଥିନ୍ ବ୍ୟାଗ୍, ପାଣିଯୁକ୍ତ ରଙ୍ଗ, ଝୋଟ, ନାଇଲନ୍ ଶାଢ଼ୀ, ବିଶୋଧିତ ପେଟ୍ରୋଲ, ସୂର୍ଯ୍ୟ ଚୁଲା, ମାଟି କପ୍, ଅଶୋଧିତ ମୋଟର ତେଲ, କାଗଜ ବ୍ୟାଗ୍, କାନ୍‌ଭାସ୍

୩ । 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ଉଦାହରଣରେ ଦିଆଯାଇଥିବା ପରି ମେଳନ କର ।

| ତାଲିକା 'କ' | ତାଲିକା 'ଖ' |
|---|---|
| ଉ: ଜଙ୍ଗଲକ୍ଷୟ | ଜଙ୍ଗଲ ସୃଷ୍ଟିକରଣ |
| କ) ଖୋଲାରେ ମଳତ୍ୟାଗ କରିବା | i) ବାହାରକୁ ଛାଡ଼ିବା ପୂର୍ବରୁ ଦୂଷିତ ପଦାର୍ଥକୁ ଅଲଗା କରିବା |
| ଖ) ଘରୋଇ ଆବର୍ଜନା | ii) ଶିଳ୍ପରେ ବ୍ୟବହାର ପାଇଁ ପୁର୍ନବିନିଯୋଗ |
| ଗ) ଶିଳ୍ପର ଗ୍ୟାସ୍ | iii) ସୁଲଭ ଶୌଚାଳୟ |
| ଘ) ଶିଳ୍ପରୁ ନିର୍ଗତ ମଇଳାର୍ଜନା | iv) ବଗିଚା ପାଇଁ ଖତ |
| ଙ) ପୌରଅଞ୍ଚଳର ଆବର୍ଜନା | v) ମଇଳା ନିଷ୍କାସନ ବ୍ୟବସ୍ଥା |
| | vi) ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା |

## ୧୫.୫ ପରିବେଶ ସୁରକ୍ଷିତ ରଖିବା ପାଇଁ ଆମେ କିପରି ସାହାଯ୍ୟ କରିପାରିବା

**କ) ଘରେ**

- 3R ନିୟମ ପାଳନ କରିବା "କମ୍ ବ୍ୟବହାର କରିବା" (Reduce) "ପୁର୍ନ ବ୍ୟବହାର" ବିଭିନ୍ନ ସାମଗ୍ରୀକୁ ପୁଣି ବ୍ୟବହାର କରିବା- "(Re-Use)" ଓ ଆବର୍ଜନାକୁ "ବିନିଯୋଗ କରିବା"- "Recycle".
- ଯେତେସମ୍ଭବ ସୂର୍ଯ୍ୟାଲୋକ ଦ୍ୱାରା ଚାଳିତ ଚୁଲା ବ୍ୟବହାର କରନ୍ତୁ ।
- ଖୋଲାଜାଗାରେ ମଳତ୍ୟାଗ ନ କରି ଓ ଛେପ ନ ପକାଇ ନିର୍ମଳ ପରିବେଶ କରିବାର ଅଭ୍ୟାସ ରଖନ୍ତୁ ।
- ମଳମୂତ୍ର ଠିକ୍‌ରେ dispose କରନ୍ତୁ ।
- ପରିବାର ନିୟନ୍ତ୍ରଣ ଉପାୟ ଗ୍ରହଣ କରନ୍ତୁ ଏବଂ ଛୋଟ ପରିବାର କରନ୍ତୁ ।
- ଭବିଷ୍ୟତ ନିମନ୍ତେ ଜଳ ବଞ୍ଚାଇ ରଖନ୍ତୁ । ଯଥାସମ୍ଭବ କମ୍ ଜଳ ବ୍ୟବହାର କରନ୍ତୁ ଏବଂ ଜଳ ନଷ୍ଟ କରନ୍ତୁ ନାହିଁ ।
- ଉତ୍ସବମାନଙ୍କରେ ଉଚ୍ଚ ସ୍ୱରରେ ଗୀତ ବଜାନ୍ତୁ ନାହିଁ ।
- ଧୂମ୍ରପାନରୁ ନିବୃତ୍ତ ରୁହନ୍ତୁ ।



ମନ୍ତବ୍ୟ (Notes)



| | |
|---|---|
| ୨. ଘରର ଆବର୍ଜନାକୁ ରାସ୍ତାରେ ପକାଇବା | ଯୋଜନା ଯୁକ୍ତ ପୁନଃ ବ୍ୟବହାର ଲାଭଦାୟକ ହୋଇପାରେ । ଉଦାହରଣ ସ୍ୱରପ : ଘରୋଇ ଆବର୍ଜନା ଯଥା ଖବରକାଗଜ ଓ ବସ୍ତ୍ର, କାଗଜ ପ୍ରସ୍ତୁତିରେ : ଆତୁ ଓ କାଚକୁ ତଳାଇ ପୁଣି ବ୍ୟବହୃତ ହୋଇଥାଏ । ପ୍ଲାଷ୍ଟିକ୍ ତରଳାଇ ନିକୃଷ୍ଟ ପ୍ଲାଷ୍ଟିକ୍ ଉତ୍ପାଦନରେ ବ୍ୟବହୃତ ହୋଇଥାଏ । |
| ୩. ଶିଳ୍ପ ଅନୁଷ୍ଠାନର ଆବର୍ଜନାକୁ ଭୂମି ବା ଜଳରେ ଫିଙ୍ଗିବା | ଶିଳ୍ପ ଅନୁଷ୍ଠାନ ନିକଟରେ ମଇଳା ନିଷ୍କାସନ ପାଇଁ ସୁବ୍ୟବସ୍ଥା ରହିବା ଓ ଶିଳ୍ପାନୁଷ୍ଠାନରେ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ରହିବ । |
| ୪. ଶିଳ୍ପ ଅନୁଷ୍ଠାନରୁ ନିର୍ଗତ ଗ୍ୟାସ ବାୟୁମଣ୍ଡଳରେ ମିଶିବ | କ୍ଷତିକାରକ ଗ୍ୟାସ୍‌ରୁ ପ୍ରଦୂଷିତ ପଦାର୍ଥକୁ ଅଲଗା କରି ବାୟୁମଣ୍ଡଳକୁ ସୁରକ୍ଷିତ ଭାବରେ ଛାଡ଼ିବା । |
| ୫. ଖୋଲାସ୍ଥାନରେ ମଳତ୍ୟାଗ କରିବା | ବସ୍ତି ବିଶେଷ ଭାବରେ ବସ୍ତି ଅଞ୍ଚଳରେ "ସୁଲଭ ଶୌଚାଳୟ" ତିଆରି କରିବା । |
| ୬. ଜଙ୍ଗଲକ୍ଷୟ (ଜଙ୍ଗଲସଫା) | ଅନେକ ମାତ୍ରାରେ ବୃକ୍ଷରୋପଣ କରିବା (ଜଙ୍ଗଲ ସୃଷ୍ଟି କରିବା) |

**ପାଠ୍ୟଗତ ପ୍ରଶ୍ନାବଳୀ : ୧୫.୪**

୧ । ସଠିକ୍ ଉତ୍ତର ବାଛ ।

i) ଜୈବ ଉପକାରୀ ପଦାର୍ଥ କହିଲେ

କ) ପରିବେଶ ପାଇଁ କ୍ଷତିକାରକ

ଖ) ପରିବେଶ ପ୍ରତି କମ୍ କ୍ଷତିକାରକ

ଗ) ସତ ପରିବେଶ ପ୍ରତି ଜମାରୁ କ୍ଷତିକାରକ ନୁହେଁ

ଘ) ପରିବେଶ ପ୍ରତି ଅତ୍ୟଧିକ

ii) ଜୈବ ଉପକାରୀ ଉତ୍ପାଦନକୁ ନିମ୍ନ ଚିହ୍ନ ଦିଆଯାଏ-

କ) ଏଫ୍ ପି ଓ (FPO) ଚିହ୍ନ

ଖ) ଆଗ୍ ମାର୍ଗ ଚିହ୍ନ (AGMARK)

ଗ) ଆଇ ଏସ୍ ଆଇ (ISI) ଚିହ୍ନ

ଘ) ଇକୋ (ECO) ଚିହ୍ନ

iii) ଉତ୍ପାଦଗୁଡ଼ିକ ନିମ୍ନମତେ ଜୈବ ଉପକାରୀ ଧରାଯାଏ-


କ) ଉତ୍ପାଦନ, ବ୍ୟବହାର ଓ ବିନିଯୋଗ

ଖ) ବିନିଯୋଗ, ପୁର୍ନବିନିଯୋଗ ଓ ଫିଙ୍ଗିବା

ଗ) ଉତ୍ପାଦନ, ବିତରଣ ଓ ପୁର୍ନବିନିଯୋଗ

ଘ) ବ୍ୟବହାର, ବିନିଯୋଗ ଓ ବିତରଣ


ପେଟିକା - ୩
ସାଧନ ପରିଚାଳନା



ମନ୍ତବ୍ୟ (Notes)

| | |
|---|---|
| (ଖ) ଅଶୋଧିତ ଇଞ୍ଜିନ ତେଲ | (ଖ) ଶୁଦ୍ଧ ଇଞ୍ଜିନ ତେଲ |
| (ଗ) କୃତ୍ରିମ ରଙ୍ଗ | (ଗ) ପ୍ରାକୃତିକ ରଙ୍ଗ |
| (ଘ) କୃତ୍ରିମ ପୋଷାକ ଯେପରି ଲାଇଲନ୍, ପ୍ଲାଷ୍ଟିକ୍ ଇତ୍ୟାଦି | (ଘ) ଝୋଟ ଏବଂ ସୂତା ବସ୍ତ୍ର |
| (ଙ) ପଲିଥିନ୍ ବ୍ୟାଗ୍ | (ଙ) ପେପର ବ୍ୟାଗ୍ |
| (ଚ) ପାରମ୍ପରିକ ଚୁଲା | (ଚ) ସୂର୍ଯ୍ୟାଲୋକ ଚୂଲା, ଧୂଆଁ ବାହାରୁନଥିବା ଚୁଲା ଏବଂ ଜୈବଚୁଲା |
| (ଛ) ତାପଧରି ରଖିପାରୁଥିବା କାଚ | (ଛ) ମାଟିନିର୍ମିତ ପାତ୍ର (ଭାରତୀୟ ରେଲରେ ଚାହାକୁ ଏଥିରେ ଦିଆଯାଇଥାଏ) |

ପରିବେଶ ଏବଂ ଜଙ୍ଗଲ ମନ୍ତ୍ରୀ ଫେବୃୟାରୀ ୧୯୯୧ରେ "ଜୈବ ମାର୍କ" ଆରମ୍ଭ କରିଛନ୍ତି । ସମସ୍ତ ମାଟିପାତ୍ର ଉପରେ ISI ମାର୍କ ଦିଆଯାଇ ଅପଘଟନ ଓ ପରିବେଶର ଉପକାରୀ ହେବାର ସୂଚନା ଦିଏ । ଏହି ସୂଚକ ଚିହ୍ନ (ମାର୍କ) ବୁରୋ ଅଫ୍ ଇନ୍ଣ୍ଡିଆନ୍ ଷ୍ଟାଣ୍ଡାର୍ଡ଼ (BIS) ଦ୍ୱାରା ଦିଆଯାଇଥାଏ । ଇକୋ ଚିହ୍ନ ସାଧାରଣ ପ୍ରଦୂଷଣ ନିୟନ୍ତ୍ରଣକାରି ହୋଇଥିବାର ଓ ଉତ୍ପାଦନ ପରିବେଶ ଉପକାରୀ ହୋଇଥିବାରୁ ଦିଆଯାଇଥାଏ ।



ଚିତ୍ର ୧୫.୨ : ଇକୋ ମାର୍କ

ପରିବେଶ ଅପକାରୀ ଅଭ୍ୟାସକୁ ନ ଆଦୃତ କରି ପରିବେଶ ଉପକାରୀ ଅଭ୍ୟାସକୁ ଆପଣାଇବା ନିମ୍ନରେ ସେଗୁଡ଼ିକର ତାଲିକା ଦିଆଯାଇଛି ।

| ଜୈବ ଅପକାରୀ ଅଭ୍ୟାସ | ଜୈବ ଉପକାରୀ ଅଭ୍ୟାସ |
|---|---|
| ୧. ଘରୋଇ ଆବର୍ଜନାକୁ ରାସ୍ତା ବା ଉପରୁ ତଳକୁ ପକାଇବା (ପାର୍ବତ୍ୟ ଅଞ୍ଚଳରେ) | (୧) ଘରୋଇ ଆବର୍ଜନାକୁ ପରିବା ବଗିଚାରେ ଖତଭାବରେ ବ୍ୟବହାର କରାଯାଇପାରିବ । ଏହି ପ୍ରକାର ଖତ ଭୂମୀର ଉତ୍ପାଦନତା ବଢ଼ାଇଥାଏ । ଉଦାହରଣ ସ୍ୱରୂପ, ତୁମ ବଗିଚାରେ ଥିବା ଖତ ଗଦା । ତୁମେ ଜାଣିଛ କି, ତିହାର ଜେଲର ଅନ୍ତେବାସୀ ସେମାନଙ୍କର ଆବର୍ଜନାକୁ ଉତ୍କୃଷ୍ଟ ଖତରେ ପରିବର୍ତ୍ତନ କରିବାକୁ ଆରମ୍ଭ କରିଛନ୍ତି ? ସେମାନେ କେବଳ ରୋଗଙ୍କ ପାଖରୁ ମୁକ୍ତ ହେଉନାହାନ୍ତି ଆହୁରି ମଧ୍ୟ ମଇଳା ଖତକୁ ବିକ୍ରି କରି ଉପାର୍ଜନ କରୁଛନ୍ତି । |







## ୧୫.୪ ଆଶାର ଏକ ଆଲୋକ

ଏବେ ସୁଦ୍ଧା ସବୁ କିଛି ସରିନାହିଁ । ଯଦି ଆମେ ଚାହିଁବା, ତେବେ ଆମେ ପୃଥିବୀକୁ ବଞ୍ଚାଇ ପାରିବା । ଆମେ ଯଥାସମ୍ଭବ ଚେଷ୍ଟା କରିବା ଯେ ପରିବେଶର ଯେମିତି ହାନି ନ ଘଟେ । ଏହା କେବଳ ବନ୍ଧୁତ୍ୱ ମନୋଭାବ ଯୋଗୁଁ ସମ୍ଭବ ହୋଇପାରିବ । ଏଠାରେ ପରିବେଶ ବନ୍ଧୁତ୍ୱର ଅର୍ଥ ହେଉଛି ଜୈବ-ବନ୍ଧୁତ୍ୱ ।

ଇକୋ ଶବ୍ଦଟି 'ଇକୋଲୋଜି' ଶବ୍ଦରୁ ଆସିଛି । ଯାହାର ଅର୍ଥ ହେଉଛି, ବୃକ୍ଷ, ଜୀବଜନ୍ତୁ, ମନୁଷ୍ୟ ଏବଂ ପରିବେଶ ମଧ୍ୟରେ ଥିବା ସଂପର୍କକୁ ବୁଝାଉଛି । ଏହାଦ୍ୱାରା ସୃଷ୍ଟ ଦ୍ରବ୍ୟ କ୍ଷତିକାରକ ନଥାଏ ।

ଏହି ଉତ୍ପାଦକଗୁଡ଼ିକ ପରିବେଶ ବନ୍ଧୁତ୍ୱର ମୁଖ୍ୟ କାରଣ-

- ଉତ୍ପାଦନ
- ବ୍ୟବହାର ଏବଂ
- ମଇଳା ଆଦିର ସୁବିନିଯୋଗ (disposal)

**ଉତ୍ପାଦନ :** ଯଦି କଳକାରଖାନାମାନ ତାଙ୍କ ନିମନ୍ତେ ପ୍ରଣିତ ଆଇନ ଅନୁଯାୟୀ ଦ୍ରବ୍ୟ ଉତ୍ପାଦନ କରନ୍ତି ଏବଂ ବର୍ଜ୍ୟବସ୍ତୁକୁ ଏଣେ ତେଣେ ନ ଫୋପାଡ଼ି ଏହାର ସୁବିନିଯୋଗ କରନ୍ତି ତେବେ ଏହାକୁ ପରିବେଶ ବନ୍ଧୁତ୍ୱ ବୋଲି କୁହାଯାଏ । ଏହାକୁ ମଧ୍ୟ ପରିବେଶ ଉପକାରୀ ବୋଲି କୁହାଯାଏ ।

**ବ୍ୟବହାର :** ଯଦି ଉତ୍ପାଦନ ହେବା ଫଳରେ ପରିବେଶ ଉପରେ କିଛି କୁପ୍ରଭାବ ପଡ଼ିନଥାଏ, ତେବେ ଏହାକୁ ଜୈବ-ଉପକାରୀ ବୋଲି କୁହାଯାଏ । ଉଦାହରଣ ପେଟ୍ରୋଲ ଗୋଟିଏ ହାନିକାରକ ଦ୍ରବ୍ୟ କିନ୍ତୁ ଏହାର ସୁବିନିଯୋଗ ଫଳରେ ଏହା ଜୈବ-ଉପକାରୀ ହୋଇଥାଏ ।

- **ଅଦରକାରୀ ଦ୍ରବ୍ୟର ସୁବିନିଯୋଗ**

ଜିନିଷ ପ୍ୟାକେଜରେ ବ୍ୟବହୃତ ପଦାର୍ଥ ଏବଂ ବଳକା ଉତ୍ପାଦନ ଏମିତି ହେବା ଉଚିତ୍ ଯେପରି ଏହା ମାଟିରେ ମିଶିଯିବ ବା ଆଉ ଥରେ କାର୍ଯ୍ୟପାଇଁ ବ୍ୟବହାର ହୋଇପାରିବ । କିନ୍ତୁ ଏପରି ଦ୍ରବ୍ୟ ଅଛି ଯାହାକି ମାଟିରେ ମିଶିନଥାଏ, ଯେପରିକି ପଲିଥିନ୍ । ଏହା ଡ୍ରେନ୍ ମାନଙ୍କରେ ପଡ଼ି ଏହାକୁ ବନ୍ଦ କରିଥାଏ । ଅନ୍ୟ ପକ୍ଷରେ ପେପର ବ୍ୟାଗ୍ ଖବରକାଗଜ ଏବଂ ପେପରରୁ ତିଆରି ହୋଇଥାଏ । ତେଣୁ କାଗଜବ୍ୟାଗ୍ ହେଉଛି ଜୈବ-ଉପକାରୀ । ଯେଉଁ ଉତ୍ପାଦିତ ପଦାର୍ଥ ପରିବେଶର ଯତ୍ନ ନେଇପାରେ ନାହିଁ ଏବଂ ଏହାର ମାନହ୍ରାସ କରାଏ ତାହାକୁ ଜୈବ ଅପକାରୀ ପଦାର୍ଥ କୁହାଯାଏ ।

ଆସ ଆମେ ଜୈବ ଉପକାରୀ ଏବଂ ଜୈବ-ଅପକାରୀ ଉତ୍ପାଦକ ବିଷୟରେ ଆଲୋଚନା କରିବା ।

| ଜୈବ ଅପକାରୀ ପଦାର୍ଥ | ଜୈବ ଉପକାରୀ ପଦାର୍ଥ |
|---|---|
| (କ) ପେଟ୍ରୋଲ | (କ) ସୀମା ମିଶାଯାଇନଥିବା ପେଟ୍ରୋଲ (unleaded petrol) |

**ଜୈବ ଅଧପତନଃ :**
ଯେଉଁ ପଦାର୍ଥଗୁଡ଼ିକ ପତନ ହୋଇ ସରଳିକୃତ ଭାବରେ ମାଟିରେ ମିଶିଯାଏ

**ପୁନଃ ବିନିଯୋଗ :**
ଯାହା ପୁଣିଥରେ ନୂତନ ଦ୍ରବ୍ୟ ଭାବରେ ବ୍ୟବହାର ହୋଇପାରେ ଯେପରି : କାଗଜ ଏକ ଟାଣ କାଗଜ ବାକ୍ସ ଭାବରେ ବା ଏକ ନିକୃଷ୍ଟ କାଗଜ ଭାଗରେ ପୁନଃ ବ୍ୟବହୃତ ହୋଇପାରେ ।

ପେଟିକା – ୩
ସାଧନ ପରିଚାଳନା



ମନ୍ତବ୍ୟ (Notes)

ସଂକ୍ଷିପ୍ତରେ,

**ବସ୍ତି ଅବସ୍ଥା ଯୋଗୁଁ**

- ବିଭିନ୍ନ ରୋଗ ଯେପରି ଜଣ୍ଡିସ୍, ହଇଜା ଇତ୍ୟାଦି
- ଅସ୍ୱାସ୍ଥ୍ୟକର ପରିବେଶ ଦ୍ୱାରା ପ୍ଲେଗ୍ ରୋଗର ସୃଷ୍ଟି
- ଉଚ୍ଚ ଶବ୍ଦ ପ୍ରକଟ ଦ୍ୱାରା କାଳାଜନିତ ସମସ୍ୟା ଚାପ, ରକ୍ତଚାପ ବୃଦ୍ଧି, ମାନସିକ ଇତ୍ୟାଦି ସମସ୍ୟା ଉପୁଜିଥାଏ

**କାର୍ଯ୍ୟକଳାପ- ୧୫.୨ :** ବସ୍ତି କିମ୍ବା ଶିକ୍ଷାନୁଷ୍ଠାନ ନିକଟରେ ଗଢ଼ିଉଠିଥିବା ଅଞ୍ଚଳକୁ ବୁଲିଯାଅ ଏବଂ ତାହାର ପରିବେଶକୁ ଉଲ୍ଲେଖ କର ।

**ପାଠ୍ୟଗତ ପ୍ରଶ୍ନମାଳା : ୧୫.୩**

**୧ । ‘କ’ ସ୍ତମ୍ଭ ଏବଂ ‘ଖ’ ସ୍ତମ୍ଭ ସଂଯୋଗ କରି ବାକ୍ୟ ସମ୍ପୂର୍ଣ୍ଣ କର ।**

| ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ |
|---|---|
| (କ) ବୃକ୍ଷ | (କ) ପୃଥିବୀର ଉତ୍ତାପବୃଦ୍ଧି |
| (ଖ) ରାସାୟନିକ ସାର | (ଖ) ତାପମାତ୍ରାର ପରିବର୍ତ୍ତନ |
| (ଗ) ଜଙ୍ଗଲକ୍ଷୟ | (ଗ) ମୃତ୍ତିକାର ଉର୍ବରତା କ୍ଷୟ |
| (ଘ) ରେଫ୍ରିଜେରେଟର ବାଷ୍ପ | (ଘ) ଭୂମି ସ୍ଖଳନ ଏବଂ ବନ୍ୟାର ଖସଡ଼ା |
| | (ଙ) ମୃତ୍ତିକା କ୍ଷୟର ପ୍ରତିରୋଧ |

**୨ । ସଠିକ୍ ଉତ୍ତର ନିରୂପଣ କର ଏବଂ ଶୂନ୍ୟସ୍ଥାନ ପୂରଣ କର ।**

(କ) ଜନଜୀବନ କ୍ଷୟ ଏବଂ କୋଠା ଭୁଷୁଡ଼ିବାର କାରଣ ହେଉଛି ______ । (ଓଜନସ୍ତର / ଅମ୍ଳବର୍ଷା, ସୂର୍ଯ୍ୟତାପ)

(ଖ) ଓଜନସ୍ତର କ୍ଷୟ ଯୋଗୁଁ ______ (ଚର୍ମ କ୍ୟାନସର / ଏନମିଆ / ଶ୍ୱାସରୋଗ) ଏବଂ ______ (ହାଡ଼ / ପାକସ୍ଥଳୀ / ଆଖିର) କ୍ଷତି ଘଟାଇଥାଏ ।


(ଗ) ପୃଥିବୀ ଉତ୍ତପ୍ତ ହେବା ଦ୍ୱାରା ______ (ପବନ / ତାପମାତ୍ରା / ପ୍ରବଳ ବର୍ଷା)ର ବୃଦ୍ଧି ଘଟିଛି ।

(ଘ) ବାୟୁର ମାନ ହ୍ରାସ ଯୋଗୁଁ ______ (ଶ୍ୱାସଜନିତ / ରକ୍ତ ସଞ୍ଚାଳନ) ଏବଂ ______ (ଜଣ୍ଡିସ୍ / କଲେରା) ପରିପାକ ଜନିତ ରୋଗ ଦେଖାଦେଇଥାଏ ।

(ଙ) ନ୍ୟୁକ୍ଲିୟର ପରମାଣୁ ବୋମା ପ୍ରଭାବରେ ଅନେକ ବର୍ଷ ପରେ ମଧ୍ୟ ______ (ସାଧାରଣ ଓଜନ / ବିକଳାଙ୍ଗ / ଖୁସି) ପିଲା ଜନ୍ମ ହେଉଛନ୍ତି ।

(ଚ) ଜଳ ଦ୍ୱାରା ______ ଏବଂ ______ (ଜଣ୍ଡିସ୍ / ମେଲେରିଆ / ଟାଇଫଏଡ୍ / ହଇଜା) ରୋଗ ହୋଇଥାଏ ।

(ଛ) କଳକାରଖାନା ମାନଙ୍କରୁ ନିର୍ଗତ ରାସାୟନିକ ଦ୍ରବ୍ୟ ଦ୍ୱାରା ______ ଏବଂ ______ (ଆଲର୍ଜି / ମ୍ୟାଲେରିଆ / ଶ୍ୱାସରୋଗ / ଶ୍ୱେତକଣିକା ବୃଦ୍ଧି ରୋଗ) ହୋଇଥାଏ ।





ମନ୍ତବ୍ୟ (Notes)

● ଜଳରେ ଥିବା ଉଦ୍ଭିଦ ଅଙ୍ଗାରକାମ୍ଳ ନେଇ ଅମ୍ଳଜାନ ଛାଡ଼ିଥାନ୍ତି ଯାହା ଜଳପ୍ରାଣୀମାନେ ଗ୍ରହଣ କରନ୍ତି । କିନ୍ତୁ ଜଳରେ ଫେଣ ଥିବା ଯୋଗୁଁ ଅମ୍ଳଜାନ ଠିକ୍ ରୂପେ ଆସିପାରିନଥାଏ ।

ଅଳିବା ଏବଂ ଫେଣକୁ ଦେଖିପାରିବ । ଫେଣଗୁଡ଼ିକ ଜଳରେ ଜୀବଙ୍କ ନିକଟରେ ଅମ୍ଳଜାନ ପହଞ୍ଚାଇବାକୁ ବାଧା ଦେଇଥାଏ । ଯାହା ଫଳରେ ମାଛମାନଙ୍କର ମୃତ୍ୟୁ ହୋଇଥାଏ । ଦୂଷିତ ଜଳ କାରଣରୁ ଆମକ ହଇଜା, ଟାଇଫଏଡ୍, ଜଣ୍ଡିସ୍, ଡେଙ୍ଗୁ ଏବଂ ମ୍ୟାଲେରିଆ ଭଳି ରୋଗ ହୋଇଥାଏ ।

ଜଳରେ ରାସାୟନିକ ପଦାର୍ଥର ମିଶ୍ରଣ ଦ୍ୱାରା କ୍ୟାନସର, ଚର୍ମରୋଗ, କୁଣ୍ଡିଆ, ଯାଦୁ ବିକଳାଙ୍ଗ ଆଦି ରୋଗ ହୋଇଥାଏ ।

ସଂକ୍ଷିପ୍ତରେ,

**ଜଳର ଅଧୋଗତି ଯୋଗୁଁ**

↓

| | | |
|---|---|---|
| ମତ୍ସ୍ୟ ତଥା ଜଳଚର ଜୀବଙ୍କର ମୃତ୍ୟୁ | ଜଳଦ୍ୱାରା ହେଉଥିବା ରୋଗ ହଇଜା, ଜଣ୍ଡିସ୍ ଆଦି | ଅନ୍ୟାନ୍ୟ ରୋଗ ଯେପରିକି କ୍ୟାନସର, କାଛୁକୁଣ୍ଡିଆ ଇତ୍ୟାଦି |

### ୧୫.୫ ବସ୍ତି ଅବସ୍ଥା

ଚାକିରି ଅନ୍ୱେଷଣରେ ହଜାର ହଜାର ଲୋକ ଗ୍ରାମରୁ ସହରକୁ ଆସିଥାନ୍ତି । କିନ୍ତୁ ସେମାନେ କେଉଁଠାରେ ରହିବେ ? ହଁ ସେମାନେ ଅସ୍ଥାୟୀ ଭାବରେ କାଦୁଅ ବା ଟିଣର ଛୋଟ ଘର କରି ଉପରେ ପ୍ଲାଷ୍ଟିକ୍ ଜରି ପକାଇ ରହିଥାନ୍ତି । ବହୁତ ଲୋକ ଏପରି ପାଖାପାଖି ରହିଥାନ୍ତି, କିନ୍ତୁ ତାଙ୍କ ନିମନ୍ତେ ଜଳ, ଇଲେକ୍ଟ୍ରି ଏବଂ ଅନ୍ୟାନ୍ୟ ଦ୍ରବ୍ୟର ସୁବିଧା ନଥାଏ ।

କେତେଗୁଡ଼ିଏ କୁଡ଼ିଆକୁ ନେଇ ବସ୍ତି କୁହାଯାଏ । ତୁମେ କେବେ ବସ୍ତି ଦେଖିଛ କି ? ତୁମେ ସେମାନଙ୍କର ନିର୍ଦ୍ଦିଷ୍ଟ ସ୍ଥାନ କହିପାରବ କି ? ହଁ ଏହା ମୁଖ୍ୟତଃ ନଦୀପାଖ, କଳକାରଖାନା, ରାସ୍ତା କଡ଼ କିମ୍ବା ବ୍ରିଜ୍ ତଳେ ଗଢ଼ିଉଠିଥାଏ ।

ଯଦି ତୁମେ କେବେ ବସ୍ତି ନିକଟକୁ ଯିବ, ତେବେ ତୁମେ ଲକ୍ଷ୍ୟ କରିବ ଯେ ଏହା ବିପୁଳ ଜନଗହଳି, ଚିରାଫଟା ପୋଷାକ ପିନ୍ଧିଥିବା ଶିଶୁ, ଅପରିଷ୍କାର ପରିବେଶ, ଖୋଲା ନଳା, ଦୁର୍ଗନ୍ଧ, ପଚାସଢ଼ା ଦ୍ରବ୍ୟ, ମଶା, ମାଛି ଭର୍ତ୍ତି ଏକ ପରିବେଶ । ସବୁଠୁ ସାଂଘାତିକ କଥା ଯେ ବସ୍ତି ଅଞ୍ଚଳର ଅଧ କିଲୋମିଟର ମଧ୍ୟରେ ଥିବା ସ୍ଥାନ ଖୋଲା ମଳତ୍ୟାଗର ସୂଚନା ଦେଇଥାଏ । ଯଦି ବସ୍ତି ନଦୀ ନିକଟରେ ଥାଏ, ତେବେ ନଦୀରେ ସେମାନେ ଖୋଲାଖୋଲି ଭାବରେ ଗାଧୁଆ, ମଳତ୍ୟାଗ କରିବା, ସଫା ଆଦି କାର୍ଯ୍ୟ କରିଥାନ୍ତି ।

ତୁମେ ପ୍ଲେଗ୍ ରୋଗ ବିଷୟରେ ଜାଣିଛ । ସୁରଟରେ ଏହି ରୋଗ କାରଣରୁ ବହୁ ଲୋକ ମୃତ୍ୟୁବରଣ କରିଥିଲେ ଏବଂ ଏହା ସମସ୍ତଙ୍କୁ ଭୟଭୀତ କରିଦେଇଥିଲା । ଘରୋଇ କୀଟ ଏବଂ ଆଖପାଖ ଅଞ୍ଚଳରେ ମୂଷାମାନେ ବସବାସ କରିଥାନ୍ତି । ଲୋକମାନେ ଏହିପରି ଅସ୍ୱାସ୍ଥ୍ୟକର ପରିବେଶରେ ବସବାସ କରିଥାନ୍ତି, ଯେଉଁଠାରେ ଅତି ଆବଶ୍ୟକ ଦ୍ରବ୍ୟର ସୁବିଧା ନଥାଏ ଏବଂ ଜଣ୍ଡିସ୍, ଡାଇରିଆ, ମ୍ୟାଲେରିଆ, ହଇଜା ଆଦିରେ ପଡ଼ିଥାନ୍ତି ଏବଂ କୋଳାହଳପୂର୍ଣ୍ଣ ଜୀବନଯାପନ କରନ୍ତି । ଉଚ୍ଚ ଶବ୍ଦ ଦ୍ୱାରା ବିଭିନ୍ନ ରୋଗ ଯେପରିକି ସମ୍ପୂର୍ଣ୍ଣ କାଳା, ଉଚ୍ଚ ରକ୍ତଚାପ ବୃଦ୍ଧି, ଚାପ, ନରଭସ୍ ଆଦି ସମସ୍ୟା ଦେଖାଦେଇଥାଏ ।

ଅନେକ ଲୋକ ମୃତ୍ୟୁବରଣ କରିଥିଲେ । ଏହାର ପରିଣାମ ସ୍ୱରୂପ ସେଠାରେ ଏବେ ବିକଳାଙ୍ଗ ପିଲା ଜନ୍ମ ନେଉଛନ୍ତି । ଏହାଦ୍ୱାରା ମଧ୍ୟ ପ୍ରାଣୀ, ବୃକ୍ଷ, ମୃତ୍ତିକାର ବିଶେଷ କ୍ଷତି ହୋଇଛି ।

କେତେବର୍ଷ ପରେ ଅନ୍ୟ ଏକ ଉଦାହରଣ ହେଉଛି କୁଏତ ଏବଂ ଇରାକ୍ ମଧ୍ୟରେ ତୈଳକୁ ନେଇ ହୋଇଥିବା ଯୁଦ୍ଧ । ତୈଳକୁ ସମୁଦ୍ରରେ ଛଡ଼ାଯାଇଥିଲା । ସମୁଦ୍ର ଉପରେ ତୈଳରେ ମାସ ମାସ ଧରି ନିଆଁ ଲାଗିଥିଲା । ଯାହାଦ୍ୱାରା ବିପୁଳ ମାତ୍ରାରେ ମତ୍ସ୍ୟ ଏବଂ ଜଳରେ ଜୀବଙ୍କର ମୃତ୍ୟୁ ହୋଇଥିଲା ଏବଂ ବାୟୁ ମଧ୍ୟ ଦୂଷିତ ହୋଇଥିଲା ।

କଳକାରଖାନାରୁ ନିର୍ଗତ ଦ୍ରବ୍ୟ ମଧ୍ୟ ଅନେକ ଜୀବଙ୍କ ମୃତ୍ୟୁ ପାଇଁ ଦାୟୀ ଅଟେ । ଆମେ ଭାରତର ଅଧିବାସୀ ଅଟୁ । ଆମେ କେବେ ଭୋପାଳ ଗ୍ୟାସ୍‌ର କଥା ଭୁଲିପାରିବାନି । ଭୋପାଳରେ ଏକ କୀଟନାଶକ କଳକାରଖାନାରରୁ ଗ୍ୟାସ୍ ନିର୍ଗତ ହୋଇ ହଜାର ହଜାର ଲୋକ ମୃତ୍ୟୁବରଣ କରିଥିଲେ । ଯେଉଁ ଏହି ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ଏବେ ସେମାନେ ଶ୍ୱାସ, ଚକ୍ଷୁ ଏବଂ ଚର୍ମରୋଗରେ ପୀଡ଼ିତ ଅଛନ୍ତି । ଅନ୍ୟ ଏକ ଘଟଣା ହେଉଛି ରୁଷିଆର Chernobyl ସହରରେ ବିକିରଣ ଫଳରେ ପ୍ରବଳ ମାତ୍ରାରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହୋଇଥିଲା । ଯାହାଫଳରେ ମୃର୍ତ୍ତିକା, ବୃକ୍ଷ ଏବଂ ଜଳର ଅଧୋଗତି ହୋଇଥିଲା । ଯାହାଫଳରେ ମନୁଷ୍ୟ ଏବଂ ଜୀବମାନଙ୍କର ଖାଦ୍ୟଶୈଳୀ ଉପରେ ପ୍ରଭାବ ପକାଇଥିଲା । ବିକିରଣ ଫଳରେ ଅନେକ ଜୀବନ କ୍ଷତିଗ୍ରସ୍ତ ହୋଇଥିଲା ।



ଚିତ୍ର ୧୫.୧

(ଖାଦ୍ୟ ପାଇଁ ପରସ୍ପର ନିର୍ଭରଶୀଳ ଜୀବସମୂହ)

- **ରୋଗବ୍ୟାଧି**

ଉପରୋକ୍ତ କାରଣ ଯୋଗୁଁ ବିଭିନ୍ନ ପ୍ରକାର ରୋଗ ଯେପରିକି ଥଣ୍ଡା, କାଶ, ଶ୍ୱାସ, ପେଟରୋଗ, କ୍ୟାନସର, ଚର୍ମରୋଗ, ଚକ୍ଷୁରୋଗ ଆଦି ହୋଇଥାଏ । ଅତ୍ୟଧିକ ପ୍ରଦୂଷିତ ସହର ଦିଲ୍ଲୀ ଏବଂ କଲିକତା ପରି ସହରରେ ଅଧିକ ଜନବସତି ହୋଇଥାଏ ଏବଂ ସେଠାରେ ଏହି ପ୍ରକାରର ଅଧିକ ରୋଗ ଦେଖାଯାଇଥାଏ । ଆମେ ଗୋଟିଏ ପାଦ ଆଗକୁ ଯାଇ ପରିବେଶକୁ ଅଧୋଗତିରୁ ରକ୍ଷା କରିବାକୁ ପଡ଼ିବ । ଏହାଦ୍ୱାରା ମଧ୍ୟ ବିଭିନ୍ନ ମାରାତ୍ମକ ରୋଗ ଯେପରିକି HIV, AIDS ଏବଂ STD ରୋଗର ଜନ୍ମ ହୋଇଛି । ଏହି ରୋଗରୁ ରକ୍ଷା ନିମନ୍ତେ ଆମେ ଅବାଞ୍ଛିତ ଯୌନମିଳନରୁ ନିବୃତ ଏବଂ କଣ୍ଡୋମର ବ୍ୟବହାର କରିବା ଆବଶ୍ୟକ ।

### ୧୫.୩.୪ ଜଳର ଅଧୋଗତି

ତୁମେ କେବେ ଲକ୍ଷ୍ୟକରିଛ ଯେ ନଦୀ, ନାଳ ଏବଂ ହ୍ରଦର ଜଳ ପରିଷ୍କାର ନୁହେଁ ? ପ୍ରାୟତଃ ଅନେକ ନଦୀ ସହର ନିକଟରେ ଅବସ୍ଥିତ ଓ ଖୁବ୍ ଦୁର୍ଗନ୍ଧ ଦେଇଥାଏ । ତୁମେ ପାଣିରେ ଭାସୁଥିବା

**ପେଟିକା - ୩**
**ସାଧନ ପରିଚାଳନା**




**ମନ୍ତବ୍ୟ (Notes)**

- ଖାଦ୍ୟ ଚେନ୍

ଯେଉଁ ପଦ୍ଧତିରେ ଉଦ୍ଭିଦକୁ ଛୋଟରୁ ବଡ଼ ପ୍ରାଣୀ ଖାଇଥାନ୍ତି ।

ଉଭିଦ ← ହରିଣ ← ବାଘ







ଯାଇଥାଏ ଏବଂ ପରେ ଏହା ବର୍ଷାରେ ପୁଣି ପୃଥିବୀ ପୃଷ୍ଠରେ ପଡ଼ିଥାଏ, ଏହାକୁ ଅମ୍ଳ ବର୍ଷା ବୋଲି କୁହାଯାଏ ।

ଏହି ଅମ୍ଳବର୍ଷାର ପ୍ରଭାବ ସମସ୍ତ ପ୍ରକାର ବୃକ୍ଷ, ମାଛ ଏବଂ ଜୀବଜନ୍ତୁଙ୍କ ନିମନ୍ତେ ଅତ୍ୟନ୍ତ ବିପଦଜନକ ଅଟେ । ଏହା ମଧ୍ୟ ଘର ଏବଂ ଇମାରତ ନିମନ୍ତେ ବିପଦଜନକ ଅଟେ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଧଳା ମାର୍ବଲରେ ତିଆରି ହୋଇଥିବା ତାଜମହଲ । ଏହି ଅମ୍ଳବର୍ଷା ପ୍ରଭାବରେ ଧଳାମାର୍ବଲର ରଙ୍ଗ ପରିବର୍ତ୍ତନ ହେବାରେ ଲାଗିଛି ।

- **ଓଜନସ୍ତର କ୍ଷୟ**

ଓଜନସ୍ତର କ'ଣ ତୁମେ ମନେରଖିଛ କି ? ୧୫.୨.୨କୁ ଦେଖ ।

ହଁ, ସୂର୍ଯ୍ୟଙ୍କ ଠାରୁ ଆସୁଥିବା କ୍ଷତିକାରକ ଅତିବାଇଗଣୀ ରଶ୍ମିକୁ ଓଜନସ୍ତର ପୃଥିବୀକୁ ସୁରକ୍ଷା ଦେଇଥାଏ । ଅଗ୍ନି ପରୀକ୍ଷକ ଯନ୍ତ୍ର ଏବଂ ରେଫ୍ରିଜେରେଟରରୁ ନିର୍ଗତ କ୍ଷତିକାରକ ଗ୍ୟାସ୍ ଯୋଗୁଁ ଓଜନସ୍ତର କ୍ଷତିଗ୍ରସ୍ତ ହେବାରେ ଲାଗିଛି । ଅତ୍ୟଧିକ ଅତିବାଇଗଣୀ ରଶ୍ମି ସଂକ୍ଷେପଣ କାରଣରୁ ଚର୍ମ କ୍ୟାନସର୍, ଆଖି କଷ୍ଟ ହୋଇଥାଏ । ଏପରିକି ମୋତିଆବିନ୍ଦୁ ଓ ଅନ୍ଧ ହେବାର ମଧ୍ୟ ଆଶା ଥାଏ । ବୃକ୍ଷ ନ ବଢ଼ିବାର କାରଣ ମଧ୍ୟ ଏହା ହୋଇଥାଏ ।

- **ବାୟୁମଣ୍ଡଳ ଉଷ୍ଣତା (Global Warming)**

ବାୟୁମଣ୍ଡଳରେ ଥିବା କେତେକ ପ୍ରାକୃତିକ ଗ୍ୟାସ୍, ସୂର୍ଯ୍ୟଙ୍କ ଠାରୁ ଆସୁଥିବା ରଶ୍ମିକୁ ଶୋଷିତ କରେ, ଯାହାକୁ ସବୁଜ କୋଠରୀ ଗ୍ୟାସ୍ ବୋଲି କୁହାଯାଏ । କାରଣ ସୂର୍ଯ୍ୟଙ୍କ ଠାରୁ ଆସୁଥିବା ସବୁଜ କୋଠରୀ ଗ୍ୟାସ୍‌ରେ ଅଟକିଯାଏ । କେତେକ ରଶ୍ମି ପୃଥିବୀ ପୃଷ୍ଠରୁ ଏହି ଗ୍ୟାସ୍ ଦ୍ୱାରା ଫେରିପାରେ ନାହିଁ । ଏହି ପଦ୍ଧତିକୁ ସବୁଜ କୋଠରୀ ପ୍ରଭାବ ବୋଲି କୁହାଯାଏ । ଏହାର ପ୍ରଭାବରେ ପୃଥିବୀ ପୃଷ୍ଠରେ ତାପମାତ୍ରାର ସମତା ରକ୍ଷା ପାଏ ଏବଂ ଏହା ଜୀବନର ସତେଜନା ରକ୍ଷା କରିବାରେ ସାହାଯ୍ୟ କରେ ।

ଜଙ୍ଗଲ କ୍ଷୟ, ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା, ତୈଳଦ୍ରବ୍ୟର ଦହନ ଦ୍ୱାରା ମଧ୍ୟ ଏହାର ବୃଦ୍ଧି ପାଇବାର କାରଣ ଅଟେ । ଯାହାଦ୍ୱାରା $CO_2$ ଏବଂ ମିଥେନ୍ ଗ୍ୟାସ୍ ବାୟୁମଣ୍ଡଳରେ ବଢ଼ିବାରେ ଲାଗିଛି । ଏହି ଗ୍ୟାସ୍‌ଗୁଡ଼ିକ ପୃଥିବୀ ପୃଷ୍ଠରୁ ସୂର୍ଯ୍ୟ ରଶ୍ମିକୁ ଫେରିବାକୁ ଦେଇନଥାନ୍ତି ।

ଯାହାଦ୍ୱାରା ବାୟୁମଙ୍ଗଳର ତାପମାତ୍ରା ଧୀରେ ଧୀରେ ବଢ଼ିବାରେ ଲାଗିଛି । ଏହା ଗ୍ଲୋବାଲ୍ ୱାର୍‌ମିଙ୍ଗ୍ ନାମରେ ପରିଚିତ ।

ତୁମେମାନେ ବିଗତ ଆଠବର୍ଷ ତଳେ ଲକ୍ଷ୍ୟ କରିଥିବ ଯେ ସେତେବେଳେ ଖରାଦିନେ ଅଧିକ ଖରା ଏବଂ ଶୀତଦିନେ କମ୍ ଶୀତ ହେଉଥିଲା । ଏମିତିକି ବର୍ଷା ମଧ୍ୟ ସଠିକ୍ ରୂପେ ହେଉନଥିଲା । ପ୍ରତିବର୍ଷ ପୃଥିବୀର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଏହାର ଗ୍ଲୋବାଲ୍ ୱାରମିଙ୍ଗ୍‌ର ଫଳସ୍ୱରୂପ ।

- **ମନୁଷ୍ୟକୃତ ଦୁର୍ବିପାକ :**

ମନୁଷ୍ୟମାନେ ମଧ୍ୟ ପରିବେଶ ଅଧୋଗତିର କାରଣ, ତାଙ୍କଦ୍ୱାରା ହେଉଥିବା ଯୁଦ୍ଧ ଏବଂ ପରମାଣୁ ବୋମାର ପ୍ରୟୋଗ ଦ୍ୱାରା ବହୁତ ଜୀବନ ନଷ୍ଟ ହୋଇଥାଏ । ଏହାର ଉଦାହରଣ ହେଉଛି ହିରାସୀମା ଏବଂ ନାଗାସାକି ଉପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ପଡ଼ିଥିବା ପରମାଣୁ ବୋମା, ଯାହାଦ୍ୱାରା

**ପେଟିକା - ୩**
**ସାଧନ ପରିଚାଳନା**



**ମନ୍ତବ୍ୟ (Notes)**

ଯେଉଁଠାରେ ଜଙ୍ଗଲ ନାହିଁ, ସେଠାରେ ବର୍ଷା ନାହିଁ । ଯାହା ଜଳବାୟୁକୁ ପ୍ରଭାବିତ କରିଥାଏ ଏବଂ ଶେଷରେ ନଦ, ନଦୀ ପାଗର ଝରଣା, ହ୍ରଦକୁ ଶୁଖାଇ ଦେଇଥାଏ । ତୁମେ ବୟସ୍କ ଲୋକମାନେ କହିବାର ଶୁଣିଥିବ ଯେ କୌଣସି ଏକ ଝରଣା ବା ଜଳପ୍ରପାତ ଯାହା ଏକଦା ଥିଲା କିନ୍ତୁ ବର୍ତ୍ତମାନ ନାହିଁ ତୁମେ ସେହି ଜଳଉତ୍ସର ଚିହ୍ନ ପଥରମାନଙ୍କରେ ଦେଖିଥିବ । ବନ୍ୟଜନ୍ତୁ ଏବଂ ପକ୍ଷୀମାନେ ଏହାଦ୍ୱାରା ବହୁତ ମାତ୍ରାରେ ପ୍ରଭାବିତ ହେଉଛନ୍ତି ଏବଂ କ୍ରମେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଉଛନ୍ତି । ତୁମେ କୌଣସି ସ୍ଥାନୀୟ ନଦୀର ଗତିପଥକୁ ବିଗତ ୨-୩ ବର୍ଷ ମଧ୍ୟରେ ଲକ୍ଷ୍ୟ କରିଛ କି ? ଏବଂ କୌଣସି ପ୍ରଭେଦ ଲକ୍ଷ୍ୟ କରିପାରିଛ କି ?

ସଂକ୍ଷିପ୍ତରେ,

**ଜଙ୍ଗଲ କ୍ଷୟ ଯୋଗୁଁ**

↓

ଭୂମି ପତନ | ବନ୍ୟା | ମୃତ୍ତିକା କ୍ଷୟ | ପାଣିପାଗର ପରିବର୍ତ୍ତନ | ବନ୍ୟଜନ୍ତୁ ଏବଂ ପକ୍ଷୀଙ୍କର ବିଲୁପ୍ତ

- ଅନାବୃଷ୍ଟି
- ହ୍ରଦ ଏବଂ ନଦୀ ଶୁଖିଯିବା

(ଭୂମି ପତନ, ବନ୍ୟା, ମୃତ୍ତିକା କ୍ଷୟ) → ସମୁଦ୍ରର ପ୍ରସାର → ଭୂମିର ପ୍ରଶସ୍ତତା କମିଯିବା


### ୧୫.୩.୩ ବାୟୁର ଅଧୋଗତି

ତୁମେ ବାୟୁର ଅଧୋଗତିର ପ୍ରଭାବ ନିମ୍ନୋକ୍ତ ବିଷୟରୁ ଜାଣିପାରିବ ।

- ଅମ୍ଳବର୍ଷା
- ଓଜନସ୍ତର କ୍ଷୟ
- ପୃଥିବୀର ତାପମାତ୍ରା ବୃଦ୍ଧି
- ମନୁଷ୍ୟକୃତ ଦୁର୍ବିପାକ
- ରୋଗବ୍ୟାଧି

- **ଅମ୍ଳବର୍ଷା**

ଯାନବାହାନର ନିର୍ଗତ ଧୂଆଁ ଏବଂ କଳକାରଖାନାରୁ ନିର୍ଗତ ବିଷାକ୍ତ ବାଷ୍ପ ଯଥା: ସଲ୍‌ଫର ଡାଇଅକ୍‌ସାଇଡ୍ ଏବଂ ନାଇଟ୍ରୋଜେନ୍ ଅକ୍‌ସିଡ୍ ଏହା ଜଳରେ ମିଶି ଜଳ ବାଷ୍ପ ରୂପେ ଆକାଶମାର୍ଗତ







ତୁମେ ଜାଣ କି ମୃତ୍ତିକା କ୍ଷୟ କାହାକୁ କୁହାଯାଏ ? (୧୫.୨.୩କୁ ଦେଖ)

ଭୂମିର ଉପର ପ୍ରସ୍ତର ମାଟିକୁ ଗଛ ତା'ର ମୂଳ ଦ୍ୱାରା ବାନ୍ଧି ରଖେ, କିନ୍ତୁ ଜଙ୍ଗଲକ୍ଷୟ ଦ୍ୱାରା ଏବଂ ଘୂର୍ଣ୍ଣିଝଡ଼ ଦ୍ୱାରା, ବନ୍ୟା ଦ୍ୱାରା ବଡ଼ ବଡ଼ ବରଫ ଚଟାଣ ଏହି ମାଟି ଧୋଇଯାଏ । ଏହାକୁ ମୃର୍ତ୍ତିକା କ୍ଷୟ କୁହାଯାଏ ଏବଂ ଏହାର ପ୍ରଭାବ ଭୂମିର ଉର୍ବରତା ଉପରେ ପଡ଼ିଥାଏ ।

**କାର୍ଯ୍ୟକଳାପ ୧୫.୧ :** ଗୋଟିଏ ପାତ୍ରରେ ମାଟି ନିଅ ଏବଂ ଅନ୍ୟ ପାତ୍ରରେ ଜଳ ନେଇ ଢାଳ, ଦେଖିବ ମୃର୍ତ୍ତିକା ସହଜରେ ବୋହିଯାଉଛି । ଠିକ୍ ସେହି ପାତ୍ରରେ କିଛି ଶୈବାଳ ଜାତୀୟ ବୃକ୍ଷ ରଖ ଏବଂ ଏଥର ଜଳ ଢାଳ ଦେଖିବ କମ୍ ମୃତ୍ତିକା କ୍ଷୟ ହେଉଛି । ଏଥିରୁ ଜଣାଯାଏ ଯେ ବୃକ୍ଷ ମୃତ୍ତିକା କ୍ଷୟ ରୋକିଥାଏ ।

**ଭୂମି ଅଧୋଗତିର ପ୍ରଭାବ**

ଅଣୁଜୀବ ମାନଙ୍କର ବିନାଶ

ମୃର୍ତ୍ତିକା କ୍ଷୟ

ବିଭିନ୍ନ ମାରାତ୍ମକ ରୋଗ କ୍ୟାନସର ଏବଂ ଅନ୍ୟାନ୍ୟ ରୋଗର କାରଣ

ମୃର୍ତ୍ତିକାର ଉର୍ବରତା ପ୍ରଭାବିତ ହୋଇଥାଏ

**୧୫.୩.୨ ଜଙ୍ଗଲ କ୍ଷୟ**

ଜଙ୍ଗଲକୁ 'ଅମ୍ଳଜାନର ବ୍ୟାଙ୍କ୍' ବୋଲି କୁହାଯାଏ ।

ଜଙ୍ଗଲ ଆମର ବହୁତ ଦରକାରୀ କାରଣ ଏହା ଆମକୁ କାଠ, ବାୟୁ, ଔଷଧୀୟ ବୃକ୍ଷ, ବିଭିନ୍ନ କଞ୍ଚାଦ୍ରବ୍ୟ ବାଣିଜ୍ୟ ନିମନ୍ତେ ଏବଂ ଘରୋଇ ବ୍ୟବହାର ପାଇଁ ଦ୍ରବ୍ୟ ଦେଇଥାଏ । ସବୁଠୁ ମହତ୍ୱପୂର୍ଣ୍ଣ କଥା ହେଉଛି ଜଙ୍ଗଲ ଆମକୁ ଅମ୍ଳଜାନ ଦେଇଥାଏ ଏବଂ ଯାହାକି ଜଳବାୟୁର ସନ୍ତୁଳନ ରକ୍ଷା କରିଥାଏ । ବାୟୁର ତାପମାତ୍ରା, ଆର୍ଦ୍ରତାର ସମାନତା ରକ୍ଷା ଏବଂ ବର୍ଷାର କାରଣ ମଧ୍ୟ ଜଙ୍ଗଲ ହୋଇଥାଏ ।

ତୁମେ ଜାଣିଛ ଯେ ଗଛ ମୃର୍ତ୍ତିକା କ୍ଷୟକୁ ବନ୍ଦ କରିଥାଏ । ଅଧିକନ୍ତୁ ଜଳର ପ୍ରବାହ ଏବଂ ପ୍ରାକୃତିକ ସମ୍ପଦର ରକ୍ଷା ମଧ୍ୟ ଜଙ୍ଗଲ ଦ୍ୱାରା ହୋଇଥାଏ । କେବଳ ସେତିକି ନୁହେଁ ଏହା ଜୀବଜନ୍ତୁ ଏବଂ ପଶୁପକ୍ଷୀଙ୍କୁ ଆଶ୍ରୟ ଦେଇଥାଏ ।

ଯଦି ଗଛର ଚେର ମୃର୍ତ୍ତିକାକୁ ନ ବାନ୍ଧି ରଖେ ତେବେ କ'ଣ ହେବ ?

ହଁ ଏହା ନିମ୍ନରେ ଥିବା ଘଟଣା ନିମନ୍ତେ ଦାୟୀ

- ଭୂମି ପତନ
- ବନ୍ୟା
- ମୃର୍ତ୍ତିକାକ୍ଷୟ

ଏହିସବୁ ସମୁଦ୍ର ଶଯ୍ୟାର ଉଚ୍ଚତାକୁ ବଢ଼ାଇଥାଏ ଏବଂ ଆମ ପାଇଁ ମିଳୁଥିବା ଭୂମିର ପରିମାଣକୁ କମାଇଥାଏ ।

(ଖ) ଭୂମିକମ୍ପ ଏବଂ ଆଗ୍ନେୟଗିରି ଉଦ୍‌ଗିରଣ ଯୋଗୁଁ ଅସ୍ୱାସ୍ଥ୍ୟକର ______, ଧୂଆଁ, ______ ଏବଂ ______ ବୃଦ୍ଧି ପାଇଥାଏ ।

(ଗ) ଗୋଚାରଣ ଦ୍ୱାରା ମୃତ୍ତିକା ______ ହୁଏ ଏବଂ ଏହାର ______ ଅଧୋଗତି ହୁଏ ।

(ଘ) ଅନୁଚିତ ବ୍ୟକ୍ତିଗତ ଅଭ୍ୟାସ ଯେପରିକି ______ ଏବଂ ______ ଦ୍ୱାରା ମୃତ୍ତିକା ଅଧୋଗତି ଏବଂ ______ ଦ୍ୱାରା ବାୟୁର ଅଧୋଗତି ଘଟିଥାଏ ।

(ଙ) ବନ୍ୟା, ବାତ୍ୟା ଏବଂ ଘୂର୍ଣ୍ଣିଝଡ଼ ଦ୍ୱାରା ______ର ଅଧୋଗତି ଘଟିଥାଏ ।

## ୧୫.୩ ପରିବେଶ ଅଧୋଗତିର ପ୍ରଭାବ :

ତୁମେ ଦେଖିଲ ଯେ ପରିବେଶ ଅଧୋଗତି ଯୋଗୁଁ କିପରି ମୃତ୍ତିକା, ବାୟୁ ଏବଂ ଜଳ କ୍ଷତିଗ୍ରସ୍ତ ହେଉଛି । ଏହା ପ୍ରଭାବରେ ଅନେକ ଗୁଡ଼ିକ ସମସ୍ୟା ଉପୁଜିଥାଏ ।

ଏବେ ଆମେ ଜାଣିବା ଯେ ପରିବେଶ ଅଧୋଗତି ଯୋଗୁଁ ଏହାର ପ୍ରଭାବ କାହା କାହା ଉପରେ ପଡୁଛି ।

- ମୃର୍ତ୍ତିକା / ଜମିର ଅଧୋଗତି
- ଜଙ୍ଗଲକ୍ଷୟ (ଜଙ୍ଗଲସଫା)
- ବାୟୁର ଅଧୋଗତି
- ଜଳର ଅଧୋଗତି
- ବସ୍ତି ଅବସ୍ଥା

### ୧୫.୩.୧ ମୃର୍ତ୍ତିକା / ଜମିର ଅଧୋଗତି


ତୁମେ ଜାଣିଛ କି ଜମିର ଉପର ଭାଗରେ ମୃର୍ତ୍ତିକା ଥାଏ ଯିଏ କି ଗଛ ବୃଦ୍ଧି କରିବାରେ ସାହାଯ୍ୟ କରେ । ତୁମେ ଜାଣିଲେ ଆଶ୍ଚର୍ଯ୍ୟ ହେବ ଯେ ସବୁ ଗଛର ପତ୍ର ଝଡ଼ି ମୃତ୍ତିକାରେ ପଡ଼େ ଏବଂ କିଛି ଦିନ ପରେ ଏହା ମୃର୍ତ୍ତିକା ଉପରେ ନଥାଏ, କିନ୍ତୁ ଏହା କାହିଁକି ହୁଏ ତୁମେ ଜାଣିଛ କି ?

ପ୍ରକୃତରେ, ମୃତ୍ତିକାରେ ବିଭିନ୍ନ ପ୍ରକାର ଅଣୁଜୀବ, ଜିଆ ଆଦି ଥାଆନ୍ତି, ଯେଉଁମାନେ କି ପତ୍ର ଏବଂ ଜୀବମାନଙ୍କର ଶରୀରକୁ ମାଟିରେ ମିଶାଇଥାନ୍ତି, ଯାହାଫଳରେ ମାଟିର ଉର୍ବରତା ବୃଦ୍ଧି ପାଇଥାଏ । ତେଣୁ ଅଣୁଜୀବକୁ ମଧ୍ୟ କୃଷକର ବନ୍ଧୁ ବୋଲି କୁହାଯାଏ ।

କିନ୍ତୁ ଆମେ ବ୍ୟବହାର କରୁଥିବା ରାସାୟନିକ ସାରର ବିପୁଳ ବ୍ୟବହାର, କଳକାରଖାନାମାନଙ୍କରୁ ନିର୍ଗତ ଅଳିଆ ଆବର୍ଜନା, ବିଶୁଦ୍ଧ ଜଳ ଆସି ମୃର୍ତ୍ତିକାରେ ମିଶିବା ଦ୍ୱାରା ଅଣୁଜୀବମାନଙ୍କର ମୃତ୍ୟୁ ଘଟିଥାଏ । ଯାହାଫଳରେ ଜୀବ ଏବଂ ପତ୍ରଗୁଡ଼ିକ ମୃର୍ତ୍ତିକାରେ ଅପଘଟନ ହୋଇପାରୁନି ଏବଂ ମୃର୍ତ୍ତିକା ତା'ର ଉର୍ବରତା ହରାଉଛି ।

ଜମିରେ ଅତ୍ୟଧିକ ରାସାୟନିକ ପଦାର୍ଥର ବ୍ୟବହାର ଦ୍ୱାରା ଉତ୍ପାଦିତ ହେଉଥିବା ଫଳ ଏବଂ ଶସ୍ୟକୁ ମନୁଷ୍ୟ ଖାଇବା ଦ୍ୱାରା କ୍ୟାନସର, ଅନ୍ୟାନ ସ୍ନାୟୁଜନିତ ମାରାତ୍ମକ ରୋଗ ହୋଇଥାଏ । କ୍ଷୀରରେ ମଧ୍ୟ କୀଟନାଶକ ଔଷଧ ପରିମାଣ ଦେଖିବାକୁ ମିଳୁଛି ।

ପେଟିକା – ୩
ସାଧନ ପରିଚାଳନା




ମନ୍ତବ୍ୟ (Notes)

**ଅତ୍ୟଧିକ ଶସ୍ୟ ଉତ୍ପାଦନ :** ଯେତେବେଳେ ଅତ୍ୟଧିକ ପ୍ରକାର ଶସ୍ୟ ଏକ ସମୟରେ ଉତ୍ପାଦିତ ହୁଏ ବା ଖୁବ୍ କମ୍ ସମୟ ବ୍ୟବଧାନରେ ।

**ଜମି ବା ମୃର୍ତ୍ତିକା କ୍ଷୟ :** ଯେତେବେଳେ ମୃର୍ତ୍ତିକାର ପୃଷ୍ଠର ଉର୍ବରତା ଜଳ, ବାୟୁ ଆଦି ଦ୍ୱାରା କ୍ଷୟ ହୁଏ, ତାହାକୁ ମୃର୍ତ୍ତିକାକ୍ଷୟ କୁହାଯାଏ ।









### ୧୫.୨.୫ ପ୍ରାକୃତିକ କାରଣ


ବେଳେବେଳେ ପରିବେଶର ଅଧୋଗତି ପାଇଁ ପ୍ରକୃତି ଦାୟୀ ରହିଥାଏ । ଭୂମିକମ୍ପ ଏବଂ ଆଗ୍ନେୟଗିରି ଉଦ୍‌ଗିରଣ ଦ୍ୱାରା ଉତ୍ତାପ ଧୂଆଁ, ଅସ୍ୱାସ୍ଥ୍ୟକର ଧୂଳି ଏବଂ ଅହିତକର ଗ୍ୟାସ୍ ବୃଦ୍ଧି ପାଇଥାଏ । ବନ୍ୟା, ଘୂର୍ଣ୍ଣିବାତ୍ୟା ଏବଂ ପ୍ରବଳ ବାୟୁ ପ୍ରଭାବ ଯୋଗୁଁ ମନୁଷ୍ୟ ଏବଂ ଜୀବଜନ୍ତୁ, ଉଦ୍ଭିଦ ବିଶେଷ ମାତ୍ରାରେ ପ୍ରଭାବିତ ହୋଇଥାଏ । ଏହିଭଳି ଭାବରେ ଜଳ, ବାୟୁ, ମୃତ୍ତିକା ଏବଂ ପରିବେଶର ଅଧୋଗତି ହୋଇଥାଏ ।




**ପ୍ରଶ୍ନମାଳା ୧୫.୨**

**୧ । ଶୂନ୍ୟସ୍ଥାନ ପୂରଣ କର ।**

(କ) କୃଷିକ୍ଷେତ୍ରରେ ଅନୁନ୍ନତ କୃଷିପ୍ରଣାଳୀର ଅଭ୍ୟାସ ଜମିକୁ ______ ଏବଂ ମୃତ୍ତିକାର ______ କମାଇ ଦେଇଥାଏ ।



ମନ୍ତବ୍ୟ (Notes)

(ଖ) ପରିବେଶର ଅଧୋପତନ ଯୋଗୁଁ ହୋଇଥିବା ପରିବର୍ତ୍ତନ-

(i) ମନୁଷ୍ୟର ପାର୍ଶ୍ୱକ୍ରିୟା

(ii) ଜଳ ପ୍ରଦୂଷଣ

(iii) ମୃତ୍ତିକାର ଅଧୋପତନ

(iv) ଚତୁଃପାର୍ଶ୍ୱ

**୨ । 'କ' ସ୍ତମ୍ଭ ଏବଂ 'ଖ' ସ୍ତମ୍ଭ ଠିକ୍ ରୂପେ ସଂଯୋଗ କର ।**

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (କ) ଜନଗହଳି | (କ) ଜାଳେଣୀ |
| (ଖ) ମଟରଗାଡ଼ି | (ଖ) ଯାନବାହନ |
| (ଗ) ପାରମାଣବିକ ପ୍ରଦୂଷଣ | (ଗ) କେମିକାଲ ଦ୍ରବ୍ୟର ବର୍ଜ୍ୟବସ୍ତୁ |
| (ଘ) ଉଡ଼ାଜାହାଜ | (ଘ) ବସ୍ତି ପରିସ୍ଥିତି |
| (ଙ) ଶିଳ୍ପାଞ୍ଚଳ | (ଙ) ବାୟୁ |
| (ଚ) ନିର୍ମାଣ | (ଚ) ଧୂଆଁ |
| | (ଛ) ପାରମାଣବିକ ଯନ୍ତ୍ରପାତି |
| | (ଜ) ଜଙ୍ଗଲକ୍ଷୟ |

### ୧୫.୨.୩ ଅନୁନ୍ନତ କୃଷିପ୍ରଣାଳୀର ଅଭ୍ୟାସ

ଆମର କୃଷି ପ୍ରଣାଳୀର ଅଭ୍ୟାସ ପରିବର୍ତ୍ତନର ମାଧ୍ୟମ ଦେଇ ଆସିଅଛି । ରାସାୟନିକ ସାର ଏବଂ କୀଟନାଶକର ଅଧିକ ବ୍ୟବହାର, ପରିବର୍ତ୍ତନ ଚାଷ କରିବା ପରି ଅଭ୍ୟାସଗୁଡ଼ିକ ଜମିକୁ ଅଧିକ ଚାଷ ଓ ଅଧିକ ଶସ୍ୟ ବ୍ୟବହାର ମୃତ୍ତିକାକୁ କଠିନ ଓ କ୍ଷୟ ହୋଇଯିବା ଦିଗରେ ଆଗେଇନିଏ । ଫଳରେ ମୃତ୍ତିକା ତାହାର ଉର୍ବରତା ଓ ଉତ୍ପାଦକତା ହରାଇଥାଏ । ତେଣୁ ମୃତ୍ତିକାର ଅଧୋପତନ ପରିବେଶ ସମ୍ପର୍କୀୟ କାରଣ ହୋଇଯାଇଥାଏ ।

### ୧୫.୨.୪ ଅନୁଚିତ ବ୍ୟକ୍ତିଗତ ଅଭ୍ୟାସ


କେତେକ ଅସ୍ୱାସ୍ଥ୍ୟକର ବ୍ୟକ୍ତିଗତ ଅଭ୍ୟାସ ଯେପରିକି ସର୍ବସାଧାରଣ ସ୍ଥାନରେ ଛେପ ପକାଇବା, ଖୋଲା ସ୍ଥାନରେ ମଳତ୍ୟାଗ କରିବା, ନଦୀ, ପୋଖରୀ ନିକଟରେ ଲୁଗା ସଫା, ଗାଧୋଇବା ଇତ୍ୟାଦି କରିବା ଦ୍ୱାରା ଜଳ ଏବଂ ମୃତ୍ତିକାର ଅଧୋପତନ ଅଛି । ଅନ୍ୟ ଏକ ଅଭ୍ୟାସ ହେଉଛି ଧୂମ୍ରପାନ ଏବଂ ବଡ଼ ଜୋର୍‌ରେ ମାଇକ୍ ବଜାଇବା ଦ୍ୱାରା ବାୟୁର ଅଧପତନ ଘଟିଥାଏ । ଏହାସବୁ ପରିବେଶର ଅଧୋଗତି ନିମନ୍ତେ ଦାୟୀ ।







ଆମର ଅଫିସ୍ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ନୂତନ ଯନ୍ତ୍ରପାତି ଦ୍ୱାରା ପରିପୂର୍ଣ୍ଣ । ଏଗୁଡ଼ିକ ଯେଉଁ ଶିଳ୍ପାନୁଷ୍ଠାନରୁ ତିଆରି ନିର୍ମାଣ କରାଯାଇଥାଏ, ସେଗୁଡ଼ିକ କେମିକାଲ ଗ୍ୟାସ୍, ଅହିତକର ଗ୍ୟାସ, ନିର୍ଗତ କରିଥାଏ । ଏହି ପ୍ରଦୂଷଣ ବାୟୁ, ଜଳ ଏବଂ ମୃତ୍ତିକାରେ ଥିବା ସମସ୍ତ ଜୀବଜନ୍ତୁକୁ ନଷ୍ଟ କରିଦିଏ । ଶିଳ୍ପାନୁଷ୍ଠାନରୁ ଗ୍ୟାସ୍ ନିର୍ଗତ ହୋଇଥାଏ ଏବଂ କ୍ଷେପଣାସ୍ତ୍ରରୁ ନିର୍ଗତ ଗ୍ୟାସ୍ ଓଜୋନ ସ୍ତରକୁ ନଷ୍ଟ କରିଥାଏ । ଏହିସବୁ କାରଣରୁ ପରିବେଶର ଅଧୋଗତି ହୋଇଥାଏ ।




ଓଜନ ସ୍ତର : ଏହା ସୂର୍ଯ୍ୟଙ୍କ ନିକଟରୁ ଆସୁଥିବା ଅତିବାଇଗଣୀ ରଶ୍ମିଠାରୁ ଆମକୁ ସୁରକ୍ଷା ଦେଇଥାଏ ।

$Co_2$ - କାର୍ବନ ଡାଇଅକ୍ସାଇଡ୍

Co - କାର୍ବନ ମନୋକ୍ସାଇଡ୍

**ପାଠ୍ୟଗତ ପ୍ରଶ୍ନମାଳା ୧୫.୧**

**୧ । ସଠିକ୍ ଉତ୍ତର ପାଖରେ ଠିକ୍ (✓) ଚିହ୍ନ ଦିଅ ।**


(କ) ପରିବେଶ ଗଠିତ ହୁଏ-

(i) ସଜୀବ ଗ୍ରହଣ କରୁଥିବା ବାୟୁ

(ii) ଜଳ, ସ୍ଥଳ ଏବଂ ସଜୀବ ପଦାର୍ଥ

(iii) ସମସ୍ତ ସଜୀବ ଏବଂ ନିର୍ଜୀବ ପଦାର୍ଥ

(iv) ଜଳ, ସ୍ଥଳ ଏବଂ ନିର୍ଜୀବ ପଦାର୍ଥ




### ୧୫.୨.୧ ଅନିୟନ୍ତ୍ରଣ ଜନସଂଖ୍ୟା ବୃଦ୍ଧି

ତୁମେ ଜାଣିଛ ଯେ ଆମର ଦେଶର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଖାଦ୍ୟ, ଜାଳେଣି ଏବଂ ସ୍ଥାନର ଚାହିଦା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗୁଛି ।

ଅଧିକ ଜନସଂଖ୍ୟାର ଅର୍ଥ ହେଉଛି ଅଧିକ ନିଯୁକ୍ତିର ଚାହିଦା । ଏହାର ଫଳସ୍ୱରୂପ ଅଧିକ ଶିକ୍ଷାନୁଷ୍ଠାନ, ବନ୍ଧ, ରାସ୍ତା ଏବଂ ରେଳଧାରଣାର ପ୍ରସାର ହେଉଛି । ଯାହାଫଳରେ ଶିକ୍ଷାନୁଷ୍ଠାନ ଏବଂ ସହରୀକରଣ, ବସ୍ତିର ବୃଦ୍ଧି, ଅରଣ୍ୟର ହ୍ରାସ ଅସ୍ୱାସ୍ଥ୍ୟକର ବାସସ୍ଥାନ ସୃଷ୍ଟି ହେଉଛି । ଏହିସବୁ କାରଣ ଆମର ପରିବେଶ ଅଧୋପତନରେ ପ୍ରଭାବ ପକାଉଛି ।

**ପରିବେଶ ନିୟନ୍ତ୍ରଣ**




**ମନ୍ତବ୍ୟ (Notes)**

ବସ୍ତି : ଯେଉଁଠାରେ ଅସ୍ଥାୟୀ ଭାବରେ ବସବାସ କରାଯାଏ ଏବଂ ସେଠାରେ ଜଳ, ବିଦ୍ୟୁତ୍, ଆର୍ବଜନା ଦୂରୀକରଣ ସୁବିଧାର ଅଭାବ ଥାଏ ।

ଯେଉଁଠାରେ ଲୋକମାନେ ଜବରଦସ୍ତି ସ୍ଥାନ ଅଧିକାର କରି ରହିଥାନ୍ତି ।

> ଜନସଂଖ୍ୟା ନିୟନ୍ତ୍ରଣ ଏବଂ ଏହାର କୁପ୍ରଭାବକୁ ଅଟକାଇବାରେ ତୁମେ ଏକ ଅଂଶଗ୍ରହଣ କରିପାରିବ । ତୁମେ ପ୍ରତିଜ୍ଞା କର ଯେ ତୁମେ ଆଇନ୍ ଦ୍ୱାରା ନିର୍ଦ୍ଧାରିତ ବୟସ (୧୮ ବର୍ଷ ଝିଅ, ୨୧ ବର୍ଷ ପୁଅ)ରେ ବିବାହ କରିବ ଏବଂ ତୁମର ପ୍ରଥମ ସନ୍ତାନ ଜନ୍ମକୁ ବର୍ଷେ କିମ୍ବା ଦୁଇବର୍ଷ ଘୁଞ୍ଚାଇଦେବ ।

### ୧୫.୨.୨ ଯନ୍ତ୍ରପାତିର ଅଗ୍ରଗତି

ଆମର ଦୈନନ୍ଦିନ ଜୀବନରେ ପ୍ରତ୍ୟେକ କାର୍ଯ୍ୟ ନୂତନ ଯନ୍ତ୍ରପାତି ଦ୍ୱାରା ସମ୍ପୂର୍ଣ୍ଣ ହେଉଛି । ନୂତନ ଷ୍ଟାଇଲ୍‌ର କାର୍, ନୂତନ ମଡ଼େଲର ମୋବାଇଲ୍ ଏବଂ ଘରୋଇ ଉପକରଣ ଯେପରିକି ଲୁଗାସଫା ଯନ୍ତ୍ର, ରୋଷେଇ ଯନ୍ତ୍ର ଆଜିକାଲି ପ୍ରଚୁର ଭାବେ ମାର୍କେଟରେ ବିକ୍ରି ହେଉଛି ।


## ୧୫.୧ ପରିବେଶର ଅଧୋଗତି

**ତୁମେ ପରିବେଶ କହିଲେ କ'ଣ ବୁଝ ?**

ପରିବେଶ କହିଲେ ଆମେ ଆମ ଚର୍ତୁଃପାର୍ଶ୍ୱରେ ଘେରି ରହିଥିବା ଜୀବନ (ବୃକ୍ଷ, ଜୀବଜନ୍ତୁ, ମନୁଷ୍ୟ), ବାୟୁ, ଜଳ, ମୃତ୍ତିକା, ଅଟ୍ଟାଳିକା, ଉଦ୍ୟାନ, ଯାନବାହାନ ଆଦିକୁ ବୁଝିଥାଉ ।

ଆମ ପରିବେଶ ଗତିଶୀଳ ଅଟେ । ଏହା ସର୍ବଦା ପରିବର୍ତ୍ତନଶୀଳ । ତୁମେ ତୁମ ଚର୍ତୁଃପାର୍ଶ୍ୱରେ ହେଉଥିବା ପରିବର୍ତ୍ତନକୁ ଲକ୍ଷ୍ୟ କରିପାର ଯେପରି ବନ୍ୟା ଏବଂ ମରୁଡ଼ି, ନୂତନ ଶିକ୍ଷାନୁଷ୍ଠାନ, ଏକାଧିକ ଅଟ୍ଟାଳିକା, ପରିବହନର ନୂତନତା ଇତ୍ୟାଦି । ଯଦି ଏହା ଜୀବନକୁ ସୁହାଇଲା, ତେବେ ଏହି ପରିବେଶ ଆମକୁ କ୍ଷତି ପହଞ୍ଚାଇ ପାରିବନି । ଯଦି ଏହା ଆମ ସପକ୍ଷରେ ନ ଯାଏ ତେବେ ପରିବେଶର ଅଧୋନତି ହେବ ।

ପରିବେଶର ଅଧୋନତିର ଅର୍ଥ ଆମ ଚର୍ତୁଃପାର୍ଶ୍ୱରେ ଅସୁହାଇଲା ଭଳି ପରିସ୍ଥିତି ସୃଷ୍ଟି ହେବ ।




ଉଦାହରଣ, ଯଦି ଗୋଟିଏ ପଡ଼ିଆରେ ଅଳିଆ ଆବର୍ଜନା ପକାଯାଏ, ତେବେ କିଛିଦିନ ପରେ ସେଠାରେ ଦୁର୍ଗନ୍ଧ ବାହାରିଥାଏ ଏବଂ ସେ ସ୍ଥାନରେ ମୂଷା, ମଶା, ଡାଆଁଶ ଆଦିଙ୍କର ଉପଦ୍ରବ୍ୟ ଆରମ୍ଭ ହୋଇଯାଏ । ଏହିସବୁ ଅନୈତିକ ପରିବର୍ତ୍ତନ ହିଁ ପରିବେଶର ଅଧୋପତନ । ତୁମେ ଏହିପରି ପରିବେଶର ଅଧୋଗତି କେବଳ ମୃର୍ତ୍ତିକାରେ ନୁହେଁ ବରଂ ଜଳ ଏବଂ ବାୟୁରେ ମଧ୍ୟ ଅନୁଭବ କରିପାରିବ ।

## ୧୫.୨ ପରିବେଶ ଅଧୋପତନର କାରକ :

ତୁମେ ସବୁବେଳେ ଜାଣିରଖ ଯେ ପରିବେଶ ଅଧୋପତନର ମୁଖ୍ୟ କାରଣ ହେଉଛି ମନୁଷ୍ୟ । ଗୋଟିଏ ଖାତା ଏବଂ କଲମ ନିଅ ଏବଂ ତୁମେ ଭାବୁଥିବା କାରକ ଗୁଡ଼ିକର ଏକ ତାଲିକା ବନାଅ । ତଳେ ଦିଆଯାଇଥିବା କାରକଗୁଡ଼ିକ ତୁମ ତାଲିକାରେ ଅନ୍ତର୍ଭୁକ୍ତ କି ?

- ଅନିୟନ୍ତ୍ରଣ ଜନସଂଖ୍ୟା ବୃଦ୍ଧି
- ଯନ୍ତ୍ରପାତିର ଅଗ୍ରଗତି
- କୃଷିକ୍ଷେତ୍ରରେ ଅଧୋଗତି
- ଅନୁଚିତ ବ୍ୟକ୍ତିଗତ ଅଭ୍ୟାସ
- ପ୍ରାକୃତିକ କାରଣ

ଚାଲ ଏବେ ଆମେ ଏହି କାରଣଗୁଡ଼ିକ ବିଷୟରେ ଅଧିକ ଜାଣିବା ।





# ୧୫

# ପରିବେଶ ପରିଚାଳନା

ଆମ ପାଇଁ ସେ ଦିନ ଆଉ ଦୂର ନୁହେଁ, ଯେତେବେଳେ ଆମକୁ ଗୋଟିଏ ଟୋପା ପାଣି, ଗୋଟିଏ ଠୋପା ତେଲ ସହିତ ସମାନ ଦାମରେ କିଣିବାକୁ ପଡ଼ିବ ଏବଂ ବହୁତ ଶୀଘ୍ର ଆମ ପାଖରେ ଆଉ ଜଙ୍ଗଲ କାଟିବାକୁ ନ ଥିବ । ଏହାଠାରୁ ଆମେ ଆହୁରି ଖରାପ ଅବସ୍ଥାରେ ପଡ଼ିବା; ଯେତେବେଳେ ଆମ ପାଖରେ ଚାଷ କରିବା ପାଇଁ ଜମି ନ ଥିବ । ଏହା ଏକ ସତର୍କ ଘଣ୍ଟି ବଜାଉନାହିଁ କି ?

ଆମର ପରିବେଶର ମାନ ନିମ୍ନରୁ ନିମ୍ନତମ ହୋଇବାରେ ଲାଗିଛି । ବହୁତ ଶୀଘ୍ର ଏହା ପ୍ରାଣୀଜଗତକୁ ରକ୍ଷା କରିବାରେ ସହାୟକ ହୋଇପାରିବ ନାହିଁ । ତୁମେ ଆଶ୍ଚର୍ଯ୍ୟ ହେଉଥିବ ଯେ ଏହିପରି କାହିଁକି ?

ଆମେ ପରିବେଶ ଜନିତ ସମସ୍ୟା ଗୁଡ଼ିକର ପ୍ରକୃତି ଏବଂ ମାନ ଏବଂ ଏହାର ସମସ୍ୟାଗୁଡ଼ିକର ସମାଧାନ ବିଷୟରେ ଜାଣିବା ପାଇଁ ପରିବେଶ ପରିଚାଳନା ବିଷୟରେ ଏହି ପାଠ୍ୟରେ ପଢ଼ିବା ।

## ଉଦ୍ଦେଶ୍ୟ (Objectives) :

**ଏହି ବିଷୟଟି ପଢ଼ିସାରିବା ପରେ ଆମେ-**

- ❖ ପରିବେଶ ଏବଂ ପରିବେଶର ଅଧୋଗତିର ସଂଜ୍ଞା ଜାଣିପାରିବା;
- ❖ ପରିବେଶ ଅଧୋଗତିର କାରଣ ଏବଂ ଏହାର କୁପ୍ରଭାବ ଚିହ୍ନିପାରିବା;
- ❖ eco friendly ଶବ୍ଦର ଅର୍ଥ ବର୍ଣ୍ଣନା କରିପାରିବା;
- ❖ eco friendly and non-ecofriendly ପଦାର୍ଥ ଏବଂ ବ୍ୟବହାର ସମ୍ବନ୍ଧରେ ଜ୍ଞାନ ପାଇପାରିବା; ଓ
- ❖ ଏହାର ସକରାତ୍ମକ ଏବଂ ଲୋକମାନଙ୍କର ପରିବେଶର ଉନ୍ନତି ଦିଗରେ କି ପ୍ରକାର ଭୂମିକା ରହିଛି ତାହାର ସଂଜ୍ଞା ନିରୂପଣ କରିପାରିବା ।

(ଗ) ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ଚୁଲାକୁ ଯାଇଥିବା ଫଟା ପାଇପ୍ ବ୍ୟବହାର କରିବା ।

(ଘ) ନନ୍‌ଷ୍ଟିକ୍ ପାତ୍ର ସଫା କରିବା ପାଇଁ ନାଇଲନ୍ Scubber ବ୍ୟବହାର କରିବା ।

(ଙ) ପ୍ରେସର କୁକରର ବାମ୍ଫ, ତାହାର ଠିପି କାଢ଼ି ବାହାର କରିବା ।

(ଚ) ବୈଦ୍ୟୁତିକ ଉପକରଣ ସ୍ପର୍ଶ କରିବା ପୂର୍ବରୁ ତା'ର ପ୍ଲଗ୍ ବାହାର କରିବା ।

(ଛ) ଓଦା ହାତରେ ବୈଦ୍ୟୁତିକ ଉପକରଣ ଦ୍ୱାରା କାର୍ଯ୍ୟ କରିବା ।

**ପାଠଗତ ପ୍ରଶ୍ନାବଳୀ ଗୁଡ଼ିକର ଉତ୍ତର**

**୧୬.୧ :**

୧ । (କ) ବୈଦ୍ୟୁତିକ, ଅବୈଦ୍ୟୁତିକ

(ଖ) କାର୍ଯ୍ୟରତ, ଯତ୍ନ

(ଗ) ଗ୍ୟାରେଣ୍ଟି

(ଘ) ଦରକାରୀ

(ଙ) ଦାମିକିଆ

(ଚ) ସଜାଡ଼ିବା ଏବଂ ବଦଳାଇ ଦେବା

୨ । (କ) ମିଥ୍ୟା, (ଖ) ସତ୍ୟ, (ଗ) ସତ୍ୟ, (ଘ) ସତ୍ୟ, (ଙ) ମିଥ୍ୟା

**୧୬.୨ :**

(୧) ଦୁର୍ଘଟଣା, (୨) ପ୍ଲଗ, (୩) ଏସ୍.ସି.ବି / ଫିଉଜ, (୪) synthetic, (୫) vent pipe, (୬) ମାଇକ୍ରୋଓ୍ୱେଭ ଓଭାନ୍ ।

**୧୬.୩ :**

୧ । ବିଷୟଟିକୁ ଅନୁଧ୍ୟାନ କର ।

୨ । ବିଷୟଟିକୁ refer କର ।

୩ । (କ) ମିଥ୍ୟା, (ଖ) ମିଥ୍ୟା, (ଗ) ସତ୍ୟ, (ଘ) ମିଥ୍ୟା, (ଙ) ମିଥ୍ୟା, (ଚ) ସତ୍ୟ

**ପାଠ୍ୟାନ୍ତ ପ୍ରଶ୍ନାବଳୀ ଗୁଡ଼ିକର ଉତ୍ତର :**


୧ରୁ ୫ ପର୍ଯ୍ୟନ୍ତ ବିଷୟରୁ ଜାଣ ।

୧ । ବିପଦପୂର୍ଣ୍ଣ କାର୍ଯ୍ୟ ।

(କ) (ଖ) (ଗ) (ଘ) (ଙ) (ଚ)

(କାରଣ ପାଇଁ ବିଷୟଟିକୁ ପଢ଼)


•



ମନ୍ତବ୍ୟ (Notes)

## ତୁମେ କ'ଣ ଶିଖିଲ ?

ବିଷୟଟିକୁ ସହଜରେ ମନେ ରଖିବା ପାଇଁ ନିମ୍ନଲିଖିତ ଚିତ୍ରଟିକୁ ଦେଖ ।




**ପାଠ୍ୟାନ୍ତ ପ୍ରଶ୍ନାବଳୀ :**

୧ । 'ଶ୍ରମ ସଞ୍ଚୟକାରୀ ଉପକରଣ'ର ସଂଜ୍ଞା ବାଖ୍ୟା କର ।

୨। ଗୃହରେ ବୈଦ୍ୟୁତିକ ଉପକରଣଗୁଡ଼ିକ ବ୍ୟବହାର ସମୟରେ କେଉଁ କେଉଁ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

୩ । 'ଗ୍ରାମୀଣ ଶୀତଳ' କହିଲେ କ'ଣ ବୁଝୁଛ । ଏହାର ଉପଯୋଗୀତା ବର୍ଣ୍ଣନା କର ।

୪ । ଘରୋଇ ଉପକରଣଗୁଡ଼ିକର କିପରି ଯତ୍ନ ଏବଂ ମରାମତି ହେବ ତାହାର ତିନୋଟି ବ୍ୟବହାର କାର୍ଯ୍ୟ ପଦ୍ଧତି ବାଖ୍ୟା କର ।

୫ । ଗୃହ ଉପକରଣଗୁଡ଼ିକର କିପରି ଯତ୍ନ ଏବଂ ମରାମତି ହେବ ତାହାର ତିନୋଟି ବ୍ୟବହାର କାର୍ଯ୍ୟ ପଦ୍ଧତି ବାଖ୍ୟା କର ।

୬ । ନିମ୍ନଲିଖିତ କେଉଁ କେଉଁ କାର୍ଯ୍ୟଗୁଡ଼ିକ ବିପଦପୂର୍ଣ୍ଣ ଏବଂ କାହିଁକି ?

(କ) ନାଇଲନ୍ କପଡ଼ା ରୋଷେଇ କରିବା ସମୟରେ ପିନ୍ଧିବା ।

(ଖ) ଷ୍ଟୋଭ ଏବଂ ଜେନେରେଟର କାର୍ଯ୍ୟରତ ଥିବା ସମୟରେ ସେଥିରେ ତେଲ ଭର୍ତ୍ତି କରିବା ।

- ପାଇପ୍ ବ୍ୟବହାର ନ କରି ମଗ୍ ସାହାଯ୍ୟରେ ଗଛରେ ପାଣି ଦିଅ କିମ୍ବା କାର୍ ସଫା କର ।
- କୁଲରରେ ପାଣି ଭର୍ତ୍ତି କରୁଥିବା ସମୟରେ ସେଠାରେ ଠିଆ ହୁଅ । ନଚେତ୍ ପାଣି ଭର୍ତ୍ତି ହୋଇ ତଳେ ପଡ଼ିବ ।

ତୁମେ ଅନ୍ୟ କୌଣସି ଅଧିକ ଉପାୟ ଭାବିପାରିବ କି ? ସେହି ଜଳ ସଂରକ୍ଷଣ ଉପାୟଗୁଡ଼ିକୁ ତୁମ ସାଙ୍ଗ ଓ ପଡ଼ୋଶୀଙ୍କ ସହିତ ବାଣ୍ଟ ।

**କାର୍ଯ୍ୟକଳାପ : ୧୬.୪**

ଗୋଟିଏ ଦିନରେ ତୁମର କେତେ ପରିମାଣର ଜଳ ଖର୍ଚ୍ଚ ହେଉଛି ତାହା ନିରୂପଣ କର । ଅନ୍ୟ ଦିନରେ ଲୁଗାଧୂଆ ପାଣିକୁ ନ ଫୋପାଡ଼ି ତାକୁ ରଖ । ଘରପୋଛା କାମ କିମ୍ବା କାର୍ ଧୋଇବା ପାଇଁ ତାକୁ ବ୍ୟବହାର କର । ଅନ୍ୟ କେତେକ ଏହିପରି ବିକଳ୍ପ ଚିନ୍ତାକର ଯେଉଁଠି ଏହି ପାଣି ବ୍ୟବହାର ହେବ । ଯଦି ଏହିପରି ତୁମେ ଗୋଟିଏ ସପ୍ତାହ କିମ୍ବା ମାସ ପାଇଁ କର ତେବେ କେତେ ଜଳ ସଞ୍ଚୟ କରିବ, ତାହା ଚିନ୍ତା କର ।

**ପାଠଗତ ପ୍ରଶ୍ନାବଳୀ : ୧୪.୩**

୧ । ଗୃହରେ ବିଜୁଳି ଶକ୍ତି ସଂରକ୍ଷଣ କହିଲେ ତୁମେ କ'ଣ ବୁଝୁଛ ? ଉଦାହରଣ ସହ ବର୍ଣ୍ଣନା କର ।

........................................................................................................

୨ । ତୁମେ ଗୃହରେ ଇନ୍ଧନ ସଂରକ୍ଷଣ ପାଇଁ କି କି ଉପାୟଗୁଡ଼ିକମାନ ରଖିବ ଲେଖ ।

........................................................................................................

୩ । ନିମ୍ନଲିଖିତ ବାକ୍ୟଗୁଡ଼ିକ କାରଣ ସହ ସତ୍ୟ କିମ୍ବା ମିଥ୍ୟା ପ୍ରତିପାଦକ କର ।

(କ) ଗୋଟିଏ ଷ୍ଟୋଭ୍ ଚୁଲାକୁ ସଫା କରିବା ଦରକାର ନୁହେଁ ।

..............................................................................................

(ଖ) ବାରମ୍ବାର ହ୍ୱିସିଲ୍ ବଜାଇ, ବେଶୀ ଜାଳରେ ରୋଷେଇ କଲେ ଶୀଘ୍ର ରୋଷେଇ ହୁଏ ।

..............................................................................................

(ଗ) ଟିଉବ୍ ଲାଇଟ୍ ଏବଂ ସି.ଏଫ.ଏଲ ଅଳ୍ପ ବିଜୁଳି ଦରକାର କରନ୍ତି ।

..............................................................................................

(ଘ) ବ୍ରସ୍ କରିବା ସମୟରେ ପାଣି ପାଇପ୍ ଖୋଲା ରଖିବା ।

..............................................................................................


(ଙ) ରୋଷେଇ କରିବା ସମୟରେ ପାତ୍ରଟିକୁ ଘୋଡ଼ାଓ ନାହିଁ ।

..............................................................................................

(ଚ) ବାଲ୍‌ଟିରେ ରଖିଥିବା ଜଳରେ କାର୍ ଧୋଇଲେ ଜଳ ସଞ୍ଚୟ ହୁଏ ।

..............................................................................................

ପେଟିକା - ୩
ସାଧନ ପରିଚାଳନା



ମନ୍ତବ୍ୟ (Notes)

**ତୁମ ପାଇଁ କାର୍ଯ୍ୟ-୧୬.୩ :**

ବିଦ୍ୟୁତ୍ ଶକ୍ତିର ସଂରକ୍ଷଣ ଉପାୟଗୁଡ଼ିକୁ ଗୋଟିଏ ମାସ ପାଇଁ ଅନୁସରଣ କର ଏବଂ ନିମ୍ନରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକ କର ।


୧) ପୂର୍ବ ମାସ ଓ ଏହି ମାସର ବୈଦ୍ୟୁତିକ ବିଲ୍‌କୁ ତୁଳନା କର ।

୨) ତୁମର ସାଧନ ସଞ୍ଚୟ ପାଇଁ ସମାନ ପ୍ରଣାଳୀକୁ ଚିନ୍ତା କର ଓ ତୁମଦ୍ୱାରା ପ୍ରତ୍ୟେକ କ୍ଷେତ୍ରର ସଞ୍ଚୟକୁ ବାହାର କର ।

- **ଜଳ**

ପ୍ରତ୍ୟେକ ବର୍ତ୍ତମାନ ଦେଖାଯାଉଥିବା ଜଳ ଅଭାବକୁ ଜାଣିଥିବେ । ଏହା ନିହାତି ଆବଶ୍ୟକ ଯେ ଗୋଟିଏ ବୁନ୍ଦା ପାଣି ନଷ୍ଟ ନ ହେବା ଉଚିତ୍ ନୁହେଁ । ତୁମେ ଜାଣିଛ କି ଏହାକୁ ତୁମେ କିପରି କରିପାରିବ ?

ହଁ ଏଥିପାଇଁ ଅନେକ ଉପାୟ ଅଛି ଯାହାଦ୍ୱାରା ଜଳ ସଞ୍ଚୟ କରାଯାଇପାରିବ । ତଳେ ଦିଆଯାଇଥିବା ବର୍ଣ୍ଣନାକୁ ଦେଖ । ଏହି ଚିତ୍ର ବିଭିନ୍ନ କାର୍ଯ୍ୟରେ ଖର୍ଚ୍ଚ ହେଉଥିବା ପାଣିର ପରିମାଣକୁ ସ୍ପଷ୍ଟ ଭାବରେ ପ୍ରତିପାଦିତ କରୁଛି ।




ଚିତ୍ର : ୧୬.୩

ନିମ୍ନରେ ଜଳ ସଂରକ୍ଷଣର କେତେକ ପ୍ରଣାଳୀ ଦିଆଯାଇଛି :

- ଲୁଗାଧୁଆ ପାଣିକୁ ଘରପୋଛା କାର୍ଯ୍ୟରେ ଲଗାଯାଇପାରିବ ବିଶେଷ କରି ଶିଡ଼ି ଓ ବାରଣ୍ଡା ପୋଛିବାରେ ।
- ଫଳ ଓ ପରିବା ଧୁଆ ପାଣିକୁ ବଗିଚାରେ ପାଣି ଦେବାରେ ବ୍ୟବହାର କରାଯାଇପାରିବ ।
- ବାଲ୍‌ଟିରେ ପାଣି ନେଇ ଗାଧୋଇବା ଅପେକ୍ଷା ସାୱାର ପାଣିରେ ଗାଧୋଇଲେ ଅଧିକ ପାଣି ଖର୍ଚ୍ଚ ହୁଏ ।
- ଚାଲୁଥିବା ପାଣିରେ ଫଳ ଓ ପରିବା ନଧୋଇ, ପାତ୍ରରେ ପାଣି ନେଇ ଫଳ ଓ ପରିବା ଧୋଇବା
- ଦାନ୍ତ ଘଷିବା ସମୟରେ କିମ୍ବା ମୁହଁ ଧୋଇବା ସମୟରେ ପାଇପ୍ ପାଖରେ ଟ୍ୟାପ୍‌ରୁ ପଡୁଥିବା ପାଣିରେ ନ ଧୋଇ ମଗ୍‌ରେ ପାଣି ନେଇ ଧୋଇବା ଉଚିତ୍ ।

ମନ୍ତବ୍ୟ (Notes)

**କାର୍ଯ୍ୟକଳାପ : ୧୬.୨**

୨୫୦ ଗ୍ରାମ୍‌ର ଡାଲିକୁ ଭିଜାଇ ପ୍ରେସର କୁକୁରରେ ରାନ୍ଧ ଏବଂ ସେହି ପ୍ରକାର ଡାଲିକୁ ନ ଭିଜାଇ ରୋଷେଇ କର । ଦୁଇଟି ପ୍ରକାର ଡାଲି ରୋଷେଇ ହେବା ପାଇଁ କେତେ ସମୟ ନେଲା ତୁଳନା କର ।

**୧. ବିଜୁଳି ଶକ୍ତି :**

ତୁମେ ଜାଣିଛ ଗୃହରେ ଠିକ୍‌ରେ ଜିନିଷ ଦେଖିବା ପାଇଁ ଆମମାନଙ୍କ ପାଇଁ ଆଲୋକର ଆବଶ୍ୟକତା କେତେ ଅଧିକ । ଆମେ ପ୍ରାକୃତିକ ଉପାୟରେ ଯଥା:- ସୂର୍ଯ୍ୟ କିରଣରୁ ଏବଂ କୃତ୍ରିମ ଉପାୟରେ ବିଜୁଳି ବଲ୍‌ବ ଓ ଟିଉବ୍ ଜାଳିବା ଦ୍ୱାରା ଆଲୋକ ପାଇଥାଉ । ବିଦ୍ୟୁତ୍ ହେଲା ଏକ ପ୍ରକାର ଶକ୍ତି । ଏହାକୁ ଘରେ ଦୁଇଟି ଉପାୟରେ ବ୍ୟବହାର କରାଯାଏ ।


(୧) ତାପ ଓ ଆଲୋକ ଉତ୍ପନ୍ନ କରିବା ପାଇଁ- ଆଇରନ୍, ଟୋଷ୍ଟର, ଇମରସନ୍ ରଡ୍ ଓ ବିଦ୍ୟୁତ୍ ବଲ୍‌ବ ଆଦି ବ୍ୟବହାର ।

(୨) ମୋଟର ସାହାଯ୍ୟରେ ଗତି ସୃଷ୍ଟି କରି ବୈଦ୍ୟୁତିକ ଉପକରଣ ଚଳାଇବା ପାଇଁ ଯଥା: ପଙ୍ଖା, କୁଲର୍, ରେଫ୍ରିଜେରେଟର, ମିକ୍ସିର ଗ୍ରାଇଣ୍ଡର ଇତ୍ୟାଦି ।

ଆମେ ବିଜୁଳି ଶକ୍ତି ବ୍ୟବହାର କରିବା ପାଇଁ ପଇସା ଦେଉ । ତାହା ବହୁତ ବ୍ୟୟ ସାପେକ୍ଷ । ତେଣୁ ତୁମେ ଘରର ବିଦ୍ୟୁତ୍ ଶକ୍ତି ବ୍ୟବହାର କରୁଥିବା ସମୟରେ ସତର୍କ ରହିବାକୁ ପଡ଼ିବ । ନିମ୍ନଲିଖିତ କେତୋଟି ସରଳ ଉପାୟ ଅବଲମ୍ବନ କରି, ତୁମେ ବିଦ୍ୟୁତ୍ ସଂରକ୍ଷଣ କରିପାରିବ ।

- ବାରମ୍ବାର ରେଫ୍ରିଜେରେଟରର କବାଟ ଖୋଲ ନାହିଁ । ଏକାଥରରେ ରେଫ୍ରିଜେରେଟରରୁ ସମସ୍ତ ଦରକାରୀ ଜିନିଷ ବାହାର କର ।
- ତୁମେ ଗୃହରେ ନ ଥିବା ସମୟରେ ଗୃହର ପଙ୍ଖା ଓ ଲାଇଟ୍ ବନ୍ଦ ରଖ ।
- ଗାଧୁଆ ଘର, ପାଇଖାନା ଓ ବଗିଚା ଇତ୍ୟାଦି ପାଇଁ କମ୍ ୱାଟେଜ ଥିବା ଟିଉବ୍ ଲାଇଟ୍ ବ୍ୟବହାର କର ।
- ଗିଜର, ବସ୍ତ୍ରଧୌତ ଯନ୍ତ୍ର, ମିକ୍ସର ଗ୍ରାଇଣ୍ଡର ଯେତେ କମ୍ ଚଳାଇବାକୁ ଚେଷ୍ଟା କର ।
- ତୁମର ବୈଦ୍ୟୁତିକ ଉପକରଣଗୁଡ଼ିକ କାର୍ଯ୍ୟରତ ରହିବା ଆବଶ୍ୟକ । ଯଦି କୌଣସି ଅଂଶ ଖରାପ ହେଲା ତାକୁ ସଙ୍ଗେ ସଙ୍ଗେ ମରାମତି କର ।
- ବିଦ୍ୟୁତ୍ ସଞ୍ଚୟ ନିମନ୍ତେ ସୌର, ଲଣ୍ଠନ, ଚୁଲା ଓ ହିଟରର ବ୍ୟବହାର ବଢ଼ାଅ ।
- ସାଧାରଣ ବଲ୍‌ବ ଅପେକ୍ଷା ସି.ଏଫ୍.ଏଲ୍. ଲାଇଟ୍ ବେଶୀ ବ୍ୟବହାର କର ।

ଅତ୍ୟାଧୁନିକ ଗୃହ ଗୁଡ଼ିକରେ ଟେଲିଭିଜନ, ଟେଲିଫୋନ୍, କମ୍ପ୍ୟୁଟର, ଫାକ୍ସ ମେସିନ୍ ଏବଂ ଉତ୍ତର ଦେବା ମେସିନ୍, ମ୍ୟୁଜିକ୍ ସିଷ୍ଟମ୍ ଇତ୍ୟାଦି ଉପକରଣ ଗୁଡ଼ିକ ରହିଛି । ଆମେ ଏଗୁଡ଼ିକୁ ସୂଚାରୁରୂପେ ବ୍ୟବହାର କରିବା ଉଚିତ୍ ଯଦ୍ୱାରା ଏଗୁଡ଼ିକର କୁ-ପରିଚାଳନା ହେବ ନାହିଁ । ଉଦାହରଣ ସ୍ୱରୂପ ଟେଲିଭିଜନକୁ ସାରାଦିନ ଚଳାଇଲେ ବିଜୁଳି ବିଲ୍ ଅଧିକ ଆସିବ । ଆମକୁ ଏହା ମଧ୍ୟ ଦେଖିବାକୁ ପଡ଼ିବ ଯେ, ଏଗୁଡ଼ିକ ଶବ୍ଦ ପ୍ରଦୂଷଣ କରିବେ ନାହିଁ ଏବଂ ଅନ୍ୟମାନଙ୍କୁ ବିବ୍ରତ କରିବ ନାହିଁ ।



ମନ୍ତବ୍ୟ (Notes)

୩ । ବୈଦ୍ୟୁତିକ ପ୍ରଧାନ ସ୍ଥାନରେ ଲାଗିଥିବା ______ ସରକିଟ୍ ଭାଙ୍ଗି ବିଜୁଳି ଶକ୍ତିକୁ ରଦ୍ଦ କରିଥାଏ ।

୪ । ରୋଷେଇ ଘରେ କାମ କରିବା ସମୟରେ ______ ଲୁଗା ପିନ୍ଧିବା ଉଚିତ ନୁହେଁ ।

୫ । ଗୋଟିଏ ପ୍ରେସରକୁକରର ______ ସଦାସର୍ବଦା ବାଷ୍ପ ବାହାରିଯିବା ପାଇଁ ରୁଦ୍ଧ ନ କରି ସଫା ରଖିବା ଦରକାର ।

୬ । ଧାତୁ ନିର୍ମିତ ପାତ୍ର ______ରେ ରୋଷେଇ କରିବା ସମୟରେ ବ୍ୟବହାର କରିବା ଉଚିତ ନୁହେଁ ।

## ୧୬.୫ ଶକ୍ତି ଓ ଜଳ ସଂରକ୍ଷଣ

ଏବେ ପର୍ଯ୍ୟନ୍ତ ତୁମେ ଘରେ କିପରି ଗୃହ ଉପକରଣ ଗୁଡ଼ିକୁ ନିର୍ବାଚିତ ଓ ବ୍ୟବହାର କରିବ ତାହା ଶିଖିଲ । ବର୍ତ୍ତମାନ ତୁମେ ଶକ୍ତି, ଇନ୍ଧନ ଓ ଜଳ ଇତ୍ୟାଦି ବିଶେଷ ଆବଶ୍ୟକୀୟ ସୀମିତ ପଦାର୍ଥର ସଂରକ୍ଷଣ ବିଷୟ ଜାଣିବା ନିହାତି ଦରକାର । ଯେହେତୁ ଏହା ସୀମିତ ଆମେ ଏହି ପଦାର୍ଥ ଗୁଡ଼ିକୁ ସଂରକ୍ଷଣ କଲେ ଏହା ଶୀଘ୍ର ଶେଷ ହେବ ନାହିଁ ଏବଂ ଆମର ପଇସା ମଧ୍ୟ ସଂଚିତ ହେବ । ଚାଲ ବର୍ତ୍ତମାନ ଦେଖିବା ଆମେ କିପରି ଏହା କରି ପାରିବା ।

**ଇନ୍ଧନ (Fuel)**

ତୁମେ ଗୃହରେ ବ୍ୟବହାର କରୁଥିବା ଇନ୍ଧନ ଯଥା: ଗ୍ୟାସ୍, କିରୋସିନି ତେଲ ଏବଂ କାଠର ସଂରକ୍ଷଣ କରିବା ଉଚିତ । ଏହା ତୁମେ କିପରି କରିପାରିବ ?

ନିମ୍ନରେ ଦିଆଯାଇଥିବା ସରଳ ନିର୍ଦ୍ଦେଶଗୁଡ଼ିକୁ ଅନୁସରଣ କର :- ତୁମର ଷ୍ଟୋଭର ବର୍ଣ୍ଣରକୁ ନିୟମିତ ଭାବେ ସଫା ରଖ । (ଗ୍ୟାସ୍, ପ୍ରେସର, ସଳିତା ଷ୍ଟୋଭ)

- ରୋଷେଇ କରିବା ପୂର୍ବରୁ ବରଫରେ ରଖାଯାଇଥିବା ଖାଦ୍ୟକୁ କଠୋରୀ ତାପମାତ୍ରାରେ ରଖ, ଏହାଦ୍ୱାରା କମ୍ ଇନ୍ଧନ ଖର୍ଚ୍ଚ ହେବ ।
- ରୋଷେଇ କରିବା ପୂର୍ବରୁ ଶିମ୍ବିଜ ବୀଜ, ଡାଲି ଓ ଚାଉଳକୁ କିଛି ସମୟ ଭିଜାଇ ରଖ ।
- ସଦାସର୍ବଦା ଖୋଲା ପାତ୍ର ବ୍ୟବହାର ନ କରି ପ୍ରେସରକୁକର ବ୍ୟବହାର କର । ଏହାଦ୍ୱାରା ଇନ୍ଧନ ଖର୍ଚ୍ଚ କମ୍ ହେବ ।
- ରୋଷେଇ କରିବା ପୂର୍ବରୁ ଶିମ୍ବିଜ ବୀଜ, ଡାଲି ଓ ଚାଉଳକୁ କିଛି ସମୟ ଭିଜାଇ ରଖ ।
- ସଦାସର୍ବଦା ଖୋଲା ପାତ୍ର ବ୍ୟବହାର ନ କରି ପ୍ରେସର କୁକର ବ୍ୟବହାର କର । ଏହାଦ୍ୱାରା ଇନ୍ଧନ ଖର୍ଚ୍ଚ କମ୍ ହେବ । ପ୍ରେସର କୁକରର ଅଲଗା ଅଲଗା ପାତ୍ର ଦ୍ୱାରା ଅନେକ ଜିନିଷ (ଉଦାହରଣ ସ୍ୱରୂପ : ଚାଉଳ, ଡାଲି, ପରିବା ପ୍ରସ୍ତୁତି) ଗୋଟିଏ ଥରରେ ରୋଷେଇ କର ।
- ତୁମେ ଯଦି ପ୍ରେସର କୁକର ବ୍ୟବହାର କରୁଥାଅ, ତେବେ ପ୍ରେସର ଭିତରେ ପ୍ରେସର ତିଆରି ହୋଇଗଲାପରେ ଶିଖାକୁ କମାଇଦିଅ । ତାହା ପ୍ରଥମ ହୁଇସିଲ୍ ପରେ ।
- ପାତ୍ରକୁ ଘୋଡ଼ାଇ ରୋଷେଇ କର ।
- ଗରମ ଖାଦ୍ୟକୁ କୋଠରୀ ତାପମାତ୍ରାକୁ ଆଣି ରେଫ୍ରିଜେରେଟରରେ ରଖ ।
- ଇନ୍ଧନ ସଞ୍ଚୟ ନିମନ୍ତେ ସୌରଚୁଲା ବ୍ୟବହାର କର ।





- ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କଲାପରେ ବୈଦ୍ୟୁତିକ ଉପକରଣ ଗୁଡ଼ିକୁ ସତର୍କତା ସହ ଭଲରେ ସଫାକର, ଏହାର ବାହାର ଅଂଶ ଭଲରେ ସଫା କର ଯେପରି ଧୂଳି ତେଲ ଲାଗି ନ ରହେ ।
- କିରୋସିନି ଚୁଲାର ଟାଙ୍କି ତିନି ଭାଗରୁ ଦୁଇ ଭାଗରେ ତେଲ ଭର୍ତ୍ତି କରିବ । ଯଦ୍ୱାରା ତେଲ ଟାଙ୍କିରେ ନିଆଁ ଲାଗି ଫାଟିବ ନାହିଁ । ଗୋଟିଏ କିରୋସିନି ଚୁଲା କିମ୍ବା ଜେନେରେଟର ଚାଲୁଥିବା ସମୟରେ ତେଲ ଭର୍ତ୍ତି କର ନାହିଁ ।
- ରନ୍ଧନ ଗ୍ୟାସ୍ ଚୁଲାର ଫଟା ପାଇପ୍ ଏବଂ ବୈଦ୍ୟୁତିକ ଉପକରଣର ଛିଣ୍ଡା, କଟା ତାରକୁ ସଙ୍ଗେ ସଙ୍ଗେ ବଦଳାଅ । ପ୍ରେସରକୁକରର ଗ୍ୟାସ୍‌କେଟ୍ ଯଦି କଠିନ ଓ ହୁଗୁଳା ହୋଇଗଲା, ତେବେ ତାକୁ ବଦଳାଇ ଦିଅ ।
- ରୋଷେଇ ନ କରିବା ସମୟରେ ସିଲିଣ୍ଡରର ସୁଇଚ ବନ୍ଦ କରିବା ଆବଶ୍ୟକ । ଏହାଦ୍ୱାରା ଗ୍ୟାସ୍ ଲିକ୍ ହୁଏ ନାହିଁ ।
- ସତର୍କକାର ସହିତ ମୁନିଆ କିମ୍ବା ଧାର ଥିବା ଉପକରଣଗୁଡ଼ିକୁ ରଖ, ଯେପରି ଏଗୁଡ଼ିକ ଦ୍ୱାରା କିଏ ବି ଖଣ୍ଡିଆ ଖାବରା ହେବେ ନାହିଁ । ଉଦାହରଣ ସ୍ୱରୂପ ଗୋଟିଏ ଛୁରି ମୁନିଆଁ ଅଂଶକୁ ତଳକୁ ରଖ ଯାହାଦ୍ୱାରା ତୁମେ ଯେତେବେଳେ ତାକୁ ଧରିବ, ତୁମ ହାତରେ ତାର ହ୍ୟାଣ୍ଡେଲ ହିଁ ପଡ଼ିବ ।
- ପ୍ରେସରକୁକରର ଯେଉଁ ଛିଦ୍ର ଦେଇ ଭିତର ଗ୍ୟାସ୍ ବାହାରକୁ ଆସେ ତାକୁ ସଫା ରଖ ଏବଂ ଅବରୁଦ୍ଧ କରିବା ପାଇଁ ଦିଅ ନାହିଁ । ସବୁବେଳେ ଯେପରି ଗ୍ୟାସ୍ ବାହାରକୁ ସହଜରେ ଆସି ପାରିବ । ପ୍ରେସର କମ୍ ନ ହେଲା ପର୍ଯ୍ୟନ୍ତ ୱେଟ୍‌କୁ କାଢ଼ ନାହିଁ । ପ୍ରେସର କୁକରର 'ସିସି' ଶବ୍ଦ କମିଲା ପରେ ଘୋଡ଼ଣି କାଢ଼ିପାର ।
- ନନ୍‌ଷ୍ଟିକ୍ ପ୍ୟାନ୍ ବ୍ୟବହାର କରିବା ସମୟରେ ଧାତୁ ତିଆରି ଚାମଚ ଗୋଳାଇବା ପାଇଁ ବ୍ୟବହାର କରିବା ଉଚିତ ନୁହେଁ, କାରଣ ଏହାଦ୍ୱାରା ନନ୍‌ଷ୍ଟିକ୍ ଆଚ୍ଛାଦନ ନଷ୍ଟ ହୋଇଯିବ । ଏହି କାରଣ ଯୋଗୁଁ ମଧ୍ୟ ଏହାକୁ ସଫା କରିବା ପାଇଁ ଟାଣୁଆ ବ୍ରସ ବ୍ୟବହାର କରିବା ଉଚିତ ନୁହେଁ ।
- ନିୟମିତ ସମୟକାଳୀନ ଭାବେ ସିଲାଇ ମେସିନ୍‌କୁ ପରିଷ୍କାର ରଖି ପ୍ରତ୍ୟେକ ଅଂଶକୁ ତେଲ ଦେଲେ, ଏହା ଠିକ୍‌ରେ ଚାଲିବ ।
- ମାଇକ୍ରୋୱେଭ ବ୍ୟବହାର କରିବା ସମୟରେ ଧାତୁ ନିର୍ମିତ ପାତ୍ର ବ୍ୟବହାର ନ କରି ଯେଉଁ ପାତ୍ର କେବଳ ମାଇକ୍ରୋୱେଭ ଉପଯୋଗୀ, ସେହି ପାତ୍ର ବ୍ୟବହାର କରନ୍ତୁ । ପ୍ରତ୍ୟେକ ବ୍ୟବହାର ପୂର୍ବରୁ ନିର୍ଦ୍ଦେଶାବଳୀ ପଢ଼ନ୍ତୁ ।

**ପାଠଗତ ପ୍ରଶ୍ନାବଳୀ : ୧୬.୨**

**ନିମ୍ନଲିଖିତ ଶବ୍ଦମାନଙ୍କ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

ତାର, ମାଇକ୍ରୋୱେଭ, ଓଭେନ୍, କୃତ୍ରିମ ପ୍ଲଗ୍, ଏମ୍.ସି.ବି. / ଫିଉଜ୍, ଦୁର୍ଘଟଣା, vent pipe, ଉଷୁମ

୧ । ଅସାବଧାନତାର ସହିତ ଘରୋଇ ଉପକରଣଗୁଡ଼ିକୁ ବ୍ୟବହାର କଲେ ______ ଘଟିଥାଏ ।

୨ । ବୈଦ୍ୟୁତିକ ଉପକରଣ ଗୁଡ଼ିକୁ ପରିଷ୍କାର କରିବା ପୂର୍ବରୁ ______ ସୁଇଚ୍ ବୋର୍ଡ଼ରୁ ବାହାର କରିବା ନିହାତି ଜରୁରୀ ଅଟେ ।

**ପେଟିକା - ୩**

**ସାଧନ ପରିଚାଳନା**



**ମନ୍ତବ୍ୟ (Notes)**


ଉପକରଣ ଗୁଡ଼ିକ ବ୍ୟବହାର କରିବା ସମୟରେ ନିମ୍ନଲିଖିତ ବିଷୟ ଗୁଡ଼ିକ ପ୍ରତି ଧ୍ୟାନ ଦେବା ଉଚିତ୍ ।

- ଉପକରଣ ଗୁଡ଼ିକ ଉପରେ ଦିଆଯାଇଥିବା ନିୟମାବଳୀ ପଠନ କର ଏବଂ ଦୃଢ଼ ଭାବରେ ତାକୁ ଅନୁସରଣ କର ।
- ଏହା ଲକ୍ଷ୍ୟରଖ ଯେ, ଯେପରି ତାର ଏବଂ ପ୍ଲଗ ଠିକ୍‌ରେ ସଂଯୋଗ ହୋଇଛି ଏବଂ କୌଣସିଠାରେ ବୈଦ୍ୟୁତ ଶକ୍ତି ଲିକ୍ ହେଉ ନାହିଁ । ପରିଷ୍କାର କରିବା ସମୟରେ ଉପକରଣଟିକୁ ପ୍ଲଗ୍‌ରୁ କାଢ଼ି ଦିଅ । ଯାହାଦ୍ୱାରା ବୈଦ୍ୟୁତିକ ସଂଯୋଗ ରହିବ ନାହିଁ ।
- ସମସ୍ତ ବୈଦ୍ୟୁତିକ ଉପକରଣଗୁଡ଼ିକୁ ପାଣି ପାଇପ୍ ଠାରୁ ଦୂରରେ ରଖିବ । ଯଦି ନିର୍ଦ୍ଦେଶ ନ ଦିଆଯାଇଥାଏ, ତେବେ ତାହାକୁ ପାଣିରେ ଧୋଇବ ନାହିଁ । ଏହାର କାରଣ କ'ଣ କହିପାରିବ ? ହଁ ତୁମକୁ ସକ୍ ଲାଗିପାରେ ।

## ୧୬.୪ ଯତ୍ନ ଏବଂ ମରାମତି

ଭଲମାନର ଉପକରଣ କିଣିବା ଯେପରି ଦରକାର, ସେହିପରି ବେଶି ଦିନ ପର୍ଯ୍ୟନ୍ତ କାମ କରିବା ପାଇଁ ତାହାର ସୂଚାରୁରୂପେ ଯତ୍ନ ନେବା ସେହିପରି ମହତ୍ୱପୂର୍ଣ୍ଣ ଅଟେ । କେତୋଟି ସରଳ ଓ ସହଜ ଯତ୍ନ ଏବଂ ମରାମତି ତୁମକୁ ଏହା କରିବାରେ ସାହାଯ୍ୟ କରିବ । ନିମ୍ନରେ କେତେଗୁଡ଼ିଏ ସୂଚନା ଦିଆଗଲା ।

- ହାତ ଓ ଗୋଡ଼ ଓଦାଥିବା ସମୟରେ କୌଣସି ବୈଦ୍ୟୁତିକ ଉପକରଣକୁ ଛୁଇଁବ ନାହିଁ ।
- ତୁମେ ଯଦି କୌଣସି ଉପକରଣରୁ ବିଜୁଳି ଆଘାତ ପାଇଲ ତେବେ ତାହାକୁ ମରାମତି ନ କଲା ପର୍ଯ୍ୟନ୍ତ ପୁନର୍ବାର ବ୍ୟବହାର କରିବ ନାହିଁ ।
- ତୁମେ ବୈଦ୍ୟୁତିକ ଉପକରଣର ପ୍ଲଗ୍ ଲଗାଇବା ସମୟରେ ଦେଖିବ ଯେପରି ତାର ତୁମ ଯିବା ଆସିବା ବାଟରେ ନ ଆସେ । କହିପାରିବ କାହିଁକି ? କାରଣ ତୁମେ ତା ଉପରେ ଝୁଣ୍ଟି ଯାଇପାର ଏବଂ ତଳେ ପଡ଼ିଯାଇପାର । ପ୍ଲଗ୍‌ଟି ସକେଟ୍ ଭିତରେ ଠିକ୍‌ରେ ଲାଗିବା ଉଚିତ୍ ଏବଂ ତାର ତିନିଟିକିଆ ପିନ୍ ଥିବା ପ୍ଲଗ୍‌ର ଦୃଢ଼ ଭାବରେ ରହିବା ନିହାତି ଜରୁରୀ ।
- ମୁଖ୍ୟ ବିଜୁଳି ଯୋଗାଣ ବୋର୍ଡ଼ରେ ଫିଉଜ ଲାଗିଛି କି ନାହିଁ ନିରୀକ୍ଷଣ କର । ଯଦ୍ୱାରା ସଟ୍ ସର୍କିଟ୍ ହେବା ସମୟରେ ନିଆଁ ବାହାରିବାର ବହୁତ କମ୍ ସମ୍ଭାବନା ରହିଥାଏ । କିଛି ବି ଭୁଲ୍ ହୋଇଗଲେ ଫିଉଜ ଉପକରଣ ଗୁଡ଼ିକୁ ବିଜୁଳି ଶକ୍ତି ପ୍ରବାହ ବନ୍ଦ କରିଦେଇଥାଏ । ତୁମେ ମିନି ସର୍କିଟ୍ ବ୍ରେକମ୍ (MCB) ମଧ୍ୟ ତୁମର ବିଦ୍ୟୁତ୍ ସଂଯୋଗ ସହ ବ୍ୟବହାର କରିପାରିବ । ଯେତେବେଳେ ଅଧିକ ଭାର ପଡ଼େ କିମ୍ବା ସର୍ଟ ସର୍କିଟ୍ ହୁଏ କିମ୍ବା ଭୋଲଟେଜ ଅତ୍ୟଧିକ ବଢ଼ିଯାଏ, ସେ ତେବେ ଏହି ଏମ୍.ସି.ବି. ବିଦ୍ୟୁତ୍ ପ୍ରବାହକୁ ବନ୍ଦ କରିଦେଇଥାଏ ।
- ରୋଷେଇ କରୁଥିବା ସମୟରେ ସିନ୍ଥେଟିକ୍ (ନାଇଲନ୍) ବସ୍ତ୍ର ବ୍ୟବହାର କର ନାହିଁ । ଏହାକୁ ମାନି ଚଳିବା କାହିଁକି ଆବଶ୍ୟକ ? କାରଣ ନାଇଲନ୍ ବସ୍ତ୍ରରେ ସହଜରେ ନିଆଁ ଧରେ ଏବଂ ତରଳି ଚମଡ଼ାରେ ଲାଖିଯାଏ, ଯାହା ଫଳରେ ଗଭୀର ଭାବରେ ପୋଡ଼ିଯାଏ ।
- କଠିନ ପ୍ଲାଷ୍ଟିକ୍ (bacelite) କିମ୍ବା କାଠର ହାଣ୍ଡେଲ ଥିବା ପାତ୍ର ବ୍ୟବହାର କର । ଯେଉଁଥିରେ ହାଣ୍ଡେଲ ନାହିଁ, ସେଠାରେ ଗୋଟିଏ ରୁମାଲ କିମ୍ବା ଚିମୁଟାରେ ଧରି ଚୂଲିରୁ ବାହାର କର । ତୁମ ନିଜର ଓଢ଼ଣୀ କିମ୍ବା ଶାଢ଼ୀ କାନି ବ୍ୟବହାର କର ନାହିଁ ।







(ଘ) ଉପକରଣ ବାଛିବାର ପ୍ରଥମ ମାନଦଣ୍ଡ ହେଲା ______ ।

(ଙ) ଏକ ଉପକରଣ ଯାହା ଅନେକ ପ୍ରକାର କାର୍ଯ୍ୟ କରିଥାଏ ତାହା ଅଧିକ ______ ।

(ଚ) ଗୋଟିଏ ଉତ୍ତମ ବିକ୍ରି ହେଲା ପରବର୍ତ୍ତି କାଳୀନ ସହଜ ______ ଏବଂ ______ ।

**୨ । ତୁମେ ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ କେଉଁଟି ସତ୍ୟ ଏବଂ କେଉଁଟି ମିଥ୍ୟା ପ୍ରତିପାଦନ କର । ଏହାର କାରଣ ଲେଖ ।**

(କ) କେବଳ ବୈଦ୍ୟୁତିକ ଉପକରଣ ଶ୍ରମ ଲାଘବ କରିଥାଏ ।

..........................................................................................

(ଖ) ଅବୈଦ୍ୟୁତିକ ଉପକରଣ ଗୁଡ଼ିକ ହସ୍ତଦ୍ୱାରା ଚାଳିତ ।

..........................................................................................

(ଗ) ଗୋଟିଏ ମାନଦଣ୍ଡଯୁକ୍ତ ଉପକରଣ ସୁରକ୍ଷା ଓ ସ୍ଥାୟୀତ୍ୱ ପ୍ରତିପାଦିତ କରିଥାଏ ।

..........................................................................................

(ଘ) ଗୋଟିଏ ଆଇ.ଏସ୍.ଆଇ ଚିହ୍ନ ପ୍ରତ୍ୟେକ ବୈଦ୍ୟୁତିକ ଉପକରଣକୁ ଦିଆଯାଇଥାଏ ।

..........................................................................................

(ଙ) ଦାମିକା ଉପକରଣ ଗୁଡ଼ିକ ପରିବାରର ଆବଶ୍ୟକତାକୁ ଶସ୍ତା ଉପକରଣ ଅପେକ୍ଷା ଅଧିକ ପରିମାଣରେ ଆବଶ୍ୟକପୂର୍ଣ୍ଣ କରିଥାଏ ।

..........................................................................................

**କାର୍ଯ୍ୟକଳାପ : ୧୬.୧**


ଗୋଟିଏ ବୈଦ୍ୟୁତିକ ଏବଂ ଇଲୋକ୍‌ଟ୍ରୋନିକ୍ ଦୋକାନକୁ ବୁଲିଯାଅ ଏବଂ ସେଠାରୁ ରେଫ୍ରିଜେରେଟର ଏବଂ ଟେଲିଭିଜନର ନିମ୍ନଲିଖିତ ବିଷୟରେ ଜାଣ ଏବଂ ଏହାକୁ ଲେଖି କରି ଆଣ ।

| ବିଷଦ | ରେଫ୍ରିଜେରେଟର | ଟେଲିଭିଜନ |
|---|---|---|
| - ବ୍ରାଣ୍ଡ ଏବଂ ମଡ଼େଲ, ଆକାର ଓ ଗୁଣ | | |
| - ଦାମ୍ | | |
| - ପରିବର୍ତ୍ତି, ସେବା, ଗ୍ୟାରେଣ୍ଟି | | |
| - ଗ୍ୟାରେଣ୍ଟି | | |

## ୧୬.୩ ଘରୋଇ ଉପକରଣ ଗୁଡ଼ିକର ଉପଯୁକ୍ତ ବ୍ୟବହାର

ଘରୋଇ ଉପକରଣଗୁଡ଼ିକ ଆମର ସମୟ, ଶକ୍ତି ଓ ଟଙ୍କା ସଞ୍ଚ କରାଇଥାଏ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏଗୁଡ଼ିକ ବ୍ୟବହାର କରିବା ସମୟରେ କେତୋଟି ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ଏହା ଆମକୁ ବହୁତ ଦିନ ପର୍ଯ୍ୟନ୍ତ ଆମକୁ ଏକ ତ୍ରୁଟିହୀନ ସେବା ଯୋଗାଇଦେବ ।

ତୁମେ କହିପାରିବ, କାହିଁକି ଆମର ସତର୍କତା ଅବଲମ୍ବନ କରିବା ଉଚିତ୍ ? କାରଣ ଯଦି ଆମେ ଯତ୍ନବାନ ନ ହେବା, ତେବେ ଆମ ଜୀବନ ଉପରେ ବିପଦ ପଡ଼ିପାରେ ।



ମନ୍ତବ୍ୟ (Notes)

ପଚାରିବୁଝ ଯେ, ଉପକରଣଟିର କେଉଁ କେଉଁ ଅଂଶ ପାଇଁ ଗ୍ୟାରେଣ୍ଟି ରହିଛି । ଯାହା ଫଳରେ ତୁମେ ପଛରେ ଆଉ ଠକିଯିବ ନାହିଁ । କିଣିବା ସମୟରେ ଗ୍ୟାରେଣ୍ଟି କାର୍ଡ଼ଟିକୁ ଭଲ ଭାବରେ ତଦାରଖ କର, ଯେପରି ତାହା ଠିକ୍ ଭାବରେ ପୂରଣ ହୋଇଛି କି ନାହିଁ ଏବଂ ଏଥିରେ ଦୋକାନୀର ଷ୍ଟାମ୍ପ ଓ ଦସ୍ତଖତ ରହିଛି କି ନାହିଁ, ଯାହା ପାଖରୁ ତୁମେ ଉପକରଣଟି କିଣିଲ ।

**୫. ଉପକରଣର ଦାମ୍ :**

ତୁମେ ଯେତେବେଳେ ବଜାରକୁ ଯାଅ, କେଉଁ ବିଷୟରେ ପ୍ରଥମେ ତୁମେ ଜାଣିବାକୁ ଚାହିଁବ ? ହଁ । ତାହାହେଲା ପଦାର୍ଥର ଦାମ ।

ସରଳ ଉପକରଣ ଗୁଡ଼ିକର ଦାମ୍ କମ୍ ଥାଏ । ଅନ୍ୟ ପକ୍ଷରେ କେତୋଟି ଜଟିଳ ଅଂଶ କିମ୍ବା attachments ଥାଇ ଉପକରଣଟିର ମୂଲ୍ୟ ଅଧିକା ଥାଏ । ଏହି ଜଟିଳ ଉପକରଣଗୁଡ଼ିକର ଦାମ୍ ଅଧିକ କାରଣ ଏଗୁଡ଼ିକ ଅଧିକ କାର୍ଯ୍ୟ କରିଥାଆନ୍ତି ।

ଉଦାହରଣ ସ୍ୱରୂପ; ଗୋଟିଏ ରେଫ୍ରିଜେରେଟର ବହୁତ ଦାମିକା ହୋଇଥିବା ସମୟରେ 'ଗ୍ରାମୀଣ ଶୀତଳ'ର ଦାମ୍ ବହୁତ କମ୍ । କିନ୍ତୁ ବ୍ୟବହାର କରିବା ସମୟରେ ଗୋଟିଏ ରେଫ୍ରିଜେରେଟର ଯେଉଁ କାର୍ଯ୍ୟ କରେ, ଗୋଟିଏ 'ଗ୍ରାମୀଣ ଶୀତଳ' ତାହା କରିପାରେ ନାହିଁ । ତୁମେ ଗୋଟିଏ ରେଫ୍ରିଜେରେଟରରେ ବରଫ ପ୍ରସ୍ତୁତ କରିପାର, ଖାଦ୍ୟ ରଖିପାର, ପାଣି ଥଣ୍ଡା କରିପାର, ଆଇସ୍‌କ୍ରିମ୍ ପ୍ରସ୍ତୁତ କରିପାର ଇତ୍ୟାଦି । କିନ୍ତୁ 'ଗ୍ରାମୀଣ ଶୀତଳ'ରେ ଏସବୁ କରାଯାଇପାରେ ନାହିଁ । ଗୋଟିଏ 'ଗ୍ରାମୀଣ ଶୀତଳ'ର କାର୍ଯ୍ୟକାଳ ଅଳ୍ପ କେତେ ବର୍ଷ ହୋଇଥିବାବେଳେ, ରେଫ୍ରିଜେରେଟର ବହୁତ ବର୍ଷ କାର୍ଯ୍ୟ କରିପାରେ । ତେଣୁ ସୁବିଧାଗୁଡ଼ିକ ଧ୍ୟାନରେ ରଖି ଜଣେ ନିଜର ଅର୍ଥ ଅନୁଯାୟୀ ଗୋଟିଏ ରେଫ୍ରିଜେରେଟର କିଣିପାରିବ; କିନ୍ତୁ ଏହା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ । ଉଦାହରଣ ସ୍ୱରୂପ ଜଣେ ଗୃହିଣୀ ଘରୋଇ ମରାମତି କାର୍ଯ୍ୟ କରିବା ପାଇଁ ଜଟିଳତର ସିଲେଇ ମେସିନ୍ ଅଧିକ ଦାମ୍ ଦେଇ କିଣିବା ପାଇଁ ପରାମର୍ଶ ଦେଇ ହେବ ନାହିଁ ।

**ବିକ୍ରୟ ପରବର୍ତ୍ତି ସେବା :**

ଏହା ନିଶ୍ଚିତ ଯେ ସମୟାନୁଯାୟୀ ଉପକରଣର ସର୍ବଦା ବ୍ୟବହାର ଜନିତ କ୍ଷୟକ୍ଷତି ନିଶ୍ଚୟ ଘଟିବ ।

ତେଣୁ ଯଦି ତୁମେ କୌଣସି ସେବା, ମରାମତି କିମ୍ବା କୌଣସି ଅଂଶକୁ ବଦଳାଇବାକୁ ଚାହୁଁଛ, ତେବେ ଏହା ସୁବିଧାରେ ଏବଂ ବ୍ୟୟ କରିବା ମୂଲ୍ୟର ହେବା ଦରକାର । ତେଣୁ ଏହି ସେବା ପାଖରେ ଥିବା ବଜାରରେ ମିଳୁଥିବା ନିହାତି ଜରୁରୀ । ଗୋଟିଏ ଉପକରଣର ସୁ ବିକ୍ରୟ ପରବର୍ତ୍ତି ସେବା ରହିବା ହେଲା ଠିକ୍ ମନୋନୟନ ।

**ପାଠଗତ ପ୍ରଶ୍ନାବଳୀ : ୧୬.୧**

**୧ । ଶୂନ୍ୟସ୍ଥାନ ପୂରଣ କର ।**

(କ) ଉପକରଣ ଗୁଡ଼ିକୁ ______ ଓ ______ ଶ୍ରେଣୀରେ ବିଭକ୍ତ କରାଯାଇଛି ।

(ଖ) ଠିକ୍‌ରେ ବାଛିବା ______ ଏବଂ ______ ଉପକରଣର ଫଳପ୍ରଦ ବ୍ୟବହାର କରିବାରେ ଅନ୍ତର୍ଭୁକ୍ତ ।

(ଗ) ଉପକରଣର ______ ଫଳପ୍ରଦ କାର୍ଯ୍ୟକ୍ଷମତାର ପ୍ରତିଜ୍ଞା ଅଟେ ।



ମନ୍ତବ୍ୟ (Notes)



ଗୋଟିଏ ଧାରୁଆ ଛୁରୀ ସାହାଯ୍ୟରେ ଫଳ ଓ ପରିବା ପତ୍ର ବହୁତ ସହଜରେ କାଟି ଆମେ ଆମର ଶକ୍ତି ସଞ୍ଚୟ କରିଥାଉ । କିନ୍ତୁ ଦନ୍ତୁରା ଏବଂ ଶସ୍ତା ଛୁରୀ ଦ୍ୱାରା ଆମେ ପରିବା ପତ୍ର ଭଲରେ କାଟି ତ ପାରିବା ନାହିଁ, ତାହାଛଡ଼ା ନୈରାଶ୍ୟଜନିତ ହେବ ।

**୩. ସହଜରେ ପରିଷ୍କାର କରିବା :**

ଉପକରଣ ଗୁଡ଼ିକ ଭଲ material ରେ ତିଆରି ହେବା ଉଚିତ୍ । ଯାହାଦ୍ୱାରା କି ଏହା ସହଜରେ ଏହାର ପରିଷ୍କାର କରାଯାଇ ଓ ଯତ୍ନ ନିଆଯାଇପାରିବ ।

ଉଦାହରଣ ସ୍ୱରୂପ, ଲୁହାର ଉପକରଣ ଗୁଡ଼ିକୁ ସଫା କରିବା କଷ୍ଟ । ଅପର ପକ୍ଷରେ ଷ୍ଟେନଲେସ୍ ଷ୍ଟିଲ୍ ବାସନକୁସନ ସହଜରେ ସଫା କରାଯାଇଥାଏ । ଗୋଟିଏ ଟ୍ରେ ବାହାର କରାଯାଇ ପାରୁଥିବା ଟୋଷ୍ଟର, ଗୋଟିଏ ଟ୍ରେ ଖୋଲାଯାଇ କଢ଼ା ହୋଇପାରୁନଥିବା ଟାଷ୍ଟର ଅପେକ୍ଷା ସହଜରେ ସଫା କରାଯାଇପାରିବ ।

**୪. ସୁରକ୍ଷା :**

ଯେକୌଣସି ଗୃହ ଉପକରଣ ବ୍ୟବହାର କରିବା ସମୟରେ ସୁରକ୍ଷା ପ୍ରଦାନ କରିବା ଉଚିତ୍ । ତୁମେ ଜାଣିଛ କି କେଉଁ ମାନ୍ୟତା ଚିହ୍ନ ଥିବା ଉପକରଣ ସୁରକ୍ଷାର ନିର୍ଭରୋକ୍ତି ପ୍ରଦାନ କରେ ? ହଁ ତୁମେ ଠିକ୍ ଜାଣିଛ ।

ଆଇ.ଏସ୍.ଆଇ ଚିହ୍ନଥିବା ଉପକରଣ ସୁରକ୍ଷା ପ୍ରଦାନ କରିବା ଛଡ଼ା ଏହା ଠିକ୍‌ରେ ନିରୂପଣ ହୋଇଥାଏ ଏବଂ ଭଲ ମାନର ହୋଇଥାଏ । ତୁମେ ଉପକରଣ କ୍ରୟ କରିବା ସମୟରେ ଆଇ.ଏସ୍.ଆଇ. ଚିହ୍ନ ଥିବା ନିଶ୍ଚୟ ନିରୂପଣ କରିବା । ଏହି ଚିହ୍ନନଥିବା ଉପକରଣ ଶସ୍ତା ହୋଇଥାଏ ଏବଂ ଏହା ସୁରକ୍ଷା ମଧ୍ୟ ପ୍ରଦାନ କରିନଥାଏ ।

> **ଗୁଣବତ୍ତା ଉତ୍ପାଦକ :** ଯେଉଁ ଉତ୍ପାଦକଗୁଡ଼ିକରେ ସାଧାରଣ ଗୁଣବତ୍ତା, ସୁରକ୍ଷା, ସ୍ଥାୟୀତ୍ୱ ଓ କାର୍ଯ୍ୟକୁଶଳ ରହିଥାଏ ।

ସମସ୍ତ ବୈଦ୍ୟୁତିକ ଉପକରଣ ଗୁଡ଼ିକରେ ତିନୋଟି ପ୍ଲଗ୍ ବିଶିଷ୍ଟ ଏବଂ ଗୋଟିଏ ବିଦ୍ୟୁତ୍ ପ୍ରବାହ ଆଚ୍ଛାଦନ ତାର ରହିବା ଦରକାର । ଯେଉଁ ବୈଦ୍ୟୁତିକ ଉପକରଣର କୌଣସି ଧାତୁ ନିର୍ମିତ ଅଂଶ ଖୋଲା ଭାବରେ ଥିବ, ତାହା କିଣ ନାହିଁ । କାରଣ ଏହାଦ୍ୱାରା ସକ୍ ଲାଗିପାରେ । ଅବୈଦ୍ୟୁତିକ ଉପକରଣ ଗୁଡ଼ିକର ତୀକ୍ଷଣ ବା ଧାରୁଆ ଅଂଶ ହୁଗୁଳା ବେଣ୍ଟ କିମ୍ବା ଗୋଜିଆ ଅଂଶ ରହିବା ଉଚିତ୍ ନୁହେଁ । ଏହା ଆମକୁ ସୁରକ୍ଷା ଦେଇପାରେ ନାହିଁ ଏବଂ ଏହାଦ୍ୱାରା ଆମକୁ ଆଘାତ ଲାଗିପାରେ । ସମସ୍ତ ଉପକରଣ ଗୁଡ଼ିକର ଏକ ନିର୍ଭୋରକ୍ତି ସେବା ରହିବା ଉଚିତ୍ । ନିର୍ଭରୋକ୍ତି ଅର୍ଥାତ୍ ଉତ୍ପାଦନକର୍ତ୍ତା କେତୋଟି ନିର୍ଦ୍ଦିଷ୍ଟ ଦିନ ପାଇଁ ସେହି ଉପକରଣର କାର୍ଯ୍ୟ କରିପାରିବାରେ ଦାୟିତ୍ୱ ବହନ କରିବେ । ରେଫ୍ରିଜେରେଟରର ଉତ୍ପାଦନକର୍ତ୍ତା ତାହା ଉପରେ ପାଞ୍ଚବର୍ଷ ପାଇଁ ଗ୍ୟାରେଣ୍ଟି ଏବଂ ସିଲିଂ ପଙ୍ଖା ନିମିତ୍ତ ସାତ ବର୍ଷ ପାଇଁ ଗ୍ୟାରେଣ୍ଟି ଦେଇପାରେ । ଏହାର ଅର୍ଥ ହେଲା ୫ ବର୍ଷ ରେଫ୍ରିଜେରେଟର ଏବଂ ୭ ବର୍ଷ ପାଇଁ ପଙ୍ଖାର ସମସ୍ତ ମରାମତି ସେବା ପ୍ରଦାନ କରିବା ଏବଂ ବିନା ଖର୍ଚ୍ଚରେ କୌଣସି ଅଂଶ ଖରାପ ହେଲେ ତାହା ବିନା ମୂଲ୍ୟରେ ମରାମତି କରାଯାଇପାରିବ ।

> **ନିର୍ଭରୋକ୍ତି :** ଏକ ଉପକରଣର ଉପଯୁକ୍ତ କାର୍ଯ୍ୟକୁଶଳତା ସମ୍ବନ୍ଧୀୟ ସ୍ୱୀକ୍ତି ।

ଏହା ତୁମର ଜାଣିବା ବହୁତ ଆବଶ୍ୟକ ଯେ, ଯେତେବେଳେ କୌଣସି ଉପକରଣ କିଣିବ, ବିଶେଷ କରି ଦାମିକା ଉପକରଣ, ସେଥିରେ ସର୍ଭିସ ଗ୍ୟାରେଣ୍ଟି ରହିବା ଆବଶ୍ୟକ । ଦୋକାନୀକୁ

ମନ୍ତବ୍ୟ (Notes)

ସମୟ ସମୟରେ ଆମେ ବୈଦ୍ୟୁତିକ ଉପକରଣ ବଦଳରେ ଅବୈଦ୍ୟୁତିକ ଉପକରଣ ବ୍ୟବହାର କରିବା ପାଇଁ ଚିନ୍ତା କରିପାରିବା । ଉଦାହରଣ ସ୍ୱରୂପ ବୈଦ୍ୟୁତ ଚାଳିତ ରେଫ୍ରିଜରେଟର ବ୍ୟବହାର କରିବା ବଦଳରେ ଆମେ ଖାଦ୍ୟକୁ ଥଣ୍ଡା ରଖିବା ପାଇଁ 'ଗ୍ରାମୀଣ ଶୀତଳ' ବ୍ୟବହାର କରିବା ।

'ଗ୍ରାମୀଣ ଶୀତଳ' ଏକ ତାର ଜାଲିରେ ତିଆରି ଆଲମିରା ଅଟେ । ଏହାକୁ ଝୋଟ୍ କନା ଦ୍ୱାରା ଆଚ୍ଛାଦିତ କରାଯାଇଥାଏ । (ସାମ୍ନାପଟକୁ ଛାଡ଼ି) । ଏହି କନାର ଶେଷଭାଗ ଗୁଡ଼ିକ ଜଳପାତ୍ରରେ ବୁଡ଼ା ହୋଇ ରହିଥାଏ ଯାହାଦ୍ୱାରା ଏହି ଆଲମିରାଟି ସବୁବେଳେ ଓଦା ରୁହେ ।

ତାହାହେଲେ ଆମେ ଆମର ଘର କାମ ପାଇଁ ବହୁତ ଗୁଡ଼ିଏ ଜିନିଷ ବ୍ୟବହାର କରିପାରିବା । ଏହି ଜିନିଷଗୁଡ଼ିକୁ ଉପକରଣ କୁହାଯାଏ । ଆମେ ଏହି ଉପକରଣ ଗୁଡ଼ିକୁ ଆମର କେବଳ ସମୟ ଏବଂ ଶକ୍ତି ବଞ୍ଚାଇବା ପାଇଁ ବ୍ୟବହାର କରୁ ତାହାନୁହେଁ ବରଂ ଏହା ଆମର ଦକ୍ଷତା ମଧ୍ୟ ବଢ଼ାଇଥାଏ । ଉପକରଣ ଗୁଡ଼ିକର ଉପଯୁକ୍ତ ବ୍ୟବହାରର ଅର୍ଥ ସେଗୁଡ଼ିକର ଉପଯୁକ୍ତ ମନୋୟନ, ବ୍ୟବହାର ଏବଂ ଯତ୍ନ । ଯାହାଦ୍ୱାରା ଏକ ଗୃହକର୍ତ୍ତା ଅଳ୍ପ ସମୟରେ କମ୍ ଶକ୍ତି ବ୍ୟୟରେ ଅତ୍ୟଧିକ କାର୍ଯ୍ୟ କରାଯିବା ପାଇଁ ସକ୍ଷମ ହେବ ।

## ୧୬.୨ ଗୃହ ଉପକରଣ ଗୁଡ଼ିକର ଚୟନ

ସାଧାରଣତଃ ଗୃହରେ ବ୍ୟବହାର ହେଉଥିବା ଉପକରଣ ଗୁଡ଼ିକର ଶ୍ରେଣୀ ବିଭାଗ ବିଷୟରେ ଜାଣିଲ । ତୁମେ ସଚେତନ ହେଲ ଯେ ଏହି ଉପକରଣ ଗୁଡ଼ିକ ବିଭିନ୍ନ ପ୍ରକାରର ଏବଂ ଏହି ଭିନ୍ନ ଭିନ୍ନ ନମୁନାର ଏବଂ ମୂଲ୍ୟରେ ମିଳୁଛି ।

ତେଣୁ ତୁମେ ଯେତେବେଳେ ବଜାରକୁ କୌଣସି ଉପକରଣ କ୍ରୟ କରିବା ପାଇଁ ଯାଉଛ, ତୁମେ କେଉଁ କେଉଁ ବିଷୟ ଗୁଡ଼ିକ ଉପରେ ଧ୍ୟାନ ତାହା ଜାଣିବା ଦରକାର । ଗୋଟିଏ ଉପକରଣର ମନୋନୀତ କରିବା ପ୍ରଣାଳୀ ଅନ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଚାଲ ଏହା ବିଷୟରେ ଭଲ ଭାବରେ ଆଲୋଚନା କରିବା ।

### ୧. ଦରକାର ଅନୁଯାୟୀ

କ୍ରୟ କରୁଥିବା ଉପକରଣଟି ତୁମର ଆବଶ୍ୟକ ପୂରଣ କରୁଥିବା ଦରକାର । ଅନ୍ୟମାନେ ସେହି ଉପକରଣଟି ବ୍ୟବହାର କରୁଛନ୍ତି କିମ୍ବା ଏହା ଶସ୍ତା ଅଟେ । ଏହା ଭାବି ସେହି ଉପକରଣଟି କ୍ରୟ କର ନାହିଁ । ଉଦାହରଣ ସ୍ୱରୂପ- ଗୋଟିଏ ଖାଦ୍ୟ ପଦାର୍ଥ କାଟିବା ଏବଂ ମିଶ୍ରଣ କରିବା ବୈଦ୍ୟୁତିକ ଯନ୍ତ୍ର ଅନେକ ସଂଯୁକ୍ତ ଅଂଶ ସହିତ କିଣ ନାହିଁ । ଏକ ସରଳ ମିକ୍ସର କିଣ, ଯାହାକି ତୁମର ଆବଶ୍ୟକତାକୁ ପୂରଣ କରିପାରିବ । ଏହି ଉପାୟରେ ତୁମେ ସଞ୍ଚୟ ମଧ୍ୟ କରିପାରିବ ।

### ୨. ସମୟ, ଟଙ୍କା ଓ ଶକ୍ତି ସଞ୍ଚୟ :

ତୁମେ କୌଣସି ଉପକରଣ କ୍ରୟ କରିବା ସମୟରେ ଏହା ଦୃଷ୍ଟିରେ ରଖ ଯେ, ଏହା ତୁମର କେବଳ ସମୟ ଓ ଶକ୍ତି ସଞ୍ଚୟ କରିବ ତାହା ନୁହେଁ ବରଂ ଏହା ପଇସା ସଞ୍ଚୟ କରିବାରେ ସକ୍ଷମ ହୋଇପାରିବ ।

ଉଦାହରଣ ସ୍ୱରୂପ, ଏକ ପ୍ରେସର କୁକରରେ ଖାଦ୍ୟ ଶିଘ୍ର ରନ୍ଧାଯାଇପାରେ । ତେଣୁ ଏହା ତୁମର ସମୟ ଓ ଟଙ୍କା ସଞ୍ଚିତ କରେ, କାରଣ ଏହାଦ୍ୱାରା ଅଳ୍ପ ଇନ୍ଧନ ଖର୍ଚ୍ଚ ହୁଏ । ତୁମେ ତୁମର ଶକ୍ତି ମଧ୍ୟ ସଞ୍ଚୟ କରିପାରିଲ ଯେହେତୁ ଏହାକୁ ଅତି ସହଜରେ ବ୍ୟବହାର କରାଯାଇପାରିବ ଏବଂ ଏହାକୁ ଅଧିକ ତଦାରଖ କରିବା ମଧ୍ୟ ଦରକାର ନାହିଁ ।

❖ କେଉଁ ଉପାୟ ଅବଲମ୍ବନ ଦ୍ୱାରା ଗୃହରେ ବ୍ୟବହୃତ ହେଉଥିବା ଉପକରଣ ଗୁଡ଼ିକର ଯତ୍ନ ଏବଂ ରକ୍ଷଣାବେକ୍ଷଣ କରାଯାଇପାରିବ ।

❖ ଘରୋଇ ଉପକରଣ ବ୍ୟବହାର କରିବା ସମୟରେ ରନ୍ଧନ, ବିଦ୍ୟୁତ୍ ଶକ୍ତି ଏବଂ ଜଳକୁ କିପରି ସଞ୍ଚୟ କରାଯାଇପାରିବ, ଏହି ଉପାୟ ଗୁଡ଼ିକ ପ୍ରତିପାଦନ କରିପାରିବା ।

## ୧୬.୧ ଉପକରଣ ଗୁଡ଼ିକର ଶ୍ରେଣୀ ବିଭାଗ :

ଆମେ ଆମର କାର୍ଯ୍ୟଗୁଡ଼ିକୁ ଦୁଇଟି ଉପାୟରେ କରିଥାଉ । କେତୋଟି କାମକୁ ଆମେ ଆମର ହାତ ଦ୍ୱାରା କରିଥାଉ ଏବଂ ଅନ୍ୟ କେତୋଟିକୁ ଭିନ୍ନ ଭିନ୍ନ ଉପକରଣ ଜରିଆରେ କରିଥାଉ, ଏହି ଉପକରଣ ଗୁଡ଼ିକ ଆମର କାର୍ଯ୍ୟକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ ।

ଯେକୌଣସି ଜିନିଷପତ୍ର ଯାହା କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ, ତାହାକୁ ଉପକରଣ କୁହାଯାଏ ।

ଏହି ଉପକରଣ ଗୁଡ଼ିକ ମଧ୍ୟରୁ କେତେକକୁ ଚଳାଇବା ପାଇଁ ବିଜୁଳିଶକ୍ତିର ଆବଶ୍ୟକ ହୋଇଥାଏ ଏବଂ ଅନ୍ୟ କେତେକ ବିଜୁଳି ବିନା କାର୍ଯ୍ୟକାରୀ ହୋଇପାରେ ।

(କ) ବୈଦ୍ୟୁତିକ

(ଖ) ଅବୈଦ୍ୟୁତିକ

### (କ) ବୈଦ୍ୟୁତିକ :

ତୁମ ଘରର ଚାରି ଆଡ଼କୁ ଚାହଁ ଏବଂ ଯେଉଁ ଉପକରଣ ଗୁଡ଼ିକ କାର୍ଯ୍ୟକାରୀ ହେବା ପାଇଁ ବିଜୁଳି ଶକ୍ତିର ଆବଶ୍ୟକ ସେଗୁଡ଼ିକ ଚିହ୍ନଟ କର । କେଉଁ ଗୁଡ଼ିକ ସେହି ଜିନିଷ ? ହଁ ତୁମେ ଠିକ୍ କହିଛ । ସେହି ଦ୍ରବ୍ୟ ଗୁଡ଼ିକ ହେଲା- ଟୋଷ୍ଟର, ମିକ୍ସି, ଇମରସନ୍ ରଡ଼୍, ଇସ୍ତ୍ରୀ, ରେଫ୍ରିଜେରେଟର, ୱାସିଙ୍ଗ୍ ମେସିନ୍, ଗିଜର ଇତ୍ୟାଦି । ଯାହା ବିଜୁଳିଶକ୍ତି ବିନା କାର୍ଯ୍ୟ କରିପାରିବ ନାହିଁ ।




ଚିତ୍ର ୧୬.୧ : ବୈଦ୍ୟୁତିକ ଉପକରଣ

### (ଖ) ଅବୈଦ୍ୟୁତିକ :

ଅନ୍ୟ ଗୋଟିଏ ପ୍ରକାର ଉପକରଣ ରହିଛି, ଯାହା କାର୍ଯ୍ୟକାରୀ ହେବା ପାଇଁ ବିଜୁଳି ଶକ୍ତିର ଆବଶ୍ୟକତା ହୁଏ ନାହିଁ । ଏହି ପ୍ରକାର ଜିନିଷ ସବୁ ହେଲା :- ରୋଷେଇ ବାସନକୁସନ ଓ ଯନ୍ତ୍ରପାତି, ସିଲେଇ ମେସିନ୍, ଷ୍ଟୋଭ, ସୋଲାର କୁକର ଇତ୍ୟାଦି । ଏଗୁଡ଼ିକ ହସ୍ତ ଦ୍ୱାରା ଚାଳିତ ହୋଇଥାଏ ।



ଚିତ୍ର ୧୬.୨ : ଅବୈଦ୍ୟୁତିକ ଉପକରଣ





# ୧୬

# ଗୃହ ଉପକରଣ

ଦୈନନ୍ଦିନ କାର୍ଯ୍ୟ ପାଇଁ, ତୁମେ ନିଶ୍ଚୟ ଅନେକ ଗୁଡ଼ିଏ ଉପକରଣ ବ୍ୟବହାର କରୁଥିବ । ଏହି ଉପକରଣ ଗୁଡ଼ିକ ତୁମର ଯେ କେବଳ ସମୟ ଏବଂ ଶକ୍ତି ବଞ୍ଚାଏ, ତାହା ନୁହେଁ ବରଂ ଏହା ତୁମକୁ ଦକ୍ଷତାର ସହିତ କାମଟି କରିବାରେ ସାହାଯ୍ୟ କରେ । ତୁମେ ଏହି ଉପକରଣ ମାନଙ୍କ ମଧ୍ୟରୁ କେତେକକୁ ନିଜର ମନୋରଞ୍ଜନ ପାଇଁ ମଧ୍ୟ ବ୍ୟବହାର କରୁଥିବ ଯଥା: ଟେଲିଭିଜନ୍ ଏବଂ ଗୀତ ଯନ୍ତ୍ର (Musical System) । ତୁମେ ଜାଣିପାରୁଥିବ, ଏଗୁଡ଼ିକ ମଧ୍ୟରୁ କେତେକର ବାରମ୍ବାର ମରାମତି ଓ ବଦଳାଇବା ଦରକାର ହେଉଥିବ ଏବଂ ଅନ୍ୟ କେତେକ ସଦାସର୍ବଦା ଭଲ କାମ କରୁଥିବେ ।

ଏହି ଅବସ୍ଥାରେ ତୁମେ କ'ଣ କରିପାରିବ ? ତୁମେ ବାରମ୍ବାର ବଜାର ଯିବା ବନ୍ଦ କରିଦେଇ ପାରିବ କି ? କିପରି କହିପାରିବ ? ହଁ ତୁମେ ଠିକ୍ ଭାବରେ ମନୋନୀତ କରି ଯତ୍ନ ନେଇ ପାରିଲେ, ତୁମକୁ ବାରମ୍ବାର ବଜାର ଯିବାକୁ ହୋଇନଥାଏ ବଜାରରେ ଭିନ୍ନ ଭିନ୍ନ ଦରର, ମାନର, ପ୍ରକାରର, ପଦାର୍ଥର ଉପକରଣ ମାନ ରହିଛି । ତୁମେ ମଧ୍ୟ ଏହି ଉପକରଣ ଗୁଡ଼ିକରେ ମାନଯୁକ୍ତ ଚିହ୍ନ ଏବଂ ଗ୍ୟାରେଣ୍ଟି ପାଇପାରିବ । ତୁମର ଏହି ଉପକରଣ ଗୁଡ଼ିକ ବିଷୟରେ କି ପ୍ରକାର ଜ୍ଞାନ ଦରକାର ? ତୁମେ କିପରି ଠିକ୍ ଭାବରେ ମନୋନୀତ କରିବ ? ତୁମେ କିପରି ତାହାର ଯତ୍ନ ନେଇପାରିବ ? ଏହି ବିଷୟଟିରେ ଆମେ ଏହି ପ୍ରଶ୍ନ ଓ ଅନ୍ୟାନ୍ୟ ସଂଲଗ୍ନିତ ପ୍ରଶ୍ନଗୁଡ଼ିକର ଉତ୍ତର ପାଇପାରିବା ।

## ଉଦ୍ଦେଶ୍ୟ :

ଏହି ବିଷୟଟି ପାଠ କଲାପରେ ତୁମେ ନିମ୍ନଲିଖିତ ବିଷୟ ଗୁଡ଼ିକ ସଂପର୍କରେ ଜ୍ଞାନ ଲାଭ କରିପାରିବ ।

- ❖ ଉପକରଣର ସଂଜ୍ଞା ଏବଂ ସାଧାରଣତଃ ବ୍ୟବହୃତ ହେଉଥିବା ବିଭିନ୍ନ ପ୍ରକାରର ଉପକରଣ ।
- ❖ ଘରୋଇ ଉପକରଣ ମନୋନୀତ କରିବା ସମୟରେ କେଉଁ କେଉଁ ବିଷୟ ପ୍ରତି ଧ୍ୟାନ ଦେବା ।
- ❖ ଗୃହ ଉପକରଣ ବ୍ୟବହାର କରିବା ସମୟରେ କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିବ ।





# ୧୭

# ଉପଭୋକ୍ତା ଶିକ୍ଷା

ଆମେମାନେ ପ୍ରତ୍ୟେକ ଦିନ ବିଭିନ୍ନ ଜିନିଷପତ୍ର ବ୍ୟବହାର କରିଥାଉ । ସେଥିମଧ୍ୟରୁ କିଛି ଆମେ ଘରେ ପ୍ରସ୍ତୁତ କରିଥାଉ କିନ୍ତୁ ଅଧିକାଂଶ ଆମେ ବଜାରରୁ କିଣି ଆଣିଥାଉ । ଏହି କିଣିବାରେ ତୁମର ଅଭିଜ୍ଞତା କିପରି ? ନିଜର ଆବଶ୍ୟକ ଅନୁଯାୟୀ ତୁମେ ଦ୍ରବ୍ୟ ପାଇଥାଅ କି ? ତୁମେ କିଣିଥିବା ଦ୍ରବ୍ୟ ଉପରେ ତୁମେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ଥାଅ କି ? ତୁମେ କ୍ରୟ କରୁଥିବା ଦ୍ରବ୍ୟର ସଠିକ୍ ସୂଚନା ବିକ୍ରୟ କରୁଥିବା ବ୍ୟକ୍ତି ଦେଇଥାଏ କି ?

ଭାରତ ହେଉଛି ଏପରି ଏକ ଦେଶ ଯେଉଁଠାରେ ଅଧିକ ଲୋକମାନେ ଅଶିକ୍ଷିତ ଏବଂ ଠିକ୍ ତଥ୍ୟ ପାଆନ୍ତି ନାହିଁ । ସେମାନେ ବିକ୍ରୟଦାତାଙ୍କ ତଥ୍ୟକୁ ସଂପୂର୍ଣ୍ଣ ସତ୍ୟ ବୋଲି ଭାବିଥାନ୍ତି । କେତେକ ବ୍ୟବସାୟୀ ଏବଂ ବିକ୍ରୟଦାତା ଅତି କମ୍ ସମୟ ମଧ୍ୟରେ ଏବଂ ସହଜରେ ଅର୍ଥ ରୋଜଗାର କରିବାକୁ ଚାହିଁଥାନ୍ତି । ଏପରିକି ସାଧାରଣ ଲୋକମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଏହି ପରିସ୍ଥିତିରେ ମଧ୍ୟ ଅଣଦେଖା କରିଥାନ୍ତି । ଠକାମି ବିନା ଆମେ କିପରି ଉପଯୁକ୍ତ ଦ୍ରବ୍ୟ କିଣି ପାରିବା ? କିପରି ଆମେ ଆମ ଅର୍ଥର ସୁବିନିଯୋଗ କରିପାରିବା ?

ଚାଲ ଆମେ ଏବେ ଏହି ପାଠ୍ୟକ୍ରମରେ ଏହି ସମ୍ବନ୍ଧୀୟ ପ୍ରଶ୍ନର ଆଲୋଚନା କରିବା ।

**ଉଦ୍ଦେଶ୍ୟ :**

ଏହି ପାଠ୍ୟକ୍ରମ ଅଧ୍ୟୟନ ପରେ ତୁମେ ଜାଣିସାରିଥିବ ଯେ,

- ❖ 'ଉପଭୋକ୍ତା' ଏବଂ 'ଉପଭୋକ୍ତା ଶିକ୍ଷା' ର ଅର୍ଥ ଏବଂ ଗୁରୁତ୍ୱ ବର୍ଣ୍ଣନା କର ।
- ❖ 'ଉପଭୋକ୍ତା' ଭାବେ ତୁମେ ସାମନା କରୁଥିବା ଅସୁବିଧା ଗୁଡ଼ିକ ସମାଲୋଚନା କରିବା ଏବଂ ତାହାର ସମାଧାନର ଉପାୟ ବାହାର କରିବା ।
- ❖ 'ଉପଭୋକ୍ତା' ହେବାର ତୁମର ଅଧିକାର ଏବଂ ଦାୟିତ୍ୱକୁ ଜାଣିବା ଏବଂ ଅଭ୍ୟାସ କରିବା ।
- ❖ 'ଉପଭୋକ୍ତା' ସୁରକ୍ଷା ସମ୍ବନ୍ଧୀୟ ଆଇନ୍‌ର ବର୍ଣ୍ଣନା କରିବା ।

pettika - 3



## ୧୭.୧. 'ଉପଭୋକ୍ତା'ର ସଂଜ୍ଞା (Deffination of a Consumer) :

ଆସ ଆମେ ପ୍ରଥମେ ଜାଣିବା ଉପଭୋକ୍ତା କିଏ ?

> ଉପଭୋକ୍ତା ଏକ ବ୍ୟକ୍ତି ଯିଏକି ନିଜର ଆବଶ୍ୟକତା ପୂରଣ କରିବା ନିମନ୍ତେ ଦ୍ରବ୍ୟ ବା ସେବାକୁ କିଣି ବ୍ୟବହାର କରିଥାନ୍ତି ।

ଉପଭୋକ୍ତା ସଂଜ୍ଞାରୁ ଆମେ ଜାଣିବାକୁ ପାଇଲୁ ଯେ, ଆମେ ଆମର ଦରକାର ନିମନ୍ତେ ବିଭିନ୍ନ ଦ୍ରବ୍ୟ କିଣିଥାଉ । 'ଦ୍ରବ୍ୟ' କହିଲେ ଯେପରିକି ଖାଦ୍ୟ, ପୋଷାକପତ୍ର, ଇନ୍ଧନ, କାଗଜ, ଇଲେକ୍‌ଟ୍ରୋନିକ୍ ଦ୍ରବ୍ୟ ଇତ୍ୟାଦି । 'ସେବା' ଆମକୁ କିଛି ମୂଲ୍ୟ ଏବଂ ବିନା ମୂଲ୍ୟରେ ମଧ୍ୟ ମିଳିଥାଏ । ସେଗୁଡ଼ିକ ହେଲା ଜଳ, ବିଜୁଳି, ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା, ଶିକ୍ଷା, ଯାତାୟତ, ପରିଚ୍ଛଳନା ଇତ୍ୟାଦି । ଉପରୋକ୍ତ ସଂଜ୍ଞା ଅନୁଯାୟୀ ଆମେ ସମସ୍ତେ ଉପଭୋକ୍ତା ଏବଂ ଆମେ ଆମର ବୟସ, ସମାଜ, ଅର୍ଥନୈତିକ ଅବସ୍ଥା ଏବଂ ଶିକ୍ଷା ଅନୁଯାୟୀ ଦ୍ରବ୍ୟର ବ୍ୟବହାର କରିଥାଉ ।




ଚିତ୍ର ୧୭.୧

## ୧୭.୨ 'ଉପଭୋକ୍ତା'ଶିକ୍ଷା :

ଉପଭୋକ୍ତା ମାନେ ବଜାରରେ ଠକାମିର ସମ୍ମୁଖୀନ ହୋଇଥାନ୍ତି, କାରଣ ସେମାନେ 'ଉପଭୋକ୍ତା ଶିକ୍ଷା'ର ସଠିକ୍ ଜ୍ଞାନ ପାଇନଥାନ୍ତି ।


> ଉପଭୋକ୍ତା ଶିକ୍ଷାର ଅର୍ଥ ହେଉଛି ଉପଭେକ୍ତା କିଣିଥିବା ଦ୍ରବ୍ୟର କିପରି, କେମିତି, କେତେବେଳେ, କାହିଁକି ଏବଂ କେତେ ପରିମାଣର ଦ୍ରବ୍ୟ ବ୍ୟବହାର କରିବ ।

ତୁମେ ଯଦି ଉପରୋକ୍ତ ସଂଜ୍ଞା ବୁଝିପାରିଥିବ, ତୁମେ ଯଦି ଶିକ୍ଷିତ ବ୍ୟକ୍ତି ହୋଇପାରିବ ତେବେ ତୁମେ ସଠିକ୍ କ୍ରୟ କରିପାରିବା ସହିତ ଲୋକମାନଙ୍କୁ ଶିକ୍ଷିତ କରାଇ ସଠିକ୍ କ୍ରୟ କରାଇପାରିବ । ଉପଭୋକ୍ତାମାନେ ଠକାମିର ଶିକାର ହୋଇଥାନ୍ତି କାରଣ ସେମାନେ ଉପଯୁକ୍ତ ଉପଭୋକ୍ତା ଶିକ୍ଷା ଗ୍ରହଣ କରିନଥାନ୍ତି । ବିଦ୍ୟାଳୟ ଏବଂ କଲେଜମାନଙ୍କରେ 'ଉପଭୋକ୍ତା ଶିକ୍ଷା'ର ଗୁରୁତ୍ୱ ଅଧିକ ରହିବା ସହିତ ପାଠ୍ୟକ୍ରମରେ ରହିଛି । ଯାହାଫଳରେ ତୁମେ ଏହି ବିଷୟ ଅଧ୍ୟୟନ କରୁଛ । ଉପଭୋକ୍ତାର ସଂଜ୍ଞା ନିମନ୍ତେ ନିମ୍ନରେ ଦିଆଯାଇଥିବା ବିଷୟଗୁଡ଼ିକୁ ପଠକ କରିବା ଆବଶ୍ୟକ ।

❖ **କ'ଣ କରିବ :** ତୁମେ ସେହି ସବୁ ଜିନିଷ କିଣିବା ଦରକାର ଯାହାକି ତୁମର ଆବଶ୍ୟକତାକୁ ପୂରଣ କରିପାରିବା ସହିତ ହଜମ ହୋଇଥିବ । ଦ୍ରବ୍ୟ କିଣିବା ପୂର୍ବରୁ ତୁମେ ବଜାର ସର୍ଭେ କର ଏବଂ ଦ୍ରବ୍ୟ ସମ୍ବନ୍ଧୀୟ ଯଥେଷ୍ଟ ସୂଚନା ଯୋଗାଡ଼ କର । ତା'ପରେ ନିର୍ଦ୍ଦିଷ୍ଟ ବ୍ୟାପାର ଚିହ୍ନକୁ ଚୟନ କର । ବ୍ୟାପାର ଚିହ୍ନଟି ଯେପରି ବଜାରରେ ଲୋକପ୍ରିୟତା ହାସଲ କରିଥିବା ଦରକାର । ଯେପରିକି **"ଧାରା"** (ରୋଷେଇ ତେଲ), **"ଏଚ୍.ଏମ୍.ଟି."** (ହାତଘଣା) ଇତ୍ୟାଦି ।




ଚିତ୍ର ୧୭.୨



ମନ୍ତବ୍ୟ (Notes)

❖ **କେତେ ପରିମାଣର କିଣିବ:** ତୁମର ଆବଶ୍ୟକତା ଅର୍ଥ ଏବଂ ସଂଗୃହିତ ସ୍ଥାନକୁ ଲକ୍ଷ୍ୟ ରଖି ଦ୍ରବ୍ୟ କିଣିବା ଦରକାର । ଯାହାଦ୍ୱାରା ପଦାର୍ଥର ଅପବ୍ୟୟ ଏବଂ ଅପକ୍ଷୟରୁ ରକ୍ଷା କରାଯାଇଥାଏ ।

❖ **କେଉଁଠାରୁ କିଣିବ:** ତୁମେ ଦୋକାନ, ସମବାୟ ଭଣ୍ଡାର, କମ୍ପାନୀ ସୋରୁମ୍, ପାଇକାରୀ ବାଜାର ଏବଂ ପ୍ରାଧିକୃତ ବ୍ୟବସାୟୀଙ୍କଠାରୁ ପଦାର୍ଥ କିଣିବା ଦରକାର ।

❖ **କେତେବେଳେ କିଣିବ:** କେତେକ ଦ୍ରବ୍ୟ ଋତୁ ଅନୁଯାୟୀ କିଣାଯାଏ ଯେପରିକି ପରିବା ଏବଂ ଫଳ ଏବଂ ଅନ୍ୟ କେତେକ ଦ୍ରବ୍ୟ ଋତୁ ନଥିବା ବା ରିହାତି ସମୟରେ କିଣାଯାଏ । ଯେପରିକି କୁଲର, ଉଲ ସୁଇଟର, ହିଟର ଇତ୍ୟାଦି । ଯେଉଁ ଦିନ ମାନଙ୍କରେ ଦୋକାନୀ ମାନେ ଖାଲିଥାନ୍ତି ସେତେବେଳେ ଦୋକାନ ବୁଲିବାକୁ ଯାଅ । ଯଥାସମ୍ଭବ ରବିବାର ଏବଂ ସନ୍ଧ୍ୟାବେଳେ ନଯିବାକୁ ଚେଷ୍ଟା କର ।

❖ **କିପରି କିଣିବ:** ଦ୍ରବ୍ୟ ତୁମେ ନଗଦ ପଇସା କିମ୍ବା କ୍ରେଡ଼ିଟ୍ ମାଧ୍ୟମରେ କିଣିପାରିବ । ଯଦି ତୁମେ ନଗଦ ଟଙ୍କା ଦେଇ କିଣିବ ତେବେ ତୁମେ କମ୍ ଅର୍ଥ ଦେଇଥିବ, କିନ୍ତୁ ଯଦିନ କ୍ରେଡ଼ିଟ୍ ମାଧ୍ୟମରେ କ୍ରୟ କରିବ ତେବେ ତୁମକୁ ଅଧିକ ଅର୍ଥ ଦେବାକୁ ପଡ଼ିଥାଏ । ତୁମେ ସବୁବେଳେ ନଗଦ ଟଙ୍କା ଦେଇ କିଣିଲେ ଅର୍ଥର ସୁବିନିଯୋଗ ହୋଇଥାଏ ଏବଂ କିସ୍ତି ଅନୁସାରେ ଅର୍ଥ ଦେଉଥିଲା ବେଳେ କ୍ରେଡ଼ିଟ୍ କାର୍ଡ଼ ବ୍ୟବହାର କରିବା ଆବଶ୍ୟକ । କିସ୍ତି ଅନୁସାରେ ଅର୍ଥ ଦେଉଥିଲେ ତା'ର ସମସ୍ତ ବିବରଣୀ ଠିକ୍ ରୂପେ ପଢିବା ଦରକାର ହୋଇଥାଏ । ଯଦି ଏହା ଠିକ୍ ରହେ ତେବେ ଏହାକୁ କିସ୍ତିରେ କିଣିବା ଲାଭଦାୟକ ହୁଏ ସଞ୍ଚୟର ଅଧିକ ଖର୍ଚ୍ଚ କରି କିଣିବା ଅପେକ୍ଷା କିଛି ବି ଭୁଲ ହେବା ଦ୍ୱାରା ତୁମର ବଳକା ଧନ କଷ୍ଟ ହୋଇଥାଏ । ନିଷ୍ପତି ଏବେ ତୁମର । ରିସିଫ୍ ସହିତ ତୁମେ ଗ୍ୟାରେଣ୍ଟି ଏବଂ ୱାରେଣ୍ଟି ସମ୍ବନ୍ଧରେ ସଠିକ୍ ରୂପେ ବୁଝି ନିଅନ୍ତୁ । ଏହା ତୁମର ଅଧିକାର ।



ଚିତ୍ର ୧୭.୩

❖ **କିପରି ବ୍ୟବହାର କରିବ:** ଦ୍ରବ୍ୟର ସଠିକ୍ ବ୍ୟବହାରଗୁଡ଼ିକୁ ପଢିବା ଦରକାର । ନିୟମଗୁଡ଼ିକୁ ଗୁରୁତ୍ୱର ସହିତ ପଢିବା ଦରକାର ଏବଂ ବ୍ୟବହାର ପୂର୍ବରୁ ଏହାର ଅସୁବିଧାଗୁଡ଼ିକ ଜାଣିବା ଦରକାର । ଏହାକୁ ବ୍ୟବହାର କରୁଥିବା ଲୋକମାନଙ୍କୁ ମଧ୍ୟ ପଚାରି ପାରିବ ।

**ଉପଭୋକ୍ତା ଶିକ୍ଷାର ଉପକାରିତା :**

ଉପଭୋକ୍ତା ଶିକ୍ଷାର ଉପକାରିତା ବିଷୟରେ ତୁମେ କ'ଣ ଭାବୁଛ ? ତୁମେ ଏହାକୁ କେତେଦୂର ବ୍ୟବହାର କରିପାରିବ ? ଠିକ୍ ଅଛି ତୁମେ ବୋଧେ ଏହିଗୁଡ଼ିକର ଉପକାରିତା କହିବ

ì ଦ୍ରବ୍ୟର ସଠିକ୍ ନିରୂପଣରେ ତୁମର ଅଭିଜ୍ଞତା ବଢାଇବ ।

ì ଅର୍ଥ ତୁଳନାରେ ତୁମେ ସଠିକ୍ ଦ୍ରବ୍ୟ କ୍ରୟ କରିପାରିବ ।

ì ସଚେତନ ରୁହ ଏବଂ ଦୁର୍ନିତୀଗ୍ରସ୍ତ ଦ୍ରବ୍ୟର ସୂଚନା ତୁମେ ଭିଜିଲାନସ ନିକଟରେ ଦେଇପାରିବ ଏବଂ

ì ଅସୁବିଧାର ସଠିକ୍ ସାମନା କରି ଏହାର ସମାଧାନ କରିପାରିବ ।

ଉପରୋକ୍ତ ସମସ୍ତ ଉକ୍ତିଗୁଡ଼ିକ "ଉପଭୋକ୍ତା ଶିକ୍ଷା"ର ଉପକାରିତା ।

**ପାଠଗତ ପ୍ରଶ୍ନ. ୧୮.୧.**

୧. ତଳେ ଦିଆଯାଇଥିବା ତଥ୍ୟଗୁଡ଼ିକ ଠିକ୍ କିମ୍ବା ଭୁଲ ଦର୍ଶାଅ ଏବଂ ଏହାର ଉପଯୁକ୍ତ ଉତର ଲେଖ ।

(କ) ଶିଶୁମାନେ ଉପଭୋକ୍ତା ନୁହନ୍ତି ।

....................................

(ଖ) ବିକ୍ରେତାମାନେ ବିକ୍ରି ଦ୍ରବ୍ୟ ସମ୍ବନ୍ଧୀୟ ସୂଚନା ଦେବା ନିମନ୍ତେ ଏକାକି ନୁହଁନ୍ତି ।

........................................................................

(ଗ) ଯେତେବେଳେ ଦ୍ରବ୍ୟଗୁଡ଼ିକ କମ୍ ଦାମରେ ମିଳେ, ତା'ର ଋହିତା ଦରକାରଠାରୁ ଅଧିକ ହୋଇଥାଏ ।

........................................................................

(ଘ) କୁଲର ଏବଂ ଫ୍ୟାନ୍ ଶୀତ ଋତୁରେ କିଣିବା ଦରକାର ।

....................................

(ଙ) ମହଙ୍ଗା ଦ୍ରବ୍ୟଗୁଡ଼ିକୁ ଏକକାଳୀନ ନ କିଣି କିସ୍ତି ଅନୁସାରେ କିଣିବା ଆବଶ୍ୟକ ।

........................................................................

## ୧୭.୩. ଉପଭୋକ୍ତା ସମ୍ମୁଖୀନ ହେଉଥିବା ସମସ୍ୟା ସମୂହ :


ତୁମେ ବଜାରରୁ ଦ୍ରବ୍ୟ କିଣୁଥିବା ସମୟରେ ଅନେକଗୁଡ଼ିଏ ସମସ୍ୟାର ସମ୍ମୁଖୀନ ହେଉଥିବ । ଆସ ସେଗୁଡ଼ିକୁ ଆଲୋଚନା କରିବା ।

### ୧୭.୩.୧. ମୂଲ୍ୟରେ ଭିନ୍ନତା :

ତୁମେ ଯେତେବେଳେ ଏକାପ୍ରକାର ଦ୍ରବ୍ୟ କିଣୁଛ, ସେତେବେଳେ ତୁମେ ଦେଖିବ ଯେ ଦ୍ରବ୍ୟଗୁଡ଼ିକର ମୂଲ୍ୟ ଭିନ୍ନ ଭିନ୍ନ ହୋଇଥାଏ । ଏହିଗୁଡ଼ିକ ହେଉଛି ମୂଲ୍ୟର ଭିନ୍ନତା । ମୂଲ୍ୟର ଭିନ୍ନତା କାହିଁକି ? ବେଳେବେଳେ କେତେକ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ମୂଲ୍ୟରେ ବିଭିନ୍ନ ଦେଖାଦେଇଥାଏ । ଏସବୁ ଏଥିପାଇଁ ଯେ ଦୋକାନୀମାନେ ଅତିରିକ୍ତ ମୂଲ୍ୟ ତୁମେ ଉପରେ ପକାଇଥାନ୍ତି । ଆସ ଆମେ ଏହାର କାରଣଗୁଡ଼ିକ ପ୍ରଥମେ ଜାଣିବା ।

- ସମବାୟ ଭଣ୍ଡାରଠାରୁ ଖୁଚୁରା ବଜାରରେ ଦ୍ରବ୍ୟର ମୂଲ୍ୟ ଅଧିକ ଥାଏ ।
- ପ୍ୟାକେଟର ମୂଲ୍ୟ ଅଧିକ ଥାଏ, ସମାନ ଦ୍ରବ୍ୟ ଖୋଲାରେ ମିଳୁଥିବା ଅପେକ୍ଷା ।
- ସର୍ବୋଚ୍ଚ କ୍ରୟ ମୂଲ୍ୟ ଯାହାକି ପ୍ୟାକେଟ ଉପରେ ଥାଏ, ଯେଉଁଥିରେ ସମସ୍ତ ଟିକସ ଅନ୍ତର୍ଭୁକ୍ତ ଥାଏ । କେତେକ ଉପଭୋକ୍ତାମାନଙ୍କୁ ନିଜ ନିକଟକୁ ଆଣିବା ନିମନ୍ତେ ଏଠାରୁ କମ୍ ମୂଲ୍ୟରେ ଦେଇ ନିୟମିତ ଗ୍ରାହକ ପାଇଥାନ୍ତି ।
- ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାର ଦ୍ରବ୍ୟର ମୂଲ୍ୟ ଭିନ୍ନ ଥାଏ । ବିକ୍ରେତାମାନେ କ୍ରୟଦାତାର ଅର୍ଥ ଅନୁଯାୟୀ ଦ୍ରବ୍ୟର ମୂଲ୍ୟ ସ୍ଥିର କରିଥାନ୍ତି । ଉଦାହରଣ ସ୍ୱରୂପ ସେମାନେ ପରିଷ୍କାର ଏବଂ ସ୍ୱଚ୍ଛ

**ପେଟିକା - ୩**
**ସାଧନ ପରିଚାଳନା**



**ମନ୍ତବ୍ୟ (Notes)**

ଦ୍ରବ୍ୟ ଦେବାର କଥା ଦେଇଥାନ୍ତି । ସୋରୁମ୍ ଗୁଡ଼ିକୁ ପରିଷ୍କାର, ସେଠାରୁ ଦ୍ରବ୍ୟ କିଣୁଥିବା ବ୍ୟକ୍ତିମାନଙ୍କୁ ସୋରୁମ୍ ତରଫରୁ ଘରକୁ (Home Delivery) ମାଗଣାରେ ଦିଆଯାଇଥାଏ ।

ì ଦ୍ରବ୍ୟଗୁଡ଼ିକ ମୂଲ୍ୟ ଋତୁ ଶେଷ (End of season) ରେ ଏବଂ ବିକ୍ରୟ ଦ୍ରବ୍ୟର ଭଣ୍ଡାରର ଦୂରିକରଣ (Stock clearance) ରେ କମ୍ କିମ୍ବା ରିହାତି ଦିଆଯାଇଥାଏ ।

ì ଶେଷ ଅବଧି (Expiry Date) ନିକଟରେ ଦ୍ରବ୍ୟର ମୂଲ୍ୟ ନିରୂପଣ ହୋଇଥାଏ । କେତେକ ମାଧ୍ୟମରେ ବିକ୍ରେତା ତୁମ ନିକଟରୁ ଅଧିକ ମୂଲ୍ୟ ଦାବି କରିଥାଏ ।

ସମୟ ସମୟରେ କେତେକ ବିକ୍ରେତା ତୁମକୁ ଅଧିକ ମୂଲ୍ୟ ଦିଆଇଥାନ୍ତି ।

ì ଲୋକପ୍ରିୟ ବ୍ୟାପାର ଚିହ୍ନଟ ନାମ ଦର୍ଶାଇ ।

ì ବିଭିନ୍ନ ରାଜ୍ୟଗୁଡ଼ିକରେ ଦ୍ରବ୍ୟଗୁଡ଼ିକର ସର୍ବୋଚ୍ଚ କ୍ରୟ ମୂଲ୍ୟ (MRP) ପରିବର୍ତ୍ତନ ହୋଇଥାଏ । ଯାହାଦ୍ୱାରା ଦୋକାନୀମାନେ ଫାଇଦା ନେଇ ଦ୍ରବ୍ୟଗୁଡ଼ିକୁ ଅଧିକ ମୂଲ୍ୟରେ ବିକ୍ରି କରିଥାନ୍ତି ।

ì ଖୋଲା ଦ୍ରବ୍ୟଗୁଡ଼ିକରେ ମୂଲ୍ୟ ନିରୂପଣ କରାଯାଇନଥାଏ କିମ୍ବା ସେଗୁଡ଼ିକୁ ପ୍ୟାକେଟ ମଧ୍ୟରେ ରଖା ଯାଇନଥାଏ । ଯାହାଦ୍ୱାରା ଆମେ ସେଗୁଡ଼ିକର ଉପଯୁକ୍ତ ମୂଲ୍ୟ ଜାଣିପାରିନଥାଉ ।

### ୧୭.୩.୨. ଅପମିଶ୍ରଣ ଏବଂ ନିମ୍ନମାନର ଦ୍ରବ୍ୟ

ଖାଦ୍ୟ ପଦାର୍ଥରେ କିଛି ଅଖାଦ୍ୟ ମିଶାଇ କିମ୍ବା ସେଥିରୁ କିଛି ମୁଖ୍ୟ ଉପାଦାନକୁ କାଢି ନେଇଯିବାକୁ, ଖାଦ୍ୟ ପଦାର୍ଥରେ ଅପମିଶ୍ରଣ ବୋଲି କୁହାଯାଏ । ନିକୃଷ୍ଟ କଞ୍ଚାମାଲ ବା ନିକୃଷ୍ଟ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ ବା ତ୍ରୁଟିଯୁକ୍ତ ଭଣ୍ଡାରଣ ପ୍ରଣାଳୀ ବ୍ୟବହାର ନେଇ ଶେଷ ଉତ୍ପାଦ ଅପମିଶ୍ରିତ ହୋଇଥାଏ । ଅପମିଶ୍ରଣ ବିଶେଷତଃ ଉଦ୍ଦେଶ୍ୟମୂଳକ । ଏହି ପଦାର୍ଥ ଉପଭୋକ୍ତା ନିମନ୍ତେ କ୍ଷତିକାରକ ହୋଇଥାଏ । ଯାହାବି ହେଉ ପ୍ରତ୍ୟେକ ନିମ୍ନମାନର ଦ୍ରବ୍ୟ ଅପମିଶ୍ରଣ ଆବଶ୍ୟକ କରିନଥାଏ ।

ତୁମେମାନେ ଶୁଣିବାକୁ ପାଇଥିବ ଯେ ବୁଲାବିକାଳିଙ୍କଠାରୁ ଖାଦ୍ୟପଦାର୍ଥ ଏବଂ ମିଠା ଖାଇବା ଦ୍ୱାରା ଲୋକମାନଙ୍କର ଡାଇରିଆ ଏବଂ ବାନ୍ତି ରୋଗ ବିଷୟରେ । ଏହା ହେଉଛି ଅପମିଶ୍ରଣର ଫଳାଫଳ । ଯାହାକି ଖାଦ୍ୟରେ କ୍ଷତିକାରକ ରଙ୍ଗ ନିମ୍ନମାନର ରନ୍ଧନତେଲ ଆଦିର ମିଶ୍ରଣ ଯୋଗୁଁ ହୋଇଥାଏ । ଏହି ଖାଦ୍ୟପଦାର୍ଥ ରୋଗ ଜୀବାଣୁ ଦ୍ୱାରା ଦୂଷିତ ହୋଇପାରିଥାଏ । ତେଣୁ ଏହା ମହତ୍ୱପୂର୍ଣ୍ଣ ଏହି ଅପମିଶ୍ରଣ ଫଳରେ ଲୋକମାନେ ଇଲେକ୍ଟ୍ରି ଇସ୍ତ୍ରୀ ଓ ଇମରସନ୍ ରଡ଼ ଇଲେକ୍ଟ୍ରି ସକ୍ ଆଦି ଖାଇବାକୁ ପଡ଼ିଥାଏ । କେତେକ କପଡ଼ା ଛୋଟ ହୋଇଯାଏ ବା ଏହାକୁ ଆମେ ପ୍ରଥମ ଥର ଧୋଇବାରୁ ରଙ୍ଗ ବାହାରିଥାଏ । ତିଆରି ପୋଷାକ ଗୁଡ଼ିକରେ ପଡ଼ିଥିବା ନିମ୍ନମାନର ସିଲେଇ ଏବଂ ହୁଗୁଳା ବୋତାମ ଏହାର ଉଦାହରଣ ଅଟେ ।

### ୧୭.୩.୩. ଅନୁପଲବ୍ଧତା- ଜମାଖୋରୀ ଏବଂ କଳାବଜାରୀ

କେତେକ ଦ୍ରବ୍ୟ ଏକ ନିର୍ଦ୍ଦିଷ୍ଟ ସମୟରେ ବଜାରରେ ମିଳିବା ସମ୍ଭବ ହୁଏ ନାହିଁ । ଏହି ଅନୁପଲବ୍ଧତା ହେଉଛି ନିମ୍ନରେ ଦିଆଯାଇଥିବା କାରଣ ନିମନ୍ତେ :





ଚିତ୍ର ୧୭.୪ : କଳାବଜାରି

- ସଠିକ ଏବଂ ଅବଶ୍ୟମ୍ଭାବୀ କାରଣ ଯେପରିକି ଅନୁପଯୁକ୍ତ ଋତୁ, କମ୍ ଉତ୍ପାଦନ କିମ୍ବା କମ୍ ଯୋଗାଣ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଯେପରିକି କୁହୁଡ଼ି ଏବଂ ବନ୍ୟା ଇତ୍ୟାଦି ।
- କୃତ୍ରିମ ଭାବରେ କେତେକ ଯୋଗାଣକାରୀଙ୍କ ଦ୍ୱାରା ଦ୍ରବ୍ୟର ଚାହିଦା ବା ମୂଲ୍ୟ ବୃଦ୍ଧି ପାଇଥାଏ । ଏଗୁଡ଼ିକ ଦ୍ରବ୍ୟର ଜମାକାରୀ ବା ଲୁଚାଇରଖିବା ବା କଳାବଜାରୀରେ କାରବାର ଯୋଗୁଁ ଉପଭୋକ୍ତାମାନଙ୍କୁ ଦେବାକୁ ପଡ଼ିଥାଏ । ଯେତେବେଳେ ଉତ୍ପାଦକର ମୂଲ୍ୟ କମ୍ପାନୀ ବଢାଇବାକୁ ଚାହେଁ, ତେବେ ସେ କମ୍ ଦ୍ରବ୍ୟ ମାର୍କେଟକୁ ଛାଡ଼ିଥାଏ । ଏପରିକି ସାଧାରଣ ସମୟରେ ଯଦି ବ୍ୟବସାୟୀ ଦ୍ରବ୍ୟର ମୂଲ୍ୟର ବୃଦ୍ଧି କରିବାକୁ ଚାହିଁବ ତେବେ ସେ ଦ୍ରବ୍ୟର କମ୍ ଭାଗ ମାର୍କେଟକୁ ଛାଡ଼ିଥାଏ ।


ଉଦାହରଣ : ତୁମେ ପେଟ୍ରୋଲ, ଘିଅ ଏବଂ ରନ୍ଧା ତେଲ କ୍ଷେତ୍ରରେ ଲକ୍ଷ୍ୟ କରିଥିବ । ଜାନୁୟାରୀ ଏବଂ ଫେବୃୟାରୀ ମାସରେ ବଜେଟ୍ ପୂର୍ବରୁ ସରକାର ତାଙ୍କର ନୂତନ ନୀତି ଏବଂ ଟିକସ ସମ୍ବନ୍ଧରେ ଆଦି ଘୋଷଣା ଦେଇଥାନ୍ତି ।

### ୧୭.୩.୪. ତ୍ରୁଟିପୂର୍ଣ୍ଣ ମାପ ଓ ଓଜନ

ଦୋକାନୀମାନେ ଓଜନ କରିବା ନିମନ୍ତେ ବିଭିନ୍ନ ପ୍ରକାର ଓଜନ ମାପକ ଯନ୍ତ୍ର ବ୍ୟବହାର କରିଥାନ୍ତି । ସେଗୁଡ଼ିକ ହୁଏତ




- ଉପଯୁକ୍ତ ବଟକରା ବଦଳରେ ପଥର ଏବଂ କମ୍ ଓଜନର ବଟିକା ବ୍ୟବହାର କରିଥାନ୍ତି ।
- କାଠର ତରାଜୁ ଖାଲିଥିବା ବେଳେ ମଧ୍ୟ ଏହାର ଉଭୟ ପାର୍ଶ୍ୱ ସମାନ ନଥାଏ ।
- ବେଳେବେଳେ ଓଜୋନ ମାପକ ଯନ୍ତ୍ରରେ କିଛି ନଥାଏ ସେତେବେଳେ ଓଜୋନ କଣା ଶୂନ ସୂଚିତ କରିନଥାଏ ।
- ତରାଜୁ ତଳେ ଚୁମ୍ବକ ଲଗାଯାଇଥିଲେ ।
- ପେଟ୍ରୋଲ ପମ୍ପରେ ମାପକ ଯନ୍ତ୍ରରେ ଶୂନ ସୂଚିତ ନ କରୁଥିଲେ ।
- କ୍ଷୀର ବା ତେଲ ମାପକ ପାତ୍ରର ଉପର ଧାର ପର୍ଯ୍ୟନ୍ତ କ୍ଷୀର ନ ରହିଲେ ।
- ମାପକ ଯନ୍ତ୍ରର ସାମାନ୍ୟତମ ତ୍ରୁଟି ଯୋଗୁଁ ଓଜନରେ ମଧ୍ୟ ବହୁତ କମ୍ ହୋଇଥାଏ କିମ୍ବା କପଡ଼ାକୁ ଟାଣି ମାପିବା ଦ୍ୱାରା ବା ମାର୍କ କରାଯାଇଥିବା ଟେବୁଲ୍ ଦ୍ୱାରା ମାପି କମ୍ କପଡ଼ା ମିଳିଥାଏ । ତୁମର ସାମାନ୍ୟତମ ମୂର୍ଖାମୀ ଯୋଗୁଁ ଦୋକାନୀ ତୁମକୁ ବହୁତ ଠକିଥାଏ ଏବଂ ସେ ଅଧିକମାତ୍ରାରେ ଲାଭ ପାଇଥାଏ ।



ଚିତ୍ର ୧୭.୫ : ମାପ ଓ ଓଜନରେ ବିଭିନ୍ନ ଭାବରେ ଠକାଇବା

**ପେଟିକା - ୩**

**ସାଧନ ପରିଚାଳନା**



**ମନ୍ତବ୍ୟ (Notes)**

### ୧୭.୩.୫ ପ୍ରତାରଣାତ୍ମକ ବ୍ୟବସାୟିକ ଅଭ୍ୟାସ

ଦୋକାନୀ ଓ ଉତ୍ପାଦନକାରୀମାନଙ୍କ ଦ୍ୱାରା ହେଉଥିବା କେତେକ ପ୍ରତାରଣାତ୍ମକ ବ୍ୟବସାୟିକ ଅଭ୍ୟାସ ନିମ୍ନରେ ଦିଆଯାଇଛି ଯାହା ତୁମେ ଅନୁଭବ କରିଥିବ ।


- ଗୋଟିଏ ଛୋଟ ଦ୍ରବ୍ୟକୁ ବଡ଼ ପ୍ୟାକେଟ୍‌ରେ ପ୍ୟାକ୍ କରି ଓ ନିକୃଷ୍ଟ ଜିନିଷକୁ ଆକର୍ଷଣୀୟ କାଗଜରେ ଗୁଡ଼ାଇ ଯାହାକି ପରୀକ୍ଷା କରିବା ପାଇଁ ଖୋଲାଯାଇପାରିବ ନାହିଁ ।
- ଉନ୍ନତମାନର ଜିନିଷ ପାଇଁ ବ୍ୟବହାର ହେଉଥିବା ବ୍ରାଣ୍ଡ ନାମ, ଲେବୁଲ ଓ ପ୍ୟାକ୍, ନିକୃଷ୍ଟ ମାନର ଜିନିଷ ପାଇଁ ସମାନ କରି ବ୍ୟବହାର କରିବ ।
- ନିକୃଷ୍ଟମାନର ଜିନିଷରେ ଆକର୍ଷଣୀୟ ମାଗଣା ଉପହାର, ବିକ୍ରୟ ଓ ରିହାତି ଦେଇ କିମ୍ୱା ଶସ୍ତା ମାଗଣା ଉପହାର ଓ ରିହାତି ଆଦି ଦେବା ପାଇଁ ଉପଯୁକ୍ତ ନୁହେଁ ।
- ଉପଯୋଗୀପସୀମା ଅତିକ୍ରମ କରିଯାଇଥିବା ଦ୍ରବ୍ୟକୁ କମ୍ ମୂଲ୍ୟରେ ବିକ୍ରୟ ।
- ବ୍ୟବହାର କରାଯାଇଥିବା ଦ୍ରବ୍ୟକୁ ପଲିସ୍ ଓ ପ୍ୟାକିଙ୍ଗ୍ କରି ପ୍ରଥମଥର ବିକ୍ରୟ ଦ୍ରବ୍ୟର ମୂଲ୍ୟରେ ବିକ୍ରୟ କରିବ ।
- ଏହିପରି, ଗ୍ରାହକମାନେ ପ୍ରତାରଣା ଓ ଠକାମୀର ଶିକାର ହୋଇଥାନ୍ତି ।

### ୧୭.୩.୬. ନିକୃଷ୍ଟ ଉପଭୋକ୍ତା ପଥ ପ୍ରଦର୍ଶକ (Poor Consumer Guidance)

ଆମେ ଦ୍ରବ୍ୟର ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ବିକ୍ରେତା କିମ୍ୱା ନିର୍ମାତାଙ୍କୁ ବିଶ୍ୱାସ କରିଥାଉ କିନ୍ତୁ ସେମାନେ ଆମକୁ ସଠିକ୍ ସୂଚନା ଦେଇନଥାନ୍ତି ଏବଂ ଯାହା ବି ଦେଇଥାନ୍ତି ତାହା ସମ୍ପୂର୍ଣ୍ଣ ନୁହେଁ ବା ସେମାନଙ୍କ ପାଖରେ ଯଥେଷ୍ଟ ସୂଚନ ନଥାଏ । ସେମାନେ ସର୍ବଦା ଦ୍ରବ୍ୟର ଉପକାରୀତା ଏବଂ ସୁଗୁଣ ଗୁଡ଼ିକ କହିଥାନ୍ତି ଯାହା ଅଧିକ କମିଶନ ଦେଇଥାଏ । କେତେକ ବିକ୍ରେତା ଉପଭୋକ୍ତାମାନଙ୍କୁ ଗୁରୁତ୍ୱ ଦେଇନଥାନ୍ତି । ସେମାନେ ଅତ୍ୟନ୍ତ କଠୋର ବ୍ୟବହାର କରିବା ଦ୍ୱାରା ସମସ୍ତ ଦ୍ରବ୍ୟ ଦେଖାଇନଥାନ୍ତି । ଯାହାଦ୍ୱରା କି ଉପଭୋକ୍ତାମାନେ ଅଳ୍ପ ସାହାଯ୍ୟ ତାଙ୍କ ନିକଟରୁ ପାଇ ଦ୍ରବ୍ୟ ବାଛିଥାନ୍ତି । ସେଠାରେ ମଧ୍ୟ କ୍ଷୁଦ୍ର ବହି (Booklet) ଉପଭୋକ୍ତାଙ୍କ ନିମନ୍ତେ ବ୍ୟବସ୍ଥା ହୋଇନଥାଏ ।

### ୧୭.୩.୭. ମାନକୀକରଣ ବସ୍ତୁର ଅଭାବ

ତୁମେ ଯେତେବେଳେ କୌଣସି ଦ୍ରବ୍ୟ ବା ପଦାର୍ଥ କ୍ରୟ କରିବାକୁ ଯାଉଛ ତେବେ ଏହାର ମୂଲ୍ୟ, ପରିମାଣ ଏବଂ ମାନକୀକରଣ ଚିହ୍ନ ଯଥା : ଆଇ.ଏସ୍.ଆଇ, ଆଗମାର୍କ, ଏଫ.ପି.ଓ (ISI, AGMARK, FPO) ଓ କଛି ସଂଖ୍ୟାକୁ ଲକ୍ଷ୍ୟ କରିଛ କି ? ଏଗୁଡ଼ିକର ମାନେ କ'ଣ ହୋଇପାରେ ? ଏହି ଚିହ୍ନ ଗୁଡ଼ିକ ହେଉଛି ମାନକୀକରଣ ଯାହାକି ସରକାରଙ୍କ ଦ୍ୱାରା କମ୍ପାନିର ଦ୍ରବ୍ୟମାନଙ୍କୁ ନିରୂପଣ କରି ଦିଆଯାଇଥାଏ । ଏହି ସଂଖ୍ୟାଗୁଡ଼ିକ ଭାରତୀୟ ଉତ୍ପାଦକ ସଂସ୍ଥା ନିକଟରୁ ଦ୍ରବ୍ୟ ନିମନ୍ତେ ଦିଆଯାଇଥାଏ ।




ଚିତ୍ର ୧୭.୬ :
ମାନୀକରଣ ଦ୍ରବ୍ୟକୁ ବାଟ

## ପେଟିକା - ୩
### ସାଧନ ପରିଚାଳନା



**ମନ୍ତବ୍ୟ (Notes)**



ଏହି ଚିହ୍ନଗୁଡ଼ିକ ଦର୍ଶାଇଥାଏ ଯେ ଦ୍ରବ୍ୟଗୁଡ଼ିକ ଉପଯୁକ୍ତମାନର ସଠିକ୍ ଓଜନ ଏବଂ ବ୍ୟବହାର ଉପଯୋଗୀ ବୋଲି । ତମେ ଚାହିଁଲେ ଏହି ଚିହ୍ନଗୁଡ଼ିକ ବିଷୟ ଅଧିକ ପଢି ଜାଣିପାରିବ । କେତେକ ଦ୍ରବ୍ୟର ମାନ ତାହାର ବ୍ୟାପାର ଚିହ୍ନ ଦ୍ୱାରା ନିରୂପଣ କରାଯାଇଥାଏ ଯାହା ହେଉ ବଜାରରେ ବିକ୍ରି ହେଉଥିବା ସମସ୍ତ ଜିନିଷ ଏପରିକି ଲୋକପ୍ରିୟ ବ୍ରାଣ୍ଡ ଜିନିଷ ମଧ୍ୟ ଏହି ମାନକୀକରଣ ଚିହ୍ନ ବହନ କରିନଥାଏ । ଉଦାହରଣ ସ୍ୱରୂପ, ତୁମେ ଯେତେବେଳେ ପ୍ରେସର କୁକର କିଣୁଛ ତୁମେ ସେତେବେଳେ ସିଦ୍ଧାନ୍ତ କରିବ ଯେ ତୁମେ ବ୍ୟାପାର ଚିହ୍ନ ବାଲା କିମ୍ବା ତା'ଠାରୁ କମ୍ ମୂଲ୍ୟର ଦ୍ରବ୍ୟ କିଣିପାରିବ । ଯାହାଦ୍ୱାରା କି ଉପଭୋକ୍ତା ଦ୍ୱନ୍ଦ୍ୱରେ ପଡ଼ିଥାଏ ।

ମାନୀକରଣ ଚିହ୍ନ କେତେକ କ୍ଷେତ୍ରରେ ଅପବ୍ୟବହାର ଓ ଭୁଲ୍ ବ୍ୟାଖ୍ୟା ହୋଇଥିବାର ସୂଚନା ମିଳିଥାଏ ଯେତେବେଳେ କି ଭୁଲ ବା ନକଲି ଦ୍ରବ୍ୟରେ ଏହି ଚିହ୍ନ ଦେଖାଯାଇଥାଏ ।


## ୧୭.୪. ଉପଭୋକ୍ତା ଅସୁବିଧାର ସମାଧାନ :

ଆଜିକାଲି ବଜାରରେ ଉପଭୋକ୍ତା ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକର ଆଲୋଚନା କରିବ ଓ ଏଥିରୁ କିପରି ନିବୃତ୍ତି ପାଇବ ତୁମର ମତାମତ ଏ କ୍ଷେତ୍ରରେ କ'ଣ ହୋଇପାରେ ? ନିମ୍ନରେ ଦିଆଯାଇଥିବା ସମାଧାନ ଗୁଡ଼ିକ ସହ ତୁମର ମତକୁ ତୁଳନା କର ।

- ସର୍ବଦା କିଣିବା ପୂର୍ବରୁ ଦ୍ରବ୍ୟ ସମ୍ବନ୍ଧୀୟ ତଥ୍ୟ ଗ୍ରହଣ କର । ଦ୍ରବ୍ୟ ବ୍ୟବହାର ପୂର୍ବରୁ ଟିଭି, ଖବରକାଗଜ, ବ୍ୟବହାର କରୁଥିବା ବ୍ୟକ୍ତି ଓ ବିକ୍ରେୟ ଦାତାଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କର ।
- ତୁମ ଅଞ୍ଚଳରେ ଥିବା କେନ୍ଦ୍ରିୟ ଭଣ୍ଡାର, ସୋରୁମ୍, ସମବାୟ ଭଣ୍ଡାରରୁ ବା ବିଶ୍ୱାସଯୋଗ୍ୟ ନାମୀ ଦୋକାନରୁ ଦ୍ରବ୍ୟ କିଣିବା ଉଚିତ୍ । ଯାହା ଦ୍ୱାରାକି ତୁମେ ଉଚ୍ଚମାନର ଦ୍ରବ୍ୟ ପାଇପାରିବ ।
- ଦ୍ରବ୍ୟ ସହିତ ରିସିପ୍ଟ୍, ଗ୍ୟାରେଣ୍ଟି କାର୍ଡ ସଂଗ୍ରହ କର ଏବଂ ଏହାକୁ ଦାୟିତ୍ୱର ସହ ରଖ । ଦ୍ରବ୍ୟର ହାନି ସମୟରେ ଏହାର ଉପଯୁକ୍ତ ବ୍ୟବହାର କର ।
- ନିମ୍ନମାନର ଖୋଲା ଦ୍ରବ୍ୟକୁ ଅଣଦେଖା କରି ଏବଂ ସର୍ବଦା ଭଲଦ୍ରବ୍ୟ ପ୍ୟାକିଙ୍ଗ୍ ଦ୍ରବ୍ୟ କିଣିବା ଉଚିତ ।
- ସର୍ବଦା ବ୍ୟାପାର ଚିହ୍ନର ନାମ ଓଜନର ପରିମାଣ ସର୍ବୋଚ୍ଚ କ୍ରୟ ଦର (MRP) ଶେଷ ତାରିଖକୁ ଧ୍ୟାନର ସହିତ ଦେଖ ।
- ସର୍ବଦା କଳାବଜାରୀକୁ ବିରୋଧ କର । ବିକଳ୍ପ ଦ୍ରବ୍ୟ ବିଷୟରେ ଚିନ୍ତା କରିଥାଅ ।
- ପଥର ବା ଗୋଡ଼ି ଇଟା ବଟକରାକୁ ଗ୍ରହଣ କରିବା ଉଚିତ ନୁହେଁ । ସଚେତନ ଓ ସତର୍କ ରୁହ ଏବଂ ମାପ ଓଜନ ସମ୍ବନ୍ଧରେ ଭିଜିଲାନ୍ସକୁ ସୂଚନା ଦିଅ ।
- ଲୋଭନୀୟ ବିଜ୍ଞାପନଠାରୁ ଦୂରେଇ ରୁହ, ଯେପରିକି ମାଗଣା ଉପହାର, ରିହାତି ଇତ୍ୟାଦି ।
- ଗ୍ୟାରେଣ୍ଟି ଯୁକ୍ତ ଦ୍ରବ୍ୟ ଓ ବିକ୍ରୟ ସୁବିଧା ଦ୍ରବ୍ୟ କ୍ରୟ କର ।
- ତୁମେ ଯଦି ଜାଣିବାକୁ ପାଉଛ ଯେ ବିକ୍ରେତା ତୁମକୁ ଠକୁଛି, ତେବେ ତୁମେ ଚୁପ୍‌ଚାପ୍ ନ ରହି ଏହାର ବିରୋଧ କର ଏବଂ ଏହାର ସୂଚନା ଉଚ୍ଚ ଅଧିକାରୀଙ୍କୁ ଦିଅ ।




ଚିତ୍ର ୧୭.୭



ମନ୍ତବ୍ୟ (Notes)

**ପାଠଗତ ପ୍ରଶ୍ନାବଳୀ ୧୭.୨.**

**୧. ସଠିକ୍ ଉତ୍ତରବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ସର୍ବୋଚ୍ଚ କ୍ରୟ ମୂଲ୍ୟ (MRP) ହେଉଛି ଦ୍ରବ୍ୟର ........................... ମୂଲ୍ୟ ଯାହାକି ବଜାରରେ ମିଳୁଥିବା ଦ୍ରବ୍ୟ ଉପରରେ ଲିଖିତ ଥାଏ ।
(ସର୍ବୋଚ୍ଚତମ, ସର୍ବନିମ୍ନ, ପରିକ୍ଷିତ)

(ଖ) ଖୋଲାରେ ବିକ୍ରି ହେଉଥିବା ଖାଦ୍ୟରେ ଉଚ୍ଚମାନର ................. ହେବାର ସମ୍ଭାବନା ଥାଏ । (ଚୋରୀ/ ଭଗ୍ନ ଅପମିଶ୍ରଣ)

(ଗ) ଅଭାବୀ ଦ୍ରବ୍ୟକୁ ଚୋରି କରି ଉଚ୍ଚଦରରେ ବିକିବାକୁ ................. କୁହାଯାଏ । (କଳାବଜାରୀ, ଗୁପ୍ତଭଣ୍ଡାର, ଲାଭ ଉଠାଇବା)

(ଘ) ଛୋଟ ସାବୁନକୁ ଖଣ୍ଡକୁ ବଡ଼ ପ୍ୟାକେଟରେ ବିକ୍ରି କରିବାକୁ ................. କୁହାଯାଏ । (ପ୍ରଭାବ, ଗୁଣାତ୍ମକ, ପ୍ରତାରଣାତ୍ମକ)

(ଙ) ଦୋକାନୀମାନେ ଓ ଉତ୍ପାଦନକାରୀମାନେ ଗ୍ରାହକମାନଙ୍କୁ ସମସ୍ତ ..................... ଦେଇ ଋଣାତ୍ମକ କ୍ରୟ କରିବାର ସୁବିଧା କରିଥାନ୍ତି । (ରିହାତି/ ସୂଚନା/ ଉପହାର)

(ଚ) ଦ୍ରବ୍ୟର ....................... ଚିହ୍ନ ଦ୍ୱାରା ଉଚ୍ଚମାନର ବୋଲି ଜଣାଯାଇଥାଏ । (ନିରୂପଣ, ସ୍ୱତନ୍ତ୍ର ଚିହ୍ନ, ମାନକୀକରଣ)

**୨. ଦୁଇଟି ଉପଭୋକ୍ତା ଅସୁବିଧାର ସମାଧାନର ତାଲିକା ପ୍ରସ୍ତୁତ କର ।**

**କାର୍ଯ୍ୟକଳାପ:** ନିକଟରେ ଥିବା ସ୍ଥାନୀୟ ବଜାରକୁ ଯାଅ ଏବଂ ଦୋକାନୀମାନଙ୍କର ବଟକରାକୁ ଲକ୍ଷ୍ୟ କର ଏବଂ ଭଲ ଓ ଖରାପ ମାପକ ଯନ୍ତ୍ରର ଏକ ତାଲିକା ପ୍ରସ୍ତୁତ କର ।

## ୧୭.୫ ଉପଭୋକ୍ତା ଅଧିକାର ଏବଂ ଦାୟିତ୍ୱ

ତୁମେ ଜାଣିଛ କି ଉପଭୋକ୍ତାଙ୍କର କେତେକ ଅଧିକାର ରହିଛି ? ଏହି ଅଧିକାରଗୁଡ଼ିକୁ ସରକାରଙ୍କ ଦ୍ୱାରା ପ୍ରଣିତ ଉପଭୋକ୍ତା ସୁରକ୍ଷାଧାରା (Act.)ରୁ ମିଳିଥାଏ । ଆସ ସେଇ ଅଧିକାରଗୁଡ଼ିକୁ ଜାଣିବା ।

### ୧୭.୫.୧. ଉପଭୋକ୍ତା ଅଧିକାର

୧. **ସୁରକ୍ଷା ଅଧିକାର :** ଉପଭୋକ୍ତାର ନିରାପଦ ସୁରକ୍ଷିତ ବସ୍ତୁ/ ଦ୍ରବ୍ୟ ଚାହିଦା କରିବାର ଅଧିକାର ରହିଛି ଏବଂ କ୍ଷତିକାରକ ବସ୍ତୁଠାରୁ ସୁରକ୍ଷା ପାଇବାର ଅଧିକାର ଅଛି ଯେମିତି ଅପମିଶ୍ରିତ ଖାଦ୍ୟ ପଦାର୍ଥ ବା ଅସୁରକ୍ଷିତ ବୈଦ୍ୟୁତିକ ଉପକରଣ ।

୨. **ସୂଚନାଗତ ଅଧିକାର :** ଉପଭୋକ୍ତା ବସ୍ତୁର ସୂଚନା ସମ୍ବନ୍ଧୀୟ ସବୁ ଜିନିଷ ଜାଣିବାର ଅଧିକାର ରହିଛି ଯେପରିକି ଏହାର ଗୁଣ, ଶୁଦ୍ଧତା, ଶକ୍ତି, ସେଥିରେ କିକି ଦ୍ରବ୍ୟ ମିଶିଛି, ଦାମ ଇତ୍ୟାଦି ଏବଂ ସମସ୍ତ ଦ୍ରବ୍ୟର ସୂଚନା ତା'ର ପ୍ୟାକେଟ୍ ଉପରେ ରହିବା ଆବଶ୍ୟକ ।

୩. **ଚୟନଗତ ଅଧିକାର :** ବିଭିନ୍ନ ପ୍ରକାରର ଭଲ ଗୁଣବତା ବସ୍ତୁ ମଧ୍ୟରୁ ଗୋଟିଏ ବସ୍ତୁକୁ ଠିକ୍ ମୂଲ୍ୟରେ ଚୟନ କରିବାର ଅଧିକାର ଉପଭୋକ୍ତାର ଅଛି ।

୪. **କହିବାର ଅଧିକାର :** ଯଦି ଉପଭୋକ୍ତା ଠକାମିର ଶିକାର ହେଉଥାଆନ୍ତି ତେବେ ସେ

କମ୍ପାନୀ ବିରୁଦ୍ଧରେ ପୋଲିସ କିମ୍ବା ଉପଯୁକ୍ତ ବିଚାରାଳୟଠାରେ କହି ନ୍ୟାୟ ପାଇପାରିବେ ।

୫. **କ୍ଷତିପୂର୍ତ୍ତିର ଅଧିକାର :** ଉପଭୋକ୍ତାଙ୍କୁ ଅନ୍ୟାୟ ବେପାର କରିବା, ବାଧାପ୍ରାପ୍ତ ବେପାର କରିବା କିମ୍ବା ନୀତିହୀନ/ ଅନୈତିକତା ଶୋଷଣ କରିବା ବିଷୟରେ କ୍ଷତିପୂରଣର ଅଧିକାର ଅଛି ।

୬. **ଉପଭୋକ୍ତା ଶିକ୍ଷା ଅଧିକାର :** କିଣିବା ବେଳେ ବିବେଚନା କରି ଚୟନ କରିବାର ଜ୍ଞାନ ଓ ଦକ୍ଷତାପ୍ରାପ୍ତ କରିବାର ଅଧିକାର ।

ବିଶ୍ୱରେ ଏହି ଅଧିକାର ଆଦୃତ ହୋଇଛି । ବ୍ୟବସାୟୀଙ୍କର ମନ୍ଦ ଅଭ୍ୟାସ ଠାରୁ ଏହି ଅଧିକାର ଆମକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ । ଯାହାବି ହେଉ ଆମେ ଯତ୍ନବାନ ହେବା ସହିତ ଏହାର ଦୁରୁପଯୋଗ କରିବା ଉଚିତ୍ ନୁହେଁ ।

### ୧୭.୫.୨ ଉପଭୋକ୍ତାର ଦାୟିତ୍ୱ

ତୁମେ ଯଦି ଏହି ଅଧିକାର ଗୁଡ଼ିକୁ ଉପଭୋଗ କରିବାକୁ ଚାହୁଁଛ, ତେବେ ତୁମେ ତୁମର ଦାୟିତ୍ୱ ଠିକ୍ ରୂପେ କର । ଦ୍ରବ୍ୟ କିଣିବା ବେଳେ ତୁମେ ଉପଯୁକ୍ତ ଦାୟିତ୍ୱ ନିର୍ବାହ କରି ଏକ ଉତ୍ତମ କ୍ରୟ ଅଭ୍ୟାସ ବିକଶିତ କର ।

ନିମ୍ନରେ ତୁମର କେତେକ ଦାୟିତ୍ୱ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

- ଦ୍ରବ୍ୟ କିଣୁଥିବା ବେଳେ ଦ୍ରବ୍ୟ ସହିତ ଗ୍ୟାରେଣ୍ଟି କାର୍ଡ଼, ୱାରେଣ୍ଟି କାର୍ଡ଼, ବିଲ୍ ଏବଂ ଅନ୍ୟାନ୍ୟ କାଗଜପତ୍ର ଦାୟିତ୍ୱର ସହ ଆଣି ରଖନ୍ତୁ । ଯାହାଦ୍ୱାରା ତୁମେ ଭବିଷ୍ୟତରେ ଠକାମିର ଶିକାର ହେଲେ ତା'ର ଉପଯୁକ୍ତ ପ୍ରତିରୋଧ କରିପାରିବ ।





ଚିତ୍ର ୧୭.୮
(ଗ୍ରାହକ ଅସୁବିଧାର ସମାଧାନ)

- ସର୍ବଦା ଉଚ୍ଚମାନର ଦ୍ରବ୍ୟ କିଣିବା ଆବଶ୍ୟକ । ଦ୍ରବ୍ୟଟି ଯେପରି ଲୋକପ୍ରିୟ ବ୍ୟାପାରଚିହ୍ନ ହୋଇଥିବା ଆବଶ୍ୟକ ଏବଂ ଏହା ମାନକୀକରଣ ହୋଇଥିବା ଦରକାର ।
- ଲୋଭନୀୟ ରିହାତିରେ ପ୍ରଲୋଭିତ ହେବା ଆବଶ୍ୟକ ନୁହେଁ ।
- ବିକ୍ରେତାଙ୍କ ଦ୍ୱାରା ପ୍ରଣିତ ଦ୍ରବ୍ୟର ବ୍ୟବହାର ସମ୍ବନ୍ଧରେ ସମସ୍ତ ଜ୍ଞାନ ଅନୁସରଣ କରିବା ଆବଶ୍ୟକ ଏବଂ ଦ୍ରବ୍ୟର ଯତ୍ନ ନେବା ଆବଶ୍ୟକ ।
- ବିକ୍ରେତାଙ୍କ ଦ୍ୱାରା ଦିଆଯାଉଥିବା ଘରକୁ ପଠାଇବା ଅନ୍ୟ ସେବାଗୁଡ଼ିକର ସଦୁପଯୋଗ କରିବା ଆବଶ୍ୟକ ।
- କିଛିବି ଠକାମିର ଶିକାର ହେଲେ ତୁମେ ତୁମର ଅଭିଯୋଗ "ଉପଭୋକ୍ତା ଫୋରମ" ରେ ଦାଖଲ କରିବା ଆବଶ୍ୟକ । ଦୋଷୀ କ୍ରେତା ଦଣ୍ଡନୀୟ ହେବା ଉଚିତ୍ ।
- ଦ୍ରବ୍ୟଗୁଡ଼ିକୁ ନଷ୍ଟ କରନାହିଁ ଏବଂ ଦ୍ରବ୍ୟଗୁଡ଼ିକୁ ବହୁତଦିନ ପର୍ଯ୍ୟନ୍ତ ସଜାଡ଼ି ରଖି ବ୍ୟବହାର କରିବାକୁ ଚେଷ୍ଟା କର ।

**ପେଟିକା - ୩**

**ସାଧନ ପରିଚାଳନା**



**ମନ୍ତବ୍ୟ (Notes)**

**ପାଠଗତ ପ୍ରଶ୍ନାବଳୀ- ୧୭.୩**

**୧. ନିମ୍ନଲିଖିତ ମଧ୍ୟରୁ ଉପଭୋକ୍ତା ଅଧିକାର କ'ଣ କ'ଣ ? ସେଗୁଡ଼ିକ ନିକଟରେ ଠିକ୍ (✓)ଚିହ୍ନ ଦିଅ ।**

(କ) ରିହାତି ଅଧିକାର

(ଖ) ଚୟନଗତ ଅଧିକାର

(ଗ) ସୁରକ୍ଷା ଅଧିକାର

(ଘ) ମାଗଣା ଗୃହକୁ ପଠାଇବା ଅଧିକାର

(ଙ) କହିବାର ଅଧିକାର

(ଚ) ଉଚ୍ଚମାନର ଉତ୍ପାଦନର ଅଧିକାର

(ଛ) ସୂଚନାଗତ ଅଧିକାର

(ଜ) ପ୍ରଯୁକ୍ତିବିଦ୍ୟାଗତ ଅଧିକାର

(ଝ) ଯୋଗାଯୋଗ ଅଧିକାର

(ଞ) ଉପଭୋକ୍ତା ଶିକ୍ଷା ଅଧିକାର

(ଟ) କମ୍ପ୍ୟୁଟର ଶିକ୍ଷା ଅଧିକାର

(ଠ) କ୍ଷତିପୂରଣ ଅଧିକାର

(ଡ଼) ଫେରସ୍ତ ଅଧିକାର

**୨. ସଠିକ୍ ଉତରରେ ଶୂନ୍ୟସ୍ଥାନ ପୂରଣ କର ।**

(କ) .......................... ଉପଯୁକ୍ତଭାବରେ ରଖିବା ଉଚିତ୍ କାରଣ ଏହା କ୍ରୟର ପ୍ରମାଣ ।

(ଖ) ଠକାମି କରୁଥିବା ବ୍ୟକ୍ତିକୁ .......................... ଦେଇ ସଠିକ୍ ଦଣ୍ଡ ପ୍ରଦାନ କରିବା ଉଚିତ୍ ।

(ଗ) ଇଲେକ୍ଟ୍ରି ଦ୍ରବ୍ୟର ସୁବିନିଯୋଗ ଓ ସ୍ଥାୟୀତ୍ୱ ପାଇଁ ଦୋକାନୀ ଦ୍ୱାରା ପ୍ରଦତ୍ତ ..................... କୁ ବ୍ୟବହାର ଯତ୍ନ ଓ ରକ୍ଷଣାବେକ୍ଷଣ ପାଇଁ ମାନିବା ଉଚିତ୍ ।

**୩. ନିମ୍ନଲିଖିତ ଅସୁବିଧାଗୁଡ଼ିକ ପଢ ଏବଂ ଏହା ସମ୍ବନ୍ଧୀୟ ଅଧିକାରଗୁଡ଼ିକୁ ଲେଖ ।**

(କ) ମୋହନ ଗୋଟିଏ ଜୋତା ଦୋକାନକୁ ଗଲା । ବର୍ତମାନ ସେ ସିଦ୍ଧାନ୍ତ ନେବ ଯେ ସେ କେଉଁ ବ୍ୟାପାର ଚିହ୍ନର ଦ୍ରବ୍ୟ କିଣିବ । ଯଥା: ଆଡ଼ିଡ଼ାସ, ରିବକ୍ ଲୋଟସ୍ କିମ୍ବା ନାଇକ । .................... ଅଧିକାର ।

(ଖ) ରାଧା କିଛି ଦିନ ତଳେ ଦୋକାନକୁ ଗଲା ଏବଂ ଗୋଟିଏ ଜଳଗରମ କରିବା ଦଣ୍ଡ କିଣିଲା କିନ୍ତୁ ଏହା ବନ୍ଦ ହୋଇଗଲା ତେଣୁ ସେ ଦୋକାନକୁ ଗଲା ଏବଂ ଏହା ବଦଳରେ ସେ ଆଉ ଗୋଟିଏ ଦ୍ରବ୍ୟ କିମ୍ବା ତାହାକୁ ବିନାମୂଲ୍ୟରେ ସଜାଡ଼ିବାକୁ ଚାହିଁଲା ।

........................ ଅଧିକାର ।

(ଗ) ମୀନା ଗୋଟିଏ ଦେଶୀ ଘିଅ କିଣିଲା । ଯେତେବେଳେ ସେ ଡବାଟିକୁ ଖୋଲିଲା ସେଥିରୁ ଦୁର୍ଗନ୍ଧ ବାହାରୁଥିଲା । ସେ ଦୋକାନୀ ନିକଟକୁ ଗଲା କିନ୍ତୁ ଦୋକାନୀ ମନା କରିଦେବାରୁ ସେ 'ଉପଭୋକ୍ତା ଫୋରମ'ରେ ଅଭିଯୋଗ ଦାୟର କଲା ।

...................... ଅଧିକାର ।

## ୧୭.୬. ଉପଭୋକ୍ତା ସୁରକ୍ଷା ନିମନ୍ତେ ଆଇନ



ଚିତ୍ର ୧୭.୯ : ଗ୍ରାହକ ଅସୁବିଧାର ସମାଧାନ

ଆମ ସରକାର ଉପଭୋକ୍ତା ଅଧିକାରର ସୁରକ୍ଷା ନିମନ୍ତେ କେତେକ ଆଇନ ପ୍ରଣୟନ କରିଛନ୍ତି । ଏହି ଆଇନ ଫଳରେ ଜଣେ ଉପଭୋକ୍ତା ପ୍ରକୃତ କାରଣ ପାଇଁ ବ୍ୟବସାୟୀ ବିରୁଦ୍ଧରେ ଅଦାଲତରେ କେଶ ଦାୟର କରିପାରିବ । କେତେକ ଆଇନ ସମ୍ବନ୍ଧରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

ì **କୃଷିଜାତ ଦ୍ରବ୍ୟର ଉତ୍ପାଦନର ସ୍ତର ଏବଂ ଚିହ୍ନ** (Grading & Marking) **ଧାରା :** ଏହି ଧାର ଦ୍ୱାରା ସରକାର କୃଷିଜାତ ଦ୍ରବ୍ୟର ଉଚ୍ଚମାନର ପଦାର୍ଥକୁ ଆଗମାର୍କ (AGMARK) ର ମାନ୍ୟତା ଦେଇଛନ୍ତି । ଯାହାକି ଅଟା, ମହୁ, ଘିଅ ଇତ୍ୟାଦି ପଦାର୍ଥରେ ଦିଆଯାଇଛି । ପ୍ୟାକେଟ୍ ଉପରେ ଏ ଚିହ୍ନ ଦ୍ରବ୍ୟରମାନକୁ ବୁଝାଇଥାଏ ।

ì **ଔଷଧ ଏବଂ ସୌନ୍ଦର୍ଯ୍ୟବର୍ଦ୍ଧକ ଧାରା** (Drugs & Cosmetics Act.) **:** ଏହି ଧାରା ଦ୍ୱାରା ଉଚ୍ଚମାନର ଔଷଧ ଦିଆଯିବା ସହିତ ବିଲ ମଧ୍ୟ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯାଇଥାଏ ।


ì **ଖାଦ୍ୟ ଅପମିଶ୍ରଣ ନିବାରଣ ଧାରା :** ଏହି ଆଇନ ଦ୍ୱାରା ଉପଭୋକ୍ତାଙ୍କୁ ଅପମିଶ୍ରଣ ପଦାର୍ଥରୁ ସୁରକ୍ଷା ଦେଇଥାଏ ।

ì **ଅପରିହାର୍ଯ୍ୟ ସାମଗ୍ରୀ ଧାରା :** ଏହି ଧାରା ଦ୍ୱାରା ସରକାର ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ପଦାର୍ଥର ସଠିକ୍ ମୂଲ୍ୟ ନିରୂପଣ କରିଥାନ୍ତି । କେତେକ ପଦାର୍ଥ ହେଉଛି ଚିନି, ତୁଳା, ସୂତା, ଭଲ ପୋଷାକ, ପେପର, କୋଇଲା, ପେଟ୍ରୋଲ, ଆଇରନ୍, ଷ୍ଟିଲ୍, ଗୋଖାଦ୍ୟ ଇତ୍ୟାଦି ।

ì **ଏକଚଟିଆ ଏବଂ ସୀମିତ ବ୍ୟବସାୟ ପଦ୍ଧତି ଧାରା** (Monopolies & Restrictive Trade Practices) **:** ଏହି ଆଇନ (MRTP) ବଳରେ ଭୁଲ ବିଜ୍ଞାପନ, କଳାବଜାରୀ ଠକାମି କରୁଥିବା ବ୍ୟବସାୟୀଙ୍କ ଠାରୁ ଗ୍ରାହକଙ୍କୁ ସୁରକ୍ଷା ପ୍ରଦାନ କରିଥାଏ । ଏହି ଆଇନ୍ ପ୍ରତିଯୋଗିତା ଓ ଲଟେରି ଆଦି କରି ଉପଭୋକ୍ତାଙ୍କୁ ପୁରସ୍କାର ଦେବାର ଶପଥ ଠାରୁ ବଞ୍ଚାଇଥାଏ ।

ì **ମାନଯୁକ୍ତ ଓଜନ ଏବଂହ ପରିମାଣ ଧାରା :** ଏହି ଧାରା ଅମାନ ଓଜନ ଓ ମାପକୁ ଚଳାଇବାକୁ ଦିଏ ନାହିଁ । ଏହି ଧାରା ବିଷୟରେ ପରେ ଜାଣିବ । ଏହି ଧାରା ବଳରେ ବିକ୍ରେତାମାନଙ୍କୁ ଉଚ୍ଚମାନର ଏବଂ ନିର୍ଭୁ ତରାଜୁ ବା ଓଜନମାପକ ଯନ୍ତ୍ର ଦ୍ୱାରା ଦ୍ରବ୍ୟର ଓଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ ।

ì **ଖାଦ୍ୟ ଉତ୍ପାଦକ ଧାରା** (FPO) **:** ଏହି ଧାରା ଅନୁଯାୟୀ ବିକ୍ରେତା ଖାଦ୍ୟର ମାନ, ମୂଲ୍ୟ, ସମୟର ଅବଧି ଇତ୍ୟାଦି ଉଲ୍ଲେଖ କରିବା ଆବଶ୍ୟକ ଏବଂ କେତେକ ଉତ୍ପାଦକଙ୍କୁ ଅତ୍ୟନ୍ତ ସୁରକ୍ଷିତ ଭାବରେ ରହିଥାଏ ଯେପରିକି ଆଚାର, ଜାମ, ଜୁସ ଇତ୍ୟାଦି ଏବଂ ସମସ୍ତ ଖାଦ୍ୟଦ୍ରବ୍ୟ



ମନ୍ତବ୍ୟ (Notes)

ଉପରେ FPO ଚିହ୍ନ ରହିଥିବା ଦ୍ୱାରା ଏହା ଉଚ୍ଚମାନର ଏବଂ ଏହା ବ୍ୟବହାର ଉପଯୋଗୀ ହୋଇଥାଏ ।

ì **ଉପଭୋକ୍ତା ସୁରକ୍ଷା ଧାରା** (CPA/ COPRA) **:** ଏହି ଧାରା ଉପଭୋକ୍ତାମାନଙ୍କର ଦାୟିତ୍ୱ ଏବଂ ସୁରକ୍ଷା ନିମନ୍ତେ ଗୁରୁତ୍ୱ ଦେଇଥାଏ । ଏହାଦ୍ୱାରା ଉପଭୋକ୍ତାମାନେ ଶିଘ୍ର ସେମାନଙ୍କର ଅଭିଯୋଗର ସମାଧାନ କରାଯାଇଥାଏ । ଏହାଦ୍ୱରା ଉପଭୋକ୍ତାମାନେ ସରକାରଙ୍କର ସହାୟତାରେ ଘରୋଇ କମ୍ପାନୀମାନଙ୍କଠାରୁ ସଠିକ୍ ନ୍ୟାୟ ପାଇଥାଆନ୍ତି । ଏହି ଅଭିଯୋଗର ଶୁଣାଣି ଜିଲ୍ଲାସ୍ତରୀୟ ଓ ଜାତୀୟ ସ୍ତରର କୋର୍ଟରେ ହୋଇଥାଏ । ଏହି କୋର୍ଟକୁ ଉପଭୋକ୍ତା ସୁରକ୍ଷା ଫୋରମ୍ କୁହାଯାଏ ।

ì **ବୁରୋ ଅଫ୍ ଇଣ୍ଡିୟାନ ଷ୍ଟାଣ୍ଡାର୍ଡ୍ ଧାରା** (BIS)(Bureu of Indian Standards Act.) **:** ଏହି ଧାରା (BIS Act.) ଅନୁଯାୟୀ ଭାରତୀୟ ସରକାରଙ୍କ ପକ୍ଷରୁ ସମସ୍ତ ଉଚ୍ଚମାନର ଦ୍ରବ୍ୟକୁ (ISI) ଚିହ୍ନ ଦିଆଯାଇଥାଏ । ଏହି ବି.ଆଇ.ଏସ୍ ଦ୍ରବ୍ୟର ମାନ, ମୂଲ୍ୟ, ବିନିମୟ ପ୍ୟାକେଟ୍ ଆଦିର ସମସ୍ତ ତଥ୍ୟ ପ୍ରଦାନ କରିଥାଏ । ବି.ଆଇ.ଏସ୍ (ISI) ସମସ୍ତ ଦ୍ରବ୍ୟର ମାନ ନିରୂପଣ କରିଥାଏ ଏବଂ ପରେ ଏହାକୁ ଆଇ.ଏସ୍.ଆଇ ମାନ୍ୟତା କରିଥାଏ । ଏହି ମାର୍କ ପାଇଥିବା କେତେକ ଦ୍ରବ୍ୟ ହେଉଛି- ଘିଅ, ବିସ୍କୁଟ, ସର୍ଫ, ପ୍ରେସର କୁକର, ଇସ୍ତ୍ରି, ଜଳ ଗରମ କରିବା ଦଣ୍ଡ, ଗୀଜର, ଏଲ୍,ପି.ଜି. ସିଲିଣ୍ଡର ଇତ୍ୟାଦି ।

**ପାଠଗତ ପ୍ରଶ୍ନାବଳୀ ୧୭.୪**

୧. **ନିମ୍ନଲିଖିତ ମଧ୍ୟରୁ ଉପଯୁକ୍ତ ଉତର ବାଛି "କ" ସ୍ତମ୍ଭ ଏବଂ "ଖ" ସ୍ତମ୍ଭ ସଂଯୋଗ କର ।**

| "କ" ସ୍ତମ୍ଭ | "ଖ" ସ୍ତମ୍ଭ |
|---|---|
| ୧. ଔଷଧ | କ. ଫଳଜାତୀୟ ଖାଦ୍ୟର ଯୋଗାଣ |
| ୨. ଘିଅ | ଖ. ବ୍ୟୁରୋ ଅଫ୍ ଇଣ୍ଡିୟାନ ଷ୍ଟାଣ୍ଡାର୍ଡ୍ ଧାରା |
| ୩. ବିଭ୍ରାନ୍ତିକର ବିଜ୍ଞାପନ | ଗ. ଔଷଧ ଏବଂ ସୌନ୍ଦର୍ଯ୍ୟ ବର୍ଦ୍ଧକ ଧାରା |
| ୪. ଆଚାର | ଘ. ଅପରିହାର୍ଯ୍ୟ ସାମଗ୍ରୀ |
| ୫. ପ୍ରେସର କୁକର | ଙ. ଖାଦ୍ୟ ଅପମିଶ୍ରଣ ନିବାରଣ ଧାରା |
| ୬. ଅପ୍ରାକୃତ ରଙ୍ଗର ମିଠା | ଚ. କୃଷିଜାତ ଦ୍ରବ୍ୟ (ଉତ୍ପାଦନର ସ୍ତର ଏବଂ ଚିହ୍ନ) ଧାରା |
| | ଛ. ଏମ୍.ଆର.ଟି.ପି. ଧାରା |
| | ଜ. ମାନଯୁକ୍ତ ଓଜନ ଓ ପରିମାଣ ଧାରା |

## ୧୭.୭. ମାନକୀକରଣ ଚିହ୍ନ

ତୁମେ ପୂର୍ବ ପୃଷ୍ଠାରେ ମାନକୀକରଣ ସମ୍ବନ୍ଧରେ ଜାଣିଲ । ମାନକୀକରଣ କ'ଣ ? କି କି ପ୍ରକାରର ମାନକୀକରଣ ଚିହ୍ନ ? କେଉଁ ପଦାର୍ଥରେ ଦେଖିବାକୁ ମିଳେ ? ଏହାକୁ କିପରି ଜାଣିବ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର

ଜିନିଷଗୁଡ଼ିକରେ ଥିବା ଗଠିତ ପଦାର୍ଥ ତିଆରି ପ୍ରଣାଳୀ ସୂଚନା, ଖୋ, ବିକ୍ରି ଓ କାର୍ଯ୍ୟ କରିବା କ୍ଷମତା ଅନୁଯାୟୀ ଏହାକୁ ମାନକୀକରଣ ଚିହ୍ନ ଦିଆଯାଇଥାଏ ।

## ପେଟିକା - ୩
### ସାଧନ ପରିଚାଳନା



ମନ୍ତବ୍ୟ (Notes)

ତୁମେ ତୁମ ଘରର ଚତୁଃପାର୍ଶ୍ୱରେ ଥିବା ଜିନିଷଗୁଡ଼ିକୁ ଦେଖ ଏବଂ ନିମ୍ନଲିଖିତ ଚିହ୍ନ କେଉଁ କେଉଁ ଜିନିଷରେ ଅଛି ତାହା ତଦାରଖ କର । ତୁମେ କେଉଁଠାରେ ତାହା ଦେଖିଲ ?

**ଆଇ. ଏସ୍. ଆଇ ଚିହ୍ନ :** ଜିନିଷଗୁଡ଼ିକର କେତୋଟି ମାନ ପୂରଣ କରିଥିଲେ ବି ଆଇ.ଏସ୍. ଦ୍ୱାରା ଏହି ଚିହ୍ନ ଦିଆଯାଇଥାଏ ।

୧୫୦୦୦ ପ୍ରକାର ମାନର ଭିନ୍ନ ଭିନ୍ନ ପ୍ରକାରର ଜିନିଷ ରହିଛି । ଯେଉଁମାନଙ୍କୁ ଆଇ.ଏସ୍.ଆଇ ଚିହ୍ନ ଦିଆ ଯାଇଥାଏ । ସେଗୁଡ଼ିକ ହେଲା ପରିବାପତ୍ର, ଫଳ ଏବଂ ମାଂସ ଜାତୀୟ ଖାଦ୍ୟ, ତିଆରି ଖାଦ୍ୟ, ବନସ୍ପତି, ସାବୁନ, କାଗଜ, ରଙ୍ଗ, ନନ୍‌ଷ୍ଟିକ୍ ପାତ୍ର, ବୈଦ୍ୟୁତିକ ଉପକରଣ, ଷ୍ଟୋଭ, ଗ୍ୟାସ, ସିଲିଣ୍ଡର, ସିମେଣ୍ଟ ଇତ୍ୟାଦି ।


ଚିତ୍ର ୧୭.୧୦

**ଆଗ୍ ମାର୍କ :** ବର୍ତମାନ ପର୍ଯ୍ୟନ୍ତ ୧୪୨ ପ୍ରକାରର କୃଷିଜାତୀୟ, ଉଦ୍ୟାନ ବିନ୍ୟାଶ, ବନ୍ୟ ଏବଂ ପଶୁ ସାମଗ୍ରୀ । ଯେପରି ଗହମ ଅଟା, ଦେଶୀ ଘିଅ, ମହୁ ଓ ମସଲା ।




ଚିତ୍ର ୧୭.୧୧ : ଆଗ୍ ଚିହ୍ନ (Mark)

**ଏଫ୍.ପି.ଓ :** ଏହି ଚିହ୍ନ ସମସ୍ତ ଫଳ ଓ ପନିପରିବା ରକ୍ଷ କରୁଥିବା ଏବଂ ବିକ୍ରି କରୁଥିବା ଲୋକଙ୍କ ପାଇଁ ଦରକାର । ଜାମ୍, ଜେଲି, ସ୍କାସ, ଫଳରସ, କେଚ୍‌ଅପ୍ ପରି ଜିନିଷଗୁଡ଼ିକରେ ଏହି ଚିହ୍ନ ନିହାତି ରହିବା ଦରକାର ।




ଚିତ୍ର ୧୭.୧୨ : ଏଫ୍. ପି. ଓ

**ଉଲ୍ ଚିହ୍ନ :**

୧୯୪୯ରେପ୍ରଥମେ ଇନ୍‌ଟରନ୍ୟାସନାଲ ଉଲ୍ ସେକ୍ରେଟେରିଏଟ୍‌ର ସ୍ଥାପନ କରାଗଲା । ଏହାଦ୍ୱାରା ବିଶୁଦ୍ଧ ପଶମକୁ ପ୍ରୋତ୍ସାହନ ଦିଆଗଲା । ସମସ୍ତ ପଶମ ଏବଂ ପଶମ ତିଆରି ପୋଷାକପତ୍ରରେ କେତେ ପରିମାଣରେ ବିଶୁଦ୍ଧ ପଶମ କେତେ ପରିମାଣର ଅନ୍ୟ ସୂତା ମିଶା ହୋଇଛି, ତାହାର ସୂଚନା ଦେବାପାଇଁ ପ୍ରସ୍ତୁତକାରୀଙ୍କୁ ବାଧ୍ୟ କରାଯାଇଛି ।

**ଇକୋ ଚିହ୍ନ :**

ନିକଟରେ ଏହା ବି.ଆଇ.ଏସ୍ ଦ୍ୱାରା ଦିଆଯାଇଛି । ଏହି ଜିନିଷଗୁଡ଼ିକ କେବଳ ଆଇ.ଏସ୍.ଆଇ ମାନ୍ୟତା ପୂରଣ କରେ ତା ନୁହେଁ ଆହୁରି ମଧ୍ୟ ଏଗୁଡ଼ିକୁ ପୁନଶ୍ଚ ମୂଳ ବସ୍ତୁରେ ପରିବର୍ତନ କରି



ଚିତ୍ର ୧୭.୧୩

ବ୍ୟବହାର ସାପେକ୍ଷ କରାଯାଇଥାଏ ଓ ଏହା ଶକ୍ତି ବଂଚାଇଥାଏ । ପରିବେଶର ବନ୍ଧୁ ଅଟେ । ଏହି ଜିନିଷଗୁଡ଼ିକ ପ୍ରଦୂଷଣ ହ୍ରାସ କରିବାରେ ସାହାଯ୍ୟ କରେ ।

ବର୍ତ୍ତମାନ ସମୟରେ ଆମିଷ ଏବଂ ନିରାମିଷା ଖାଦ୍ୟ ମାନଙ୍କ ଉପରେ ତୁମେ ଲାଲ୍ ଚିହ୍ନ ବା ସବୁଜ ଚିହ୍ନ ଗୋଟିଏ ବର୍ଗକ୍ଷେତ୍ର ମଧ୍ୟରେ ଦେଖି ପାରୁଥିବ । ଯେତେବେଳେ ଏହି ବିନ୍ଦୁଟି ଶାଗୁଆ ଏହା ନିରାମିଷ ଏବଂ ଯେତେବେଳେ ଲାଲ ଏହା ଆମିଷ ଏହା ଦ୍ୱାରା ଉପଭୋକ୍ତା ନିଜ ନିଜର ପସନ୍ଦ ଅନୁଯାୟୀ ଜିନିଷ କିଣିପାରିବେ । କେତୋଟି ଔଷଧରେ ମଧ୍ୟ ତୁମେ ଏହି ଚିହ୍ନ ଦେଖିବାକୁ ପାଇବ ।

ଏହି ସରକାରଙ୍କ ଦ୍ୱାରା ଦିଆଯାଇଥିବା ଚିହ୍ନ ଗୁଡ଼ିକ ନିମ୍ନମାନର ନକଲି ଏବଂ ଅସୁରକ୍ଷିତ ଜିନିଷଗୁଡ଼ିକରୁ ରକ୍ଷା କରିଥାଏ । ତେଣୁ ଏହା ଆମର ସମୟ, ଶକ୍ତି ଓ ପଇସା ନଷ୍ଟ ହେବାରୁ ରକ୍ଷା କରିଥାଏ ।

**ନାମାଙ୍କିତ ଚିହ୍ନ :**

ଏହା ବସ୍ତୁ ଉପରେ ଖୋଦେଇ, ଛାପା କିମ୍ବା ଲଗାଯାଇ ଥାଏ । ନାମାଙ୍କିତ ଚିହ୍ନରେ ନିମ୍ନଲିଖିତ ସୂଚନା ରହିବା ଆବଶ୍ୟକ :

- ବସ୍ତୁର ନାମ
- ବ୍ରାଣ୍ଡ ନାମ
- ନିର୍ମାତାଙ୍କ ନାମ ଓ ଠିକଣା
- ଜିନିଷର ବ୍ୟବହାର
- ବ୍ୟବହାର ଯତ୍ନ, ରକ୍ଷଣାବେକ୍ଷଣର ନିର୍ଦ୍ଦେଶ
- ଜିନିଷର ନିର୍ମାଣ ତାରିଖ ଓ ସମାପ୍ତି ତାରିଖ
- ଔଷଧ ହୋଇଥିଲେ ସେବନର ପରିମାଣ
- ଓଜନ/ ପରିମାଣ/ ଲମ୍ବା
- ଚେତାବନୀ ଏବଂ ସାବଧାନତା
- ଜିନିଷର ସୂଚୀ
- ଜିନିଷର ବ୍ୟବହାର, ଯତ୍ନ ଓ ମରାମତି
- ସର୍ବୋଚ୍ଚ ଦ୍ରବ୍ୟର ମୂଲ୍ୟ ସମସ୍ତ ଶୁଳକ୍ ସହିତ
- ନିର୍ଭୋରକ୍ତି ସମୟ

ତୁମେ ଅଭ୍ୟାସ କର ଯେ କ୍ରୟ କରିବା ପୂର୍ବରୁ ଜିନିଷରେ ଥିବା ନାମାଙ୍କିତ ଚିହ୍ନକୁ ନିଶ୍ଚୟ ପଢ଼ିବା । ଏହା ଦ୍ୱାରା ତୁମେ ବହୁତ ଲାଭବାନ ହେବ । ଏହିପରି ତୁମେ ବହୁତ ଜିନିଷ ବ୍ୟବହାରର ପରିଣାମ ବିଷୟରେ ମଧ୍ୟ ଜାଣିପାରିବା ଯେପରି ଧୂମ୍ରପାନ ଶରୀର ପ୍ରତି କ୍ଷତିକାରକ, ଏହା ପଢ଼ିବା ଦ୍ୱାରା ତୁମେ ଧୂମ୍ରପାନ କରିବା ପାଇଁ ନିରୁତ୍ସାହିତ ହେବ ।

**ପୁଟୁଳି ବାନ୍ଧିବା (Packaging)**

- ପୁଟୁଳି ବାନ୍ଧିବା ଜିନିଷକୁ ଗୋଟିଏ ଡବା କିମ୍ବା କାଗଜରେ ଗୁଡ଼ାଇ ରଖିବାକୁ ପୁଟୁଳି ବାନ୍ଧିବା କୁହାଯାଏ । ଏହା ଆମକୁ ଅନେକ ପ୍ରକାରରେ ସାହାଯ୍ୟ କରିଥାଏ ।
- ଏହା ବସ୍ତୁକୁ ନଷ୍ଟ ହେବାରୁ, ଭାଙ୍ଗିଯିବାରୁ ଏବଂ ଢାଳିଯିବାରୁ ବଂଚାଇଥାଏ ।
- ଏହାକୁ ନେବା ଆଣିବା କରିବା ଓ ଗଚ୍ଛିତ କରିବାରେ ସାହାଯ୍ୟ କରିଥାଏ ।
- ଏହା ଅପମିଶ୍ରଣକୁ ଅଟକାଇ ଥାଏ ଏବଂ
- ଆକର୍ଷଣୀୟ ପ୍ୟାକେଟ୍ ଗୁଡ଼ିକ ଉପଭୋକ୍ତାଙ୍କୁ କ୍ରୟ କରିବାରେ ଆକର୍ଷଣ କରିଥାଏ ।

## ୧୭.୮ : ବିଜ୍ଞାପନ

ତୁମେ ରେଡ଼ିଓ ଟି.ଭି., ଖବର କାଗଜ ଓ ପତ୍ରିକାଗୁଡ଼ିକରେ ବହୁତ ବିଜ୍ଞାପନ ଦେଖିଛ ଓ ଶୁଣିଛ । ଏହି ବିଜ୍ଞାପନଗୁଡ଼ିକର ଅଭିପ୍ରାୟ କ'ଣ ? ହଁ ତୁମେ ଠିକ୍ କହିଛ । ଏହା ଉପଭୋକ୍ତାଙ୍କୁ ଗୋଟିଏ ପ୍ରକାର ଜିନିଷର ଉପଲବ୍ଧତା, ବ୍ୟବହାର ଏବଂ ବିଶେଷତ୍ୱ ବିଷୟରେ ଜଣାଇଥାଏ । ଗୋଟିଏ ସୁବିଜ୍ଞାପନ ତୁମକୁ ଭୁଲ ବାଟରେ ନ ନେଇ ନିଜର ଉତ୍ପାଦନ ସାମଗ୍ରୀର ଠିକ୍ ସୂଚନା ଦେଇଥାଏ । ତୁମେ ଗୋଟିଏ ସଜାଗ ଏବଂ ସଚେତନ ଉପଭୋକ୍ତା ଭାବେ ସାମଗ୍ରୀ ଗୁଡ଼ିକର ମାନ ବିଜ୍ଞାପନ ଜରିଆରେ ବିଚାର ନକରି ପରୀକ୍ଷା କରି ବ୍ୟବହାର କର ।

**ପାଠଗତ ପ୍ରଶ୍ନାବଳୀ ୧୭.୫.**

୧. ନିମ୍ନରେ ଦିଆଯାଇଥିବା ବସ୍ତୁଗୁଡ଼ିକ ଅନୁଯାୟୀ ମାନକୀକରଣ ଚିହ୍ନ (ଆଗ୍‌ମାର୍କ/ ଏଫ୍.ପି.ଓ/ ଉଲ୍) ଶୂନ୍ୟସ୍ଥାନ ପୂରଣ କର ।

(କ) ରଙ୍ଗ ...................
(ଖ) ବୈଦ୍ୟୁତିକ ଇସ୍ତ୍ରୀ ......................
(ଗ) ମହୁ ..................
(ଘ) ଟିଣରେ ଥିବା ଫଳରସ ..................
(ଙ) ବିଶୁଦ୍ଧ ପଶମ ସାଲ ...............
(ଚ) ଗୁଣ୍ଡ ଗରମ ମସଲା ..................
(ଛ) ଖାଣ୍ଟି ଘିଅ ...................
(ଜ) ଏଲ୍.ପି.ଜି ସିଲିଣ୍ଡର ...................
(ଝ) ବୁଣା ପଶମ ...................
(ଞ) ବରଫଦିଆ ଶାଗୁଆ ମଟର ...............

୨. ଠିକ୍ ଶବ୍ଦ ଲଗାଇ ଶୂନ୍ୟସ୍ଥାନ ପୂରଣ କର ।


(କ) ଔଷଧ କିଣିବା ପୂର୍ବରୁ ଏଥିରେ ................... ଦେଖିବା ନିହାତି ଆବଶ୍ୟକ ।
(ଖ) .................. ସାମଗ୍ରୀଗୁଡ଼ିକୁ ନଷ୍ଟ ହେବାରୁ ଏବଂ ଭାଙ୍ଗିବାରୁ ରକ୍ଷା କରେ ।
(ଗ) ବିଜ୍ଞାପନ ସାମଗ୍ରୀର ................... ଜଣାଇଥାଏ ।
(ଘ) ମାନକୀକରଣ ଚିହ୍ନ ସାମଗ୍ରୀଟିରେ ରହିଲେ, ଏହା ସବୁଠାରୁ କମ୍ .................. ଥାଏ ବୋଲି ନିଶ୍ଚିତ ହୋଇଥାଏ ।

୩. ସାମଗ୍ରୀର ସୂଚନା ପତ୍ରରେ ଅତି କମ୍‌ରେ କେଉଁ କେଉଁ ଛଅଟି ବିଷୟରେ ସୂଚନା ରହିବା ଦରକାର ।

(କ)
(ଖ)
(ଗ)
(ଘ)
(ଙ)
(ଚ)

**ପେଟିକା - ୩**

**ସାଧନ ପରିଚାଳନା**



**ମନ୍ତବ୍ୟ (Notes)**

**କାର୍ଯ୍ୟକଳାପ :**

ତୁମେ ନିମ୍ନଲିଖିତ ଜିନିଷ ସଂଗ୍ରହ କର ।

୧. ଖବର କାଗଜ କିମ୍ବା ପତ୍ରିକାରେ ଗୋଟିଏ ବୈଦ୍ୟୁତିକ ଉପକରଣର ବିଜ୍ଞାପନ ।

୨. ପୋଷାକ କିମ୍ବା ଖାଦ୍ୟ ପଦାର୍ଥର ରିହାତି ରହିଥିବା ହାତ ଲେଖା ରସିଦ ।

## ୧୭.୯ ଉପଭୋକ୍ତା ଆନ୍ଦୋଳନ :

ପୂର୍ବରୁ ଉଲ୍ଲେଖ କରାଯାଇଥିବା ବିଭିନ୍ନ ଉପଭୋକ୍ତା ସମସ୍ୟାଗୁଡ଼ିକରୁ ଜଣାପଡୁଛି ଯେ ଉପଭୋକ୍ତାମାନେ ସଦାସର୍ବଦା ସଚେତ ଓ ସାମଗ୍ରୀ ଉପରେ ଜ୍ଞାନ ରହିବା ଦରକାର । ଏହା ସେମାନଙ୍କୁ କେବଳ ଉଚିତ୍ ମୂଲ୍ୟ ଦେଇ ଜିନିଷପତ୍ର କିଣିବାରେ ସାହାଯ୍ୟ କରିବ ତାହା ନୁହେଁ ବରଂ ଏହା ସେମାନେ ତାଙ୍କ ପଇସାର ମୂଲ୍ୟ ପାଇବେ । ଏହା ମଧ୍ୟ ବ୍ୟବସାୟୀମାନଙ୍କୁ ଅସାଧୁତା ଉପାୟରେ ଜିନିଷ ପତ୍ର ବିକ୍ରି କରିବାରେ ନିରାଶ କରିବ ତଥାପି ତୁମେ ଓ ତୁମର ସରକାର କେବଳ ଉପଭୋକ୍ତାମାନଙ୍କୁ ରକ୍ଷା କରି ପାରିବେ ନାହିଁ । ତେଣୁ ସମସ୍ତ ଉପଭୋକ୍ତା ଏକଜୁଟ ହୋଇ ତାଙ୍କ ଦାଇତ୍ୱ ନିଭାଇ ନିଜକୁ ରକ୍ଷା କରି ପାରିବେ । ଉପଭୋକ୍ତା ସମସ୍ୟା ଦୂରୀକରଣ ପାଇଁ ଗୋଟିଏ ବଳଶାଳୀ ଉପଭୋକ୍ତା ଆନ୍ଦୋଳନ ଦରକାର । ଉପଭୋକ୍ତା ଶିକ୍ଷା ଏହି ଆନ୍ଦୋଳନ କରିବାରେ ସାହାଯ୍ୟ କରିପାରିବ ।

> ଉପଭୋକ୍ତା ମାନେ ଏକାଠି ହୋଇ ଅସତ୍ ଉପାୟ ଅବଲମ୍ବନ କରୁଥିବା ବ୍ୟବସାୟୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଭୋକ୍ତା ଆନ୍ଦୋଳନ କୁହାଯାଏ ।

**ଉପଭୋକ୍ତା ଆନ୍ଦୋଳନର ମହତ୍ୱ :**

ଆମ ଦେଶ, ଯେଉଁଠାରେ ଅନେକ ଉପଭୋକ୍ତା ଏବଂ ଅଜ୍ଞ ଏଠାରେ ଗୋଟିଏ ଶକ୍ତିଶାଳୀ ଉପଭୋକ୍ତା ଆନ୍ଦୋଳନ ଦ୍ୱାରା ବ୍ୟବସାୟୀମାନଙ୍କୁ ନିୟନ୍ତ୍ରଣାଧୀନ କରିବା ଦରକାର । ଯାହା ଦ୍ୱାରା ଉପଭୋକ୍ତା ଠିକ୍ ଭାବେ ଜିନିଷପତ୍ରର କାରବାର କରିପାରିବ । ସଂଗଠିତ ହୋଇ କାମ କଲେ ଉପଭୋକ୍ତା ନିଜର ମଙ୍ଗଳ କରିପାରିବେ । ଗୋଟିଏ ଉପଭୋକ୍ତା ଆନ୍ଦୋଳନ ଉପଭୋକ୍ତା ଏବଂ ନିଜର ଦାଇତ୍ୱ ଉପରେ ସଚେତନ କରାଇଥାଏ ଏବଂ ଏଗୁଡ଼ିକୁ ସଦାସର୍ବଦା ନିଭାଇବାରେ ସାହାଯ୍ୟ କରିଥାଏ ।

- ଏହା ଅସାଧୁତା ମାମଲା ଉପରେ ସଂପୃକ୍ତ ସଂସ୍ଥାକୁ ଜଣାଇ ତାହାକୁ ଶାସ୍ତି ଦେଇଥାଏ ଏବଂ ନିଜର ଜିନିଷ ଠିକ୍‌ରେ କ୍ରୟ କରିପାରିଥାଏ ।
- ନୂତନ ସାମଗ୍ରୀ, ଉପଭୋକ୍ତା ନିୟମ କାନୁନ ଏବଂ ସୁବିଧାଜନକ ଯୋଜନାର ତଥ୍ୟ ଆଦାନ ପ୍ରଦାନ କରିଥାଏ ।
- ଉପଭୋକ୍ତା ସ୍ୱାର୍ଥ ଜଡ଼ିତ ବିଷୟ ସରକାର ନଜରକୁ ଆଣିଥାଏ ।

ଏହି ସବୁ ସୁବିଧା ନିମିତ ଉପଭୋକ୍ତାମାନେ ଏକତ୍ରିତ ହୋଇ ନିଜର ସଂଗଠନ ଯଥା ସଂଘ, ସମାଜ, ସମବାୟ ଗଢିବା ଦରକାର । ବର୍ତ୍ତମାନ ଭାରତରେ ପ୍ରାୟ ଛଅଶହ ଏହିପରି ସଂସ୍ଥା ଅଛନ୍ତି । ଉପଭୋକ୍ତାମାନଙ୍କୁ ପ୍ରେରଣା ଯୋଗାଇ ବଳଶାଳୀ କରିବାପାଇଁ ୧୫ ମାର୍ଚ୍ଚ ଦିବସକୁ ଉପଭୋକ୍ତା ଅଧିକାର ଦିବସ ରୂପେ ପାଳନ କରାଯାଉଛି ।

## ପାଠଗତ ପ୍ରଶ୍ନାବଳୀ ୧୭.୬

୧. ନିମ୍ନଲିଖିତ ବ୍ୟାଖ୍ୟାଗୁଡ଼ିକ ମଧ୍ୟରୁ କେଉଁଟି ସତ୍ୟ ଏବଂ କେଉଁଟି ମିଥ୍ୟା ଲେଖ ଏବଂ ଏହାର କାରଣ ଦିଆଯାଇଥିବା ଖାଲିସ୍ଥାନରେ ଲେଖ ।

(କ) ଅସତ୍ ଉପାୟ ଅବଲମ୍ବନକାରୀ ବ୍ୟବସାୟୀମାନଙ୍କ ପାଖରୁ ନିଜକୁ ବଂଚାଇବା ପାଇଁ ଉପଭୋକ୍ତାମାନେ ସଂଗଠିତ ହୋଇ ଉପଭୋକ୍ତା ଦଳ ଗଢ଼ିବା ସମ୍ଭବପର ନୁହେଁ ।

..........................................................................................

(ଖ) ଗୋଟିଏ ଶକ୍ତିଶାଳୀ ଉପଭୋକ୍ତା ଆନ୍ଦୋଳନ ଉପଭୋକ୍ତାଙ୍କର ଅଧିକାର ବଢାଏ ଏବଂ ଦାୟିତ୍ୱ କମାଇଥାଏ ।

..........................................................................................

(ଗ) ପ୍ରତ୍ୟେକ ବର୍ଷ ୧୫ ମାର୍ଚ୍ଚ ଉପଭୋକ୍ତା ଅଧିକାର ଦିବସ ରୂପେ ପାଳନ କରାଯାଇଥାଏ ।

..........................................................................................


(ଘ) ଉପଭୋକ୍ତମାନେ ଉପଭୋକ୍ତା ଆନ୍ଦୋଳନ ସକ୍ରିୟ କରି ସରକାରଙ୍କ ନୀତି ଏବଂ କାର୍ଯ୍ୟକ୍ରମ ଦ୍ୱାରା ନିଜର ସ୍ୱାର୍ଥ ପୂରଣ କରିପାରିବେ ।


..........................................................................................

(ଙ) କେତୋଟି ଉପଭୋକ୍ତା ସଂଗଠନ ଉପଭୋକ୍ତାଙ୍କୁ ଦୋଷୀ ବ୍ୟବସାୟୀମାନଙ୍କ ବିରୁଦ୍ଧରେ କାନୁନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସାହାର୍ଯ୍ୟ କରନ୍ତି ।

..........................................................................................

## ତୁମେ କ'ଣ ପଠନ କଲ :





ମନ୍ତବ୍ୟ (Notes)

**ଅନ୍ତିମ ପ୍ରଶ୍ନାବଳୀ :**

୧. ନିମ୍ନଲିଖିତ ଶବ୍ଦଗୁଡ଼ିକର ସଂଜ୍ଞା ଲେଖ ।

(କ) ଉପଭୋକ୍ତା, (ଖ) ଉପଭୋକ୍ତା ଶିକ୍ଷା, (ଗ) ଉପଭୋକ୍ତା ଆନ୍ଦୋଳନ

୨. ବର୍ତ୍ତମାନ ଅବସ୍ଥାରେ ଉପଭୋକ୍ତାମାନେ ବଜାରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକର ତାଲିକା ପ୍ରସ୍ତୁତ କର । ଯେକୌଣସି ତିନୋଟି ସମସ୍ୟାର ସମାଧାନର ଉପାୟ ଲେଖ ।

୩. ଉପଭୋକ୍ତାମାନଙ୍କର ଅଧିକାର ଲେଖ ଏବଂ ଉପଭୋକ୍ତାଙ୍କର ଦାଇତ୍ୱ ବର୍ଣ୍ଣନା କର ।

୪. ଉପଭୋକ୍ତା ସୁରକ୍ଷା ଧାରାର ପ୍ରାଧାନ୍ୟ କ'ଣ । ନିମ୍ନଲିଖିତ ନିୟମଗୁଡ଼ିକ ବର୍ଣ୍ଣନା କର ।

(କ) ଅପରିହାର୍ଯ୍ୟ ସାମଗ୍ରୀ ଧାରା

(ଖ) ଏକଚାଟିଆ ଏବଂ ସୀମିତ ବ୍ୟବସାୟୀ ପଦ୍ଧତି ଧାରା

(ଗ) ଉପଭୋକ୍ତା ସୁରକ୍ଷା ଆଇନ୍

(ଘ) ମାନଯୁକ୍ତ ଓଜନ ଏବଂ ପରିମାଣ ଧାରା

୫. ଉପଭୋକ୍ତାମାନେ ବୁଦ୍ଧିମାନର ସହିତ ସାମଗ୍ରୀ କ୍ରୟ କରିବା ନିମିତ ନିମ୍ନଲିଖିତ ଜିନିଷର କ'ଣ ଭୂମିକା ରହିଛି ଆଲୋଚନା କର ।

(କ) ନାମାଙ୍କିତ ଚିହ୍ନ

(ଖ) ପୁଟୁଳି ବାନ୍ଧିବା

(ଗ) ବିଜ୍ଞାପନ

୬. ମାନନୀକରଣ କହିଲେ କ'ଣ ? ଭାରତୀୟ ବଜାରମାନଙ୍କରେ କି କି ପ୍ରକାରର ମାନନୀକରଣ ଚିହ୍ନ ବ୍ୟବହାର କରଯାଉଛି ସେଗୁଡ଼ିକ ବର୍ଣ୍ଣନା କର ।

୭. ବୁଦ୍ଧିମାନର ସହିତ କ୍ରୟ କରିବା ଅର୍ଥ ତୁମେ କ'ଣ ବୁଝୁଛ ? ଏହି ଅର୍ଥରେ ଗୋଟିଏ ବୈଦ୍ୟୁତିକ ଇସ୍ତ୍ରୀ କିପରି କ୍ରୟ କରିବ ଲେଖ ।

**ପାଠଗତ ପ୍ରଶ୍ନର ଉତ୍ତରବଳୀ :**

୧୭.୧. (କ) ମିଥ୍ୟା, (ଖ) ସତ୍ୟ, (ଗ) ମିଥ୍ୟା, (ଘ) ସତ୍ୟ, (ଙ) ସତ୍ୟ

୧୭.୨. (କ) ଅତ୍ୟଧିକ, (ଖ) ଅପମିଶ୍ରଣ, (ଗ) କଳାବଜାରୀ,

(ଘ) ପ୍ରତାରଣାତ୍ମକ, (ଙ) ତଥ୍ୟ, (ଚ) ମାନନୀକରଣ

୧୭.୩. ୧.ଖ, ଗ, ଙ, ଛ, ଙ, ୦

୨. (କ) ରସିଦ୍ / ବିଲ୍/ ଗ୍ୟାରେଣି କାର୍ଡ଼

(ଖ) ସୂଚନା ଦେବା

(ଗ) ନିର୍ଦ୍ଦେଶନାବଳୀ

୧୭.୪. ୧. ଗ

୨. ଚ

୩. ଛ

୪. କ

୫. ଖ

୬. ଙ

୧୭.୫. ୧.(କ) ଆଇ.ଏସ.ଆଇ, (ଖ) ଆଇ.ଏସ.ଆଇ, (ଗ) ଆଗ୍‌ମାର୍କ,
(ଘ) ଏଫ୍.ପି.ଓ, (ଙ) ଉଲ୍ ମାର୍କ, (ଚ) ଆଗ୍‌ମାର୍କ, (ଛ) ଆଗ୍‌ମାର୍କ,
(ଜ) ଆଇ.ଏସ.ଆଇ, (ଝ) ଉଲ୍ ମାର୍କ, (ଞ) ଏଫ୍.ପି.ଓ ।

୨. (କ) ନାମାଙ୍କିତ ଚିହ୍ନ, (ଖ) ପୁଟୁଳି ବାନ୍ଧିବା, (ଗ) ତଥ୍ୟ, (ଘ) ମାନନୀକରଣ

୩. ବିଷୟକୁ ପଢ

୧୭.୬. (୧) (କ) ମିଥ୍ୟା


(ଖ) ମିଥ୍ୟା

(ଗ) ସତ୍ୟ

(ଘ) ସତ୍ୟ

(ଙ) ସତ୍ୟ

•





# ୧୮

# ବୃଦ୍ଧି ଏବଂ ବିକାଶ (୦-୫ବର୍ଷ)

ଗର୍ଭାବସ୍ଥାରୁ ଗୋଟିଏ କୋଷ/ ଯୁଗ୍ମଜ ବିକଶିତ ହୋଇ ସମ୍ପୂର୍ଣ୍ଣ ବ୍ୟକ୍ତି ବିଶେଷରେ ପରିଣତ ହେବାର ପ୍ରକ୍ରିୟା ଯୁଗେ ଯୁଗେ ମନୁଷ୍ୟ ପାଇଁ ଏକ କୌତୁହଳ ପୂର୍ଣ୍ଣ ବିଷୟ ହୋଇ ରହିଆସିଛି । ଏହି ଜ୍ଞାନ କେବଳ ତୁମ ନିଜକୁ ବୁଝିବା ପାଇଁ ଏକ ବ୍ୟବହୃତ ଅସ୍ତ୍ର ନୁହେଁ, ବରଂ ଏହା ମଧ୍ୟ ଶିଶୁମାନଙ୍କର ବୃଦ୍ଧିପାଇଁ ମାର୍ଗଦର୍ଶନ କରିବ । ତୁମମାନଙ୍କ ମଧ୍ୟରୁ ଅନେକ ଯୁବ ପିତାମାତା ହୋଇପାରିଥାଅ ଯାହାର ଛୋଟ ଛୋଟ ଶିଶୁ ଅଛନ୍ତି କିମ୍ବା ଭବିଷ୍ୟତରେ ତୁମମାନଙ୍କ ମଧ୍ୟରୁ ଅଧିକାଂଶ ପିତାମାତା ହେବେ । ଜନ୍ମ ପରବର୍ତ୍ତୀ ସମୟରୁ ଶିଶୁର ବିକାଶ ସମ୍ବନ୍ଧୀୟ ଜ୍ଞାନ ତୁମ ଶିଶୁମାନଙ୍କର ବିକାଶ ପ୍ରକ୍ରିୟାକୁ ବୁଝିବାରେ ସାହାଯ୍ୟ କରିବ । କେଉଁ କାରଣରୁ ଜଣେ ଶିଶୁର ସାଧାରଣ ବିକାଶ ହେଉନାହିଁ କିମ୍ବା ମନ୍ଥର ହେଉଛି, ତାହାକୁ ଚିହ୍ନଟ କରିବାରେ ଏ ଜ୍ଞାନ ସହାୟକ ହେବ ।

## ଉଦ୍ଦେଶ୍ୟ :

ଏହି ପାଠ ପଢିବା ପରେ ତୁମେ

- ମନୁଷ୍ୟ ଜୀବନର ବିଭିନ୍ନ ଅବସ୍ଥାର ତାଲିକା କରିପାରିବ ।
- ବୃଦ୍ଧି ଓ ବିକାଶର ଧାରା ତଥା ଏହାକୁ ପ୍ରଭାବିତ କରୁଥିବା ଉପାଦାନଗୁଡ଼ିକ ବ୍ୟାଖ୍ୟା କରିପାରିବ ।
- ଶୂନ ଠାରୁ ପାଞ୍ଚବର୍ଷ ମଧ୍ୟରେ ପ୍ରେରକ କ୍ରିୟାକଳାପର ବିକାଶକୁ ବର୍ଣ୍ଣନା କରିପାରିବ ।
- ସାମାଜିକ ଓ ଆବେଗାତ୍ମକ ବିକାଶକୁ ବର୍ଣ୍ଣନା କରିପାରିବ ।
- ଭାଷା ବିକାଶର ବର୍ଣ୍ଣନା ।
- ବୌଦ୍ଧିକ ବିକାଶକୁ ଚିହ୍ନଟ କରିପାରିବ ।
- ଶିଶୁର ଯତ୍ନ ଓ ବ୍ୟବହାରିକ ସମସ୍ୟା ଉପରେ ଆଲୋକପାତ କରିପାରିବ ।

## ୧୮.୧ ଜୀବନକାଳର ବିଭିନ୍ନ ସୋପାନ

ମନୁଷ୍ୟର ବିକାଶକୁ ବୁଝିବାକୁ ହେଲେ ଆମକୁ ଏହାର ବିଭିନ୍ନ ସୋପାନ ଉପରେ ଦୃଷ୍ଟିପାତ କରିବାକୁ ପଡ଼ିବ । ମନୁଷ୍ୟ ଜୀବନ କାଳକୁ ନିମ୍ନଲିଖିତ ସୋପାନରେ ବିଭକ୍ତ କରାଯାଇପାରିବ ।

**ସାରଣୀ ୧୮.୧ (ଜୀବନକାଳର ବିଭିନ୍ନ ସୋପାନ)**

| କ୍ର.ନଂ | ଜୀବନର ସୋପାନ | ବୟସ |
|---|---|---|
| ୧। | ପ୍ରାକ୍ ଜନ୍ମ ଅବସ୍ଥା | ଗର୍ଭଧାରଣରୁ ଜନ୍ମ ପର୍ଯ୍ୟନ୍ତ |
| ୨। | ନବଜାତ ଅବସ୍ଥା | ଜନ୍ମଠାରୁ ୧ମାସ ପର୍ଯ୍ୟନ୍ତ |
| ୩। | ଶୈଶବା ବସ୍ଥା | ୧ମାସରୁ ୨ ବର୍ଷ ପର୍ଯ୍ୟନ୍ତ |
| ୪। | ପ୍ରଥମ ବାଲ୍ୟାବସ୍ଥା | ୨ ବର୍ଷରୁ ୬ ବର୍ଷ |
| ୫। | ମଧ୍ୟ ବାଲ୍ୟାବସ୍ଥା | ୬ ବର୍ଷରୁ ୧୧ ବର୍ଷ |
| ୬। | କୈଶୋର | ୧୧/୧୨ ବର୍ଷରୁ ୧୮/୧୯ବର୍ଷ |
| ୭। | ପ୍ରଥମ ପ୍ରାପ୍ତ ବୟସ୍କ | ୧୮/୧୯ରୁ ୪୦ ବର୍ଷ |
| ୮। | ମଧ୍ୟ ବୟସ୍କ | ୪୦ ରୁ ୬୦ ବର୍ଷ |
| ୯। | ବାର୍ଦ୍ଧକ୍ୟ | ୬୦ ଏବଂ ତଦୁର୍ଦ୍ଧ |

ଉପର ସାରଣୀକୁ ଲକ୍ଷ୍ୟକଲେ ତୁମେ ଅନୁଭବ କରିବ ଯେ, ପ୍ରଥମ ସୋପାନଟି ଜନ୍ମର ପୂର୍ବାବସ୍ଥାର ବିକାଶ ଏବଂ ପରବର୍ତ୍ତୀ ୪(ଚରୋଟି) ସୋପାନକୁ ଶୈଶବ, ତା'ପର ସୋପାନ କୈଶୋର ଅଟେ । କୈଶୋର ପରବର୍ତ୍ତୀ ସୋପାନ ପ୍ରାପ୍ତ ବୟସ୍କ ଯାହାକି ପରବର୍ତ୍ତୀ ୨ଟି ସୋପାନ ୭ ଓ ୮ ଅଟେ । ଶେଷ ସୋପାନଟି ଯାହା ରହିଲା ତାହା ବୃଦ୍ଧା ଅବସ୍ଥାକୁ ବୁଝାଏ । ଏଣୁ ସାଧାରଣତଃ ଜନ୍ମ ପରବର୍ତ୍ତୀ ବିକାଶଧାରାକୁ ଚରୋଟି ସୋପାନରେ ବିଭକ୍ତ କରାଯାଇପାରେ ।

୧। ବାଲ୍ୟାବସ୍ଥା, ୨। କିଶୋର ଅବସ୍ଥା, ୩। ପ୍ରାପ୍ତ ବୟସ୍କ, ୪। ବୃଦ୍ଧାବସ୍ଥା


## ୧୮.୨ ବିକାଶର ନମୁନା :

ବିକାଶ ମୁଖ୍ୟତଃ ଅନେକଗୁଡ଼ିଏ ଜଟିଳ ପ୍ରକ୍ରିୟାର ପାରସ୍ପରିକ ସମ୍ବନ୍ଧ ଉପରେ ପର୍ଯ୍ୟବେଶିତ ପରିବର୍ତ୍ତନକୁ ବୁଝାଏ ଯଥା ଜୈବିକ, ସାମାଜିକ ଓ ବୌଦ୍ଧିକ ।

୧। **ଜୈବିକ ପ୍ରକ୍ରିୟା :** ଭୌତିକ ପରିବର୍ତ୍ତନ ଉପରେ ଏହା ନିର୍ଭରଶୀଳ । ଉତ୍ତରାଧିକାରୀ ସୁତ୍ରରେ ପ୍ରାପ୍ତ ପରମ୍ପରା, ଶରୀରର ବିଭିନ୍ନ ଅଙ୍ଗର ବିକାଶ, ପ୍ରେରକ କ୍ରିୟାକଳାପର ଗ୍ରହଣ, ଯୌବନାବସ୍ଥାର ହରମୋନ୍‌ର କ୍ଷରଣ ଇତ୍ୟାଦି ବିକାଶ ନିମନ୍ତେ ଆବଶ୍ୟକ ଜୈବିକ ପ୍ରକ୍ରିୟାକୁ ପ୍ରତିଫଳିତ କରିଥାଏ ।

୨। **ବୌଦ୍ଧିକ ବିକାଶ :** ଏହା ଶିଶୁର ଚିନ୍ତାଧାରା, ଜ୍ଞାନ ଏବଂ ଭାଷାଗତ ପରିବର୍ତ୍ତନକୁ ବୁଝାଏ । ଜ୍ଞାନ ଅର୍ଜନ କରିବା, ଉତ୍ତମ ବୁଝାମଣା, ମନଯୋଗୀ ହେବା, ସମସ୍ୟା ସମାଧାନ କରିବା, ସ୍ମରଣଶକ୍ତି, କଳ୍ପନା କରିବା ଇତ୍ୟାଦି ଶିଶୁର ବୌଦ୍ଧିକ ବିକାଶର ପ୍ରତିଫଳନ ଅଟେ ।

୩। **ସାମାଜିକ ପ୍ରକ୍ରିୟା :** ଏହା ପିଲାଟିର ଅନ୍ୟମାନଙ୍କ ସହିତ ସମ୍ପର୍କ ଗଠନର ପରିବର୍ତ୍ତନ, ଆବେଗ ଓ ବ୍ୟକ୍ତିତ୍ୱକୁ ବୁଝାଏ । ଶିଶୁଟିର ପ୍ରଥମ ହସ, ମା' ଏବଂ ଶିଶୁ ମଧ୍ୟରେ ସମ୍ପର୍କର ନିବିଡ଼ତା ବୃଦ୍ଧି, ସମସ୍ୟାରେ ସହଭାଗିତା ହେବା, ଦୃଢ଼ମନା ହେବା । ଅନ୍ୟମାନଙ୍କ ସହିତ ମିଶି ଖେଳିବା ଇତ୍ୟାଦିର ବିକାଶ ସାମାଜିକ ପ୍ରକ୍ରିୟାକୁ ବୁଝାଏ ।



ମନ୍ତବ୍ୟ (Notes)

## ବୃଦ୍ଧି ଏବଂ ବିକାଶ - (୦-୫ ବର୍ଷ)

ତୁମେ ନିଶ୍ଚିତ ମନେ ରଖିବା ଉଚିତ ଯେ ଏସବୁ ପ୍ରକ୍ରିୟା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଯାହାର ଅର୍ଥ ଏମାନେ ସର୍ବଦା ପରସ୍ପରକୁ ପ୍ରଭାବିତ କରିଥାଆନ୍ତି । ବୌଦ୍ଧିକ ପ୍ରକ୍ରିୟା ସାମାଜିକ ଆବେଗିକ ପ୍ରକ୍ରିୟାକୁ ଏବଂ ଜୈବିକ ପ୍ରକ୍ରିୟା ବୌଦ୍ଧିକ ପ୍ରକ୍ରିୟାକୁ ପ୍ରଭାବିତ କରେ । ଉଦାହରଣ ସ୍ୱରୂପ ଗୋଟିଏ ରୋଗିଣା ଶିଶୁ (ଜୈବିକ ପ୍ରକ୍ରିୟା) ଚିଡ଼ଚିଡ଼ା ହୁଏ । କ୍ରମାଗତ ଭାବେ କାଳେ (ସାମାଜିକ-ଆବେଗିକ) ସେ ଯଦି ବିଦ୍ୟାଳୟରେ ନିୟମିତ ଭାବରେ ଅନୁପସ୍ଥିତ ରହେ, ତେବେ ପିଲାଟି ପାଠରେ ପଛୁଆ ରହିଯାଏ (ବୌଦ୍ଧିକ ପ୍ରକ୍ରିୟା) କ୍ରମାଗତ ଭାବରେ ଚିଡ଼ଚିଡ଼ା ହେବା ମଧ୍ୟ ଅନ୍ୟମାନଙ୍କ ସହିତ ସମ୍ପର୍କକୁ ପ୍ରଭାବିତ କରେ (ସାମାଜିକ ପ୍ରକ୍ରିୟା) ।

**କାର୍ଯ୍ୟାବଳୀ ୧୮.୧ :** ବୌଦ୍ଧିକ, ସାମାଜିକ ଏବଂ ଜୈବିକ ପ୍ରକ୍ରିୟା ପ୍ରତ୍ୟେକରୁ ୫ଟି ଲେଖାଏଁ ଉଦାହରଣ ଦେଇ ତାଲିକା କର । ଅନ୍ତତଃ ଦୁଇଟି ଅବସ୍ଥା ମଧ୍ୟରେ ପାରସ୍ପରିକ ସମ୍ପର୍କ ଦର୍ଶାଅ ।

| କ୍ର.ନଂ | ବୌଦ୍ଧିକ | ସାମାଜିକ | ଜୈବିକ | ସମ୍ପର୍କ |
|---|---|---|---|---|
| ୧। | | | | |
| ୨। | | | | |
| ୩। | | | | |
| ୪। | | | | |
| ୫। | | | | |

### ପାଠଗତ ପ୍ରଶ୍ନ : ୧୮.୧

୧। ସ୍ତମ୍ଭ ୧ ରେ ଦିଆଯାଇଥିବା ନମୁନା ଏବଂ ସୋପାନଗୁଡ଼ିକୁ ସ୍ତମ୍ଭ ୨ରେ ଦିଆଯାଇଥିବା ତଥ୍ୟ ସହିତ ଯୋଡ଼ ।

| ସ୍ତମ୍ଭ "୧" | ସ୍ତମ୍ଭ "୨" |
|---|---|
| ୧। ନବଜାତ | (କ) ୧୮/୧୯ବର୍ଷ- ୪୦ବର୍ଷ |
| ୨। କିଶୋର ଅବସ୍ଥା | (ଖ) ୨ରୁ-୬ବର୍ଷ |
| ୩। ପ୍ରଥମ ପ୍ରାପ୍ତ ଅବସ୍ଥା | (ଗ) ଉଚ୍ଚତା ବୃଦ୍ଧି |
| ୪। ପ୍ରଥମ ବାଲ୍ୟ ଅବସ୍ଥା | (ଘ) ବନ୍ଧୁତା କରିବା |
| ୫। ବୌଦ୍ଧିକ ପ୍ରକ୍ରିୟା | (ଙ) ଜନ୍ମଠାରୁ ୧ ମାସ ପର୍ଯ୍ୟନ୍ତ |
| ୬। ସାମାଜିକ ପ୍ରକ୍ରିୟା | (ଚ) ରଙ୍ଗୀନ୍ ମୋବାଇଲ ଦେଖିବା |
| ୭। ଜୈବିକ ପ୍ରକ୍ରିୟା | (ଛ) ୧୧-୧୨ ବର୍ଷରୁ ୧୮-୧୯ ବର୍ଷ ପର୍ଯ୍ୟନ୍ତ |
| | (ଜ) ଆନନ୍ଦ ପ୍ରକାଶ କରିବା |
| | (ଝ) ଓଜନ ବୃଦ୍ଧି ହେବା |
| | (ଞ) ସମ୍ପର୍କୀୟମାନଙ୍କ ସହିତ କଳିକଜିଆ କରିବା |



୨। ପ୍ରଥମ ପ୍ରଶ୍ନରେ ଦିଆଯାଇଥିବା ତଥ୍ୟଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ବିକାଶର ବିଭିନ୍ନ ସୋପାନଗୁଡ଼ିକୁ ବୁଝାନ୍ତି ତାହା ବାଛି ଲେଖ ।

...........................................................................................

...........................................................................................

...........................................................................................

...........................................................................................

...........................................................................................

୩. ପ୍ରଥମ ପ୍ରଶ୍ନର ଦିଆଯାଇଥିବା ତଥ୍ୟ ଗୁଡ଼ିକ ମଧ୍ୟରୁ ଯେଉଁ ଗୁଡ଼ିକ ବିକାଶର ଦୃଷ୍ଟାନ୍ତ ବୁଝାନ୍ତି, ବାଛି ଲେଖ ।

...........................................................................................

...........................................................................................

...........................................................................................

...........................................................................................

...........................................................................................

## ୧୮.୩ ପ୍ରଥମ ଶୈଶବ ଅବସ୍ଥାରେ ବୃଦ୍ଧି ଏବଂ ବିକାଶ

ବୃଦ୍ଧି ଏବଂ ବିକାଶ ହେଉଛି ପରସ୍ପରର ପରିପୂରକ ପ୍ରକ୍ରିୟ । ବୃଦ୍ଧି ଶରୀରର ପରିମାଣାତ୍ମକ ପରିବର୍ତ୍ତନକୁ ବୁଝାଏ ତଥା ଉଚ୍ଚତା ଏବଂ ଓଜନର ବୃଦ୍ଧି, ଯେତେବେଳେ ବିକାଶ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ପରିବର୍ତ୍ତନକୁ ବୁଝାଏ । ଉଦାହରଣ ସ୍ୱରୂପ ଭାଷା ଶିକ୍ଷାକରିବା । ବିକାଶର ସଂଜ୍ଞାହେଲା କ୍ରମାଗତ ଭାବରେ ହେଉଥିବା ସମାନୁ ଗତିକ ପରିବର୍ତ୍ତନ ।

ବୃଦ୍ଧି – ପରିମାଣାତ୍ମକ ପରିବର୍ତ୍ତନ
ବିକାଶ – ଗୁଣାତ୍ମକ ଓ ପରିମାଣାତ୍ମକ ପରିବର୍ତ୍ତନ


ସମସ୍ତ ପ୍ରକାର ବିକାଶ ପ୍ରକ୍ରିୟା ଗୁଡିକ କେତେକ ନିୟମ ଅନୁସାରେ ହୋଇଥାଏ । ସେଥିରୁ କେତୋଟି ନିମ୍ନରେ ପ୍ରଦାନ କରାଗଲା

୧) ସମସ୍ତ ବୃଦ୍ଧି ଏବଂ ବିକାଶ ଗୋଟିଏ ସୃଶୃଙ୍ଖଳିତ ଧାରାକୁ ଅନୁସରଣକରେ । ଗୋଟିଏ ଶିଶୁ କେବଳ ବସିବାକୁ ସକ୍ଷମ ହୁଏ ଯେତେବେଳେ ତା'ର ପଶ୍ଚାତ୍ ଭାଗରେ ଥିବା ମାଂସପେଶୀ ଶରୀରକୁ ଧରିରଖିବାରେ ସକ୍ଷମ ହୁଏ ।



ଚିତ୍ର ୧୮.୧ (କ)
ବୃଦ୍ଧିର ଅନୁକ୍ରମ

୨) ପ୍ରତ୍ୟେକ ଶିଶୁ ସାଧାରଣତଃ ଅନେକ ଗୁଡିଏ ସୋପାନ ଦେଇ ଗତି କରିଥାଏ ଏବଂ ପ୍ରତ୍ୟେକ ସୋପାନର ନିଜସ୍ୱଃ ସ୍ୱତନ୍ତ୍ର ଗୁଣବତ୍ତା ଥାଏ ।






୩) ବିକାଶ ସମୟରେ ବ୍ୟକ୍ତିଗତ ପାର୍ଥକ୍ୟ ଦେଖାଯାଏ । ପ୍ରତ୍ୟେକ ଶିଶୁର ଏକ ନିର୍ଦ୍ଦିଷ୍ଟ ହାରରେ ବୃଦ୍ଧି ଘଟେ । ତୁମେ ଜାଣ ଯେ ଶିଶୁଟିଏ ବର୍ଷକ ର ହେଲେ ଚାଲିବାକୁ ଆରମ୍ଭ କରିଥାଏ । ମାତ୍ର କେତେକ ଶିଶୁ ଏହା ପୂର୍ବରୁ ଓ ଏହା ପରେ ମଧ ଚାଲିଥାଆନ୍ତି ।

୪) ଯଦିଓ ଜଣେ ମଣିଷର ବିକାଶ ଏକୀକୃତ, ମାତ୍ର ତାର ଶରୀରର ପ୍ରତ୍ୟେକ ଭାଗ ବିଭିନ୍ନ ବେଗରେ ବୃଦ୍ଧିଲାଭ କରିଥାନ୍ତି, ସାଧାରଣତଃ ଏହି ବିକାଶର ଧାରାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

(କ) ଆମସ୍ତକ - ପାଦ ବିକାଶ ଅର୍ଥାତ୍ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ବିକାଶ । ମୁଣ୍ଡ ଓ ମସ୍ତିଷ୍କ ବୃଦ୍ଧି ପ୍ରଥମେ ଘଟେ, ତାପରେ ଶରୀର ଓ ତାପରେ ବେକ ଇତ୍ୟାଦି ।


(ଖ) ସମୀପ - ଦୂରାଭି ମୁଖି ବିକାଶ ଅର୍ଥାତ୍ ବିକାଶ କେନ୍ଦ୍ରରୁ ଆରମ୍ଭ ହୋଇ ପ୍ରାନ୍ତ ଆଡ଼କୁ ଯାଏ । ଶିଶୁଟିଏ ମେରୁଦଣ୍ଡର ପ୍ରଥମେ ବିକାଶ ହୁଏ, ତାପରେ ହାତ ଓ ଆଙ୍ଗୁଠିର ବିକାଶ ହୁଏ ।



ଚିତ୍ର ୧୮.୧ (ଖ) : ଅନୁକ୍ରମିକ ବିକାଶ

ଆନୁବଂଶିକ ପ୍ରକୃତିଦତ୍ତ ଗୁଣାବଳୀ ଗୁଡ଼ିକ ପିତାମାତାଙ୍କ ଠାରୁ ଶିଶୁକୁ ଆସିଥାଏ ।

୫. ପରିପକ୍ୱତା ଓ ଶିକ୍ଷାର ପାରସ୍ପରିକ କ୍ରିୟା ହେଉଛି ବିକାଶ । ଯେତେବେଳେ ପରିପକ୍ୱତା ଜଣେ ବ୍ୟାକ୍ତିର ଆନୁବଂଶିକ ପ୍ରକୃତିଦତ୍ତ ଗୁଣାବଳୀ ଉପରେ ପର୍ଯ୍ୟବେସିତ, ସେତେବେଳେ ଶିକ୍ଷା ତୁଳନାତ୍ମକ ଭାବରେ ସହନଶୀଳତାର ପରିବର୍ତ୍ତନକୁ ବୁଝାଏ ଯାହା ଅଭିଜ୍ଞତା ଓ ଅଭ୍ୟାସରୁ ଆସିଥାଏ ।







## ୧୮.୪ ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରୁଥିବା ଉପାଦାନ

(i) **ଅନୁବଂଶ –** ଶିଶୁର ଜନ୍ମଗତ ଗୁଣ ଓ ଦକ୍ଷତା ଯାହାକୁ ସେ ଜନ୍ମହେବା ପୂର୍ବରୁ ପିତାମାତାଙ୍କ ଠାରୁ ଗ୍ରହଣ କରିଥାଏ ତାହାକୁ ଅନୁବଂଶ କୁହାଯାଏ । ଶରୀରର ରଙ୍ଗ, ଆଖି, ଉଚ୍ଚତା, ଶରୀରର ଆକାର, ବୋଧଶକ୍ତି ତୀକ୍ଷଣ ଧିବାକ୍ତି ଇତ୍ୟାଦି ଲକ୍ଷଣ ଗୁଡିକ ଯାହା ଶିଶୁଠାରେ ଦେଖାଯାଏ ସେଥିପାଇଁ ଅନୁବଂଶ ଦାୟୀ ଏହାକୁ ଏକ ନିର୍ଦ୍ଦିଷ୍ଟ ସୀମାରେଖା ମଧ୍ୟରେ କେହି ବଦଳାଇ ପାରିବେ ନାହିଁ ।

(ii) **ପ୍ରାକ୍‌ଜନ୍ମାବସ୍ଥା ପରିବେଶ –** ଏହା ମାତୃଗର୍ଭରେ ବଢୁଥିବା ଭ୍ରୁଣର ପରିବେଶକୁ ବୁଝାଏ । ଯଦି ମାଆ'କୁ ପୁଷ୍ଟିକର ଖାଦ୍ୟ ନମିଳେ, ମାନସିକ ଦୁଶ୍ଚିନ୍ତା । ଗ୍ରସ୍ତ ରହେ, ମଦ୍ୟ ତଥା ଧୂମ ପାନ କରୁଥାଏ, କିଛି ଔଷଧ ଖାଉଥାଏ କିମ୍ବା କୌଣସି ରୋଗରେ ପୀଡିତ ହୋଇଥାଏ ତେବେ ଭ୍ରୁଣର ବିକାଶରେ ବାଧା ସୃଷ୍ଟି ହୁଏ ।

(iii) **ପୁଷ୍ଟି –** ପିଲାମାନଙ୍କର ସୁସ୍ଥ ଶାରୀରିକ ଓ ମାନସିକ ବିକାଶ ପାଇଁ ଉପଯୁକ୍ତ ପୁଷ୍ଟି ଅତ୍ୟନ୍ତ ଆବଶ୍ୟକ, ଅପପୁଷ୍ଟି ଦ୍ୱାରା ଶିକାର ଶିଶୁର ବିକାଶ ମନ୍ଥର ହୋଇଥାଏ ।

(iv) **ବୋଧଶକ୍ତି –** ଶିଶୁର ଶାରୀରିକ ଓ ମାନସିକ ବିକାଶ ଭଲ ଭାବରେ ହୋଇଥିଲେ ତାର ବୋଧଶକ୍ତି ବୃଦ୍ଧିପାଏ, ଅନ୍ୟପକ୍ଷରେ ଏହା ଯଦି ମନ୍ଥର ହୋଇଥାଏ ତେବେ ବୋଧଶକ୍ତି କମିଥାଏ ।

(v) **ଗୃହ ର ଆବେଗିକ ପରିବେଶ –** ଯଦି ଗୃହରେ ସର୍ବଦା କନ୍ଦଳ ବା ଅଶାନ୍ତି ଲାଗିରହେ କିମ୍ବା ଶିଶୁଟିକୁ ଯଥେଷ୍ଟ ସ୍ନେହ ଓ ଆଦର ନମିଳେ କିମ୍ବା ଶିଶୁ ପ୍ରତି ଯଦି ମାନସିକ ବା ଶାରୀରିକ ଦୁର୍ବ୍ୟବହାର କରାଯାଏ ତେବେ ଶିଶୁଟିର ବିକାଶରେ ବାଧା ସୃଷ୍ଟି ହୁଏ ।

(vi) **ଶିଶୁଟିର ସ୍ୱାସ୍ଥ୍ୟ –** ଯଦି ଶିଶୁଟି ବାରମ୍ବାର ଅସୁସ୍ଥ ହୋଇଥାଏ, କୌଣସି ରୋଗ ଗ୍ରସ୍ତ ହୋଇଥାଏ, ଶାରିରୀକ ଅକ୍ଷମ ହୋଇଥାଏ କିମ୍ବା ଅନ୍ତଃସ୍ରାବୀ ଗ୍ରନ୍ଥି ଅତ୍ୟଧିକ ବା ଅତିନିମ୍ନ କ୍ରିୟାଦ୍ୱାରା ଆକ୍ରାନ୍ତ ହୋଇଥାଏ, ତେବେ ଏହା ତାହାର ସ୍ୱାଭାବିକ ବୃଦ୍ଧି ଓ ବିକାଶରେ ବିଶୃଙ୍ଖଳା ସୃଷ୍ଟି କରିଥାଏ ।

(vii) **ଉଦ୍ଦୀପନାର ମାତ୍ରା –** ଶିଶୁପାଇଁ ପରିବେଶରୁ ମିଳୁଥିବା ଉଦ୍ଦୀପନାର ପରିମାଣ ଅର୍ଥାତ୍- ପରିବେଶକୁ ତନ୍ନ ତନ୍ନ କରି ବୁଝିବା ପାଇଁ ମିଳୁଥିବା ସୁଯୋଗ, ବିଭିନ୍ନ ବ୍ୟକ୍ତିମାନଙ୍କ ସହିତ ପାରସ୍ପରିକ ପ୍ରତିକ୍ରିୟାର ସୁଯୋଗ ଇତ୍ୟାଦି ଶିଶୁର ବିକାଶ ର ହାରକୁ ପ୍ରଭାବିତ କରିଥାନ୍ତି ।

(viii) **ସାମାଜିକ ଏବଂ ଅର୍ଥନୈତିକ ସ୍ଥିତି –** ଏହା ଶିଶୁପାଇଁ ମିଳୁଥିବା ପୁଷ୍ଟିର ପ୍ରକାର, ଉଦ୍ଦୀପନା, ସୁବିଧା ସୁଯୋଗ ଆନୁବଂଶିକ ପ୍ରକୃତିଦତ୍ତ ଗୁଣାବଳୀ ଶିଶୁର ବିକାଶକୁ ନିମନ୍ତେ ପ୍ରଭାବିତ କରିଥାଏ ।

(ix) **ଲିଙ୍ଗ –** ସମସ୍ତ ଶିଶୁ ବିକାଶର ସମାନ ପର୍ଯ୍ୟାୟ ଦେଇ ଗତି କରିଥାନ୍ତି ମାତ୍ର କିଛି ଦକ୍ଷତା ଝିଅମାନଙ୍କଠାରେ ଶିଘ୍ର ଦେଖାଯାଏ ଓ ଅନ୍ୟ କିଛି ଦକ୍ଷତା ପୁଅ ମାନଙ୍କ ଠାରେ ଶିଘ୍ର ଦେଖାଯାଏ । ଉଦାହରଣ ସ୍ୱରୂପ କଥାକହି ଶିଖିବା ଝିଅମାନଙ୍କଠାରେ ଶିଘ୍ର ହୋଇଥାଏ ଏବଂ ଖେଳିବା ଡେଇଁ ବା, ଫିଙ୍ଗିବା ଇତ୍ୟାଦି ଦକ୍ଷତା ଗୁଡିକ ପୁଅ ମାନଙ୍କ ଠାରେ ଶିଘ୍ର ଦେଖାଯାଏ । ଶାରୀରିକ





ବିକାଶ ନିମନ୍ତେ ଯୌବନାବସ୍ଥାର ପ୍ରାପ୍ତି ଦାୟୀ, ଯଥା ପୁଅମାନେ ଝିଅମାନଙ୍କ ଠାରୁ ଡେଙ୍ଗା, ସୁଦୃଢ଼ ଏବଂ ଓଜନିଆ ହୋଇଥାନ୍ତି ।

## ୧୮.୨ ପାଠଗତ ପ୍ରଶ୍ନ

ଶବ୍ଦାବଳୀ ର ପରୀକ୍ଷା -

ତୁମ ପାଇଁ ମାନବ ବିକାଶ ଏକ ନୂତନ ତତ୍ତ୍ୱ ଏବଂ ଏହା ପଢିଲା ବେଳେ ତୁମେ ଅନେକ ଗୁଡିଏ ନୂତନ ଶବ୍ଦର ସଂସ୍ପର୍ଶରେ ଆସିଥାଅ । ଏହି ପାଠ୍ୟ କ୍ରମରେ ବ୍ୟବହୃତ ହୋଇଥିବା କେତେଗୁଡିଏ ନୂତନ ଶବ୍ଦ ନିମ୍ନରେ ପ୍ରଦାନ କରାଗଲା । ସେହି ଶବ୍ଦ ଗୁଡିକର ପ୍ରକୃତ ଅର୍ଥ ଦିଆଯାଇଥିବା ବିକଳ୍ପ ଗୁଡିକ ମଧ୍ୟରୁ ବାଛ ଏବଂ ସେଗୁଡିକର, ପାଠ୍ୟକ୍ରମ ଶେଷରେ ଦିଆଯାଇ ଥିବା ସଠିକ୍ ଉତ୍ତର ସହିତ ମିଳାଅ ।

(୧) ଶାରୀରିକ ଗଠନ - (କ) କେତେଗୁଡିଏ ସଂଗୃହୀତ କଳାକୃତିର ଗଠନ (ଖ) ଗୋଟିଏ ଘରର ଆକୃତି (ଗ) ମନୁଷ୍ୟର ଶାରୀରିକ ଗଠନ

(୨) ବୋଧଶକ୍ତି - (କ) କୌତୁହଳ ପୂର୍ଣ୍ଣ କଥାବାର୍ତ୍ତା କରିବା (ଖ) ଯୁକ୍ତି ଯୁକ୍ତ ଚିନ୍ତାଧାରାର କ୍ଷମତା (ଗ) ଚତୁର

(୩) ଆନୁବଂଶିକ ପ୍ରକୃତି-ଦତ୍ତ ଗୁଣାବଳୀ - (କ) ଜିନ୍ ପ୍ୟାଣ୍ଟ ପିନ୍ଧିବା (ଖ) ପିତାମାତାଠାରୁ ଲାଭ କରିଥିବା ଏକ ନିର୍ଦ୍ଦିଷ୍ଟ ଆନୁବଂଶିକ ଗୁଣ । (ଗ) ମୁକ୍ତ ହସ୍ତରେ ଦାନ କରିବା

(୪) ଅନ୍ତଃସ୍ରାବୀ ଗ୍ରନ୍ଥୀର କାର୍ଯ୍ୟ - (କ) ଏକ ମୁଖ୍ୟ ଉତ୍ସବରେ ଯୋଗ ଦେବା (ଖ) ଏକ ଅପରାଧରୁ ସମାପ୍ତି କରିବା (ଗ) ହରମୋନ୍ କ୍ଷରିତ ହେଉଥିବା ଗ୍ରନ୍ଥିର କାର୍ଯ୍ୟ

(୫) ପ୍ରାକ୍‌ଜନ୍ମାବସ୍ଥାର ପରିବେଶ - (କ) ମାତୃଗର୍ଭରେ ବଢୁଥିବା ଶିଶୁର ପରିବେଶ (ଖ) ପ୍ରଦୂଷିତ ପରିବେଶ (ଗ) ସୁସ୍ଥ ପରିବେଶ

(୬) ଗୃହର ଆବେଗିକ ପରିବେଶ - (କ) ଗୃହରେ ଖୁସିର ପରିବେଶ (ଖ) ଗୃହରେ ଭୟର ପରିବେଶ (ଗ) ଗୃହରେ ଭାବନାତ୍ମକ ପରିବେଶ

## ୧୮.୪ ଶାରୀରିକ ବିକାଶ

ଶାରୀରିକ ବିକାଶ (ସ) ଉଚ୍ଚତା ଏବଂ ଓଜନ ବୃଦ୍ଧି (ସସ) ଆନୁପାତିକ ଶାରୀରିକ ପରିବର୍ତ୍ତନ ଏବଂ (ସସସ) ଦାନ୍ତ, ହାତ ଏବଂ ମାଂସପେଶୀର ବିକାଶକୁ ବୁଝାଏ ।

(i) **ଉଚ୍ଚତା ଓ ଓଜନ ବୃଦ୍ଧି -**

ଗୋଟିଏ ନବଜାତ ଶିଶୁର ଓଜନ ସାଧାରଣତଃ ୨ରୁ୩.୫ କିଲୋ ହୋଇଥାଏ ଏବଂ ୩/୪ ଦିନ ମଧ୍ୟରେ ୧୫୦ ରୁ ୨୦୦ ଗ୍ରାମ୍ ଓଜନ କମିଯାଇଥାଏ । ଏହାପରେ ଶିଶୁର ଦ୍ରୁତ ବୃଦ୍ଧିଘଟେ ଏବଂ ୬ମାସ ଓଜନ ପ୍ରାୟ ୨ଗୁଣ ହୋଇଥାଏ । ବର୍ଷକ ମଧ୍ୟରେ ମୂଳ ଓଜ ପ୍ରାୟ ୩ଗୁଣ ହୋଇଥାଏ ।

ଉଚ୍ଚତା - ନବଜାତ ଶିଶୁର ଉଚ୍ଚତା ୪୦ ରୁ ୫୦ ସେ.ମି ହୋଇଥାଏ ଏବଂ ବର୍ଷକ ମଧ୍ୟରେ ଏହା ପ୍ରାୟ ଦେଢଗୁଣ ବୃଦ୍ଧି ପାଏ । ଏହାପରେ ସାରଣୀରେ ଦିଆଯାଇ ତଥ୍ୟ ଅନୁସାରେ ଏହାର ବୃଦ୍ଧି ଘଟେ ।


ମନ୍ତବ୍ୟ (Notes)


### ସାରଣୀ ୧୮.୨
### ଏନ୍ ସି ଏଚ ଏସ୍ (NCHS) ଅନୁସାରେ ଶିଶୁ ଓ କିଶୋର ମାନଙ୍କର ଶରୀରର ରେଫରେନ୍ସ ଉଚ୍ଚତା ଏବଂ ଓଜନ

| ବୟସ | ବାଳକ | | ବାଳିକା | |
|---|---|---|---|---|
| | ଉଚ୍ଚତା (ସେ.ମି) | ଓଜନ (କିଗ୍ରା) | ଉଚ୍ଚତା (ସେ.ମି) | ଓଜନ (କିଗ୍ରା) |
| ୦ | ୫୦.୫ | ୩.୩ | ୪୯.୯ | ୩.୨ |
| ୧/୪ (୩m) | ୬୧.୧ | ୬.୦ | ୬୦.୨ | ୫.୪ |
| ୧/୨(୬m) | ୬୭.୮ | ୭.୮ | ୬୬.୬ | ୭.୨ |
| ୩/୪ (୯m) | ୭୨.୩ | ୯.୨ | ୭୧.୧ | ୮.୬ |
| ୧.୦ | ୭୬.୧ | ୧୦.୨ | ୭୫.୦ | ୯.୫ |
| ୧.୫ | ୮୨.୪ | ୧୧.୫ | ୮୦.୯ | ୧୦.୮ |
| ୨.୦ | ୮୫.୬ | ୧୨.୩ | ୮୪.୫ | ୧୧.୮ |
| ୩.୦ | ୯୪.୯ | ୧୪.୬ | ୯୩.୯ | ୧୪.୧ |
| ୪.୦ | ୧୦୨.୯ | ୧୬.୭ | ୧୦୧.୬ | ୧୬.୦ |
| ୫.୦ | ୧୦୯.୯ | ୧୮.୭ | ୧୦୮.୪ | ୧୭.୭ |
| ୬.୦ | ୧୧୬.୧ | ୨୦.୭ | ୧୧୪.୬ | ୧୯.୫ |
| ୭.୦ | ୧୨୧.୭ | ୨୨.୯ | ୧୨୦.୬ | ୨୧.୮ |
| ୮.୦ | ୧୨୭.୦ | ୨୫.୩ | ୧୨୬.୪ | ୨୪.୮ |
| ୯.୦ | ୧୩୨.୨ | ୨୮.୧ | ୧୩୨.୨ | ୨୮.୫ |
| ୧୦.୦ | ୧୩୭.୫ | ୩୧.୪ | ୧୩୮.୩ | ୩୨.୫ |
| ୧୧+ | ୧୪୦ | ୩୨.୨ | ୧୪୨ | ୩୩.୭ |
| ୧୨+ | ୧୪୭ | ୩୭.୦ | ୧୪୮ | ୩୮.୭ |
| ୧୩+ | ୧୫୩ | ୪୦.୯ | ୧୫୫ | ୪୪.୦ |
| ୧୪+ | ୧୬୦ | ୪୭.୦ | ୧୫୯ | ୪୮.୦ |
| ୧୫+ | ୧୬୬ | ୫୨.୬ | ୧୬୧ | ୫୧.୪ |
| ୧୬+ | ୧୭୧ | ୫୮.୦ | ୧୬୨ | ୫୩.୦ |
| ୧୭+ | ୧୭୫ | ୬୨.୭ | ୧୬୩ | ୫୪.୦ |
| ୧୮+ | ୧୭୭ | ୬୫.୦ | ୧୬୪ | ୫୪.୪ |

ମନ୍ତବ୍ୟ (Notes)

(ii) **ଆନୁପାତିକ ଶାରୀରିକ ପରିବର୍ତ୍ତନ -** ନବଜାତ ଶିଶୁର ମୁଣ୍ଡ ସମୁଦାୟ ଶରୀରର ଏକ ଚତୁର୍ଥାଂଶ (୧/୪) ହୋଇଥାଏ । ଶିଶୁର ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଶରୀରର ଆକୃତି ଆନୁପାତିକ ହୋଇଥାଏ । ଯାହା ନିମ୍ନରେ ଦିଆଯାଇଥିବା ଚିତ୍ରରେ ଦର୍ଶାଯାଇଛି ।




**ଶାରୀରିକ ବୃଦ୍ଧିର ଧାରା -**

ଗୋଟିଏ ଶିଶୁର ମୁଣ୍ଡଠାରୁ ପାଦ ର ଆଙ୍ଗୁଠି ପର୍ଯ୍ୟନ୍ତ ବୃଦ୍ଧି ଘଟିଥାଏ । ବେକ ଏବଂ କାନ୍ଧର ମାଂସପେଶୀ ସୁଦୃଢ ହେଲେ ଶିଶୁଟି ବସିପାରେ । ଗଣ୍ଠି ଭାଗ ସୁଦୃଢ ହେଲେ ସେ ଛିଡା ହୋଇପାରେ । ଶାରୀରିକ ବୃଦ୍ଧିର ସମୟ କ୍ରମ ପରିବେଶ ତୁଳନାରେ ଲାଭ କରିଥିବା ବଂଶଗତ ଗୁଣ ଉପରେ ଅଧିକ ନିର୍ଭର କରିଥାଏ । ଭୂଇଁରେ ବସିଥିବା ଶିଶୁ ତା ଚରିପାଖରେ ପଡିଥିବା କୌତୁହଳ ପୂର୍ଣ୍ଣ ଖେଳନାକୁ ଦେଖି ଯେତେଶିଘ୍ର ଗୁରୁଣ୍ଡିପାରେ ସେହି ଅନୁସାରେ ବଜାରରେ ମିଳୁଥିବା ଖେଳନା ଗାଡ ଭିତରେ (ବେବିୱାକର) ଅଧିକ ସମୟ ବସିରହିଥିବା ଶିଶୁ ଶିଘ୍ର ଗୁରୁଣ୍ଡିବା ଶିଖି ପାରେ ନାହିଁ ।



ଚିତ୍ର ୧୮.୨ - ଶାରୀରିକ ବିକାଶର ଧାରା

୧. **୬ ସପ୍ତାହ -** ମା'କୁ ଦେଖି ହସିବା, ଆଖ ବୁଲାଇ ମା'କୁ ଦେଖିବା ।

୨. **୩ ମାସ -** ଶବ୍ଦ ଶୁଣି ମୁଣ୍ଡ ବୁଲାଇବା, ମା' କାନ୍ଧରେ ମୁଣ୍ଡ ରଖି ଝୁଲିବା

୩. **୬ ମାସ -** କାନ୍ଧରେ ମୁଣ୍ଡ ରଖିଲା ବେଳେ ମୁଣ୍ଡ ଓ ପିଠଇକୁ ସିଧାରଖିବା, ଗଦି ତକିଆରେ ଭରାଦେଇ ବସିବା, ହାତ ଉଠାଇ ମା' ପାଖକୁ ଯିବା ପାଇଁ ଇସାରା କରିବା ।

ଶିଶୁର ବୃଦ୍ଧି ଦ୍ରୁତ ହେବା ସଙ୍ଗେ ସଙ୍ଗେ ଶିଶୁଟି ମାଂସପେଶୀ, ଗଣ୍ଡି ଓ ପିଠିଦ୍ୱାରା, ତା'ପରେ ହାତଦ୍ୱାରା ଏବଂ ସର୍ବଶେଷରେ ଆଙ୍ଗୁଠି ଦ୍ୱାରା ନିଜର ନିୟନ୍ତ୍ରଣ ରକ୍ଷା କରିଥାଏ ।

(iii) **ଦାନ୍ତ, ହାତ ଏବଂ ମାଂସପେଶୀର ବିକାଶ -**

**୧) ଦାନ୍ତ -** ୫ ରୁ ୬ମାସ ମଧ୍ୟରେ ଗୋଟିଏ ସାଧାରଣ ସ୍ୱାସ୍ଥ୍ୟବାନ୍ ଶିଶୁର ପ୍ରଥମେ ତଳ ପାଟିରେ ମଧ୍ୟମ ଦାନ୍ତ ଉଠିଥାଏ ଏବଂ ୭ମାସ ବେଳକୁ ଏହାର ଉପର ଦାନ୍ତଟି ଉଠେ । ୮




ମନ୍ତବ୍ୟ (Notes)

ମାସ ବେଳକୁ ଉପର ପାଟିର ଶ୍ୱାଳ ଦାନ୍ତ ଦୁଇଟି ଉଠିଯାଏ ଏବଂ ୯ ରୁ ୧୦ ମାସ ମଧ୍ୟରେ ତଳ ପାଟିର ଶ୍ୱାଳ ଦାନ୍ତ ଗୁଡିକ ଉଠିଥାଏ ଯାହାକୁ ଦୁଗ୍ଧ ଦାନ୍ତ କୁହାଯାଏ । କାରଣ ୩ ବର୍ଷ ବେଳକୁ ୨୦ଟି ଦାନ୍ତ ଉଠିଥାଏ, ଯାହାକୁ ଦୁଗ୍ଧ ଦାନ୍ତ କୁହାଯାଏ । ଶୈଶବ ମଧ୍ୟାବସ୍ଥାରେ ଏହି ଦାନ୍ତ ଗୁଡିକ କ୍ଷୟ ହୋଇ ଯାଏ ଏବଂ ସେ ଜାଗାରେ ସ୍ଥାୟୀ ଦାନ୍ତ ଗୁଡିକ ଉଠିଥାଏ ।

**୨) ଅସ୍ଥି ଓ ମାଂସପେଶୀ –** ଜନ୍ମ ହେଲାବେଳେ ଶିଶୁର ଅସ୍ଥି ଗୁଡିକ କୋମଳ ଥାଏ ଅଧିକ ଉପାସ୍ଥିରେ ଗଠିତ ହୋଇଥାଏ । ଶିଶୁର ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଅସ୍ଥିରେ କ୍ୟାଲ୍‌ସିୟମ ଜମାଟ ହୋଇଥାଏ ଯାହାକି ଏକ କ୍ରମାଗତ ପ୍ରକ୍ରିୟା ଏବଂ ଯାହାକୁ ଅସ୍ଥିର ଗଠନ କୁହାଯାଏ । ଏହି କାରଣରୁ ପିଲାମାନେ ପଡ଼ିବାରେ ସେମାନଙ୍କର ହାତ ସହଜରେ ଭାଙ୍ଗେ ନାହିଁ । ଶିଶୁ ମାନଙ୍କର ଅସ୍ଥିଗୁଡିକ ଚର୍ବି ଏବଂ ମାଂସପେଶୀ ଦ୍ୱାରା ଆବୃତ ହୋଇ ରହିଥାଏ । ପ୍ରାଥମିକ ଅବସ୍ଥାରେ ଚର୍ବିର ପରିମାଣ ମାଂସପେଶୀ ଠାରୁ ଅଧିକା ଥାଏ ବୟସ ବୃଦ୍ଧିହେବା ସଙ୍ଗେ ସଙ୍ଗେ ମାଂସବେଶୀ ଚର୍ବିର ସ୍ଥାନ ପୂରଣ କରେ ।

## ୧୮.୫ ପ୍ରେରକ କ୍ରିୟା କଳାପର ବିକାଶ

| ବୟସ | ପ୍ରେରକ କ୍ରିୟାକଳାପ |
|---|---|
| ୦-୨ ମାସ | ଲକ୍ଷ୍ୟହୀନ ଭାବରେ ଗୋଇଠା ମାରିବା, ହାତ ଗୋଡ ଛାଟିବା ହାତ ମୁଠା କରିବା । |
| ୨-୪ ମାସ | ଆଖି ବୁଲାଇ ଚାଲୁଥିବା ଲୋକଙ୍କୁ ଦେଖିବା, ଉଜ୍ଜ୍ୱଳ ବସ୍ତୁ ଆଡକୁ ଚାହିଁବା, ପେଟରେ ଭରାଦେଇ ଅଣ୍ଟଉଛ ଛାତିକୁ ଉଠାଇବା ମୁଣ୍ଡଟେକି ଚାହିଁବା, କଡ ଲେଉଟାଇ ଗଡିବା, କଣ୍ଢେଇ କୁ ହାତ ମୁଠାରେ ଧରିବାକୁ ଚେଷ୍ଟା କରିବା । |
| ୪ ରୁ ୬ ମାସ | ଟେକି ଧରିଲେ ମୁଣ୍ଡସିଧା ରଖିବା, କଣ୍ଢେଇ ଧରିବା, ଏବଂ କୌଣସି ଜିନିଷ ଦେଖିଲେ ଧରିବା ପାଇଁ ଆଗ୍ରହ ପ୍ରକାଶ କରିବା, ଉଠାଇ ନେବାକୁ ହାତ ବଢାଇବା, ମୁଣ୍ଡ ଏବଂ କାନ୍ଧ ଉପରେ ଉଠାଇ ପଡିବା, ପେଟ ମାଡି ଶୋଇଥିବା ବେଳେ ହାତ ଭରାଦେଇ ଉଠିବା, ହାତ ବଢାଇଲେ ବସିଯିବା । |
| ୬ ରୁ ୮ ମାସ | ମୁଣ୍ଡ ସିଧା ରଖିବା, କାହାର ସାହାଯ୍ୟ ନନେଇ ସିଧା ବସିବା, ଚାମଚ ଧରି ଉଚ୍ଚଧ୍ୱନି କରିବା କିମ୍ବା ଭୂମିକୁ ଆସ୍ତେ ପିଟିବା ଟେବୁଲ, ଚଟାଣ ଉପରୁ କୌଣସି ବସ୍ତୁ ଉଠାଇ ଆଣିବା, ସବୁହାତରେ କଣ୍ଢେଇ ଧରି ପାରିବା ଧିରେ ମୁଠାଇ ଧରିବା ପାଇଁ ବୃଢା ଆଙ୍ଗୁଠି କୁ ପ୍ରୟୋଗ କରିବା ଶିଖିବା । |




ମନ୍ତବ୍ୟ (Notes)



| | |
|---|---|
| ୮ ରୁ ୧୦ ମାସ | ଗୁରୁଣ୍ଡି ବାକୁ ଆରମ୍ଭ କରିବା, ଆସବାବ ପତ୍ରକୁ ଧରି ନିଜକୁ ନିଜେ ଠିଆ ହେବା । ଛୋଟ ଛୋଟ ଜିନିଷ ଯଥା ବୋତାମ, ପଇସାକୁ ଆଙ୍ଗୁଠି ଏବଂ ବୁଢା ଆଙ୍ଗୁଠିକୁ ବ୍ୟବହାର କରି ଧଣି ବା, ଜିଷକୁ ଧରି କାମୁଡିବା ଏବଂ ଚୁଚୁମିବା । |
| ୧୦ ରୁ ୧୨ ମାସ | ସାମାନ୍ୟ ସାହାଯ୍ୟରେ ଠିଆ ହୋଇଯିବା, ସାହାଯ୍ୟ ନେଇ ଚାଲିବା ହାଲୁକା ବସ୍ତୁକୁ ଠେଲି ପାରିବା, ଛୋଟ ଏବଂ ବଡ ଜିନିଷକୁ ଉଠାଇ ଧରିବା ଏବଂ ତାକୁ ପରୀକ୍ଷା କରି ଦେଖିବା । |
| ୧ ରୁ ୨ ବର୍ଷ | ବିନା ସାହାଯ୍ୟରେ ଚାଲିପାରିବା କପ୍ ରୁ ପିଇ ପାରିବା, ଚାମଚ୍ ଧରି ପାରିବା ଖେଳାନା ଧରି ଖେଳିବା, ଠିକ୍‌ଭାବେ ସିଡି ପାହାଚ ଚଢିବା ଏବଂ ଓହ୍ଲାଇ ଆସିବା, ଏଣୁ ତେଣୁ ଗାରେଇବା ଏବଂ ହାତରେ ନିଜେ ଖାଇ ପାରିବା । |
| ୨ ରୁ ୩ ବର୍ଷ | କ୍ଳାନ୍ତିହୀନ ଭାବରେ ଖେଳିବା, ନିଜେ ଭଲ ଭାବରେ ଖାଇବା, ଝାଡା, ପରିସ୍ରାର ନିୟନ୍ତ୍ରଣ ହେବା, ଦାନ୍ତ, ଘସିବା, ମୁଣ୍ଡ କୁଣ୍ଡାଇବା, ର୍ୟାକୁ ରୁ ଖେଳନା ଉଠାଇ ଆଣଣିବା ଓ ଯଥା ସ୍ଥାନରେ ରଖିବା ଛୋଟ ଛୋଟ କଥା ମାନି କାମ କରିବା । |
| ୩ ରୁ ୫ ବର୍ଷ | ପୋଷାକରେ ବୋତାମ ଲଗାଇବା ଏବଂ ଖୋଲିବା ବିନା ସାହାଯ୍ୟରେ ପୋଷାକ ପିନ୍ଧିବା ଜିଜର ନିତ୍ୟକର୍ମ ଯଥା ଟଏଲେଟ୍ ଯିବା, ସଫାହେବା ଇତ୍ୟାଦି ନିଜେ କରିପାରିବା ସ୍କୁଲ ପାଇଁ ପ୍ରସ୍ତୁତ ହେବା । |

## ୧୮.୬ ସାମାଜିକ ଆବେଗିକ ବିକାଶ

ଜନ୍ମ ସମୟରେ ଗୋଟିଏ ଶିଶୁ ସାମାଜିକ ବା ଆସାମାଜିକ ହୋଇନଥାଏ, ମାତ୍ର ପ୍ରାୟ ୩ ମାସ ବେଳକୁ ସେ ହସିବାକୁ ଆରମ୍ଭ କରିଥାଏ ଏବଂ ବାହ୍ୟ ବନ୍ଧୁତ୍ୱ ପ୍ରତି ଆକର୍ଷିତ ହୋଇଥାଏ । ୫/୬ ମାସ ବେଳକୁ ଶିଶୁଟି ଜଣା ଓ ଅଜଣା ବ୍ୟକ୍ତିଙ୍କ ମଧରେ ପ୍ରଭେଦୀ କରଣ କରିପରିଥାଏ । ଏକ ବର୍ଷ ବେଳକୁ ଛୋଟ ଛୋଟ ଖେଳରେ ଖେଳିବାକୁ ଇଛାକରେ ଓ ୧ ୧/୨ ବର୍ଷ ବେଳକୁ ଅଜଣା ବ୍ୟକ୍ତିଙ୍କ ଉପସ୍ଥିତିରେ ଲଜ୍ଜାଶୀଳ ହୋଇଥାଏ । ଦୁଇବର୍ଷ ବେଳକୁ ସମବୟସ୍କ ଶିଶୁମାନଙ୍କ ସହ ସାଙ୍ଗ ହେବାକୁ ଭଲପାଏ । ଏହି ସମୟରେ ପରିବାରରେ ନୂଆ ଶିଶୁଟିଏ ପହଞ୍ଚିଲେ, ସେ କ୍ରୋଧ ପ୍ରକାଶ କରେ ଓ ଅହେତୁକ ବଦ୍‌ରାଗୀ ହୋଇଥାଏ । ପରିବାର ଠାରୁ ଅଲଗା ହୋଇଯିବାର ଭୟ ପାଇଁ ସେ ଶଙ୍କାଗ୍ରସ୍ତ ହୋଇପଡେ । ପିତାମାତାଙ୍କ





ଆଚରଣକୁ ଅନୁକରଣ କରିବାକୁ ଭଲ ପାଏ । ୩ ବର୍ଷ ବେଳକୁ । 'ବାପା' ମା'ଙ୍କ ପ୍ରତିସ୍ନେହ ଭାବ ପ୍ରକଟ କରେ ଓ ବିଭିନ୍ନ ଖେଳରେ ସହଯୋଗ କରେ । ସେ କାଳ୍ପନିକ ବନ୍ଧୁ ସୃଷ୍ଟି କରିଥାଏ ଓ 'ବାପା' କିମ୍ବା 'ମା'ର ଚରିତ୍ରରେ ଅଭିନୟ କରେ, ପ୍ରାକ୍ - ଶିଶୁ ଶ୍ରେଣୀରେ ଯୋଗଦାନ କରିପାରେ । ୪/୫ ବର୍ଷ ବେଳକୁ ଅନ୍ୟ ପିଲାମାନଙ୍କ ସହ ଖେଳିବାକୁ ଭଲପାଏ ଏବଂ ପ୍ରତି ଯୋଗିତା କରିବାକୁ ଇଚ୍ଛା କରେ ।

## ୧୮.୭: ଭାଷାର ବିକାଶ

ଜନ୍ମ ସମୟରେ ଶିଶୁଟି ନିଜର ଇଚ୍ଛା ଓ ଆବଶ୍ୟକତା ପ୍ରକଟ କରିବାକୁ କାନ୍ଦିଥାଏ, ଧୀରେ ଧୀରେ ତାର କାନ୍ଦିବା ବିଶେଷ ପ୍ରକାରର ହୋଇଥାଏ ଯେଉଁଥିରୁ ତାର ମା' ଖାଦ୍ୟ ପାଇଁ, ଯନ୍ତ୍ରଣା ପାଇଁ ବା ଅସୁବିଧା ପାଇଁ କାନ୍ଦୁଛି ବୋଲି ଜାଣିପାରେ । ୩ ମାସ ବେଳକୁ ବିଭିନ୍ନ ପ୍ରକାର ଶବ୍ଦ ସୃଷ୍ଟିକରେ ଯଥା ତାକୁ ଉଠାଇଲେ ବୁଲାଇଲେ ବା ଖୁସିହୋଇଗଲେ, ପାଟିଦ୍ୱାରା ଗଳଗଳ କରି ଶବ୍ଦ କରେ ୬/୭ ମାସ ବେଳକୁ ଏହି ଶବ୍ଦ ଅସ୍ଫୁଟ ଭାଷାରେ ପରିଣତ ହୋଇଥାଏ, ଅର୍ଥାତ୍ ମା - ମା, ବା - ବା ଇତ୍ୟାଦି । ନଅ ମାସ ଗୋଟିଏ ସମ୍ପୂର୍ଣ୍ଣ ବାକ୍ୟ ପ୍ରକାଶ କରିଥାଏ ଯଥା କଣ୍ଢେଇ ଶବ୍ଦର ଅର୍ଥ ହେଲା ମୋର ଗୋଟିଏ କଣ୍ଢେଇ ଦରକାର, ଏକ ବର୍ଷ ବେଳକୁ ଶିଶୁଟି ଦୁଇଟି ଶବ୍ଦକୁ ଯୋଡି ପାରେ ଓ ଇଚ୍ଛା ପ୍ରକଟ କରିଥାଏ । ଦୁଇବର୍ଷ ବେଳକୁ ଅତି ସହଜରେ ଦୁଇ ତିନୋଟି ଶବ୍ଦ ବିଶିଷ୍ଟ ବାକ୍ୟ କହିପାରେ ।

୫ ବର୍ଷ ବେଳକୁ ଶିଶୁଟି ୫୦୦ ଶବ୍ଦ କଳକୁ ଏକ ଶବ୍ଦକୋଷ କରିପାରେ ଏବହ ଏହି ଶବ୍ଦ କୋଷ ଧୀରେ ଧୀରେ ବୃଦ୍ଧି ପାଇଥାଏ ।

### ପାଠଗତ ପ୍ରଶ୍ନ -୧୮.୩

୧. 'କ'ସ୍ତମ୍ଭରେ ଦିଆଯାଇଥିବା ପ୍ରେରକ କ୍ରିୟାକଳାପ ତଥା ସାମାଜିକ ଦକ୍ଷତା ଗୁଡ଼ିକ ସହିତ 'ଖ' ସ୍ତମ୍ଭରେ ଦିଆଯାଇଥିବା ବିଭିନ୍ନ ବୟସରେ ଶିଶୁଟି ଶିଖୁଥିବା ଏହି ଦକ୍ଷତା ଗୁଡ଼ିକ ସହ ମିଳାଅ । ଏଥିରୁ କିଛି ଖ ସ୍ତମ୍ଭରେ ଦିଆଯାଇଥିବା ତଥ୍ୟ ଗୁଡ଼ିକ ସହ ଏକାଧିକ ଥର ସମାନ ହୋଇପାରେ ।

| | ସ୍ତମ୍ଭ - 'କ' | | ସ୍ତମ୍ଭ - 'ଖ' |
|---|---|---|---|
| (i) | ବିନାସାହାଯ୍ୟରେ ଚାଲିବା | (କ) | ୧-୨ ବର୍ଷ ବୟସ |
| (ii) | ବିନାସାହାଯ୍ୟରେ ବସିବା | (ଖ) | ୩ ବର୍ଷ ବୟସ |
| (iii) | ପାହାଚ ଚଢ଼ିବା | (ଗ) | ୨ - ୩ ବର୍ଷ ବୟସ |
| (iv) | ପରିସ୍ରାର ନିୟନ୍ତ୍ରଣ | (ଘ) | ୫ - ୬ ବର୍ଷ ବୟସ |
| (v) | ଅପରିଚିତ ପ୍ରତିଲାଜକୁଳା | (ଙ) | ୬ ମାସ |
| (vi) | ଛୋଟ ଛୋଟ ଖେଳରେ ସହଯୋଗ କରିବା | (ଚ) | ୧ ବର୍ଷ ବୟସ |
| (vii) | ସହଯୋଗ ଖେଳ | (ଛ) | ୮ ରୁ ୧୦ ମାସ |
| (viii) | ଅପରିଚିତ ଲୋକ ଏବଂ ପରିଚିତ ବ୍ୟକ୍ତିଙ୍କ ମଧ୍ୟରେ ପ୍ରଭେଦ | (ଜ) | ୨ ବର୍ଷ ବୟସ |
| (ix) | ୨ ରୁ ୩ଟି ଶବ୍ଦର ବ୍ୟବହାର | (ଝ) | ୬ ରୁ - ୮ ମାସ |
| (x) | ଅସ୍ପଷ୍ଟ ଶବ୍ଦ ଉଚ୍ଚରଣ କରିବା | (ଞ) | ୧ ୧/୨ ବର୍ଷ ବୟସ |
| (xi) | ବୁଲୁଥିବା ଲୋକଙ୍କୁ ଆଖିରେ ଅନୁସରଣ କରିବା | (ଟ) | ୨ - ୪ ମାସ |



ମନ୍ତବ୍ୟ (Notes)

୨. ପ୍ରେରକ କ୍ରିୟା କଳାପର ସଂଜ୍ଞା ଲେଖ ।

.......................................................................................

.......................................................................................

.......................................................................................

୩. ଦୁଇ ପ୍ରକାର ପ୍ରେରକ କ୍ରିୟା କଳାପର ନାମ ଲେଖ ।

.......................................................................................

.......................................................................................

.......................................................................

## ୧୮.୮ ବୌଦ୍ଧିକ ବିକାଶର ଗୁଣାବଳୀ

ଶିଶୁଠାରେ, ଜନ୍ମଠାରୁ ପାଞ୍ଚ ବର୍ଷ ମଧ୍ୟରେ ବୌଦ୍ଧିକ ଗୁଣାବଳୀ ମଧ୍ୟରୁ କେତୋଟି ହେଲା-

- ସେ ଅନୁଭବ କରେ ଯେ ତା ଚତୁଃପାର୍ଶ୍ୱରେ ଏକ ଦୁନିଆ ରହିଛି ଯାହାକୁ ସେ ଦେଖିପାରୁ ନାହିଁ (ପ୍ରତ୍ୟକ୍ଷବୋଧ ବସ୍ତୁ)
- ଅନ୍ୟର ଅନ୍ତର୍ଦ୍ଦୃଷ୍ଟିକୁ ଦେଖିବାରେ ଅକ୍ଷମ ହୁଏ (ଅହଂକୈନ୍ଦ୍ରିକ)
- ଯୁକ୍ତିଯୁକ୍ତ ଆଭିମୂଖ୍ୟ ନେବାରେ ଅକ୍ଷମ ହୁଏ
- ପ୍ରତ୍ୟେକ ବସ୍ତୁ (ଜଡ଼ ଓ ଜୀବନ୍ତ)ର ଜୀବନ ଅଛି ବୋଲି ବିଶ୍ୱାସ କରେ
- କଳ୍ପନା ବିଳାସୀ ହୋଇଥାଏ ଓ ମିଛିମିଛିକା କଥାରେ ବିଶ୍ୱାସ କରେ
- ବାହ୍ୟ ଆବରଣ ଦେଖି ଅତି ସହଜରେ ଦ୍ୱନ୍ଦରେ ପଡିଯାଏ ।
- ଅମନଯୋଗୀ ହୋଇଥାଏ
- କମ୍ ସ୍ମରଣଶକ୍ତି ଥାଏ
- କାର୍ଯ୍ୟକରଣ ସମ୍ବନ୍ଧରେ ଦ୍ୱନ୍ଦ୍ୱରେ ପଡିଥାଏ ।
- ରଙ୍ଗ, ଆକୃତି, ସଂଖ୍ୟା, ଦିନ ଇତ୍ୟାଦି ବିଷୟରେ ଜ୍ଞାନ ଆହରଣ କରିଥାଏ ।
- ସବୁ ଜିନିଷ ଜାଣିବା ପାଇଁ ପ୍ରବଳ ଆଗ୍ରହ ପ୍ରକାଶ କରିଥାଏ (ଜିଜ୍ଞାସୁ ହୋଇଥାଏ)

## ୧୮-୯: ହସ୍ତପ୍ରାଧାନ୍ୟ

ତୁମେ ଜାଣ ଯେ ଆମେ ଆମର ଅଧିକାଂଶ ଦୈନିକ କାର୍ଯ୍ୟ କରିବା ପାଇଁ ଡାହାଣ ହାତ ବ୍ୟବହାର କରିଥାଉ । ମାତ୍ର କିଛି ଶିଶୁ ସେମାନଙ୍କର ବାମ ହାତକୁ ମୁଖ୍ୟ କାମ ପାଇଁ ବ୍ୟବହାର କରିଥାନ୍ତି । ଆମେ ସେମାନଙ୍କୁ ଡ଼ାହାଣ ହାତ ବ୍ୟବହାର କରିବା ପାଇଁ ବାଧ କରିପାରିବା ନାହିଁ କାରଣ ଏହା ତାଙ୍କର ମସ୍ତିଷ୍କ ଏବଂ ଅନ୍ୟାନ୍ୟ ବିକାଶରେ ବାଧା ସୃଷ୍ଟି କରିପାରେ । ପିଲାଟିର କଥା କହିବାରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇାରେ, କାରଣ ଡ଼ାହାଣ ହାତ ବ୍ୟବହାର କରୁଥିବା ବ୍ୟକ୍ତିର ନିୟନ୍ତ୍ରଣ କେନ୍ଦ୍ର



ମନ୍ତବ୍ୟ (Notes)

## ବୃଦ୍ଧି ଏବଂ ବିକାଶ - (୦-୫ ବର୍ଷ)

ମସ୍ତିଷ୍କର ବାମ ପାର୍ଶ୍ୱରେ ଥିବା ବେଳେ ତାହାର କଥା କହିବାର ମୂଖ୍ୟ ନିୟନ୍ତ୍ରଣ କେନ୍ଦ୍ର ମସ୍ତିଷ୍କର ଡାହାଣ ପାର୍ଶ୍ୱରେ ଥାଏ । ବାମହାତ ବ୍ୟବହାର କରୁଥିବା ଶିଶୁମାନଙ୍କ ଠାରେ ଏହା ଓଲଟା ଅର୍ଥାତ୍ କଥା କହିବାର ନିୟନ୍ତ୍ରଣ କେନ୍ଦ୍ର ବାମ ପାର୍ଶ୍ୱରେ ଥିବାବେଳେ ହସ୍ତପ୍ରାଧାନା ନିୟନ୍ତ୍ରଣ କକ୍ଷ ମସ୍ତିଷ୍କର ଡ଼ାହାଣ ପାର୍ଶ୍ୱରେ ଥାଏ । ଗୋଟିଏ ଶିଶୁକୁ ବାମ ହାତ ବଦଳରେ ଡ଼ାହଣ ହାତ ବ୍ୟବହାର କରିବାକୁ ବାଧ କରାଗଲେ ତାହାର କଥା କହିବାର ମୂଖ୍ୟ ନିୟନ୍ତ୍ରଣ କେନ୍ଦ୍ର, ହସ୍ତପ୍ରାଧାନ୍ୟ ନିୟନ୍ତ୍ରଣ କେନ୍ଦ୍ରରେ ମଧ ପରିଣତ ହୋଇଥାଏ ଏଣୁ କଥା କହିବାର ନିୟନ୍ତ୍ରଣ କେନ୍ଦ୍ର ଭାରାକ୍ରାନ୍ତ ହୋଇପଡ଼େ ଏବଂ ଏହା ଉଭୟ କଥା କହିବା ଓ ହସ୍ତ ପ୍ରାଧାନ୍ୟ କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଇଥାଏ । ଏହା ଫଳରେ ଶିଶୁର କଥା କହିବାରେ ସମସ୍ୟା ସୃଷ୍ଟିହୁଏ ତାର ହସ୍ତାକ୍ଷର ଖରାପ ହୋଇଯାଏ ଓ ସମନ୍ୱୟ ରଖିବାରେ ଅକ୍ଷମ ହୋଇଥାଏ । ଏଣୁ ଜଣେ ବାମହାତୀ ଶିଶୁ ବାମହାତୀ ରହିବା ଉଚିତ୍ । ଏହାଛଡ଼ା ବାମହାତୀ ଶିଶୁମାନେ ଡ଼ାହାଣ ହାତୀ ଶିଶୁମାନଙ୍କ ପରି ସମବୁଦ୍ଧିମାନ ହୋଇଥାନ୍ତି ।

## ପାଠ ପ୍ରଶ୍ନ - ୧୮-୪

୧. ନିମ୍ନରେ ଦିଆଯାଇଥିବା ତାଲିକା ଗୁଡ଼ିକ ମଧ୍ୟରୁ ବୌଦ୍ଧିକ ଦକ୍ଷତା ଗୁଡ଼ିକ ଉପରେ ଟିକ୍ ଚିହ୍ନ (✓) ଦିଅ ଓ ତହିଁରେ କାରଣ ଦର୍ଶାଅ ।

(i) ଯୁକ୍ତିଯୁକ୍ତ ଚିନ୍ତା କରିଥାଏ

(ii) ମିଛି ମିଛିକା କଥାରେ ବିଶ୍ୱାସ କରେ

(iii) ଗତିଶୀଳ ବସ୍ତୁ କୁ ଆଖିଦ୍ୱାରା ଅନୁସରଣ କରେ

(iv) କାର୍ଯ୍ୟକରଣ ସମ୍ବନ୍ଧରେ ଦ୍ୱନ୍ଦ୍ୱରେ ପଡିଥାଏ ।

(v) ରଙ୍ଗ ଚିହ୍ନଟ କରିପାରେ ।

(vi) ଚାମଚରେ ଖାଇବା ପାଇଁ ସକ୍ଷମ ହୋଇଥାଏ ।

(vii) ଜିଜ୍ଞାସୁ ହୋଇଥାଏ ।

(viii) ବାହ୍ୟ ଆବରଣ ଦେଖି ଅତି ସହଜରେ ଦ୍ୱନ୍ଦ୍ୱରେ ପଡ଼ିଥାଏ ।

(ix) ନିଜ ମୁଣ୍ଡ କୁଣ୍ଡାଇପାରେ ଓ ଦାନ୍ତ ଘଷିପାରେ

(x) ଅଳ୍ପ ସ୍ମରଣଶକ୍ତି ଥାଏ ।

## ୧୮.୧୦ - ଶିଶୁର ଯତ୍ନ

ଗୋଟିଏ ନବଜାତ ଶିଶୁ ଅସହାୟ ଓ ସୁକୋମଳ ହୋଇ ଥାଏ । ଏଣୁ ତା'ର ସ୍ୱତନ୍ତ୍ର ଯତ୍ନ ନେବା ମା' ପାଇଁ ଅତ୍ୟାବଶ୍ୟକ ହୋଇଥାଏ । ଯାହାଦ୍ୱାରା ଶିଶୁଟି ସୁସ୍ଥସବଳ ହୋଇ ବଢେ । ପ୍ରତ୍ୟେକ ଶିଶୁ ଉପଯୁକ୍ତ ଖାଦ୍ୟ, ଯଥେଷ୍ଟ ନିଦ୍ରା ଏବଂ ବିଶ୍ରାମ, ନିୟମିତ ସ୍ନାନ, ଉପଯୁକ୍ତ ପୋଷାକ ପିନ୍ଧିବା ଉଚିତ ଏବଂ ରୋଗ ପ୍ରତିରୋଧକ ଟିକା ମଧ ନେବା ଉଚିତ ।

୧। **ଖାଦ୍ୟ –** ଶିଶୁ ଜନ୍ମ ହେବାପରେ ପ୍ରଥମେ ମାତୃସ୍ତନରୁ ଯେଉଁ ହଳଦିଆ କ୍ଷୀର ବାହାରେ ତାହାକୁ କୋଲଷ୍ଟ୍ରମ୍ କହନ୍ତି । ଏଥିରେ ରୋଗନିବାରକ ଶକ୍ତି ଆଣ୍ଟିବଡି ରହିଥିବାରୁ ଶିଶୁକୁ କେତେକ ରୋଗରୁ ରକ୍ଷା ପାଇବା ପାଇଁ ରୋଗ ପ୍ରତିରୋଧକଶକ୍ତି ସୃଷ୍ଟି କରାଏ । ମାତୃ ଦୁଗ୍ଧ ସହଜରେ ଏବଂ ଶିଘ୍ର ଜୀର୍ଣ୍ଣ ହୋଇଥାଏ । ଏଥିରୁ ଉତ୍ତାପ ଏବଂ ସମସ୍ତ ଖାଦ୍ୟର ଉପାଦାନ ଉପଯୁକ୍ତ ପରିମାଣ ଏବଂ ଅନୁପାତ ରେ ଥାଏ । ଏହା 'ମା' ଓ ଶିଶୁଙ୍କୁ ଆନନ୍ଦ ପ୍ରଦାନ କରେ ଏବଂ ଶିଶୁ



ମନ୍ତବ୍ୟ (Notes)

ମନରେ ନିରାପତ୍ତା ଭାବ ଜାତ କରାଏ । ସୁତରାଂ ସମସ୍ତ ନବଜାତ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଉଚିତ ।

ଯେତେବେଳେ ଶିଶୁଟି ୩/୪ ମାସର ହୋଇଯାଏ ମାକ୍ଷୀର ତାର ସମସ୍ତ ପୌଷ୍ଟିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଯଥେଷ୍ଟ ହୋଇନଥାଏ ତେଣୁ ଶିଶୁକୁ ଧୀରେ ଧିରେ ମା'କ୍ଷୀର ଛଡାଇ ତରଳ ଏବଂ କଠିନ ଖାଦ୍ୟ ଦିଆଯାଏ । ତେଣୁ କ୍ଷୀର ସହିତ ଧିରେ ଧିରେ ଅନ୍ୟାନ୍ୟ ତରଳ ଖାଦ୍ୟ ଗୋଟି ଗୋଟି କରିଦେଇ ମା କ୍ଷୀରରୁ ଶିଶୁକୁ ଛଡାଇବାକୁ (weaning)/ ଉଇରିଙ୍ଗ କହନ୍ତି । ପ୍ରଥମେ ପିଲାକୁ ଫଳରସ, ଡାଲିପାଣି, ପରିବା ସିଝା ପାଣି ଦିଆଯାଏ ଏବଂ ତା'ପରେ ଡାଲି, ଫଳ, ପରିବା ସୁପ୍ ଏବଂ କ୍ଷୀରୀ ଦିଆଯାଏ । ୧ ବର୍ଷର ଶିଶୁ କଞ୍ଚା ପରିବା, ରୁଟି ଓ ଫଳ ଚୋବାଇ ଖାଇପାରେ । ଯଦିଓ ମା' କ୍ଷୀର ଧିରେ ଧିରେ ଛଡାଇବାକୁ ପଡେ ।

୨। **ନିଦ୍ରା ଓ ବିଶ୍ରାମ -** ବୃଦ୍ଧି ଏବଂ ବିକାଶ ପାଇଁ ବିଶ୍ରାମ ଜରୁରୀ । ଏହା ଶିଶୁକୁ ସୁସ୍ଥ ଓ ସବଳ କରିଥାଏ । ବିଶ୍ରାମ ର ସମୟ ଗୋଟିଏ ଶିଶୁଠାରୁ ଅନ୍ୟ ଶିଶୁର ଅଲଗା ହୋଇଥାଏ । ମାତ୍ର ହାରାହାରି ପ୍ରାତ୍ୟକ ଶିଶୁର ନିଦ୍ରାର ପରିମାଣ ନିମ୍ନମତେ ହୋଇଥାଏ ।

| ବର୍ଷ | ନିଦ୍ରାର ସମୟ |
|---|---|
| ୧ - ୨ ମାସ | ଦିନକୁ ୨୦ ରୁ ୨୨ଘଣ୍ଟା |
| ୨ - ୬ ମାସ | ଦିନକୁ ୧୬ ରୁ ୧୮ ଘଣ୍ଟା |
| ୬ - ୧୨ ମାସ | ଦିନକୁ ୧୨ ଘଣ୍ଟା (ସକାଳେ/ ଏବଂ ଉପରବେଳା ୧ ରୁ ୨ଘ ହାଲ୍‌କା ନିଦ ସହ) |
| ୧ ରୁ ୨ ବର୍ଷ | ରାତିରେ ୧୨ ଘଣ୍ଟା ଏବଂ ଓପର ଓଳି କିଛି ସମୟ ହାଲ୍‌କା ନିଦ । |
| ୨ ରୁ ୫ବର୍ଷ | ୮ ରୁ ୧୦ ଘଣ୍ଟା କିଛି ସମୟ ଅପରାହ୍ନ ହାଲ୍‌କା ନିଦ ସହ । |


୩। **ସ୍ନାନ -** ପ୍ରତ୍ୟେକ ଶିଶୁଙ୍କୁ ପ୍ରତିଦିନ ସ୍ନାନ କରାଇବା ଉଚିତ । ଏବଂ ଏହାକୁ ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଅଭ୍ୟାସରେ ପକାଇବା ଉଚିତ । ଗାଧୋଇବା ପୂର୍ବରୁ ପ୍ରତ୍ୟେକ ଶିଶୁ ତୈଳ ମର୍ଦ୍ଦନ କରାଇବା ଉଚିତ । ପ୍ରାୟ ୮୫° ର ତାପମାତ୍ରାରେ ଉଷୁମ ପାଣିରେ ଗାଧୋଇବା ଉଚିତ । ଖରାଦିନେ ଶିଶୁକୁ ଦୁଇଥର ଏବଂ ଶୀତଦିନେ ଦିନକୁ ଥରେ ବା ପ୍ରତି ୨ ଦିନରେ ଥରେ ଗାଧୋଇବା ଉଚିତ ।




ଚିତ୍ର ୧୮.୩ : ସ୍ନାନ

୪। **ଉପଯୁକ୍ତ ପୋଷାକ -** ଶିଶୁଟି ପିନ୍ଧୁଥିବା ପୋଷାକ କୋବଳ, ଆରାମ ଦାୟକ ଏବଂ ଶୋଷଣକାରୀ ସୂତାବସ୍ତ୍ର, ସାଧାରଣ ଡିଜାଇନ୍ ଯୁକ୍ତ, ଉଜ୍ଜ୍ୱଳ ରଙ୍ଗ ଯୁକ୍ତ ଏବଂ ସହଜରେ ସଫା ହୋଇପାରୁଥିବା ବସ୍ତ୍ର ହେବା ଆବଶ୍ୟକ । ଶିଶୁର ପୋଷାକରେ ଅଧିକ କୁଞ୍ଚ, ବୋତାମ, ରିବନ୍, ଫିତା, ଲେସ

ଇତ୍ୟାଦି ଲାଗିବା ଉଚିତ୍ ନୁହେଁ । ଯେହେତୁ ଶିଶୁମାନେ ଖୁବ୍ ଶିଘ୍ର ବଢନ୍ତି ଦାମିକା ଓ ବହୁତ ଗୁଡିଏ ପୋଷାକ ଶିଶୁ ପାଇଁ କିଣିବା ଉଚିତ୍ ନୁହେଁ । ଚଡ଼ି ଏବଂ ନ୍ୟାପ୍‌କିନ୍ ଡାଇପର୍ ଶିଶୁପାଇଁ ସବୁଠାରୁ ଆବଶ୍ୟକ ପୋଷାକ, ସୁତରାଂ ଏଗୁଡିକ କେବଳ, ହାଲୁକା, ଶୋଷଣକାରୀ ଓ ଶିଘ୍ର ଶୁଖୁଥିବା ବସ୍ତ୍ର ହେବା ଦରକାର ।




ଚିତ୍ର ୧୮.୪ : ଉପଯୁକ୍ତ ପୋଷାକ

୫। **ଟିକାଦାନ** - ଜନ୍ମ ହେବା ପରଠାରୁ ଶିଶୁକୁ ସଂକ୍ରାମକ ରୋଗ ପ୍ରତିରୋଧକ ଟିକା ନିୟମିତ ଭାବରେ ଦିଆଯିବା ଉଚିତ୍ କାରଣ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଏ ।

**ଟୀକାଦାନ ସୂଚୀ**

| କାହାପାଇଁ | କେଉଁ ଟୀକା | କେତେବେଳେ | କାହିଁକି |
|---|---|---|---|
| ଗର୍ଭବତୀ ମହିଳା | ଟି.ଟି | ଗର୍ଭବସ୍ଥା ଆରମ୍ଭରେ | ଟିଟାନସ୍‌ରୁ ରକ୍ଷା ପାଇବା ପାଇଁ |
| | | ପ୍ରଥମ ଟୀକା ଦେବାର ମାସକ ପରେ | |
| ଶିଶୁ (ଏକ ବର୍ଷରୁ ସାନ) | ବି.ସି.ଜି ଟୀକା | ଜନ୍ମ ସମୟରେ | ଯକ୍ଷ୍ମାରୁ ରକ୍ଷା ପାଇବା ନିମନ୍ତେ |
| | ପାଟିବାଟେ ପୋଲିଓ ବୁନ୍ଦା (୦) | | ପୋଲିଓ ରୁ ରକ୍ଷା ପାଇବା ନିମନ୍ତେ |
| | ବି.ସି.ଜି | ୬ ସପ୍ତାହ ବେଳକୁ | ଯକ୍ଷ୍ମାରୁ ରକ୍ଷା ପାଇବା ନିମନ୍ତେ |
| | ଡି.ପି.ଟି-୧ | | ଡିପ୍‌ଥେରିଆ, ଲହରକାଶ ଓ ଟିଟାନସ୍‌ରୁ ରକ୍ଷା ପାଇବା ନିମନ୍ତେ |
| | ପାଟିବାଟେ ପୋଲିଓ ବୁନ୍ଦା(୧) | | ପୋଲିଓ ରୁ ରକ୍ଷା ପାଇବା ନିମନ୍ତେ |
| | ଡ଼ିପିଟି - ୨ | ୧୦ ସପ୍ତାହ ବେଳକୁ | ଡ଼ିପ୍‌ଥେରିଆ, ଲହର କାଶ ଓ ଟିଟାନସ୍ ରୁ ରକ୍ଷା ପାଇବା ନିମନ୍ତେ |
| | ପାଟିବାଟେ ପୋଲିଓ ବୁନ୍ଦା(୨) | | ପୋଲିଓ ରୁ ରକ୍ଷା ପାଇବା ନିମନ୍ତେ |
| | ଡି.ପି.ଟି - ୩ | ୧୪ ସପ୍ତାହ ବେଳକୁ | ଡିପ୍‌ଥେରିଆ, ଲହର କାଶ ଓ ଟିଟାନସ୍‌ରୁ ରକ୍ଷା ପାଇବା ନିମନ୍ତେ |
| | ପାଟିବାଟେ ପୋଲିଓ (୩) | | ପୋଲିଓ ରୁ ରକ୍ଷା ପାଇବା ନିମନ୍ତେ |
| | ମିଳିମିଳା | ୯ ମାସ ବେଳକୁ | ମିଳିମିଳାରୁ ରକ୍ଷା ପାଇବା ନିମନ୍ତେ |
| | ହାଡ଼ଫୁଟି | | ହାଡ଼ଫୁଟି ରୁ ରକ୍ଷା ପାଇବା ନିମନ୍ତେ |
| ଶିଶୁ (ଏକ ବର୍ଷରୁ ଅଧିକ) | ଏମ୍. ଏମ୍. ଆର୍ | ୧୫ ମାସ ବେଳକୁ | ମିଳିମିଳା, ଗାଲୁଆ ଓ ରୁବେଲାରୁ ରକ୍ଷା ପାଇବା ନିମନ୍ତେ |
| | ଡ଼ି.ପିଟି ବୁଷ୍ଟର | ୧୬ ରୁ ୨୪ ମାସ ବେଳକୁ | ଡ଼ିପ୍‌ଥେରିଆ, ଲହର କାଶ ଓ ଟିଟାନସ୍ ରୁ ରକ୍ଷା ପାଇବା ନିମନ୍ତେ |
| | ପୋଲିଓ ବୁଷ୍ଟର ପାଟିବାଟେ | | ପାଟି ବାଟେ ପୋଲିଓ ବୁନ୍ଦା |
| | ଡ଼ି.ଟି | ୫ ରୁ ୬ବର୍ଷ ବେଳକୁ | ଡ଼ିପ୍‌ଥେରିଆ ଓ ଟିଟାନସ୍‌ରୁ ରକ୍ଷା ନିମନ୍ତେ |
| | ଟି.ଟି. | ପ୍ରାୟ ୧୦ ବର୍ଷ ବେଳକୁ | ଟିଟାନସ୍‌ରୁ ରକ୍ଷା ପାଇବା ନିମନ୍ତେ |
| | ଟି.ଟି | ପ୍ରାୟ ୧୬ ବର୍ଷ ବେଳକୁ | ଟିଟାନସ୍‌ରୁ ରକ୍ଷା ପାଇବା ନିମନ୍ତେ |





## ୧୮.୧୧: ଶିଶୁଠାରେ ବ୍ୟାବହାରିକ ସମସ୍ୟା

ଶିଶୁ ମାନେ ବେଳେବେଳେ ଅସଂଗତ ବ୍ୟବହାର ଦେଖାଇଥାଆନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ଶିଶୁ ଯାହାକୁ ଦେଖିଲେ ମାରିବା ପାଇଁ ଉଦ୍ୟତ ହେବା, ଜିନିଷପତ୍ର ଭାଙ୍ଗିବା, ଅନ୍ୟକୁ ଗାଳି କରିବା ମିଛ କହିବା ଇତ୍ୟାଦି । ଏଭଳି ବ୍ୟବହାର ଶିଶୁ ମାନଙ୍କର ଶାରୀରିକ କ୍ଷତି କରେ ନାହିଁ ବରଂ ସେମାନଙ୍କୁ ଅନ୍ୟ ଶିଶୁ ମାନଙ୍କ ପାଖରେ ଅପ୍ରିୟ କରିଦିଏ ।



ଚିତ୍ର ୧୮.୫

**କାରଣ :** ଶିଶୁମାନେ କାହିଁକି ଏଭଳି ବ୍ୟବହାର ପ୍ରଦର୍ଶନ କରିଥାନ୍ତି, ଏହା ର ଅନେକ ଗୁଡିଏ କାରଣ ରହିଛି । ଜନ୍ମଧରୁ କେତୋଟି ହେଲା

- ଯେତେବେଳେ ଶିଶୁଟି ଏଭଳି ଏକ ପରିବେଶରେ ବଢେ ଯେଉଁ ଠାରେ ତାକୁ ଆତ୍ମ-ଅଭିବ୍ୟକ୍ତି କରିବାକୁ ବାରଣ କରାଯାଏ, ସେତେବେଳେ ସେ ଏଭଳି ଅଗ୍ରହଣୀୟ ବ୍ୟବହାର ଦେଖାଇଥାଏ ।
- ଯେତେବେଳେ ପିତାମାତା ଓ ଶିକ୍ଷକ ଶିଶୁ ଠାରୁ ବହୁତ କିଛି ଆଶା କରନ୍ତି ମାତ୍ର ଶିଶୁଟି ତାଙ୍କ ଆଶା ପୂରଣ କରିପାରେ ନାହିଁ ସେମାନେ ଏଭଳି ଅଗ୍ରହଣୀୟ ବ୍ୟବହାର ଦେଖାଇଥାନ୍ତି ।
- ଅଧିକାଂଶ ସମୟରେ ଶିଶୁ ମାନେ ଭାବନ୍ତି ଯେ ଏଭଳି ଜିଦ୍‌ଖୋର ମନୋଭାବ ରଖିଲେ ସେମାନଙ୍କର ସମସ୍ତ ଦାବି ପୂରଣ ହୋଇପାରିବ । ଉଦାହରଣ ସ୍ୱରୂପ ଗୋଟିଏ ତାର ସାନ ଭାଇ ବା ଭଉଣୀକୁ ମାରିଲେ, ତାର ବୁଝାଇବାରେ ବା ସମୟ ଦେବେ କିମ୍ବା ସେ ଯଦି କାନ୍ଦି ଭୂଇଁରେ ଗଡିବ, ତାହାଲେ ସେ ଚାହୁଁଥିବା ଖେଳନା ତାକୁ ମିଳିଯିବ ।
- ଯେତେବେଳେ ପାରିବାରିକ ପରିବେଶ ବିଶୃଙ୍ଖଳିତ ଥାଏ, ଶିଶୁମାନେ ଏଭଳି ଅଗ୍ରହଣୀୟ ବ୍ୟବହାର ପ୍ରଦର୍ଶନ କରିଥାଆନ୍ତି ଯଥା ଯେତେବେଳେ ପିତା ମାତା ପରସ୍ପର ସହ କଳି କରନ୍ତି ପରସ୍ପର ବାଡିଆ ପିଟା ହୁଅନ୍ତି କିମ୍ବା ଶାଶୁ ବୋହୁ କଳି ହୁଏ ଇତ୍ୟାଦି ଇତ୍ରାଦି ।
- ଯେତେବେଳେ ଶିଶୁର ଜୀବନରେ କୌଣସି ସଂକଟ ଦେଖାଦିଏ, ଶିଶୁମାନେ ଆଉ ଗୋଟିଏ ସାନଭାଇ ଭଉଣୀ ଜନ୍ମନେଲେ ଏଭଳି ବ୍ୟବହାର ଦେଖାଇଥାଆନ୍ତି, ପରିବାରରେ ସବୁଠୁ ପ୍ରିୟ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଯାଏ ।
- କିଛି ପିଲା ଏଭଳି ଅସଂଗତ ବ୍ୟବହାର ଦେଖାଇଥାଆନ୍ତି କାରଣ ସେମାନେ ଶାରୀରିକ ସ୍ତରରେ ପରିବର୍ତ୍ତନ ସହ ଖାପଖୁଆଇ ପାରନ୍ତି ନାହିଁ । ଦୀର୍ଘଦିନ ଧରି ରୋଗ ଗ୍ରସ୍ତ ହେଲେ କିମ୍ବା ବାରମ୍ବାର ଅସୁସ୍ଥ ହେଉଥିଲେ, ଏଭଳି ଘଟିଥାଏ ଖେଳ ସ୍କୁଲରେ, ଶିଶୁର ଯତ୍ନ ନେଉଥିବା ଶିକ୍ଷକ ସେଥିପାଇଁ ଯଥେଷ୍ଟ ସଚେତନ ରହିବା ଉଚିତ୍ ଯେତେବେଳେ କୌଣସି ଶିଶୁ ଏଭଳି ଅସଂଗତ ବ୍ୟବହାର ଦେଖାଉଥାଏ, ସେମାନେ ସଙ୍ଗେ ସଙ୍ଗେ ଏହାର ପ୍ରତିକାର କରିବା ଉଚିତ୍ । ଯେହେତୁ ଅଧିକାଂଶ ସମୟରେ ଏଭଳି ବ୍ୟବହାରର କାରଣ ଶିଶୁର ଘରୁ ହିଁ ହୋଇଥାଏ, ଏଥିପାଇଁ ତାର ପିତାମାତାଙ୍କ ସହଯୋଗ ନିଆଯିବା ଉଚିତ୍, ସମସ୍ୟାକୁ ହୃଦୟଙ୍ଗମ କରି ଏହି ସମସ୍ୟାର ସମାଧାନ କିପର କରାଯାଇ ପାରିବ, ସେଥିପାଇଁ ପଦକ୍ଷେପ ନେବା ଉଚିତ୍ । ଦଣ୍ଡ ଦେବା ଗାଳି ଦେବା କିମ୍ବା ଥଟା କରିବା ଏହାର ସମାଧାନ ନୁହେଁ, ନିମ୍ନ ସାରଣୀରେ କେତେକ ବ୍ୟବହାର ଓ ସେହି ସମୟରେ ବୟସ୍କ ମାନେ କଣ କରିବା ଉଚିତ୍ ବା ଅନୁଚିତ୍ ତାହା ଦର୍ଶାଯାଇଛି ।



ମନ୍ତବ୍ୟ (Notes)

## ଶିଶୁଠାରେ ଦେଖାଯାଉଥିବା ସାଧାରଣ ବ୍ୟବହାରଗତ ସମସ୍ୟା

| | ବ୍ୟବହାର | ଅର୍ଥ | ଅନୁଚିତ୍ | ଉଚିତ୍ |
|---|---|---|---|---|
| (କ) | ଅନ୍ୟ ପିଲା ମାନଙ୍କୁ ଆଘାତ ହେଉଥିଲେ ବା ମରାମରି କରୁଥିଲେ | କ୍ରୋଧ ବା ଆଶାନ୍ତି | - ଦଣ୍ଡଦେବା<br>- ଶିଶୁକୁ ଅପମାନିତ କରିବା | - ଶିଶୁର ମନକୁ ଅନ୍ୟଦିଗକୁ ଆକର୍ଷଣ କରିବା<br>- ଅନ୍ୟ ପିଲାଙ୍କୁ ତା ଠାରୁ ଚୁପ୍‌ଚାପ୍ ଦୂରେଇ ଦେବା<br>- ଶିଶୁକୁ ତୁମେ ଭଲପାଅ ବୋଲି ଏକ ଅନୁଭବ ପ୍ରଦାନକରିବା |
| (ଖ) | ଜିନିଷ ପତ୍ର ଭଙ୍ଗା ଭଙ୍ଗି କରୁଥିଲେ | - ଅସହାୟ ଅନୁଭବ କରିବା<br>- ଇର୍ଷା<br>- କ୍ଲାନ୍ତି ବା ଅବସାଦ<br>- ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଥିବା | ଗାଳି କରିବା ପାଟି କରିବା ଦଣ୍ଡଦେବା ମାଡ଼ ଦେବା ବା ଚଟକଣା ମାରିବା | - ଦାମିକା ବସ୍ତୁ ତା ହାତ ପାହାନ୍ତାରୁ ଦୂରରେ ରଖିବା<br>- ଖେଳିବାକୁ ଯାଗା ଦେବା<br>- ଶସ୍ତା ଖେଳନା ଯୋଗାଇ ଦେବା<br>- ପିଲାର ମନକୁ ଅନ୍ୟ କାର୍ଯ୍ୟ ପ୍ରତି ଆକର୍ଷିତ କରାଇବା |
| (ଗ) | ବୁଢ଼ା ଆଙ୍ଗୁଠି ଚୁଚୁମିଲେ | - ଚୁଚୁମିବାର ଆବଶ୍ୟକତା<br>- ସ୍ନେହ, ସୁବିଧା ଓ ନିଶ୍ଚିତତା<br>- କ୍ଲାନ୍ତି ବା ଅବସାଦ<br>- କ୍ଷୁଧା<br>- ଅସନ୍ତୋଷ<br>- ବିରକ୍ତି | ଦଣ୍ଡଦେବା କିମ୍ବା ଗାଳି କରିବା ଆଙ୍ଗୁଠି ବାନ୍ଧିଦେବା ବା ପିତା ଔଷଧ ବୋଳିଦେବା | - ଚୁଚୁମିବାରେ ସନ୍ତୋଷ ଲାଭ କରିବାକୁ<br>- ସ୍ନେହ, ଶ୍ରଦ୍ଧା ଏବଂ ସମ୍ମିତ ଦେବା<br>- ଆମୋଦ ଦାୟକ ଏବଂ ଆଗ୍ରହ ବାଇଛାକୃତ କାର୍ଯ୍ୟରେ ବିଜଡିତ କରାଇବା<br>- ପିଲା ଆବଶ୍ୟକ କରୁଥିବା ଜିନିଷ ଯୋଗାଇ ଦେବା |
| (ଘ) | ବିଛଣାରେ ପରିସ୍ରା କରିବା | - ପିଲାଟି ପ୍ରଶିକ୍ଷଣ ପ୍ରତି ପ୍ରସ୍ତୁତ ନ ଥିବା<br>- ଭୟ<br>- ଅସୁରକ୍ଷିତ | - ଧମକ ବା ଦଣ୍ଡ ଦେବା<br>- ପୂର୍ବ କଥାକୁ ଜୋର୍ ଦେବା<br>- ତୁମେ ପିଲାଟିକୁ ଜମା ଭଲ ନ ପାଅ ବୋଲି କହିବା | - ପିଲାଟି ଯେପରି ସେହିପରି ଭାବରେ ତାକୁ ଗ୍ରହଣ କରିବା<br>- ଆକସ୍ମିକର ଭାବରେ ବିଛଣାରେ ପରିସ୍ରା କରିବା ଆଶା କରିବା<br>- ପିଲାଟିକୁ ଆତ୍ମ ବିଶ୍ୱାସୀ ହେବା ପାଇଁ ସାହାଯ୍ୟ ଏବଂ ଉତ୍ସାହିତ କରିବା |
| (ଙ) | ମିଛ କହିବା | - ଦଣ୍ଡ ବା ମାଡର ଭୟରେ<br>- ଅତିରଞ୍ଜିତ<br>- କଳ୍ପନା<br>- ମନଯୋଗ ଦେବା | - ନୀତି ଶିକ୍ଷାଦେବା କିମ୍ବା ଦଣ୍ଡ ଦେବା ବା ପ୍ରତ୍ୟାଖାନ କରିବା<br>- କ୍ଷମା ପ୍ରାର୍ଥନା କରାଇବା<br>- ବିଚଳିତ ହେବା | - କାରଣ କୁ ବୁଝିବା<br>- ଦରକାର ଅନୁଯାୟୀ କାର୍ଯ୍ୟରେ ମନନିବେଶ କରିବା<br>- କଳ୍ପନାତ୍ମକ ଜିନିଷ ପାଇବା ପାଇଁ ସୁବିଧା ଯୋଗାଇ ଦେବା<br>- ସତ କହିବା |

| | | | | |
|---|---|---|---|---|
| (ଚ) | ଖାଇବାକୁ ମନା କରିବା | - ଭୋକିଲା ନୁହଁ<br>- ଅସୁସ୍ଥ ଅନୁଭବ କରିବା<br>- କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବାକୁ ଇଚ୍ଛା କରୁ ନଥିବା<br>- କୌଣସି କାମ ପ୍ରତି ବାଧ ବାଧକତା | - ବାଧ କରିବା ବା ଦଣ୍ଡ ଦେବା<br>- ଗୋଟିଏ ପରିବେଶ ସୃଷ୍ଟି କରିବା<br>- ପୁରସ୍କାର ଦେବା ଧମକ ଦେବା | - ସ୍ଥିର / ଶାନ୍ତ ଭାବରେ<br>- ନିଜର ପସନ୍ଦ ଖାଦ୍ୟ ସହିତ ନୂତନ ଖାଦ୍ୟକୁ ଯୋଗ କରିବା |
| (ଛ) | ଭୟ କରିବା | - ଯନ୍ତ୍ରଣାଦାୟକ ଅନୁଭୂତିର ସମୀକ୍ଷା<br>- ବାପା ମା'ଙ୍କର ପାଖରେ ରହିବାକୁ ରହିଁବା<br>- ଦୋଷୀ ମନେକରିବା ବା ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ହେବା ବୋଲି ମନେକରିବା | - ବାଧ କରିବା, ଭୟର କାରଣ ଖୋଜିବା<br>- ଲଜ୍ଜା ଦେବା ବା<br>- ଭୟଭୀତ କରିବା | - ଦୃଢ଼ ନିଶ୍ଚିତ କରିବା ଏବଂ ସୁବିଧା ଦେବା<br>- ସୁଖଦ ପରିବେଶ ସୃଷ୍ଟି କରିବା<br>- ଉଦ୍ୟମ କରିବା ପାଇଁ ଉତ୍ସାହିତ କରିବା<br>- ଭୟାନକ ଅନୁଭୂତିରୁ ଦୂରେଇ ରହିବା |
| (ଜ) | ଚୋରି କରିବା | - ସମ୍ପତ୍ତିର ଅଧିକାର ବିଷୟରେ ଅଜ୍ଞାନତା<br>- ଆବଶ୍ୟକରେ ଅସନ୍ତୁଷ୍ଟ ହେବା | - ଗାଳିକରିବା, ଖରାପ ବୋଲି ଭାବିବାକୁ ନଦେବା<br>- ଦଣ୍ଡ ଦେବା କିମ୍ବା ପ୍ରତ୍ୟାଖ୍ୟାନ କରିବା | - ପିଲାକୁ ତା'ର ଜିନିଷ ଦିଅନ୍ତୁ ଏବଂ ସବୁ ଗୁଡ଼ିକ ତା'ର ବୋଲି ସେ ଅନୁଭବ କରୁ<br>- ଦୟାଳୁ ହୁଅନ୍ତୁ, ବୁଝି ବାକୁ ଚେଷ୍ଟା କରନ୍ତୁ, କଠୋର ହୁଅନ୍ତୁ ନାହିଁ |
| | (ଉତ୍ତେଜିତ ହେବା) | - ଉତ୍ତେଜିତ ହେବା<br>- ଯୁଦ୍ଧପ୍ରିୟ ମନୋବୃତ୍ତି | - ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ କରିବା<br>- ସମସ୍ତଙ୍କ ଆଗରେ ଅପମାନିତ କରିବା | - ପ୍ରକୃତ ବନ୍ଧୁ ଗଠନ କରିବାରେ ସାହାଯ୍ୟ କରନ୍ତୁ |

**ପାଠଗତ ପ୍ରଶ୍ନ - ୧୮.୫**

୧. ସଠିକ୍ ଉତ୍ତର ବାଛି ଏବଂ ଯଥାଯଥ କାରଣ ଦର୍ଶାଅ -

(i) ପିଲାମାନଙ୍କ ଠାରେ ଅନୁପଯୁକ୍ତ ବ୍ୟବହାର ଦେଖାଯାଏ ଯଦି ପରିବେଶଟି -

(କ) ତାପାଇଁ ନିଷିଦ୍ଧ ହୋଇଥାଏ (ଖ) ମୁକ୍ତ ହୋଇଥାଏ

(ଗ) ନିଷିଦ୍ଧ ଏବଂ ମୁକ୍ତ (ଘ) ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ

କାରଣ - ............................................................................

............................................................................

(ii) ପିଲାଟି ତା'ର ବୁଢ଼ା ଆଙ୍ଗୁଠି ଚୁଚୁମେ କାରଣ ସେ -


(କ) ବିଭକ୍ତି ଅନୁଭବ କରିଥାଏ (ଖ) ଅସୁରକ୍ଷିତ ଅନୁଭବ କରିଥାଏ

(ଗ) ଡ଼ରିଯାଇ ଥାଏ

(ଘ) ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏହା କରିଥାଏ ।

କାରଣ - ............................................................................

............................................................................



ମନ୍ତବ୍ୟ (Notes)

(iii) ଗୋଟିଏ ଶିଶୁ ଶେଯରେ ପରିସ୍ରା କାରଣ ସେ

(କ) ବିରସତା ଅନୁଭବ କରିଥାଏ (ଖ) ଅସୁରକ୍ଷିତ ଅନୁଭବ କରେ

(ଗ) ଡ଼ରିଯାଇଥାଏ

(ଘ) ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏଭଳି କରିଥାଏ

କାରଣ - ..........................................................................

..........................................................................

(iv) ଗୋଟିଏ ଶିଶୁ ମିଛ କହିଥାଏ କାରଣ ସେ

(କ) ବିରସତା ଅନୁଭବ କରିଥାଏ (ଖ) ଅସୁରକ୍ଷିତ ଅନୁଭବ କରିଥାଏ


(ଗ) ଇର୍ଷାପରାୟଣ ହୋଇଥାଏ

(ଘ) ଅନ୍ୟମାନଙ୍କ ଦୃଷ୍ଟିଆକର୍ଷଣ କରିବା ପାଇଁ ଏହା କରିଥାଏ

କାରଣ - ..........................................................................

..........................................................................

## ତୁମେ କଣ ଶିଖିଲ ?







## ୧୮.୪ - ପାଠାନ୍ତ ପ୍ରଶ୍ନ

୧। ପ୍ରେରକ କ୍ରିୟା କଳାପ ବିକାଶର ଉପାଦାନ ଗୁଡିକର ତାଲିକା କର ।

୨। ଗୋଟିଏ ୪ବର୍ଷ ବୟସ୍କ ଶିଶୁର ବୌଦ୍ଧିକ ଚରିତ୍ର ଗୁଡିକ ବର୍ଣ୍ଣନା କର ।

୩। କିଛି ବ୍ୟକ୍ତି କାହିଁକି ବାମହାତୀ ହୋଇଥାଆନ୍ତି ? ସେମାନଙ୍କୁ ଡ଼ାହାଣ ହାତ ବ୍ୟବହାର କରିବାକୁ ବାଧ୍ୟ କଲେ, ପରିଣତି କଣ ହୁଏ ?

୪। ଶିଶୁମାନଙ୍କ ପାଇଁ ପୋଷାକ ପତ୍ର କିଣିଲାବେଳେ କେଉଁ ଦିଗଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ପଡ଼େ ?

୫। ଶିଶୁ ମାନଙ୍କ ପାଇଁ ବର୍ତ୍ତମାନର ଟୀକାଦାନ ତାଲିକା ପ୍ରଦାନ କର

୬। ବ୍ୟାବହାରିକ ସମସ୍ୟାର ସଂଜ୍ଞା ଲେଖ, ଏହାର କାରଣ ଓ ଏଥିମଧ୍ୟରୁ ପାଞ୍ଚୋଟିର ନିରାକରଣ ନିମନ୍ତେ ଉପାୟ ଲେଖ ।

## ପାଠଗତ ପ୍ରଶ୍ନର ଉତ୍ତର

**୧୮.୧**

୧। (i)/ ଙ, (ii)/ ଛ, (iii)/ ଗ, (iv)/ ଖ, (v)/ ଚ, (vi)/ ଘ, (vii)/ କ

୨। ବିକାଶର ସୋପାନ ଗୁଡିକ ହେଲା:- (i) ନବଜାତ (ii) କୈଶୋର (iii) ପ୍ରାକ୍ ପ୍ରାପ୍ତାବସ୍ଥା

୩। ବିକାଶର ଦୃଷ୍ଟାନ୍ତ ଗୁଡିକ ହେଲା (iv) ପ୍ରାକ୍ ଶୈଶବ, (v) ବୌଦ୍ଧିକ ପ୍ରକ୍ରିୟା, (vi) ସାମାଜିକ ପ୍ରକ୍ରିୟା, (vii) ଜୈବିକ ପ୍ରକ୍ରିୟା

**୧୮. ୨ ଶବ୍ଦାବଳୀର ପରୀକ୍ଷା-**

୧/ଗ, ୨/ଖ, ୩/ଖ, ୪/ଗ, ୫/କ, ୬/ଗ

**୧୮.୩** (i) କ, (ii) ଞ, (iii) କ, (iv) କ, (v) ଖ, (vi) ଟ, (vii) ଚ଼, (viii) ଖ, (ix) ଘ, (x) ଜ, (xi) ଛ, (xii) ଠ

**୧୮.୪** (iii), (iv), (vii), (x)

**୧୮.୫**

୧। (i) (କ) ଯେଉଁ ପରିବେଶ ଶିଶୁକୁ ନିଜର ବକ୍ତବ୍ୟ ପ୍ରକାଶ କରିବାକୁ ନିଷେଧ କରେ, ସେ ପରିବେଶରେ ଶିଶୁଟି ଅନୁପଯୁକ୍ତ ବ୍ୟବହାର ପ୍ରଦର୍ଶନ କରିଥାଏ ।

(ii) (କ) ଯେଉଁ ଶିଶୁଟି ନିରସ ବା ବିରସତା ଅନୁଭବ କରେ, ସେ ପ୍ରାୟତଃ ଆଙ୍ଗୁଠି ଚୁଚୁମିଥାଏ

(iii) (ଖ), (ଗ) ଯେଉଁ ଶିଶୁଟି ଅସୁରକ୍ଷିତ ଅନୁଭବ କରିଥାଏ କିମ୍ବା ଡ଼ରିଯାଇ ଥାଏ, ସେ ଶେଯରେ ପରିସ୍ରା କରିଦିଏ ।

(iv) (ଘ) ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମିଛ କହିଥାଏ ।

(ଅଧିକ ଜାଣିବା ପାଇଁ ଇଣ୍ଟରନେଟ୍ ବ୍ୟବହାର କର)



ମନ୍ତବ୍ୟ (Notes)

# ୧୯

# ବୃଦ୍ଧି ଓ ବିକାଶ (୬ରୁ ୧୧ ବର୍ଷ)

ତୁମେ ପୂର୍ବରୁ ଅଧ୍ୟୟନ କରିଛ ଯେ ଜନ୍ମଠାରୁ ପୌଢ଼ାବସ୍ଥା ପର୍ଯ୍ୟନ୍ତ ବିକାଶ ହେଉଛି ଏକ କ୍ରମାଗତ ପ୍ରକ୍ରିୟା ଏବଂ ଚାରୋଟି ଅବସ୍ଥାରେ ବିଭାଜିତ ହୋଇଛି । ଯଥା - ଶୈଶବ, କୈଶୋର, ପ୍ରାପ୍ତବୟସ୍କ ଏବଂ ବୃଦ୍ଧାବସ୍ଥା । ତୁମେ ମଧ୍ୟ ଅଧ୍ୟୟନ କରିଛ ଯେ ପ୍ରାରମ୍ଭ ବର୍ଷଗୁଡ଼ିକର ଘଟୁଥିବା ସ୍ୱତନ୍ତ୍ର ବୃଦ୍ଧି ଏବଂ ବିକାଶ କୁ 'ପ୍ରାକ୍‌ଶୈଶବ" ଅବସ୍ଥା କୁହାଯାଏ । ଏହି ପାଠରେ ତୁମେ ମାନେ ମଧ୍ୟ ବାଲ୍ୟାବସ୍ଥାରେ ହେଉଥିବା ବୃଦ୍ଧି ଏବଂ ବିକାଶ ବିଷୟରେ ପରିଚିତ ହେବ ଯାହା ୬ରୁ ୧୧ ବର୍ଷ ବୟସ ମଧ୍ୟରେ ଘଟିଥାଏ ।

## ଉଦ୍ଦେଶ୍ୟ:

ଏହି ବିଷୟକୁ ପଢ଼ିବା ପରେ ତୁମେ -

- ମଧ୍ୟ ବାଲ୍ୟାବସ୍ଥାରେ ହେଉଥିବା ଶାରିରୀକ ବିକାଶ ବିଷୟରେ ବର୍ଣ୍ଣନା କରିପାରିବ ।
- ଏହି ଅବସ୍ଥାରେ ଗତ୍ୟାତ୍ମକ ବା ପ୍ରେରକ କ୍ରିୟା କଳାପ ବିକାଶର ଭିତ୍ତିଭୂମି ଚିହ୍ନଟ କରିପାରିବ ।
- ମଧ୍ୟ ବାଲ୍ୟାବସ୍ଥାରେ ଶିଶୁଠାରେ ଗଢ଼ିଉଠୁଥିବା ସାମାଜିକ ଏବଂ ଆବେଗିକ ବିକାଶ ସହିତ ଶିଶୁର ଆଚରଣ ମଧ୍ୟରେ ସୃଷ୍ଟି ହେଉଥିବା ସମ୍ବନ୍ଧ ଜାଣି ପାରିବ ।
- ମଧ୍ୟ ବାଲ୍ୟାବସ୍ଥାରେ ଭାଷାବିକାଶ ବିଷୟରେ ବର୍ଣ୍ଣନା କରିପାରିବ ।
- ଏହି ସମୟରେ ଘଟୁଥିବା ବୌଦ୍ଧିକ ବିକାଶକୁ ଚିହ୍ନଟ କରିପାରିବ ।

## ୧୯.୧ ଶାରୀରିକ ବିକାଶ :

ତୁମେ ଲକ୍ଷ୍ୟ କରିଥିବ ଯେ, ଭିନ୍ନ ଭିନ୍ନ ବୟସରେ ବାଳକ ଏବଂ ବାଳିକା ମାନେ ହଠାତ୍ ଉଚ୍ଚତାରେ ବୃଦ୍ଧିଲାଭ କରିଥାନ୍ତି । ପ୍ରାୟତଃ ଅଢେଇ ବର୍ଷ/୩ବର୍ଷ ବୟସରୁ ଆରମ୍ଭ କରି ଦଶବର୍ଷ ପର୍ଯ୍ୟନ୍ତ, ଉଭୟ ବାଳକ ଓ ବାଳିକା ମାନେ ପ୍ରତିବର୍ଷ ୫-୭ ସେ:ମି ଉଚ୍ଚତା ଏବଂ ୨-୩ କିଲୋ ଓଜନ ଲାଭ କରିଥାନ୍ତି । ତୁମେ କେବେ ଦେଖିଛ କି ତୁମ ସାଇପଡିଶାରେ ଅଧିକାଂଶ ଝିଅମାନେ


ଯେଉଁମାନେ ପୁଅମାନଙ୍କ ଠାରୁ ଉଚ୍ଚତାରେ କମ୍ ଥିଲେ, ସେମାନେ ୯-୧୦ ବର୍ଷ ବୟସ ବେଳକୁ ହଠାତ୍ କରି ବାଳକ ମାନଙ୍କ ଠାରୁ ଉଚ୍ଚତାରେ ଅଧିକ ହୋଇଯାଆନ୍ତି ? ଏହା ହୋଇଥାଏ, କାରଣ, ବାଳିକା ମାନେ ଏହି ସମୟରେ ପୁଅମାନଙ୍କ ଠାରୁ ଦ୍ରୁତ ବୃଦ୍ଧିଲାଭ କରିଥାନ୍ତି ଏବଂ ସର୍ବାଧିକ ବୃଦ୍ଧି ସୀମାକୁ ଶୀଘ୍ର ଛୁଇଁଥାନ୍ତି ?

> ୧୧ରୁ ୧୩ ବର୍ଷ ବୟସ ସୀମାମଧ୍ୟରେ ଉଚ୍ଚତା ଓଜନର ହଠାତ୍ ଦ୍ରୁତ ବୃଦ୍ଧି କୁ 'ବୃଦ୍ଧିସ୍ଫୁରଣ' କୁହାଯାଏ ।

(NCH)

ଏନ୍. ସି. ଏଚ ଅନୁସାରେ ଶିଶୁ ଏବଂ କିଶୋର ମାନଙ୍କର ରେଫରେସନ ଶାରୀରିକ ଓଜନ ଏବଂ ଉଚ୍ଚତା


| ବୟସ | ବାଳକ | | ବାଳିକା | |
|---|---|---|---|---|
| | ଉଚ୍ଚତା ସେ.ମି | ଓଜନ କେ.ଜି | ଉଚ୍ଚତା ସେ.ମି | ଓଜନ କେ.ଜି |
| ୦ | ୫୦.୫ | ୩.୩ | ୪୯.୯ | ୩.୨ |
| ୧/୪ (୩ m) | ୬୧.୧ | ୬.୦ | ୬୦.୨ | ୫.୪ |
| ୧/୨ (୬ (m) | ୬୭.୮ | ୭.୮ | ୬୬.୬ | ୭.୨ |
| ୩/୪ (୯ (m) | ୭୨.୩ | ୯.୨ | ୭୧.୧ | ୮.୬ |
| ୧.୦ | ୭୬.୧ | ୧୦.୨ | ୭୫.୦ | ୯.୫ |
| ୧.୫ | ୮୨.୪ | ୧୧.୫ | ୮୦.୯ | ୧୦.୮ |
| ୨.୦ | ୮୫.୬ | ୧୨.୩ | ୮୪.୫ | ୧୧.୮ |
| ୩.୦ | ୯୪.୯ | ୧୪.୬ | ୯୩.୯ | ୧୪.୧ |
| ୪.୦ | ୧୦୨.୯ | ୧୬.୭ | ୧୦୧.୬ | ୧୬.୦ |
| ୫.୦ | ୧୦୯.୯ | ୧୮.୭ | ୧୦୮.୪ | ୧୭.୭ |
| ୬.୦ | ୧୧୬.୧ | ୨୦.୭ | ୧୧୪.୬ | ୧୯.୫ |
| ୭.୦ | ୧୨୧.୭ | ୨୨.୯ | ୧୨୦.୬ | ୨୧.୮ |
| ୮.୦ | ୧୨୭.୦ | ୨୨.୯ | ୧୨୦.୬ | ୨୧.୮ |
| ୯.୦ | ୧୩୨.୨ | ୨୮.୧ | ୧୩୨.୨ | ୨୮.୫ |
| ୧୦.୦ | ୧୩୭.୫ | ୩୧.୪ | ୧୩୮.୩ | ୩୨.୫ |
| ୧୧+ | ୧୪୦ | ୩୨.୨ | ୧୪୨ | ୩୩.୭ |
| ୧୨+ | ୧୪୭ | ୩୭.୦ | ୧୪୮ | ୩୮.୭ |
| ୧୩+ | ୧୫୩ | ୪୦.୯ | ୧୫୫ | ୪୪.୦ |
| ୧୪+ | ୧୬୦ | ୪୭.୦ | ୧୫୯ | ୪୮.୦ |
| ୧୫+ | ୧୬୬ | ୫୨.୬ | ୧୬୧ | ୫୧.୪ |
| ୧୬+ | ୧୭୧ | ୫୮.୦ | ୧୬୨ | ୫୩.୦ |
| ୧୭+ | ୧୭୫ | ୬୨.୭ | ୧୬୩ | ୫୪.୦ |
| ୧୮+ | ୧୭୭ | ୬୫.୦ | ୧୬୪ | ୫୪.୪ |



ମନ୍ତବ୍ୟ (Notes)

## ୧୯.୧.୧ ଶରୀରର ସମାନୁପାତିକ ପରିବର୍ତ୍ତନ

ତୁମେ ଜାଣିଛ ଯେ, ସଦ୍ୟଜାତ ଶିଶୁର ମୁଣ୍ଡଟି ତା' ଶରୀରର ଚତୁର୍ଭାଗରୁ (୧/୪) ଏକ ଭାଗ ହୋଇଥାଏ ଏବଂ ଛଅରୁ ଆଠ ବର୍ଷ ଶିଶୁର ମୁଣ୍ଡ ତା' ଶରୀରର ଛଅଭାଗରୁ ଏକଭାଗ (୧/୬) ହୋଇଥାଏ ଏବଂ ଏକ ପ୍ରାପ୍ତ ବୟସ୍କର ମୁଣ୍ଡ ତା ଶରୀରର ଆଠଭାଗରୁ ଏକଭାଗ (୧/୮) ହୋଇଥାଏ । ଅନ୍ୟ ଅର୍ଥରେ କହିବାକୁ ଗଲେ ଶିଶୁର ବୟସ ବୃଦ୍ଧି ଅନୁସାରେ ତାର ମୁଣ୍ଡଟି ଶରୀରର ଅନ୍ୟ ଅଂଶ ଅନୁପାତରେ ଧିରେ ଧିରେ ଛୋଟ ହୋଇଯାଏ । ମଧ୍ୟ ବାଲ୍ୟାବସ୍ଥାରେ ସ୍ଥୁଳ ମାଂପେଶୀ ସହିତ ସୂକ୍ଷ୍ମ ମାଁସ ପେଶୀ ଗୁଡ଼ିକ ଦ୍ରୁତ ଗତିର ବିକାଶିତ ହୋଇଥାଏ ।



ଚିତ୍ର ୧୯.୧ ଶରୀରର ସମାନୁପାତିକ ପରିବର୍ତ୍ତନ

## ୧୯.୧.୨ ଦାନ୍ତ, ହାତ ଏବଂ ମାଂସ ପେଶୀ ଗୁଡିକର ବିକାଶ

(i) ଦାନ୍ତ - ଯଦିତୁମେ ମନେ ପକାଅ, ତେବେ ଜାଣି ପାରିବ ଯେ ୩ ବର୍ଷ ବୟସର ଶିଶୁର ୨୦ଟି ଦୁଧଦାନ୍ତ ହୋଇଥାଏ, ଯେତେବେଳେ ଶିଶୁଟି ମଧ୍ୟବାଲ୍ୟାବସ୍ଥା ଅବସ୍ଥାରେ ଥାଏ, ତା'ର ୨୮ଟି ଦାନ୍ତ ହୋଇଥାଏ ଏବଂ ସେଗୁଡ଼ିକ ସ୍ଥାୟୀଦାନ୍ତ ହୋଇଥାଏ । ଜଣେ ପ୍ରାପ୍ତ ବୟସ୍କ ଯୁବକର ୩୨ଟି ଦାନ୍ତ ଥାଏ ।



(ଚିତ୍ର୧୯.୨ ଦାନ୍ତର ବିକାଶ)

(ii) ହାଡ - ମଧ୍ୟ ବାଲ୍ୟାବସ୍ଥା ବେଳେ ଶରୀରର ସମସ୍ତ ହାଡଗୁଡ଼ିକ ଗଠିତ ହୋଇଥାଏ । ଏବଂ ପରବର୍ତ୍ତୀ ପର୍ଯ୍ୟାରେ ସେଗୁଡ଼ିକର ଆକାର ଏବଂ ଶକ୍ତି ଅନୁସାରେ ବୃଦ୍ଧି ହୋଇଥାଏ । ହାଡଗୁଡ଼ିକରେ କ୍ୟାଲସିୟମର ପରିମାଣ ଅଧିକ ହେଲେ ସେଗୁଡ଼ିକ ଦୁର୍ବଳ ହୋଇଯାଏ ଏବଂ ଶିଘ୍ରଭାଙ୍ଗିଯାଏ । ମଧ୍ୟମ ବାଲ୍ୟାବସ୍ଥାରେ ଯଥେଷ୍ଟ ପରିମାଣର କ୍ୟାଲସିୟମ ଯୋଗୁଁ ହାଡଗୁଡ଼ିକ ଶକ୍ତ ହୋଇଥାଏ । ଏହାହିଁ ଏକମାତ୍ର କାରଣ ଯାହାପାଇଁ ମଧ୍ୟବାଲ୍ୟାବସ୍ଥାରେ ଶିଶୁର କାର୍ଯ୍ୟକଳାପ ଅଧିକ ହୋଇଥାଏ । ଶକ୍ତହାଡ ମାଂସପେଶୀକୁ ଦୃଢଭାବେ ଧରି ରଖେ ।

(iii) ମାଂସପେଶୀ ଏବଂ ଚର୍ବି - ସମସ୍ତ ହାଡଗୁଡ଼ିକ ମାଂସପେଶୀ ଏବଂ ଚର୍ବିଦ୍ୱାରା ଆବୃତ୍ତ ହୋଇଥାଏ । ଝିଅମାନଙ୍କର ମାଂସପେଶୀ ଅପେକ୍ଷା ହାଡଗୁଡ଼ିକ ଅଧିକ ଚର୍ବିଦ୍ୱାରା ଆବୃତ୍ତ ହୋଇଥାଏ । ୭ ରୁ ୮ ବର୍ଷ ମଧ୍ୟରେ ଝିଅମାନଙ୍କର ବାହୁ, ଗୋଡ ଏବଂ କଟିଦେଶରେ ମାଂସପେଶୀ ଅପେକ୍ଷା ଅଧିକ ଚର୍ବି ସୃଷ୍ଟି ହୋଇଥାଏ । କିନ୍ତୁ ପୁଅମାନଙ୍କର ଚର୍ବିତୁଳନାରେ ମାଂସପେଶୀ ଅଧିକ ଥାଏ । ସେଥିପାଇଁ ସେମାନଙ୍କର ଶକ୍ତି ଅଧିକ । ପୁଅମାନେ ସାଧାରଣଗତଃ ଅଧିକଦୂର ଦୌଡିପାରନ୍ତି ଏବଂ ଅଧିକ ଉଚ୍ଚକୁ ଡେଇଁ ପାରନ୍ତି ।


ଚିତ୍ର ୧୯.୩ ଅସ୍ଥି ଏବଂ ମାଂସପେଶୀର ବିକାଶ



ମନ୍ତବ୍ୟ (Notes)

**ପାଠଗତ ପ୍ରଶ୍ନ - ୧୯.୧**

୧. ଉପଯୁକ୍ତ ଉତ୍ତର ପାଇଁ ଠିକ୍ ଚିହ୍ନ ଦିଅ ।

(i) ମଧ୍ୟବାଲ୍ୟା ବସ୍ଥା ବେଳେ ଶିଶୁମାନଙ୍କ ପାଟିରେ ଥିବା ଦାନ୍ତ ସଂଖ୍ୟା

(କ) ୨୦ (ଖ) ୨୪

(ଗ) ୨୮ (ଘ) ୩୨

(ii) ମଧ୍ୟବାଲ୍ୟାବସ୍ଥା ସମୟରେ ମୁଣ୍ଡ ଏବଂ ଶୀରୀରର ସମାନୁପାତ

(କ) ୧/୮ (ଖ) ୧/୬

(ଗ) ୧/୪ (ଘ) ୧/୨

(iii) ଶରୀରର ସମସ୍ତ ହାଡ ଗଠିତ ହୋଇଥାଏ

(କ) ଶୈଶବରେ (ଖ) ପୂର୍ବ ବାଲ୍ୟାବସ୍ଥାରେ

(ଗ) ମଧ୍ୟ ବାଲ୍ୟାବସ୍ଥାରେ (ଘ) କିଶୋର ଅବସ୍ଥାରେ

(iv) ପୁଅମାନେ ଅଧିକ ଶକ୍ତିଶାଳୀ କାରଣ ସେମାନଙ୍କର ଅଧିକ

(କ) ହାଡ ଥାଏ । (ଖ) ମାଂସପେଶୀ ଥାଏ ।

(ଗ) ଚର୍ବି ଥାଏ । (ଘ) କ୍ୟାଲସିୟମ ଥାଏ ।


## ୧୯.୨ ଗତ୍ୟାତ୍ମକ ବା ପ୍ରେରକ କ୍ରିୟା କଳାପର ବିକାଶ -

ସ୍କୁଲ ଛୁଟିପରେ ୬ ରୁ ୧୧ ବର୍ଷ ବୟସର ପିଲାମାନେ ଶ୍ରେଣୀକକ୍ଷରୁ ବାହାରିବା ତୁମେ ଦେଖିଛ କି ? ସେମାନେ କଣ କରୁଥିବେ ? ହଁ ତୁମେ ଠିକ୍ କହିଛ । ସେମାନଙ୍କ ମଧ୍ୟରୁ କେତେକ ଦୌଡୁଥିବେ । ଅନ୍ୟ କେତେଜଣ ଦଉଡିଡିଆଁ ଖେଳୁଥିବେ ଏବଂ ଆଉ କେତେକ ସଂକୀର୍ଣ୍ଣ ରାସ୍ତାରେ ସେମାନଙ୍କର ଭାରସାମ୍ୟ ରକ୍ଷାକରି ଲମ୍ଫ ଦେଇ ପାର ହେଉଥିବେ । ଏହି ସମସ୍ତ କାର୍ଯ୍ୟକଳାପ ଗୁଡ଼ିକରେ ପିଲାମାନେ ସେମାନଙ୍କର ମାଂସପେଶୀ ଗୁଡ଼ିକର ସଠିକ୍ ଚାଳନା ଶିକ୍ଷା କରୁଛନ୍ତି ।

ଶରୀରରେ ଦୁଇ ପ୍ରକାର ମାଂସପେଶୀ ପରିଲକ୍ଷିତ ହୁଏ । ସେଗୁଡ଼ିକର ନାମହେଲା ବୃହତ୍ ମାଂସପେଶୀ ଯେପରିକି ବାହୁ, ଗୋଡ ଏବଂ ପିଚାରେ ଥିବା ମାଂସପେଶୀ ଏବଂ କ୍ଷୁଦ୍ର ମାଂସପେଶୀ ଯଥା- ହାତ ଆଙ୍ଗୁଠି, ଗୋଡ ଆଙ୍ଗୁଠିର ମାଂସପେଶୀ ଇତ୍ୟାଦି । ତୁମେ ସମ୍ଭବତଃ ଜାଣିଥିବ ମାଂସପେଶୀୟ କାର୍ଯ୍ୟକଳାପ ସାଧାରଣତଃ ମାଂସପେଶୀ ଗୁଡ଼ିକର ସଂକୋଚନ ଏବଂ ପ୍ରସାରଣ ପାଇଁ ସମ୍ଭବ ହୋଇଥାଏ । ଶରୀରର ବିଭିନ୍ନ ଅଂଶରେ ଥିବା ବିଭିନ୍ନ ମାଂସପେଶୀ ଏବଂ ଗୋଟିଏ ସ୍ଥାନରେ ଥିବା କେତେକ ମାଂସପେଶୀ ବିଭିନ୍ନ ପ୍ରକାର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରନ୍ତି । ଏହି ନିୟନ୍ତ୍ରଣର କିଛି ଅଂଶ ସ୍ୱୟଂକ୍ରିୟ ହୋଇଥାଏ ଯେତେବେଳେ କି ଅନ୍ୟ ଅଂଶ ଗୁଡ଼ିକ ଶିକ୍ଷାକରିବା ଦ୍ୱାରା ହୋଇଥାଏ । ଯେଉଁ ମାଂସପେଶୀୟ କାର୍ଯ୍ୟକଳାପ ଗୁଡ଼ିକ ମାଂସ ପେଶୀୟ ନିୟନ୍ତ୍ରଣଦ୍ୱାରାଶିକ୍ଷା କରାଯାଇଥାଏ ତାହାକୁ ମାଂସପେଶୀୟ ସଂଯୋଗ କୁହାଯାଏ ।

ମାଂସପେଶୀୟ ସଂଯୋଜନ ଦୁଇ ପ୍ରକାର ଆଟେ । ଯଥା - ସୂକ୍ଷ୍ମ ଏବଂ ସ୍ଥୁଳ କ୍ଷୁଦ୍ର ମାଂସପେଶୀ ଦ୍ୱାରା ଯେଉଁ କାର୍ଯ୍ୟକଳାପ ଏବଂ ଗତିଶୀଳତା ସମ୍ଭବପର ହୋଇଥାଏ ତାହାକୁ ସୂକ୍ଷ୍ମକାୟ ମାଂସ ପେଶୀୟ ସଂଯୋଜନ ଏବଂ ବୃହତ୍ ମାଂସପେଶୀ ଦ୍ୱାରା ଯେଉଁ କାର୍ଯ୍ୟକଳାପ ତଥା ଗତିଶୀଳତା

ସମ୍ଭବପର ହୋଇଥାଏ ତାହାକୁ ସ୍ଥୁଳକାୟ ମାଂସପେଶୀର ସଂଯୋଜନ କୁହାଯାଏ । ବିଭିନ୍ନ କାର୍ଯ୍ୟକଳାପ ଯଥା- ଦୌଡିବା, ଭାରସାମ୍ୟ ରକ୍ଷା କରିବା, ଦଉଡ଼ିଡିଆଁ ଖେଳିବା, ଚଢିବା ଇତ୍ୟାଦି ଅଧିକାଂଶ କାର୍ଯ୍ୟକଳାପ ଗୁଡ଼ିକ ବୃହତ ମାଂସପେଶୀର ସଂଯୋଜନର ଅର୍ନ୍ତଭୁକ୍ତ ଅଟେ ।



**ଚିତ୍ର ୧୯.୪ ବୃହତ୍ ମାଂସପେଶୀର ସଂଯୋଜନ**

ଚଲ ନିମ୍ନଲିଖିତ ଜିନିଷ ଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା । - ସେଠାରେ ଗୋଟିଏ ପେନ୍‌ସିଲ ଟେବୁଲ ଉପରେ ଅଛି । ଜଣେ ବର୍ଷକର ଶିଶୁ କିପରି ଏହାକୁ ଧରିପାରିବ ? ଜଣେ ୩ ବର୍ଷ ଏବଂ ଆଉଜଣେ ୧୧ ବର୍ଷ ବୟସର ଶିଶୁ କିପରି ଏହାକୁ ଧରିପାରିବ ? ତୁମେ ଏହାକୁ କିପରି ଧରିପାରିବ ?

ତୁମେ ଲକ୍ଷ୍ୟ କରିପାରିବଯେ, ଗୋଟିଏ ବର୍ଷକର ଶିଶୁ ପେନ୍‌ସିଲ୍‌ଟିକୁ ଧରିବା ପାଇଁ ତା'ର ସଂମ୍ପୂର୍ଣ୍ଣ ପାପୁଲିକୁ ବ୍ୟବହାର କରୁଥିବା ବେଳେ ୩ ବର୍ଷ ବୟସର ଶିଶୁଟି ଗୋଟିଏ ରୁ ଅଧିକ ଅଙ୍ଗୁଳି ଏବଂ ବୁଢା ଆଙ୍ଗୁଳି ବ୍ୟବହାର କରି ପେନ୍‌ସିଲ୍‌ଟିକୁ ଧରିପାରେ ଏବଂ ୧୧ ବର୍ଷ ବୟସର ପିଲାଟି କେବଳ ବିଶି ଆଙ୍ଗୁଠି ର ସୂଚିତ ଏବଂ ବୁଢା ଆଙ୍ଗୁଳିକୁ ବ୍ୟବହାର କରି ଖେଳିବା ଘୁରାଇବା, ଲେଖିବା ପାଇଁ ଉପଯୁକ୍ତ, ଚପ ଦେବା ଇତ୍ୟାଦି ।



(ଚିତ୍ର ୧୯.୫ ସୂକ୍ଷ୍ମ ମାଂସପେଶୀର ସଂଯୋଜନ)

ଆଙ୍ଗୁଳି ଗୁଡ଼ିକରେ କେଉଁ ପ୍ରକାରର ମାଂସପେଶୀ ରହିଥାଏ । ବୃହତ୍ ବା କ୍ଷୁଦ୍ର, ନିଶ୍ଚିତ ଭାବରେ କ୍ଷୁଦ୍ର ମାଂପେଶୀ । ଏହି ଉଦାହରଣ ମାଧ୍ୟମରେ ତୁମେ ଦେଖି ପାରିବ ଯେ, ଛୋଟ ଛୋଟ ପିଲାମାନେ ସାଧାରଣତଃ ସ୍ଥୁଳ ମାଂସପେଶୀୟ ସଂଯୋଗ ଦ୍ୱାରା ପେନ୍‌ସିଲ୍ ଧରିଥାନ୍ତି । ଯେତେବେଳେ କି ଗୋଟିଏ ବୟସ୍କପିଲା ପେନ୍‌ସିଲ୍‌ଙ୍କୁ ଧରିବା ପାଇଁ ସୂକ୍ଷ୍ମ ମାଂସପେଶରୀ ସଂଯୋଗକୁ ବ୍ୟବହାର କରିଥାନ୍ତି । ଯେତେବେଳେ ଶିଶୁଟି ଧରେ ଧିରେ ବୃଦ୍ଧିଲାଭକରେ ତା'ର ସୂକ୍ଷ୍ମ ମାଂସପେଶୀ ଚଳନାର କ୍ଷମତା ବୃଦ୍ଧିପାଏ । ଏହି ସମୟରେ ସୂକ୍ଷ୍ମମାଂସ ପେଶିର ଚଳନା ଦ୍ୱାରା କରାଯାଇପାରୁଥିବା ଅନେକ ଗୁଡିଏ କାମ ଯଥା- ଲେଖିବା, ଛୁଞ୍ଚିକାମ, ଚିତ୍ରକରିବା ଇତ୍ୟାଦି, ଶିଶୁଟିକୁ ଶିକ୍ଷାଦିଆଯାଇ ପାରିବା ତୁମେ ଏହି ପ୍ରକାରର ଆଉ କିଛି କାର୍ଯ୍ୟକଳାପ ବିଷୟରେ ମତାମତ ଦେଇପାରିବ କି ? ତୁମେ ସମ୍ପୂର୍ଣ୍ଣ ଭାବରେ ନିଜ ଅନୁଭୂତିକୁ ଜାଣିଛଯେ, ସାଧାରଣତଃ ପିଲାମାନେ ନିଜ ହାତରେ ଖାଇବା କିମ୍ବା ଲେଖିବା ପୂର୍ବରୁ ଚାଲିବା, ଦୌଡ଼ିବା, ଡେଇଁବା ଓ ଗୋଇଠା ମାରିବା ଭଳି କାର୍ଯ୍ୟକଳାପ ଆଦି ଶିକ୍ଷାକରିଥାଆନ୍ତି । ଏହା ତୁମକୁ କଣ ବୁଝାଏ ? ଏହା ତୁମକୁ ଏହି ଶିକ୍ଷାଦିଏ ଯେ, ସ୍ଥୁଳ ମାଂସପେଶୀର ଚାଳନା ସୂକ୍ଷ୍ମ ମାଂସପେଶୀର ଚାଳନା ଠାରୁ ଶୀଘ୍ର ହୋଇଥାଏ ।

**ସମ୍ବେଦନ ଶୀଳ ସମୟ :-**

ଚିନ୍ତା କରି ଦେଖ ଯଦି ଆମେ ଗୋଟିଏ ଶିଶୁକୁ ଏକକାର୍ଯ୍ୟ ଶିକ୍ଷା କରିବା ଉପରେ ଗୁରୁତ୍ୱ ଦେବା ଯେଉଁଥିପାଇଁ ତା'ର ମାଂସପେଶୀ ଗୁଡ଼ିକ କ୍ରିୟାଶୀଳ ନଥାନ୍ତି ତେବେ କଣହେବ ? ହଁ, ନିଶ୍ଚିତ ଭାବରେ ଯେଉଁ ମାଂସପେଶୀ ଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବରେ ଗଠିତ ହୋଇ ନଥିବ ସେଗୁଡ଼ିକ ନଷ୍ଟ ହୋଇଯିବ । କେଉଁ ମାଂସପେଶୀ ଗୁଡ଼ିକର ଶିଘ୍ର ନଷ୍ଟ ହୋଇଯିବାର ସମ୍ଭାବା ରହିଛି ? ହଁ ନିଶ୍ଚିତ ଭାବରେ ସେଗୁଡ଼ିକ ସୂକ୍ଷ୍ମ ମାଂସପେଶୀ । ଏହାହିଁ ପ୍ରକୃତ କାରଣ ଯେଉଁଥିପାଇଁ ସାଢେ ଚାରି କିମ୍ବା ସାଢେ ପାଞ୍ଚ ବର୍ଷର ପିଲାମାନଙ୍କୁ ଲେଖିବା ପାଇଁ ବାଧ କରାଯିବା ଉଚିତ ନୁହେଁ । ବର୍ତ୍ତମାନ ତୁମେ ଅନୁଭବ କରିପାରିବ ଯେ ଯେତେବେଳେ ଶିଶୁଟି ୫ ବା ୬ବର୍ଷ ବୟସର ହୋଇଥାଏ ସେତେବେଳେ ବିଦ୍ୟାଳୟ ଗୁଡ଼ିକରେ ଆନୁଷ୍ଠାନିକ ଶିକ୍ଷା ପ୍ରଥମ ଶ୍ରେଣୀରୁ ଆରମ୍ଭ ହୋଇଥାଏ । ଯେତେବେଳେ ପିଲାଟି ୫-୬ ବର୍ଷ ବୟସର ହୋଇଥାଏ ସେତେବେଳେ ତା'ର ସୂକ୍ଷ୍ମମାଂସପେଶୀର ସଂଯୋଗ ଲେଖିବା ପାଇଁ ସକ୍ରିୟ ହୋଇଥାଏ । ୬ରୁ ୧୧ବର୍ଷ ବୟସ ମଧ୍ୟରେ ସାଧାରଣତଃ ହସ୍ତାକ୍ଷରର ଉନ୍ନତି ଘଟିଥାଏ । ଅର୍ଥାତ୍ ଏହା ଶିଘ୍ର ଏବଂ ଉତ୍ତମ ହୋଇଥାଏ ।

**ସମ୍ବେଦନଶୀଳ ଅବସ୍ଥା ଏପରି ଏକ ଅବସ୍ଥା ଯେତେବେଳେ ଜଣେ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟକଳାପ ଅଧିକ ଦକ୍ଷ ଭାବରେ ଶିକ୍ଷା କରିପାରିବ**

ସମ୍ବେଦନଶୀଳ ଅବସ୍ଥା ସମୟରେ ଶରୀର ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟକଳାପ କିମ୍ବା ଦକ୍ଷତା ଅଧିକ ଦକ୍ଷ ଭାବରେ ଶିକ୍ଷାକରିବା ପାଇଁ ପ୍ରସ୍ତୁତ ହୋଇଥାଏ । ଏହି ସମୟରେ ଯଦି ଶିଶୁକୁ ଏହି କାର୍ଯ୍ୟ ବା ଦକ୍ଷତା ଶିକ୍ଷା କରିବା ପାଇଁ ଉପଯୁକ୍ତ ପ୍ରେରଣା ଏବଂ ଅଭ୍ୟାସ କରିବାକୁ ଦିଆଯାଏ ପିଲାଟି ଭଲଭାବରେ ଏହାକୁ ଶିକ୍ଷା କରି ପାରିବ । ବିଶେଷକରି ୬ରୁ-୧୧ ବର୍ଷ ବୟସର ପିଲାମାନେ ବିଭିନ୍ନ କାର୍ଯ୍ୟ କଳାପଗୁଡ଼ିକୁ ଅଧିକ ସଂଖ୍ୟାରେ ଶିକ୍ଷା କରି ପାରିବେ । ସେମାନେ ବିଭିନ୍ନ ପ୍ରକାରର ଖେଳଖେଳନ୍ତି, ଏହି ତଥ୍ୟ ରୁ କଣ ସୂଚନାମିଳୁଛି ? ଏହିସମୟରେ ଅଧିକାଂଶ ମାଂସପେଶୀ ପରିପକ୍ୱତା ଲାଭ କରନ୍ତି ।

ନିମ୍ନଲିଖିତ ତାଲିକାରେ ୬ରୁ ୧୦ବର୍ଷ ମଧ୍ୟରେ ଗତ୍ୟାତ୍ମକ ବିକାଶର କେତେକ କାର୍ଯ୍ୟକଳାପ ଏବଂ ଦକ୍ଷତା ଗୁଡ଼ିକ ଦର୍ଶାଯାଇଛି ।

| ବୟସ | ଦୌଡ଼ିବା ଗୋଇଠା ମାରିବା ବଲ୍ ଫୋପାଡିବା | ଭାରସାମ୍ୟ ରକ୍ଷାକରିବା | କୁଦା ମାରିବା, ଏକ ପାଦରେ ଡେଇଁବା, ଡେଇଁବା |
|---|---|---|---|
| ୬ ବର୍ଷ |  ଚିତ୍ର ୧୯.୬ ଧରିବା ବଲ୍‌କୁ ଫୋପାଡ଼ି ପାରେ |  ଚିତ୍ର ୧୯.୭ ଭାରସାମ୍ୟ ରକ୍ଷା କରିବା । ଅଳ୍ପ ସମୟ ପାଇଁ ଗୋଟିଏ ପାଦରେ ଭାରସାମ୍ୟ ରକ୍ଷା କରି ଠିଆ ହୋଇପାରେ । |  ଚିତ୍ର ୧୯.୮ କୁଦା ମାରବା ଦୁଇଗୋଡରେ କୁଦାମାରି ଡେଇଁ ପାରେ । |
| ୭ ବର୍ଷ | ଗୋଟିଏ ବଲ୍‌କୁ ନିରୂପିତ ଦୂରତାରେ ଫୋପାଡି ପରେ । | ଗୋଟିଏ ପାଦରେ କିଛି ସମୟ ପାଇଁ ଭାରସାମ୍ୟ ରକ୍ଷା କରିପାରେ । | ଛୋଟ ଛୋଟ ବର୍ଗକ୍ଷେତ୍ର ମଧ୍ୟରେ ଡେଇଁ ଡେଇଁ ଖେଳିପାରେ । |



ମନ୍ତବ୍ୟ (Notes)

| | | | |
|---|---|---|---|
| ୮ ବର୍ଷ | ଗୋଟିଏ ଛୋଟ ବଲ୍‌କୁ ନିରୁପିତ ଦୂରାତାକୁ ଫିଙ୍ଗିପାରେ । | ଗୋଟିଏ ପାଦରେ ଅଳ୍ପ ସମୟ ପାଇଁ ଭାରସାମ୍ୟ ରକ୍ଷା କରିପାରେ । | କୁଦା ମାରିପାରେ ଏବଂ ପର୍ଯ୍ୟାୟ କ୍ରମେ ତାଳ ଅନୁସାରେ କୁଦାମାରି ଖେଳ ଖେଳି ପାରେ । |
| ୯ ବର୍ଷ | ଗୋଟିଏ ଛୋଟ ବଲକୁ ପାଖ ଏବଂ ଦୂରକୁ ଫିଙ୍ଗି ପାରେ, ଏବଂ ସମନ୍ୱିତ ଗତିରେ ଦୌଡିପାରେ । | ଗୋଟିଏ ପାଦରେ ଡେଇଁ ଡେଇଁ ଅଧିକ ସମୟ ପାଇଁ ଭାରସାମ୍ୟ ରକ୍ଷାକରିପାରେ । | ନିଜ ଉଚ୍ଚତା ସହ ସମାନ ଉଚ୍ଚତାକୁ ଡେଇଁ ପାରେ । |
| ୧୦ ବର୍ଷ | ଗୋଟିଏ ଛୋଟ ବଲ୍‌କୁ ଅଟକାଇବା ପାଇଁ ନିଷ୍ପତ୍ତି ନେଇ ପାରେ । | ଗୋଟିଏ ପାଦରେ ଡେଇଁ ଡେଇଁ ଅଧିକ ସମୟ ପାଇଁ ଭାରସାମ୍ୟ ରକ୍ଷା କରିପାରେ । | ଏକ ସମୟରେ ଧାଇଁପାରେ ଏବଂ ବାଧା ଦୌଡ଼ରେ ବାଧା ଅତିକ୍ରମ କରିପାରେ । |

**ପାଠଗତ ପ୍ରଶ୍ନ ୧୯.୨**

ସାରଣୀ 'କ' ରେ ତାଲିକାଭୁକ୍ତ ହୋଇଥିବା କାର୍ଯ୍ୟକଳା ଗୁଡ଼ିକ ଧ୍ୟାନସହକାରେ ପଢ, ବୟସ ଅନୁପାତରେ ଗୋଟିଏ ଶିଶୁ ସେଗୁଡ଼ିକ ଯେପରି ଶିକ୍ଷା କରିଥାଏ, ତାକୁ ସାରଣୀ 'ଖ'ରେ ସଜାଇ ଲେଖ, ସାରଣୀ 'ଗ'ରେ ଆନୁସଙ୍ଗିକ ବୟସ ଲେଖ ।

| ସାରଣୀ 'କ' | ସାରଣୀ 'ଖ' | ସାରଣୀ 'ଗ' |
|---|---|---|
| (i) ଛୋଟ ଛୋଟ ବର୍ଗ କ୍ଷେତ୍ରମଧ୍ୟରେ ସିଧା ଓ କଣୁଆ ଡେଇଁବା ବା କୁଦାମାରିବା | ________ | ________ |
| (ii) ଉଭୟ ଗୋଡରେ ଦଉଡ଼ି ଡ଼ିଆଁ ଖେଳିପାରେ । | ________ | ________ |
| (iii) ଧାଇଁପାରେ, ବାଧାଦୌଡରେ ବାଧା ଅତିକ୍ରମ କରିପାରେ । | ________ | ________ |
| (iv) ନିଜ ଉଚ୍ଚତା ସହ ସମାନ ଉଚ୍ଚତାକୁ ଡେଇଁପାରେ । | ________ | ________ |

୨. ତୁମେ ପ୍ରତିଦିନ ଏହିଭଳି କାମ ଗୁଡିଏ କରିଥାଅ । ସେଗୁଡ଼ିକୁ ସ୍ୱଷ୍ମ ଏବଂ ସ୍ଥୁଳ ମାଂସପେଶୀ ସମନ୍ୱୟ ଭାବରେ ବାଛିଲେଖ ।

(i) ପେନ୍‌ସିଲ କାଟି ମୁନକରିବା ________

(ii) ରାସ୍ତାରେ ଚାଲିବା ________

(iii) ଚାମଚରେ ଖାଦ୍ୟ ଖାଇବା ________

(iv) ପାହାଚ ଚଢ଼ିବା ________

(v) ଧାଇଁବା ଓ ବାଧାଦୌଡ ଅତିକ୍ରମ କରିବା ________

(vi) ସାର୍ଟରେ ବୋତାମ ଲଗାଇବା । ________

## ୧୯.୩ ଭାଷାର ବିକାଶ

ମଧ୍ୟ ବାଲ୍ୟାବସ୍ଥାରେ ଭାଷାଗତ ବିକାଶ କିପରି ହୋଇଥାଏ ଆସ ଦେଖିବା । ତୁମେ ଗୋଟିଏ ଆଠ ବର୍ଷର ଶିଶୁ ସହିତ କଥାବାର୍ତ୍ତା ହୋଇଛକି ? ଶିଶୁଟି କେତେ ଜାଣିଛି ଏବଂ କିପରି ବୁଝାଇ ପାରୁଛି ତାହା ଜାଣିଲେ ତୁମକୁ ଆଶ୍ଚର୍ଯ୍ୟ ଲାଗିବ । ମଧ୍ୟ ବାଲ୍ୟା ବସ୍ଥାରେ (୬ରୁ ୧୧ ବର୍ଷ) ଗୋଟିଏ ଶିଶୁର ମୌଳିକ ଭାଷାଗତ ବିକାଶ ସଂପୂର୍ଣ୍ଣ ହୋଇଥାଏ । ଏବଂ ସେ ୧୪୦୦୦ ରୁ ୩୦୦୦୦ ଶବ୍ଦ ଜାଣିଥାଏ । ଏହି ବୟସରେ ସେ ଭାଷାକୁ ଠିକ୍‌ଭାବରେ ପ୍ରୟୋଗ କରିବା ଏବଂ ଅଦାନ ପ୍ରଦାନ କରିବା ଶିଖିଥାଏ । ଗୋଟିଏ ଶବ୍ଦର ଅର୍ଥ ଏକରୁ ଅଧିକ ହୋଇପାରେ ବୋଲି ଶିଶୁଟି ବୁଝିପାରେ, ସମାନ ଅର୍ଥଥାଇ ଗୋଟିଏ ଶବ୍ଦ କିମ୍ବା ଏକ ପ୍ରକାରର ଶବ୍ଦ ବ୍ୟବହାର କରି ସେମାନେ ପରସ୍ପର ସହ ହାସ୍ୟରୋଳ କରିବା ପାଇଁ ଭଲ ପାଆନ୍ତି ।

୬ ରୁ ୧୧ ବର୍ଷ ବୟସର ଶିଶୁମାନେ ବାକ୍ୟଗଠନ ଭଲଭାବରେ ବୁଝିପାରନ୍ତି । ଗୋଟିଏ ଶବ୍ଦର ଅନେକ ଗୁଡିଏ ଅର୍ଥ ଥାଇପାରେ ବୋଲି ଜାଣିବା ସଙ୍ଗେ ସଙ୍ଗେ ଗୋଟିଏ ଉଚ୍ଚାରଣ ଥିବା ବିଭିନ୍ନ ଶବ୍ଦର ବନାନ ଭିନ୍ନ ଭିନ୍ନ ଏବଂ ସେମାନଙ୍କ ଅର୍ଥ ଭିନ୍ନ ଭିନ୍ନ ବୋଲି ସେମାନେ ଜାଣିଥାନ୍ତି । ଉଦାହରଣ ସ୍ୱରୂପ CORN ଶବ୍ଦର ଅର୍ଥ ଶସ୍ୟ ଏବଂ ମାଛ ଆଖିଆ କୁ ବୁଝାଏ । ସେହିଭଳି HERE ଏବଂ HEAR ଓ WHOLE ଏବଂ HOLE ଶବ୍ଦର ଅର୍ଥ ଭିନ୍ନ ହେବା ସଙ୍ଗେ ସଙ୍ଗେ ବନାନ ମଧ୍ୟ ଭିନ୍ନ । ଯେଉଁ ସମସ୍ତ ଶବ୍ଦ ବା ବାକ୍ୟ ସହଜରେ ଉଚ୍ଚାରିତ ହୁଏ ନାହିଁ ଏବଂ ଉପମା ବା ଅଳଂଙ୍କରିକ ଶବ୍ଦ ବ୍ୟବହାର କରି ସେମାନେ ଆନନ୍ଦ ଲାଭ କରନ୍ତି । ସେଥି ମଧ୍ୟରୁ କିଛି ହେଲା-

- ସୂର୍ଯ୍ୟଭଳି ଉଜ୍ଜ୍ୱଳ
- ହାତେ ମାପି ଋଖଣ୍ଡେ ଋଲ
- ପକ୍ଷୀର ପରଭଳି ହାଲ୍‌କା
- ଏଣୁ ମାରିଲେ ବ୍ରହ୍ମ ହତ୍ୟା ତେଣୁ ମାରିଲେ ଗୋହତ୍ୟା

କେତେକ ସମୋଚ୍ଚାରିତ ଶବ୍ଦଯୁକ୍ତ ବାଖ୍ୟ –

- She sells sea shells on the sea shore
- Betty Bougther bought some butter but the butter was too bitter so she bought some butter butter to make the bitter butter better
- How much wood could a wood - chuck ctuck, if a wood-chuck could chuck wood.

ପିଲାମାନେ ଉପଭୋଗ କରୁଥିବା ଧାନଙ୍କାରି ଶବ୍ଦ ଏବଂ ସହଜରେ ଉଚ୍ଚାରିତ ହୋଇ ପାରୁ ନଥିବା ଶବ୍ଦ ବା ବାକ୍ୟ ବ୍ୟତୀତ ମନମଧ୍ୟରେ ଥଟ୍ଟା ଉପହାସର ଚେତନା ବୃଦ୍ଧି କରିଥାନ୍ତି । ଏହି ବୟସରେ ପିଲାମାନଙ୍କର ଅଧିକାଂଶ ଥଟ୍ଟାପରିହାସ (ବ୍ୟଙ୍ଗ) ସାଧାରଣତଃ ଭାଷାର କୋମଳତାକୁ କେନ୍ଦ୍ରୀଭୂତ କରିଥାଏ । ପିଲାମାନେ କୌତୁକକୁ ଭଲ ପାଆନ୍ତି ବୟସ୍କ ମାନଙ୍କ ପ୍ରତି ଅସଙ୍ଗତ ମନେହୋଇ ପାରେ ।

ମନ୍ତବ୍ୟ (Notes)

ଉଦାହରଣ ସ୍ୱରୂପ-




(ଚିତ୍ର ୧୯.୯ ପିଲାମାନଙ୍କ ଗପସପରେ ଥଟ୍ଟାମଜା)

## ୧୯.୪ ସାମାଜିକ ଆବେଗିକ ବିକାଶ

ପ୍ରଥମେ ସାମାଜିକ ବିକାଶ କହିଲେ କଣ ବୁଝିବା ?

"ସାମାଜିକ ବିକାଶ କହିଲେ କେବଳ ସାମାଜିକ ସ୍ତରରେ ସ୍ୱୀକୃତି ପ୍ରାପ୍ତ ବ୍ୟବହାର ଶିକ୍ଷାକରିବା ନୁହେଁ ବରଂ ଅନ୍ୟମାନଙ୍କ ସହିତ ଖାପଖୁଆଇ ଚଳିବାକୁ ମଧ୍ୟ ବୁଝାଏ ।"

ଏବଂ ଆବେଗିକ ବିକାଶ କଣ ?

"ଆବେଗିକ ବିକାଶ କହିଲେ ଜଣେ ନିଜର ସମସ୍ତ ଆବେଗକୁ ନିୟନ୍ତ୍ରଣ କରିବା ଏବଂ ସେଗୁଡ଼ିକୁ ସାମାଜିକ ସ୍ୱୀକୃତି ପ୍ରାପ୍ତ ଅବସ୍ଥାରେ ଶିଖି ପରିପ୍ରକାଶ କରିବାକୁ ବୁଝାଇଥାଏ ।"

ଏହି ଦୁଇଟି ସଂଜ୍ଞାମଧ୍ୟରେ ଉପୁଜିଥିବା ସାଧାରଣ କଥାଟି ହେଲା "ସାମାଜିକ ସ୍ୱୀକୃତିପ୍ରାପ୍ତ ବ୍ୟବହାର ଶିକ୍ଷା କରିବା" । ମଧ୍ୟ ବାଲ୍ୟାବସ୍ଥା ସମୟରେ ସମସ୍ତମୁଖ୍ୟ ଆବେଗ ଗୁଡ଼ିକ ଶିଶୁଠାରେ ପରିଲକ୍ଷିତ ହୋଇଥାଏ । ୬ ଠାରୁ ୧୧ବର୍ଷ ବୟସ ମଧ୍ୟରେ ପିଲାମାନେ ଆବେଗ ଉପରେ ଅଧିକ ନିୟନ୍ତ୍ରଣ ଲାଭ କରିବା ଶିକ୍ଷା କରିଥାନ୍ତି । ସେମାନେ ଆବେଗ ଗୁଡ଼ିକୁ ଅଧିକ ସାମାଜିକ ସ୍ୱୀକୃତିପ୍ରାପ୍ତ ଉପାୟରେ ପରିପ୍ରକାଶ କରିବାକୁ ଶିକ୍ଷା କରନ୍ତି । ଏକ ସମୟରେ ଆବେଗିକ ବିକାଶ ହୋଇଥାଏ ଏବଂ ଏହା ସାମାଜିକ ବିକାଶର ଏକ ଅଂଶ ଭାବରେ ଘଟିଥାଏ । ତେଣୁ ଏହାକୁ ଆମେ ଶିଶୁର ସାମାଜିକ ଆବେଗିକ ବିକାଶ ବୋଲି କହିଥାଉ ।

ତୁମେ ଜାଣିଛ ଯେ, ସାମାଜିକ ବିକାଶ କହିଲେ ଶିଶୁର ସାମାଜିକ ପରିବେଶ ଯଥା -ଘର, ଖେଳସାଥୀମାନେ, ବିଦ୍ୟାଳୟ ଆଦିକୁ ଖାପଖୁଆଇ ଚଳିବାର ଦକ୍ଷତାକୁ ବୁଝାଇଥାଏ । ଏହାର ଅର୍ଥ ହେଲା କେତେକ ବ୍ୟକ୍ତି ଯଥା ବାପମାଆ, ସମବୟସ୍କ ଖେଳସାଥୀ ବିଦ୍ୟାଳୟର ଶିକ୍ଷକ ପିଲାଟିର ସାମାଜିକ ବିକାଶ ଉପରେ ପ୍ରଭାବ ପକାଇଥାନ୍ତି । ନିମ୍ନଲିଖିତ ବିଭାଗରେ ସେମାନେ ପ୍ରକୃତରେ କିପରି ବିକାଶ ଉପରେ ପ୍ରଭାବ ପକାନ୍ତି ତାହା ଶିକ୍ଷା କରିବା ।

### (i) ପିତା ମାତା

ମଧ୍ୟ ବାଲ୍ୟାବସ୍ଥା ହେଉଛି ଏପରି ଏକ ଅବସ୍ଥା ଯେଁଠାରେ ଶିଶୁମାନେ ଆତ୍ମ ବିଶ୍ୱାସ ଏବଂ ଆତ୍ମସମ୍ମାନ ବଢାଇଥାନ୍ତି । ଦୃଢବିଶ୍ୱାସୀ ପିତା ମାତା ମାନେ ଶିଶୁକୁ ଆତ୍ମବିଶ୍ୱାସୀ ହେବା ପାଇଁ ଉପଯୁକ୍ତ, ସୁବିଧା ସୁଯୋଗ ଯୋଗାଇ ଦିଅନ୍ତି । ଯେଉଁ ପିତାମାନେ ପିଲାକୁ ନିଜ ପରି ବଢାନ୍ତି ଏବଂ ତାଙ୍କୁ ସ୍ନେହ ଶ୍ରଦ୍ଧା ଦିଅନ୍ତି । ଏବଂ ଦୃଢ ବିଶ୍ୱାସୀ ହେବା ପାଇଁ ସାହାଯ୍ୟ କରିଥାନ୍ତି । ସେହି ପିତାମାତା ମାନେ ପିଲାମାନଙ୍କ ପାଇଁ ସଠିକ୍ ନିୟମ ଲାଗୁକରିଥାନ୍ତି । ସେମାନେ ଭଲ କାମ ପାଇଁ ପିଲାଙ୍କୁ ପ୍ରଶଂସା

କରନ୍ତି ଏବଂ ସାଧାରଣତଃ ସେମାନଙ୍କର ମନ୍ଦ କାର୍ଯ୍ୟପାଇଁ ଦଣ୍ଡ ଦେଇନଥାନ୍ତି, ଯଦି ପିଲାଟି କିଛି ମନ୍ଦକାର୍ଯ୍ୟ କରେ ତେବେସେମାନେ କାହିଁକି ଏପରିଭୁଲ ହେଲା ବୋଲି ବୁଝାଇବାକୁ ଚେଷ୍ଟା କରନ୍ତି । ଅନ୍ୟ ଅର୍ଥରେ କହିବାକୁ ଗଲେ ସେମାନେ ଶିଶୁ ମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ଗଣତାନ୍ତ୍ରିକ ପଦ୍ଧତି ଅବଲମ୍ବନ କରିଥାନ୍ତି ।

(ii) ସମବୟସ୍କ ସାଥୀ

ସମବୟସ୍କର ଖେଳସାଥୀ ମାନଙ୍କୁ ସମବୟସ୍କ ସାଥୀ ବୁଝାଏ । ସମବୟସ୍କ ସାଥୀମାନେ ସେମାନଙ୍କର ସାଥୀମାନଙ୍କ ସାମାଜିକ - ଆବେଗିକ ଦକ୍ଷତା ବଢାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଉଦାହରଣସ୍ୱରୁପ - ପିଲାମାନେ ପରସ୍ପର ଠାରୁ ଜାଣିବାକୁ ପାଇଥାନ୍ତି ଯେ ସମସ୍ତ ପିତାମାତା ମାନେ ସେମାନଙ୍କ ପିଲାଙ୍କଠାରୁ ଉଚ୍ଚ ଆକାଂକ୍ଷା ଆଶା କରିଥାନ୍ତି । ଯଦି ଗୋଟିଏ ପିଲା ଦ୍ୱିଧାରେ ଇତଃସ୍ତତଃ ହେଉଥାଏ ସେଭାବେ ଯେ ଅନ୍ୟମାନେ ମଧ୍ୟ ଦ୍ୱିଧାମତଃ ଇତଃସ୍ତତଃ ହେଉଛନ୍ତି । ଅନ୍ୟ ଅର୍ଥରେ କହିଲେ, ସାଙ୍ଗସାଥୀମାନେ ପରସ୍ପର ମଧ୍ୟରେ ତୁଳନା କରିବା ପାଇଁ ସୁଯୋଗ ଦିଅନ୍ତି ।

ସାଙ୍ଗସାଥୀ ମାନଙ୍କ ଠାରୁ, ପିଲାମାନେ ଆହୁରି ମଧ୍ୟ ଜାଣିବାକୁ ପାଆନ୍ତି ଯେ ପିତାମାତା ମାନେ ଉପଦେଶ ଦିଅନ୍ତି, ଅନୁସନ୍ଧାନ କରନ୍ତି ଏବଂ ଭଲ ମନ୍ଦ କାମ ପାଇଁ ଗାଳି କରନ୍ତି, ସେମାନେ ଶିକ୍ଷା ଦେଇଥାନ୍ତି ଯେ, ଶିଶୁମାନେ ସବୁପରେ ଯାହା କରିବାକୁ ଚାହାନ୍ତି ସବୁଠାରେ ତାଙ୍କୁ ସବୁ କାମ କରିବାକୁ ସ୍ୱାଧନତା ଦିଆଯାଏ ନାହିଁ । ଏହା ଫଳରେ ପିଲାମାନେ ରାଗି ଯାଆନ୍ତି, ଏବଂ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରନ୍ତି କିନ୍ତୁ ସେମାନେ ଯେତେବେଳେ ନିଜର ଖେଳସାଥୀ ମାନଙ୍କ ସହିତ ବାର୍ତ୍ତାଳାପ କରନ୍ତି ସେମାନେ ଅନୁବଭ କରନ୍ତି ଯେ, କେବଳ ସେ ନୁହେଁ ବରଂ ଅନ୍ୟମାନେ ସେହିପରି ଅନୁଭବ କରନ୍ତି । ସବୁ ପିଲମାନେ ତାଙ୍କର ପିତାମାତାଙ୍କ ଉପରେ ରାଗି ଯାଆନ୍ତି କିନ୍ତୁ ସାଙ୍ଗ ସାଥି ମାନେ ସେମାନଙ୍କୁ ସେମାନଙ୍କ ପିତାମାତାଙ୍କ ଉପରେ ବିପ୍ଲବାତ୍ମକ ମନୋଭାବ ନରଖିବା ପାଇଁ ଫଳପ୍ରଦ ଭାବରେ ତାଙ୍କୁ ସହଯୋଗ କରିଥାନ୍ତି । ତେଣୁ ସାଙ୍ଗସାଥୀ ମାନେ ସାନ୍ତ୍ୱନା ଦେବା ଏବଂ ଆବେଗିକ ସୁରକ୍ଷା ପ୍ରଦାନ କରନ୍ତି ଯାହା ବୟସ୍କ ମାନେ ଦେଇପାରନ୍ତି ନାହିଁ । ପିଲାମାନେ ସାଙ୍ଗସାଥୀ ମାନଙ୍କଠାରୁ ତାଙ୍କର ପିତାମାତାଙ୍କୁ ଖୁସି ରଖିବାକୁ ଶିଖନ୍ତି ତେଣୁ ସମାଜର କିପରି ମିଶି ଚଳିବାକୁ ହେବ ତା ଉପରେ ଦକ୍ଷତା ହାସଲ କରନ୍ତି ।

ସମବୟସ୍କ ଖେଳସାଥୀ ମାନେମଧ ପିଲାମାନଙ୍କୁ ସ୍ୱାଧିନହେବା ପାଇଁ ଶିକ୍ଷା ଦେଇଥାନ୍ତି । ନିମ୍ନରେ ଦୁଇଟି ୧୦ବର୍ଷ ବୟସର ପିଲାମାନଙ୍କ ମଧ୍ୟରେ କଥୋପକଥନ ର ଉଦାହରଣ ଦିଆଗଲା–



(ଚିତ୍ର ୧୯.୧୦)

ରାହୁଲ ତା' ମା' ଠାରୁ ଗୋଟିଏ ରାତି ଦୂରରେ କଟାଇବା ପାଇଁ ଭୟ କରୁଥିଲା କିନ୍ତୁ ଯେତେବେଳେ ସେ ଅନୁଭବ କଲା ଯେ ଡରିବା ଏକ ସ୍ୱାଭାବିକ ପ୍ରକ୍ରିୟା (ଯେପରି ଅନ୍ୟ ପିଲାମାନେ



ମନ୍ତବ୍ୟ (Notes)

ମଧ୍ଯ ଡରନ୍ତି) ଯଦିଓ ତା' ମା ଠାରୁ ଗୋଟିଏ ରାତି ଦୂରରେ ରହିବା ସମ୍ଭବ ଥିଲା, ସେ ଏହା କରିବାକୁ ସକ୍ଷମ ହେଲା ।

ସଂକ୍ଷେପରେ ଆମେ କହିପାରିବା ସାଙ୍ଗସାଥୀମାନେ -

- କିପରି ଜଣେ ଶିଶୁ ନିଜକୁ ସମବୟସ୍କ ଅନ୍ୟସାଥିମାନଙ୍କ ସଂହିତ ତୁଳନା କରେ, ତାହା ଦେଖିବାରେ ସାହାଯ୍ୟ କରନ୍ତି
- ଆବେଗିକ ସୁରକ୍ଷା ଏବଂ ସାନ୍ତ୍ୱନା ଯାହାଜଣେ ସାଙ୍ଗ ଦେଖିପାରେ ତାହାଜଣେ ପ୍ରାପ୍ତ ବୟସ୍କ ଦେଇପାରେ ନା ।
- ସମାଜରେ କିପରି ଖାପ ଖୁଆଇ ଚଳିବା ପାଇଁ ହେବ ତାହା ପିଲାମାନଙ୍କୁ ଶିକ୍ଷା କରିବାରେ ସାହାଯ୍ୟ କରେ ।
- ପିଲାମାନଙ୍କୁ ସେମାନଙ୍କ ପିତାମାତାଠାରୁ ସ୍ୱାଧିନ ହେବା ପାଇଁ ଶିକ୍ଷା ଦେବାରେ ସାହାଯ୍ୟ କରେ ।

**ତୁମପାଇଁ କାମ ୧୯.୧**

ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦ ଗୁଡ଼ିକର ଅର୍ଥ ଲେଖ ।

ତୁମେ ଏହାର ସଠିକ୍ ଉତ୍ତର ଜାଣିବା ପାଇଁ ଭାଷାକୋଷ ର ବ୍ୟବହାର କରିପାର ।

| ଶବ୍ଦ | ଅର୍ଥ |
|---|---|
| corn | ଶସ୍ୟ |
| corn | ମାଛଆଖିଆ |
| weak | |
| week | |
| principle | |
| principal | |
| Beer | |
| Bear | |

(iii) **ବିଦ୍ୟାଳୟ**

ପିଲାମାନଙ୍କର ସାମାଜିକ - ଆବେଗିକ ବିକାଶରେ ବିଦ୍ୟାଳୟର ଭୂମିକା ମଧ୍ଯ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଭଲ କରିବା ପାଇଁ ଉତ୍ସାହିତ କରିଥାନ୍ତି । ସେମାନେ ଯେତେବେଳେ ପିଲାମାନଙ୍କର ଉତ୍ତମ କାମ ପାଇଁ ପ୍ରଶଂସା କରିଥାନ୍ତି ଏବଂ ସେମାନଙ୍କ ମନ୍ଦ କାର୍ଯ୍ୟ ପାଇଁ ସେମାନଙ୍କୁ ଗାଳି କରିଥାନ୍ତି । ଏହିପରି ସେମାନେ ଶିଶୁ ମାନଙ୍କର ବିକାଶରେ ସାହାଯ୍ୟ କରିଥାନ୍ତି । ଉଦାହରଣ ସ୍ୱରୂପ ପ୍ରତ୍ୟେକପିଲା ଖେଳରେ କିମ୍ୱା ଚିତ୍ରାଙ୍କନରେ ବା ଛୁଞ୍ଚିକାମରେ ଭଲ ଦକ୍ଷତା ପ୍ରଦର୍ଶନ କରିନଥାନ୍ତି । ପ୍ରତ୍ୟେକ ପିଲା ଶ୍ରେଣୀରେ ପ୍ରଥମ ହୁଅନ୍ତି ନାହିଁ । କିନ୍ତୁ ପ୍ରତ୍ୟେକ ପିଲା କିଛିନା କିଛି ଭଲ କାମ କରିଥାନ୍ତି । ଶିକ୍ଷକ ମାନେ ଛାତ୍ରଛାତ୍ରୀ ମାନଙ୍କୁ ସେମାନେ ଯେଉଁ କାମ ଉତ୍ତମ ଭାବରେ କରିପାରିବେ ସେହିକାର୍ଯ୍ୟ କରିବା ପାଇଁ ପ୍ରେରଣା ଦିଅନ୍ତି ଓ ପ୍ରଶଂସାକରନ୍ତି । ମନେରଖ, ଗୋଟିଏ ଦାୟିତ୍ୱବାନ୍ ବୟସ୍କ ବ୍ୟକ୍ତି ହେବାର କୌଶଳ ଶିକ୍ଷା ପାଇଁ ଆତ୍ମବିଶ୍ୱାସ ନିହାତି ଜରୁରୀ ।

**ପାଠଗତ ପ୍ରଶ୍ନ - ୧୯.୩**

ନିମ୍ନଲଖିତ ଉକ୍ତିକୁ ଠିକ୍ ବା ଭୁଲ୍ ଉଲ୍ଲେଖ କର । ତୁମ ଉତ୍ତର ର ଯଥାର୍ଥତା ପ୍ରତିପାଦନ କର ।

(i) ୬ରୁ ୧୧ବର୍ଷ ବୟସ ମଧ୍ୟରେ ପିଲାମନେ ସମୋଚ୍ଚାରିତ ଏବଂ ଭିନ୍ନାର୍ଥକ ଶବ୍ଦ ଗୁଡ଼ିକ ମଧ୍ୟରେ ଦ୍ୱନ୍ଦ୍ୱରେ ପଡନ୍ତି ।

ଯଥାର୍ଥତା -----------------

(ii) ମଧ୍ୟବାଲ୍ୟାବସ୍ଥାରେ ପିଲାମାନେ ଯେଉଁ ଶବ୍ଦ ବା ବାକ୍ୟ ଗୁଡ଼ିକ ସହଜରେ ଉଚ୍ଚାରିତ ହୁଏ ନାହିଁ ସେଗୁଡ଼ିକୁ କହିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।

ଯଥାର୍ଥତା ----------------

(iii) ଦୃଢଆତ୍ମ ବିଶ୍ୱାସୀ ପିତାମାତାଙ୍କର ପିଲାମନେ ଦୃଢ ଆତ୍ମବିଶ୍ୱାସୀ ହୋଇଥାନ୍ତି ।

ଯଥାର୍ଥତା -------------

(iv) ଗଣତାନ୍ତ୍ରିକ ପଦ୍ଧତିରେ ଶୃଙ୍ଖଳିତ କରିବା ଯୋଗୁଁ ପିଲାମାନଙ୍କର ଅତ୍ମବିଶ୍ୱାସ ବୃଦ୍ଧିରେ ବାଧାସୃଷ୍ଟି ହୁଏ ।

ଯଥାର୍ଥତା ---------------

(v) ସାଙ୍ଗସାଥୀମାନେ ପିଲାମାନଙ୍କୁ ଆବେଗିକ ସୁରକ୍ଷା ଏବଂ ସାନ୍ତ୍ୱନା ପ୍ରଦାନ କରନ୍ତି ।

ଯଥାର୍ଥତା ------------

(vi) ସମବୟସ୍କ ସାଥୀମାନେ ପିଲାମାନଙ୍କୁ ସେମାନଙ୍କ ପିତାମାତାଙ୍କ ଉପରେ ନିର୍ଭର ଶୀଳ କରାଇଥାନ୍ତି

ଯଥାର୍ଥତା------------------ ।

## ୧୯.୫ ବୌଦ୍ଧିକ ବିକାଶ:

ଗୋଟିଏ ଶିଶୁ ଯେଉଁ ଉପାୟରେ ଚିନ୍ତାକରେ, ଯୁକ୍ତିଯୁକ୍ତ ତଥ୍ୟ ଉପସ୍ଥାପନ କରେ ଓ ସମସ୍ୟା ସମାଧାନ କରେ, ତାହାକୁ ତାର 'ବୌଦ୍ଧିକ ବିକାଶ'କୁହାଯାଏ ଆଗରୁ ତୁମେ ଜାଣିଛ ଯେ ପ୍ରାକ୍ ବାଲ୍ୟାବସ୍ଥା ଯଥା ୨ରୁ ୭ବର୍ଷ ବୟସ ମଧ୍ୟରେ ବୌଦ୍ଧିକ ବିକାଶ ନିମ୍ନଲିଖିତ କ୍ଷେତ୍ରରେ ହୋଇଥାଏ ।

- ବସ୍ତୁଗତ ସ୍ଥାୟୀତ୍ୱ
- ନିର୍ଜୀବ ବସ୍ତୁଗୁଡିକର ମାନବୀୟ ଗୁଣାବଳୀ ରହିଥିବା ବିଶ୍ୱାସ କରିବା
- ଅନ୍ୟମାନଙ୍କର ମତକୁ ବୁଝିବାରେ ଅସାମର୍ଥ୍ୟ ପ୍ରକାଶ କରିବା

୬ରୁ ୧୧ ବର୍ଷ ବୌଦ୍ଧିକ ବିକାଶ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ବର୍ତ୍ତମାନ ଶିଶୁଟି ଯୁକ୍ତି ସଙ୍ଗତ ଭାବରେ ଚିନ୍ତା କରିଥାଏ । ଆଉ କେତୋଟି ମୂଖ୍ୟ ବୌଦ୍ଧିକ ବିକାଶ ହେଲା ।

(i) **ଅବାସ୍ତବ ଓ ବାସ୍ତବ ମଧ୍ୟରେ ପାର୍ଥକ୍ୟ:**

ଗୋଟିଏ ଶିଶୁ ପାଇଁ ଅବାସ୍ତବ (କାଳ୍ପନିକ) ଓ ବାସ୍ତବ ମଧ୍ୟରେ କୌଣସି ପ୍ରଭେଦ ନଥାଏ । ଗୋଟିଏ ୪ବର୍ଷର ଶିଶୁ ପାଇଁ ସାନ୍ତାକ୍ଲସ୍ ବାସ୍ତବ ମାତ୍ର ଏକ ୧୦ବର୍ଷର ଶିଶୁ ସାନ୍ତାକ୍ଲସ୍ ଏକ କାଳ୍ପନିକ





ଚରିତ୍ର ବୋଲି ସଙ୍ଗେ ସଙ୍ଗେ କହିବ । ଗୋଟିଏ ଛୋଟ ଶିଶୁ ବିଶ୍ୱାସ କରେ ଯେ ଡ଼ାକ୍ତର ଖାନାରୁ ଜନ୍ମିତ ଛୁଆ କିଣିହେବ ମାତ୍ର ଗୋଟିଏ ବୟସ୍କ ଶିଶୁ ପାଇଁ ଜନ୍ମିତ ଛୁଆ ଡ଼ାକ୍ତରଖାନାରୁ କିଣାଯାଇ ପାରିବ ନାହିଁ । ଆମେ ନିଶ୍ଚିତ ଯେ ତୁମେ ବର୍ତ୍ତମାନ ଏଭଳି ଆନେକ ଉଦାହରଣ ଦେଇପାରିବ ।

(ii) **ଅନ୍ୟମାନଙ୍କର ମତାମତ କୁ ବୁଝିବା:**

ଆସ ଗୋଟିଏ ଉଦାହରଣ ନେବା, ରୋହନ୍‌ର 'ମା' ରୋଷାଇଘରେ ଥାଇ ରୋହନ୍ କୁ ଗୋଟିଏ ପ୍ରଶ୍ନ ପଚାରନ୍ତି । ୫ ବର୍ଷ ବୟସ୍କ ରୋହନ୍, ଯେ କି ଅନ୍ୟ ଏକ ରୁମ୍‌ରେ ଖେଳୁଛି, ମୁଣ୍ଡ ହଲାଇ ପ୍ରଶ୍ନର ଉତ୍ତର ଦେଉଛି । ସେ ବୟସରେ ରୋହନ୍ ଭାବୁଛି ଯେ ତାର 'ମା' ତାର ମୁଣ୍ଡହଲାଇ ଉତ୍ତର ଦେବା ଦେଖିଛନ୍ତି । ଟିକିଏ ଅଧିକ ବୟସରେ ଧରାଯାଉ ୮ବର୍ଷ, ରୋହନ୍ ତା 'ମା'ଙ୍କ ପଣତ ତଳେ ଠିଆହୋଇଥିଲା ବେଳେ ଜାଣିପାରିବ ଯେ ତାର 'ମା' ତାରୁ ମୁଣ୍ଡହଲାଇ ଉତ୍ତର ଦେବା ଦେଖିନାହାନ୍ତି । ଅନ୍ୟ ଅର୍ଥରେ ସେ ଅନ୍ୟର ମତାମତକୁ ବୁଝିପାରିବ କିମ୍ବା ଅନ୍ୟମାନଙ୍କ ପ୍ରତି ସମଭାବାପନ୍ନ ହୋଇପାରିବ, ଅନ୍ୟମାନଙ୍କ ପ୍ରତି ସମଭାବାପନ୍ତ ହୋଇ ନ କାରିବାର ଅକ୍ଷମତାକୁ 'ଆତ୍ମା କୈନ୍ଦ୍ରକତା' କୁହାଯାଏ । ମଧ ବାଲ୍ୟାବସ୍ଥାରେ ସମଭାବାପନ୍ତ ହେବାର କ୍ଷମତାର ବିକାଶ ଆରମ୍ଭ ହୋଇଥାଏ ଏବଂ ମଧ୍ୟବାଲ୍ୟାବସ୍ଥାର ଶେଷ ଭାଗରେ ଏହା ପୂର୍ଣ୍ଣ ବିକଶିତ ହୋଇଥାଏ ।

(ii) **ପ୍ରତ୍ୟାବର୍ତ୍ତନକ୍ଷମ -**

**ନିମ୍ନଲିଖିତ କାର୍ଯ୍ୟ ଗୁଡିକୁ ଋଲ କରିବା**

ଗୋଟିଏ ୪ ବର୍ଷ ବୟସର ପିଲାକୁ ମାଟିର ଗୋଟେ ଗୋଲା ଦେଖାଅ । ଏଥିରୁ କିଛି ନେଇ ଗୋଟେ ମାଳି ତିଆରି କର । ଏହି ମାଳିକୁ ଗୋଟିଏ ସାପରେ ପରିବର୍ତ୍ତିତ କର । ବର୍ତ୍ତମାନ ଶିଶୁକୁ ଏହି ସାପ କୁ ପୁଣି ମାଳିରେ ପରିଣତ କରିବା ପାଇଁ କୁହ । ସେ ତାର ଅସାମର୍ଥ୍ୟତା ପ୍ରଦର୍ଶନ କରିବ ।

ଏହା ଘଟିଥାଏ କାରଣ ପିଲାଟି ପିଷ୍ଟଲା ଭାବରେ ଘଟିଥିବା ପୂର୍ବ ଘଟଣାର ବିଭିନ୍ନ ସୋପାନକୁ ଚିନ୍ତା କରିବାରେ ସମର୍ଥ ହୋଇପାରେ ନାହିଁ । ମଧ ବାଲ୍ୟାବସ୍ତାରେ ଏହି କ୍ଷମତା ବୃଦ୍ଧି ପାଇବାକୁ ଆରମ୍ଭ କରେ ଏବଂ ୧୧ବର୍ଷ ବୟସ ବେଳକୁ ପୂର୍ବବର୍ତ୍ତୀ ସମସ୍ତ ସୋପାନ ଗୁଡ଼ିକୁ ଜାଣିବାରେ ଦକ୍ଷତା ଅର୍ଜ୍ଜନ କରିଥାଏ । ଚିନ୍ତା କରିବାର କ୍ଷମତା, ପୂର୍ବବର୍ତ୍ତୀ ସମସ୍ତ ସୋପାନ ଗୁଡ଼ିକୁ ମପେକାରଇବା କ୍ଷମତାକୁ ପ୍ରତ୍ୟାବର୍ତ୍ତନକ୍ଷମ କୁହାଯାଏ ।

(iv) **ଭୌତିକ ଧର୍ମ ଅପରିବର୍ତ୍ତନୀୟ : (ସଂରକ୍ଷଣ)**

ଆସ ଅନ୍ୟ ଗୋଟିଏ ଖେଳ ଖେଳିବା । ଦଶଟି ମୁଦ୍ରାକୁ ଦୁଇଧାଡିରେ ସଜାଅ । ଗୋଟିଏ ଧାଡିର ମୁଦ୍ରା ଗୁଡ଼ିକ ପରସ୍ପରର ନିକବର୍ତ୍ତୀ ହୋଇଥିବା ବେଳେ ଅନ୍ୟ ଧାଡିର ମୁଦ୍ରା ଗୁଡ଼ିକୁ ପରସ୍ପର ଠାରୁ ଦୂରରେ ରଖ । ଗୋଟିଏ ୪ବର୍ଷ ବୟସର ଶିଶୁକୁ ପଋର କେଉଁ ଧାଡିରେ ଅଧିକ ମୁଦ୍ରାଅଛି ? ପିଲାଟି କହିବ ଯେଉଁ ଧାଡିଟି ଅଧିକ ଲମ୍ବା ସେଥିରେ ଅଧିକ ମୁଦ୍ରା ରହିଛି । କିନ୍ତୁ ଗୋଟିଏ ୮ବର୍ଷ ବୟସର ପିଲା ସଙ୍ଗେ ସଙ୍ଗେ ପାର୍ଥକ୍ୟ ଜାଣିପାରିବ ଏବଂ ସଠିକ୍ ଉତ୍ତର ଦେଇପାରିବ । କାରଣ ସେ ବୁଝେ ଯେ ଗୋଟିଏ ବସ୍ତୁର ଭୌତିକ ଗୁଣଗୁଡିକ ଅପରିବର୍ତ୍ତନୀୟ । ୧୦ଟି ମୁଦ୍ରା ୧୦ଟି ମୁଦ୍ରାହିଁ ରହେ, ସେଗୁଡ଼ିକ ପରସ୍ପର ଠାରୁ ନିକଟରେ ନା ଦୂରରେ ରୁହନ୍ତି ।

ଆସ ବସ୍ତୁର ଭୌତିକ ରୁଣ ଉପରେ ଗୋଟିଏ ଛୋଟ ପରୀକ୍ଷା କରିବା ଓ ପିଲାମାନେ କିଭଳି ତାହାକୁ ବୁଝିପାରନ୍ତି ତାହା ଦେଖିବା । ଗୋଯିଏ ୪ବର୍ଷର ଏବଂ ଗୋଟିଏ ୯ବର୍ଷ ବୟସର ପିଲାକୁ

ଥଣ୍ଡା ପାନୀୟ ପିଇବା ପାଇଁ ନିମନ୍ତ୍ରଣ କର ସେମାନଙ୍କ ପାଇଁ ଦୁଇଟି ଥଣ୍ଡା ପାନୀୟ ବୋତଲ ଆଣ । ସେଥିପାଇଁ ଦୁଇଟି ଗ୍ଲାସ ଯେଉଁଥିରୁ ଗୋଟିଏ ସରୁ କିନ୍ତୁ ଲମ୍ୱା ଏବଂ ଅନ୍ୟଟି ଛୋଟ କିନ୍ତୁ ଚଉଡ଼ା । ଯେତେବେଳେ ତୁମେ ଏକା ପରିମାଣର ଥଣ୍ଡା ପାନୀୟ ଗ୍ଲାସରେ ଢ଼ାଳିବ ସେତେବେଳେ କଣ ହେବ ? ସରୁ କିନ୍ତୁ ଲମ୍ୱା ଗ୍ଲାସରେ ଥଣ୍ଡା ପାନୀୟର ସ୍ତର ଉଚ୍ଚା ଥିଲାବେଳେ ଛୋଟ କିନ୍ତୁ ଚଉଡା ଗ୍ଲାସରେ ଥଣ୍ଡା ପାନୀୟର ସ୍ତର କମ୍ ରହିବ । ମନେରଖ ଯେ ଥଣ୍ଡା ପାନୀୟଟି ପିଲା ଦୁଇଜଣଙ୍କ ସମ୍ମୁଖରେ ଉଭୟ ଗ୍ଲାସରେ ଢାଳିବ । ବର୍ତ୍ତମାନ ଉଭୟ ପିଲାଙ୍କୁ ଗୋଟିଏ ଗୋଟିଏ ଗ୍ଲାସ ଉଠାଇ ଥଣ୍ଡା ପିଇବାକୁ କୁହାଯିବ । ତୁମେ ଦେଖିବଯେ ଛୋଟ ପିଲାଟି ଚଟାପଟ୍ ସରୁ କିନ୍ତୁ ଲମ୍ୱା ଗ୍ଲାସଟି ପସନ୍ଦ କରିବ ଓ ଦରକାର ପଡିଲେ ସେଥିପାଇଁ ଝଗଡ଼ା କରିବ ଏହାର କାରଣ ଛୋଟ ପିଲାଟି ଭାବେଯ ଲମ୍ୱା ପାନୀୟର ପରିମାଣ ବେଶୀ । ମାତ୍ର ବୟସ୍କଟି ପିଲାଟି ବୁଝିପାରେ ଯେ ଗ୍ଲାସ ଦୁଇଟିର ଆକୃତି ଭିନ୍ନ ଭିନ୍ନ ହେଲେ ମଧ୍ୟ ଉଭୟ ଗ୍ଲାସରେ ଥଣ୍ଡା ପାନୀୟର ଆୟତନ ବା ପରିମାଣ ସମାନ ।

ଏଥିରୁ ବୁଝାପଡେ ଯେ ବସ୍ତୁମାନଙ୍କର କେତେକ ଭୌତିକ ଧର୍ମ ବାହାରକୁ ଭିନ୍ନ ଦେଖାଯାଉଥିଲେ ମଧ୍ୟ ସେମାନେ ପ୍ରକୃତରେ ସମାନ । ଏହା ବୁଝିବାର ସାମର୍ଥ୍ୟକୁ ସଂରକ୍ଷଣ କୁହାଯାଏ ।

### (v) ବର୍ଗୀକରଣ ବା ଶ୍ରେଣୀ ବିଭାଗ କରଣ

ତୁମେ ତାସମୁଠା ଦେଖିଥିବ । କେତୋଟି ଭିନ୍ନ ଭିନ୍ନ ଉପାୟରେ ସେଗୁଡିକର ଶ୍ରେଣୀ ବିଭାଗ କରିପାରିବ ? ଏହି ପ୍ରଶ୍ନ ତୁମେ ଯଦି ଗୋଟିଏ ୪ବର୍ଷର ଶିଶୁକୁ ପଚାରିବ ତେବେ ସେ ସମ୍ଭବତଃ ତାସମୁଠାକୁ ରଙ୍ଗ ଅନୁଯାୟୀ ଗୋଟିଏ ଉପାୟରେ ସଜାଯାଇ ପରିବ ବୋଲି କହିବ, କିନ୍ତୁ ଗୋଟିଏ ୯ ବର୍ଷର ପିଲା ତାସ୍‌ମୁଠା କୁ ଅନେକ ଉପୟାରେ ସଜାଇପାରିବ । ତେଣୁ ଆମେ କହିପାରିବା ଯେ, ମଧ୍ୟ ବାଲ୍ୟାବସ୍ଥାର ପିଲାମାନେ ବସ୍ତୁ ମାନଙ୍କୁ ବିଭିନ୍ନ ଉପାୟରେ ବର୍ଗୀକରଣ ବା ଶ୍ରେଣୀ ବିଭାଗ କରାଯାଇ ପାରିବ ବୋଲି ଅନୁଭବ କରିଥାନ୍ତି ।


### (vi) କ୍ରମବର୍ଦ୍ଧତା ବା କ୍ରମାନ୍ୱୟତା

ଗୋଟିଏ ୫ବର୍ଷର ଏବଂ ଗୋଟିଏ ୧୦ ବର୍ଷର ଏହି ସରଳ କୌତୁକିଆ ପ୍ରଶ୍ନଟି ପଚାର ମନେକର ଭଉଣୀ ହେଉଛନ୍ତି କ, ଖ ଓ ଗ । କ, ଖ ଠାରୁ ଢ଼େଙ୍ଗା ଏବଂ ଖ 'ଗ' ଠାରୁ ଢ଼େଙ୍ଗା । ତେବେ କ 'ଗ' ଠାରୁ ଢ଼େଙ୍ଗା ନା ଗେଡ଼ା ? ୫ବର୍ଷର ପିଲାଟି ଉତ୍ତର ଦେବାରୁ ସକ୍ଷମ ହେବ ନାହିଁ, କିନ୍ତୁ ୧୦ ବର୍ଷର ପିଲାଟି ସଙ୍ଗେ ସଙ୍ଗେ ସଠିକ୍ ଉତ୍ତର ଦେବ ଏବଂ ସେ କିଭଳି ସିଦ୍ଧାନ୍ତ ରେ ଉପନୀତ ହେଲା ତାହା ବୁଝାଇଦେବ ଏଣୁ ପ୍ରତ୍ୟେକ ଶିଶୁକୁ ଏକ ଉପାଖିୟ ଏବଂ ଉଦ୍ଦୀପକ ପରିବେଶରେ ବଢିବାକୁ ସୁଯୋଗ ଦେବା ଉଚିତ୍ । କାରଣ ସେ ମାନସିକ ସ୍ତରରେ ଆରୋହ କିମ୍ୱା ଅବରୋହ ପଦ୍ଧତିରେ ଏହାକୁ ସଜାଡି ପାରିବ ଅର୍ଥାତ୍ କ>ଖ ଏବଂ ଖ>ଗ ଏଣୁ କ>ଗ

ବସ୍ତୁଗୁଡ଼ିକର ସଜ୍ଜୀକରଣ କରିବାର କ୍ଷମତାକୁ କ୍ରମବର୍ଦ୍ଧତା ବା କ୍ରମାନ୍ୱୟତା କୁହାଯାଏ ।

### (vii) ସମୟ ଏବଂ ବେଗ

ଗୋଟିଏ ୧୦ ରୁ ୧୧ବର୍ଷ ବୟସ୍କର ପିଲାର ସମୟ ଓ ବେଗ ବିଷୟରେ ଧାରଣା ରହିଛି ସେ ଘଣ୍ଟା ଦେଖି ସମୟ କହିଦେଇ ପାରିବ । ସେ ମଧ୍ୟ ଶୀଘ୍ର, ଡ଼େରି, ଦ୍ରୁତ, ଧୀର ବର୍ତ୍ତମାନ, ପରେ, ଆଦି ଶବ୍ଦ ଗୁଡ଼ିକୁ ବୁଝିପାରେ ସେହିଭଳି ସେ ବେଗ ମଧ୍ୟ ବୁଝିପାରେ ଏବଂ ୬୦ କି.ମି ଘଣ୍ଟା ପ୍ରତି ବେଗରେ ଯାଉଥିବା କାର, ୪୦କି.ମି. ଘଣ୍ଟାପ୍ରତି ବେଗରେ ଯାଉଥିବା କାର୍ ଠାରୁ ଶ୍ରୀଘ୍ର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବ ବୋଲି କହିଦେଇପାରିବ ।





ତୁମେ ବର୍ତ୍ତମାନ ମଧ୍ୟମ ବାଲ୍ୟାବସ୍ଥାରେ "ବୌଦ୍ଧିକ ବିକାଶ"ର ବୈଶିଷ୍ଟ୍ୟର ସାରଣୀ ଲେଖିପାରିବ କି ? । ତଳେ ଦିଆଯାଇଥିବା ସାରଣୀ କୁ ଲକ୍ଷ୍ୟକର ।

ମଧ୍ୟମ ବାଲ୍ୟାବସ୍ଥାରେ 'ବୌଦ୍ଧିକ ବିକାଶ'ର ବୈଶିଷ୍ଟ୍ୟ ଗୁଡ଼ିକ ହେଲା

୧. ଅବାସ୍ତବ ଓ ବାସ୍ତବ ବିଷୟରେ ଧାରଣା
୨. ସମାନୁଭୂତି ଏବଂ ଆତ୍ମ କୈନ୍ଦ୍ରିକତା
୩. ପ୍ରତ୍ୟାବର୍ତ୍ତନ ଶୀଳତା
୪. ସଂରକ୍ଷଣ
୫. ବର୍ଗୀ କରଣ ବା ଶ୍ରେଣୀ ବିଭାଗ କରଣ
୬. କ୍ରମବର୍ଦ୍ଧତା ବା କ୍ରମାନ୍ୱୟତା
୭. ସମୟ ଓ ବେଗ ବିଷୟରେ ଧାରଣା

ଅନ୍ୟାନ୍ୟ ବିକାଶ ଭଳି, ବୌଦ୍ଧିକ ବିକାଶ ବଂଶାନୁକ୍ରମ ଓ ପରିବେଶ ଉପରେ ନିର୍ଭରଶୀଳ ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ପରିମାଣର ବୁଦ୍ଧି ସହିତ ଜନ୍ମ ନେଇଥାଏ କିନ୍ତୁ ଏହି ବୁଦ୍ଧିର ସଦୁପଯୋଗ କରିପାରିବା, ତାର ଜନ୍ମିତ ବୁଦ୍ଧିର ବିକାଶ ଉପରେ ନିର୍ଭର କରେ ଯଦି ଗୋଟିଏ ପିଲା, ଲିଖିତ ଶବ୍ଦ କେବେ ଦେଖିନଥିବ ତେବେ ସେ ଲିଖିତ ଶବ୍ଦର ଅର୍ଥ କ'ଣ, କିଭଳି ଜାଣିବ ? ଯଦି ଗୋଟିଏ ପିଲା, ବସ୍ତୁ ଗୁଡିକୁ ଠିକ୍ ଭାବେ ସଜାଇ ରଖିବା ପାଇଁ ଆଦୌ ସୁଯୋଗ ପାଇନଥିବ, ସେ କ୍ରମାନ୍ୱୟତା ଶିଖିବ କିପରି ? ସଠିକ ପରିବେଶ ପ୍ରତି ଉନ୍ମୋଚିତ ହେଲେ ଏବଂ ଅନେକ ଗୁଡ଼ିଏ କାର୍ଯ୍ୟକଳାପ କାରବାରର ସୁଯୋଗ ମିଳିଲେ, ପିଲାଟିକୁ ତାର ବୌଦ୍ଧିକ ଶକ୍ତିର ବିକାଶ ଅଧିକ ସୁଯୋଗ ମିଳିବ ଏବଂ ଦରକାର ପଡିଲେ ତାର ସହ ବ୍ୟବହାର କରିପାରିବ । ଏଠାରେ ମରେଖିବାକୁ ହେବ ଯେ ସମସ୍ତ ବିକାଶ ପ୍ରକ୍ରିୟା ପରସ୍ପର ସହ ସମ୍ପର୍କୀତ । ଯଦି ଶିଶୁଟିର ସ୍ୱାସ୍ଥ୍ୟ ଉତ୍ତମ, ତେବେ ତାର ବିଭିନ୍ନ କାର୍ଯ୍ୟ ଓ ଶିଖିବା ପାଇଁ ଶକ୍ତି ମହଜୁଦ ଅଛି । ସେ ତାର ପ୍ରଗତିରେ ଆନନ୍ଦିତ ହୁଏ ଏବଂ ତାର ବନ୍ଧୁମାନଙ୍କ ମେଳରେ ଖୁସି ହୁଏ । ଦୁର୍ବଳ ସ୍ୱାସ୍ଥ୍ୟ ଅର୍ଥ ହେଲା ସବୁ ସମୟରେ ଶକ୍ତିହୀନତା ବିରକ୍ତି ହାବ ଓ ହତାଶା ଏବଂ ତାର ବନ୍ଧୁ ସଂଖ୍ୟା ସ୍ୱଳ୍ପ ।

**୧୯.୪ - ପାଠଗତ ପ୍ରଶ୍ନ**

ଫେଣ୍ଟା ହୋଇଥିବା ଶବ୍ଦଗୁଡ଼ିକର ଅକ୍ଷରଗୁଡ଼ିକୁ ଦିଆଯାଇଥିବା ସାହାଯ୍ୟକାରୀ ନେଇ ବୌଦ୍ଧିକ ବିକାଶ ପ୍ରଦର୍ଶନ କର ।

(I) (i) ସୀମା ସମସ୍ତ ପାଣିବୋତଲ ଗୁଡ଼ିକୁ ଉଚ୍ଚତା ଅନୁସାରେ ସଜାଇ ରଖିଲା

(ଦ୍ଧ ତା କ୍ର ମ ବ)..................

(i) ଶଙ୍କର ଛଅଟି ମାର୍ବଲ୍ ଖଣ୍ଡ ନେଇ ବିଭିନ୍ନ ପ୍ରକାର ଆକୃତି ତିଆରି କାରିବାକୁ ଚେଷ୍ଟା କରୁଛି

(କ୍ଷରଣସଂ)...........................

(iiii) ରାଧିକା ଉଚ୍ଚ ସ୍ୱରରେ ଚିତ୍କାର କରି ତାର 'ମା'କୁ ଜଣାଇବାରୁ ଛାହୁଁଛି ଯେ ସେ ବର୍ତ୍ତମାନ ଟି.ଭି ଦେଖିବାକୁ ଚାହୁଁନାହିଁ ।

(ନୁତିସଭୂମା)......................

ମନ୍ତବ୍ୟ (Notes)

(II) ୧. ଯେତେବେଳେ ଗୋଟିଏ ଶିଶୁ କ, ଖ ଏବଂ ଗ କୁ ଆରୋହ କ୍ରମରେ ସଜାଇବାକୁ ସକ୍ଷମ ହେଉଛି, ସେତେବେଳେ ତାର ବୟସ ପ୍ରାୟ

(କ) ୩ ବର୍ଷ (ଖ) ୫ ବର୍ଷ (ଗ) ୬ ବର୍ଷ (ଘ) ୧୦ ବର୍ଷ

୨. ଯେତେବେଳେ କୌଣସି ଶିଶୁ, ୫୦ କି.ମି ବେଗରେ ଯାଉଥିବା ଏକ ଗାଡି, ୪୦ କି.ମି ବେଗରେ ଯାଉଥିବା ଅନ୍ୟ ଏକ ଗାଡି ଠାରୁ, ଲକ୍ଷ୍ୟ ସ୍ଥଳରେ ଶୀଘ୍ର ପହଞ୍ଚିବ ବୋଲି କହିଦେଇ ପାରିବ, ସେତେବେଳେ ତାର ବୟସ ହୋଇଥିବ

(କ) ୩ ବର୍ଷ (ଖ) ୫ ବର୍ଷ (ଗ) ୬ ବର୍ଷ (ଘ) ୧୦ ବର୍ଷ

୩. ଗୋଟିଏ ୯ ବର୍ଷର ଶିଶୁ ବିଭିନ୍ନ ଗଛର ପତ୍ରଗୁଡିକୁ

(କ) ଗୋଟିଏ ପ୍ରକାରେ ସଜାଡି ପରେ (ଖ) ଦୁଇ ପ୍ରକାରେ ସଜାଡିପାରେ


(ଗ) ଦଶ ପ୍ରକାରେ ସଜାଡି ପାରେ (ଘ) ଅନେକ ପ୍ରକାରେ ସଜାଡି ପାରେ

୪. ବାସ୍ତବ ଓ ଅବାସ୍ତବ ମଧ୍ୟରେ ପୃଥକୀ କରଣ କରିବାର କ୍ଷମତା ଶିଶୁଠାରେ ହୋଇଥାଏ । ଯେତେବେଳେ ତାର ବୟସ

(କ) ୩ ବର୍ଷ (ଖ) ୫ ବର୍ଷ (ଗ) ୩ ବର୍ଷରୁ ୫ବର୍ଷ ମଧ୍ୟରେ (ଘ) ୬ ବର୍ଷରୁ ୧୧ ବର୍ଷ ମଧ୍ୟରେ ।

ତୁମେ କଣ ଶିଖିଲ

- ମଧ୍ୟବାଲାବସ୍ଥାରେ ବିକାଶ
  - ଶାରୀରିକ ବିକାଶ
    - ଉଚ୍ଚତାରେ ପରିବର୍ତ୍ତନ
    - ଓଜନରେ ପରିବର୍ତ୍ତନ
    - ସମାନୁପାତିକ ଶାରୀରିକ ପରିବର୍ତ୍ତନ
    - ଦାନ୍ତ ହାଡ଼ ଓ ମାଂସପେଶୀର ବିକାଶ
  - ପ୍ରେରକ ବା ଗତ୍ୟାତ୍ମକ କ୍ରିୟାକଳାପ
    - ସ୍ଥୁଳମାଂସପେଶୀୟ ସମନ୍ୱୟ ବା ସଂଯୋଜନା
    - ସୂକ୍ଷ୍ମ ମାଂସପେଶୀୟ ସମନ୍ୱୟ ବା ସଂଯୋଜନା
  - ଭାଷାଗତ ବିକାଶ — ବୁଝାଇଥାଏ
    - କୌଣସି ବସ୍ତୁକୁ ଦେଇ ବୁଝିପାରିବା
    - ଉପମା ବା ଆଳଙ୍କାରିକ ଶବ୍ଦ ବୁଝିପାରିବା
    - କୌଣସି ଗୋଟିଏ କଠିନ ଶବ୍ଦକୁ ବୁଝିପାରିବା
  - ସାମାଜିକ ଓ ଆବେଗିକ ବିକାଶ
    - ପିତାମାତାଙ୍କ ଦ୍ୱାରା ପ୍ରଭାବିତ
    - ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ
    - ସ୍କୁଲ ଦ୍ୱାରା ପ୍ରଭାବିତ
  - ବୌଦ୍ଧିକ ବିକାଶ
    - ଅବାସ୍ତବ ଓ ବାସ୍ତବ ମଧ୍ୟରେ ପାର୍ଥକ୍ୟ
    - ସମାନୁଭୂତି
    - ପ୍ରତ୍ୟାବର୍ତ୍ତନ
    - ସଂରକ୍ଷଣ
    - ବର୍ଗୀକରଣ
    - କ୍ରମବର୍ଦ୍ଧତା
    - ସମୟ ଓ ବେଗର ପ୍ରତ୍ୟୟ



ମନ୍ତବ୍ୟ (Notes)

## ବୃଦ୍ଧି ଓ ବିକାଶ (୬ରୁ ୧୧ ବର୍ଷ)

**ପାଠ୍ୟାନ୍ତ ପ୍ରଶ୍ନ:**

୧. ମଧ୍ୟ ବାଲ୍ୟାବସ୍ଥାରେ ଶାରୀରିକ ଓ ବୌଦ୍ଧିକ ବିକାଶ କି ଭଳି ପ୍ରାକ୍ ବାଲ୍ୟାବସ୍ଥା ଠାରୁ ଭିନ୍ନ ତାହା ବର୍ଣ୍ଣନା କର ।

୨. ଜଣେ ୮ ବର୍ଷୀୟ ଶିଶୁର ସାମାଜିକ - ଆବେଗିକ ବିକାଶ କିଭଳି ଜଣେ ୪ବର୍ଷର ଶିଶୁ ଠାରୁ ଭିନ୍ନ ଉଦାହରଣ ସହିତ ବର୍ଣ୍ଣନା କର ।

୩. ଗୋଟିଏ ୧୦ ବର୍ଷ ବୟସ୍କ ଶିଶୁର ଭାଷାଗତ ବିକାଶ କିଭଳି ହୁଏ, ତାହା ବର୍ଣ୍ଣନା କର ।

୪. ଗୋଟିଏ ୧୧ ବର୍ଷ ବୟସ୍କ ଶିଶୁର ବୌଦ୍ଧିକ ଚରିତ୍ର ଗୁଡ଼ିକ ବର୍ଣ୍ଣନା କର ।

**ପାଠଗତ ପ୍ରଶ୍ନର ଉତ୍ତର**

୧୯.୧ ୧. (i) ଗ (ii) ଖ (iii) ଗ (iv) ଖ

୧୯.୨ (I) (i) ୭ ବର୍ଷ (ii) ୬ ବର୍ଷ (iiii) ୧୦ ବର୍ଷ (iv) ୯ ବର୍ଷ

(II) ସୂକ୍ଷ୍ମ ମାଂସପେଶୀୟ ସମନ୍ୱୟ - i, iii, vi

ସ୍ଥୁଳ ମାଂସପେଶୀୟ ସମନ୍ୱୟ - ii, iv, v

୧୯.୩ (i) ଭୂଲ - ୬ ର ୧୧ ବର୍ଷ ବ୍ୟୟସ୍କ ଶିଶୁମାନେ ଏଭଳି ଶବ୍ଦ ମାନଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ସଙ୍ଗେ ସଙ୍ଗେ, ସେଗୁଡ଼ିକୁ ବ୍ୟବହାର କରି ଆନନ୍ଦ ଉପଭୋଗ କରନ୍ତି ।

(ii) ଭୂଲ - ୬ରୁ ୧୧ ବର୍ଷ ବୟସ୍କ ଶିଶୁମାନେ ଉପମା ବା ଆଳଙ୍କାରିକ ଶବ୍ଦ ବ୍ୟବହାରକରି ଆନନ୍ଦ ପାଆନ୍ତି ।

(iii) ଠିକ୍ - ଦୃଢବିଶ୍ୱାସୀ ପିତା ମାତା ମାନେ ଗଣତାନ୍ତ୍ରିକ ଉପାୟରେ ସେମାନଙ୍କର ଶିଶୁମାନଙ୍କୁ ଲାଳନପାଳନ କରିଥାନ୍ତି ଯାହାକି ସେମାନଙ୍କର ଆସ୍ଥାବୃଦ୍ଧିରେ ସହାୟକ ହୋଇଥାଏ ।

(iv) ଭୂଲ - ଏହା ଶିଶୁ ମାନଙ୍କର ନିଜପ୍ରତି ଆସ୍ଥା ବୃଦ୍ଧିରେ ସହାୟକ ହୋଇଥାଏ ।

(v) ଠିକ୍ - ସେମାନେ ଜାଣନ୍ତି ଯେ, ସମାନ ପରିସ୍ଥିତିରେ ଅନ୍ୟମାନେ ମଧ୍ୟ ସମାନ ବିଚାର ଧାରା ବା ଭାବନା କରିଥାନ୍ତି ।

(vi) ଭୂଲ - ସେମାନେ ପରସ୍ପରର ଅନୁଭୂତିକୁ ଶିକ୍ଷା ଲାଭ କରିଥାନ୍ତି ଏବଂ ଧୀରେ ଧୀରେ ସ୍ୱାଧୀନ ହେବାକୁ ଶିକ୍ଷା କରିଥାନ୍ତି ।

୧୯.୪ (I) (i) କ୍ରମବଦ୍ଧତା (ii) ସଂରକ୍ଷଣ (iii) ସମାନୁଭୂତି

(II) (ii) (କ) (ii) (ଘ) (iii) ଗ (iv) ଗ

VIDEO - ମଧ୍ୟ-ବାଲ୍ୟା ବସ୍ଥାରେ ବୌଦ୍ଧିକ ବିକାଶ



ମନ୍ତବ୍ୟ (Notes)

# ୨୦


# କିଶୋର ଅବସ୍ଥା

"ତୁମେ ଆଉ ଛୋଟପିଲା ନୁହଁ । ଛୋଟପିଲାମାନଙ୍କୁ ଖେଳିବାକୁ ଦିଅ । ତୁମେ ଆସି ମୋତେ ସାହାଯ୍ୟ କର ।" "ଗୁରୁଜନମାନଙ୍କ ମେଳରେ ତୁମର ବସି ରହିବାର ଆବଶ୍ୟକତା ନାହିଁ । ବାହାରେ ଯାଇ ଖେଳ ।" ତୁମର ସେ ସମୟ ମନେଅଛି କି ? ଯେତେବେଳେ ତୁମକୁ ଏହିଭଳି କଥା କୁହାଯାଉଥିଲା ? ହଁ, ତୁମେ ଠିକ୍ ବୁଝିଛ । ଆମେ ସେହି ସମୟ କଥା କହୁଛୁ ଯେତେବେଳେ ତୁମକୁ ଗୋଟିଏ ଛୋଟପିଲା ହିସାବରେ ଗଣାଯାଉନଥିଲା ଓ ତୁମେ ବୟସ୍କମାନଙ୍କ ଦୁନିଆର ମଧ୍ୟ ଏକ ଅଂଶ ନଥିଲ । ବାଲ୍ୟାବସ୍ଥା ଓ ବୟଃପ୍ରାପ୍ତ ଅବସ୍ଥାର ମଧ୍ୟବର୍ତ୍ତୀ ସମୟକୁ କିଶୋର ଅବସ୍ଥା କୁହାଯାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (W.H.O.)ର ସଂଜ୍ଞା ଅନୁଯାୟୀ, ୧୦ରୁ ୧୯ ବର୍ଷ ବୟସର ପିଲାମାନଙ୍କୁ 'କିଶୋର' ବୋଲି କୁହାଯାଏ । ଏହି ସମୟରେ ଜଣେ ବ୍ୟକ୍ତି କେଉଁ ଅବସ୍ଥା ଦେଇ ଗତି କରେ ? ଏହି ଅବସ୍ଥାର ସ୍ୱତନ୍ତ୍ର ଚରିତ୍ର ଗୁଡ଼ିକ କ'ଣ ? ଏହି ଅବସ୍ଥାର ସାମର୍ଥ୍ୟ ଓ ଦୁର୍ବଳତା ଗୁଡ଼ିକ କ'ଣ ? ଏହି ପାଠରେ ଆମେ କିଶୋର ଅବସ୍ଥା ଓ ଏହି ସମୟରେ ଘଟୁଥିବା ସମସ୍ତ ପରିବର୍ତ୍ତନଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରିବା ।

## ଉଦ୍ଦେଶ୍ୟ :

ଏହି ପାଠକୁ ପଢ଼ିବା ପରେ ତୁମେ ନିମ୍ନଲିଖିତ ବିଷୟଗୁଡ଼ିକ ଜାଣିପାରିବ -

- ❖ କିଶୋର ଅବସ୍ଥାର ସଂଜ୍ଞାକୁ ବର୍ଣ୍ଣନା କରିପାରିବ ।
- ❖ କିଶୋର ଅବସ୍ଥାରେ ହେଉଥିବା ପୁଅ ଓ ଝିଅମାନଙ୍କର ଶାରୀରିକ ପରିବର୍ତ୍ତନକୁ ବର୍ଣ୍ଣନା କରିପାରିବ ।
- ❖ କିଶୋର ଅବସ୍ଥାରେ ନିଜର ଆତ୍ମବିଶ୍ୱାସ ଉପରେ ଯୌନ ପରିପକ୍ୱତାର ପ୍ରଭାବ ଉପରେ ଆଲୋଚନା କରିପାରିବ ।
- ❖ କିଶୋର ଅବସ୍ଥାରେ ପିତାମାତା, ସହପାଠୀ ଏବଂ ବିଦ୍ୟାଳୟର ପ୍ରଭାବ କ'ଣ, ତାର ଉଦାହରଣ ଦେଇପାରିବ ।
- ❖ ଏହି ସମୟରେ ହେଉଥିବା ଭାଷାଗତ ଦକ୍ଷତାର ବିକାଶଲାଭ ।





- ବାଲ୍ୟାବସ୍ଥା ଓ କିଶୋର ଅବସ୍ଥା ମଧ୍ୟରେ ଜ୍ଞାନାତ୍ମକ ବିକାଶର ପାର୍ଥକ୍ୟ ବୁଝାଇ ପାରିବ ।
- କିଶୋର ଅବସ୍ଥାର ବିକାଶ ଧାରାକୁ ବୁଝାଇ ପାରିବ ।
- କିଶୋର କିଶୋରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ସମ୍ପର୍କରେ ଆଲୋଚନା କରିପାରିବ ।

## ୨୦.୧ କିଶୋର ଅବସ୍ଥା କ'ଣ ?

ପ୍ରଥମେ କିଶୋର ଅବସ୍ଥାର ସଂଜ୍ଞା ନିରୂପଣ କରିବା । "କିଶୋର ଅବସ୍ଥାକୁ ବାଲ୍ୟାବସ୍ଥା ଓ ବୟଃପ୍ରାପ୍ତ ଅବସ୍ଥାର ମଧ୍ୟବର୍ତ୍ତୀକାଳିନ ବିକାଶ ବୋଲି କୁହାଯାଇପାରେ ।"

ଗୋଟିଏ ବାଳକ ଏବଂ ବାଳିକା ନିଜର ଶୈଶବ ଅବସ୍ଥାକୁ ପରିତ୍ୟାଗ କରି କିଶୋର ଅବସ୍ଥାରେ ପ୍ରବେଶ କରନ୍ତି ଏବଂ ଗୋଟିଏ ନାରୀ ବା ପୁରୁଷ ହୋଇ ସମାଜରେ ଜଣେ ପ୍ରାପ୍ତବୟସ୍କର ଭୂମିକା ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହୁଅନ୍ତି । ସମସ୍ତଙ୍କ ପାଇଁ ୧୧ରୁ ୧୮ ବର୍ଷ ବୟସ ଘଟଣା ବହୁଳ ହୋଇଥାଏ । ଏହି ସମୟରେ ଶାରୀରିକ ଏବଂ ଯୌନଗତ ବୃଦ୍ଧି ଏବଂ ବିକାଶ ଦ୍ରୁତ ଗତିରେ ହୋଇଥାଏ ।

କିଶୋର ଅବସ୍ଥା ନିର୍ଦ୍ଦିଷ୍ଟ ଭାବରେ କେତେବେଳେ ଆରମ୍ଭ ହୁଏ ଏହା କହିବା କଷ୍ଟ କର । ତଥାପି, ଯେତେବେଳେ ଯୌବନ ଆରମ୍ଭ ହୁଏ ସେତେବେଳେ କିଶୋର ଅବସ୍ଥା ଆରମ୍ଭ ହୁଏ ବୋଲି ଜଣାଯାଏ ।

ଯୌବନାବସ୍ଥା କାହାକୁ କୁହାଯାଏ ? ଚାଲ ଦେଖିବା ୧୧ରୁ ୧୨ ବର୍ଷ ବୟସ ପାଖାପାଖି ସମୟ ହେଉଛି ଯୌବନାବସ୍ଥାର ଆରମ୍ଭ ସମୟ, ଯାହାକି ୨ ବର୍ଷ ପର୍ଯ୍ୟନ୍ତ ଲାଗିରହେ । ଏହି ସମୟ ମଧ୍ୟରେ ଦ୍ରୁତ ଶାରୀରିକ ବୃଦ୍ଧି ସହିତ ଯୌନ ଲକ୍ଷଣ ଗୁଡ଼ିକର ଆବିର୍ଭାବ ହୁଏ । ଝିଅମାନଙ୍କ କ୍ଷେତ୍ରରେ ଏହି ସଂକେତ ପ୍ରଥମ ମାସିକ ଋତୁସ୍ରାବରୁ ଏବଂ ପୁଅମାନଙ୍କ କ୍ଷେତ୍ରରେ ସେମାନଙ୍କ ପ୍ରଥମ ସ୍ୱପ୍ନଦୋଷରୁ (ନିଦରେ ବିର୍ଯ୍ୟସ୍ଖଳନ) ଜଣା ପଡ଼ିଥାଏ ।

କିଶୋର ଅବସ୍ଥାରେ ହେଉଥିବା ଶାରୀରିକ ପରିବର୍ତ୍ତନ ନିମ୍ନମତେ ଦେଖାଯାଏ ।

| ଝିଅମାନଙ୍କ ଠାରେ | ପୁଅମାନଙ୍କ ଠାରେ |
|---|---|
| ୧। ଗୋଟିଏ ଝିଅର ଉଚ୍ଚତା ୧୧ରୁ ୧୩ବର୍ଷ ମଧ୍ୟରେ ପାଖାପାଖି ୮ସେ.ମି. ବୃଦ୍ଧିପାଏ । | ୧। ପୁଅମାନଙ୍କ ଉଚ୍ଚତା ହାରାହାରି ୧୩ ରୁ ୧୫ ବର୍ଷ ବୟସ ମଧ୍ୟରେ ୨୦ ସେ.ମି. ବଢେ । |
| ୨। ଅଧିକ ଚର୍ବି ଏବଂ ମେଦାଳତନ୍ତୁର ବୃଦ୍ଧି ଘଟିବା ଦ୍ୱାରା ବହିଃ ସୀମାରେଖା ଗୋଲାକାର ଆକାର ଧାରଣ କରେ । | ୨। ମାଂଶପେଶୀର ଅଧିକ ବୃଦ୍ଧି ଯୋଗୁଁ କଠିନ ଶାରିରୀକ ପରିଶ୍ରମ କରିବାପାଇଁ ସକ୍ଷମ ହୁଏ । |
| ୩। କାନ୍ଧ ସରୁଆ (ପତଳା) ହୋଇଥିବା ବେଳେ ନିତମ୍ବ ଚଉଡ଼ା ଏବଂ ଗୋଲାକାର ହୋଇଯାଏ । | ୩। କାନ୍ଧ ଚଉଡ଼ା ଓ ଦୃଢ ହୁଏ ଯଦିଓ ନିତମ୍ବ ପତଳା ରହିଥାଏ । |
| ୪। କାଖତଳେ ଏବଂ ଉପବନ୍ଧସ୍ଥାନରେ କେଶର ବିକାଶ ହୋଇଥାଏ । | ୪। ଶରୀରର କେଶ ଅଧିକ ଘନ ଓ କୁଞ୍ଚୁକୁଞ୍ଚିଆ ହୋଇଥାଏ । କାଖତଳେ ଓ ଯୌନାଙ୍ଗ ଚାରିପଟେ କେଶର ବିକାଶ ହୋଇଥାଏ । ମୁହଁରେ ଦାଢି, ନିଶ ଉଠେ । |

| | |
|---|---|
| ୫। ସ୍ୱର ଅଧିକ ତୀକ୍ଷ୍ଣ ଏବଂ ବୟସ୍କମାନଙ୍କ ପରି ହୁଏ । | ୫। ସ୍ୱର ଭଙ୍ଗୁର ହୁଏ ଏବଂ ବୟସ୍କମାନଙ୍କ ପରି କର୍କଶ ଓ କ୍ଷଣସ୍ଥାୟୀ ହୋଇଥାଏ । ସ୍ୱରଯନ୍ତ୍ରର ବୃଦ୍ଧି ଯୋଗୁଁ କଣ୍ଠନଳୀ ମୋଟା ହୋଇ ଏପରି ହୁଏ । |
| ୬। ସ୍ତନାଗ୍ର ବୃଦ୍ଧି ହୁଏ । | ୬। ଯୌନାଙ୍ଗ ବୃଦ୍ଧି ହୁଏ । |
| ୭। ପ୍ରଥମ ରତୁସ୍ରାବ ଆରମ୍ଭ ହୁଏ । ପ୍ରଥମ କିଛି ମାସ ରତୁସ୍ରାବ ଅନିୟମିତ ଏବଂ କଷ୍ଟକର ହୁଏ । | ୭। ଯୌନାଙ୍ଗ ବୃଦ୍ଧିର ଏକବର୍ଷ ପରେ ପ୍ରଥମ ବୀର୍ଯ୍ୟ ସ୍ଖଳନ ହୋଇଥାଏ । ଏହି ବୀର୍ଯ୍ୟରେ ଶୁକ୍ରାଣୁ ନଥାଇପାରେ । |

ଯଦି ଓ ଝିଅ ଓ ପୁଅମାନଙ୍କର ଶାରିରୀକ ବୃଦ୍ଧି, ଯୌନାଙ୍ଗ ବୃଦ୍ଧି ଓ ପରିପକ୍ୱତା ତୁଳନୀୟ ଝିଅମାନେ ପୁଅମାନଙ୍କ ଅପେକ୍ଷା ଦୁଇବର୍ଷ ଆଗରୁ ପ୍ରାପ୍ତବୟସ୍କ ଅବସ୍ଥାର ଉଚ୍ଚତା, ଓଜନ ଏବଂ ଗର୍ଭଧାରଣ କରିବାର କ୍ଷମତା ହାସଲ କରିଥାନ୍ତି ।

**୨୦.୧ ପାଠଗତ ପ୍ରଶ୍ନ :**

❖ ଯଥାର୍ଥ ଉତ୍ତର ବାଛ ।

୧। କିଶୋର ଅବସ୍ଥା ହେଉଛି କେଉଁ ଦୁଇ ଅବସ୍ଥାର ମଧ୍ୟବର୍ତ୍ତୀ ସମୟ

(କ) ଜନ୍ମ ଓ ବାଲ୍ୟାବସ୍ଥା

(ଖ) ବାଲ୍ୟାବସ୍ଥା ଓ ବୟଃପ୍ରାପ୍ତ ଅବସ୍ଥା

(ଗ) ବୟଃପ୍ରାପ୍ତ ଅବସ୍ଥା ଏବଂ ବୃଦ୍ଧାବସ୍ଥା

(ଘ) ବାଲ୍ୟାବସ୍ଥା ଏବଂ ବୃଦ୍ଧାବସ୍ଥା

୨। କିଶୋର ଅବସ୍ତାର ଆରମ୍ଭ ଓ ଶେଷ ସମୟ ହେଉଛି

(କ) ୧୧ ଏବଂ ୧୮ ବର୍ଷ ବୟସ ମଧ୍ୟରେ

(ଖ) ୧୨ ଏବଂ ୧୬ ବର୍ଷ ବୟସ ମଧ୍ୟରେ

(ଗ) ୧୩ ଏବଂ ୧୮ ବର୍ଷ ବୟସ ମଧ୍ୟରେ

(ଘ) ୧୫ ଏବଂ ୧୮ ବର୍ଷ ବୟସ ମଧ୍ୟରେ

୩। ଝିଅମାନଙ୍କର ଯୌବନ ଅବସ୍ଥା ଆରମ୍ଭ ହେବାର ପ୍ରଥମ ଲକ୍ଷଣ

(କ) ଯୌନାଙ୍ଗ ଚତୁଃପାର୍ଶ୍ୱରେ କେଶ ବୃଦ୍ଧି

(ଖ) ସ୍ତନାଗ୍ର ବୃଦ୍ଧି

(ଗ) ରତୁସ୍ରାବର ଆରମ୍ଭ

(ଘ) ସ୍ୱପ୍ନ ଦୋଷ

ମନ୍ତବ୍ୟ (Notes)

୪। କିଶୋରମାନଙ୍କର ଯୌବନର ପ୍ରଥମ ଲକ୍ଷଣ

(କ) ଦାଢ଼ି, ନିଶର ବୃଦ୍ଧି

(ଖ) ସ୍ୱପ୍ନଦୋଷ

(ଗ) ଭଙ୍ଗୁର ସ୍ୱର

(ଘ) ଯୌନାଙ୍ଗର ଚତୁଃପାର୍ଶ୍ୱରେ କେଶ ବୃଦ୍ଧି

❖ ନିମ୍ନଲିଖିତ ତାଲିକାରୁ କିଶୋର ଅବସ୍ଥାରେ ପୁଅ, ଝିଅ ଉଭୟଙ୍କଠାରେ ପରିଲକ୍ଷିତ ହେଉଥିବା ପରିବର୍ତ୍ତନଗୁଡ଼ିକୁ ଠିକ୍ ଚିହ୍ନ ଦିଅ । (✓)

| | ପୁଅ | ଝିଅ |
|---|---|---|
| (କ) ଅଧିକ ମେଦାଳତନ୍ତୁ ଏବଂ ବର୍ତ୍ତୁଳାକାର ନିତମ୍ବ | ___ | ___ |
| (ଖ) ସରୁ କାନ୍ଧ ଏବଂ ଚଉଡ଼ା ନିତମ୍ବ | | |
| (ଗ) କାନ୍ଧ ଚଉଡ଼ା ଓ ଦୃଢ଼ ଓ ସରୁ ନିତମ୍ବ | | |
| (ଘ) ଶରୀରରେ କଳା କୁଞ୍ଚୁକୁଞ୍ଚିଆ କେଶ | | |
| (ଙ) ବଡ଼ମାନଙ୍କ ପରି ପରିପକ୍ୱ କର୍କଶ ସ୍ୱର | | |
| (ଚ) ଋତୁସ୍ରାବର ଆରମ୍ଭ | | |
| (ଛ) ହାତ ଓ ଗୋଡ଼ର ବୃଦ୍ଧି | | |
| (ଜ) ଉଚ୍ଚତାରେ ବୃଦ୍ଧି | | |

## ୨୦.୨ ପୂର୍ବ ପରିପକ୍ୱତା ଏବଂ ଉତ୍ତର ପରିପକ୍ୱତା

ଉପରେ ବର୍ଣ୍ଣିତ ହୋଇଥିବା ଶାରୀରିକ ପରିବର୍ତ୍ତନଗୁଡ଼ିକ କେତେକ କିଶୋରଙ୍କ ଠାରେ ଅନ୍ୟମାନଙ୍କ ତୁଳନାରେ ଶୀଘ୍ର ପରିଲକ୍ଷିତ ହୋଇଥାଏ । ଏହା ସେମାନଙ୍କର ମନସ୍ତାତ୍ତ୍ୱିକ ବିକାଶଧାରାରେ ଏକ ସ୍ୱତନ୍ତ୍ର ପ୍ରଭାବ ପକାଇଥାଏ ।

ସାଧାରଣତଃ ଏହା ଦେଖାଯାଏ ଯେ, ଶୀଘ୍ର ଯୌନ ପରିପକ୍ୱତା ଲାଭ କରିଥିବା ଝିଅମାନେ ନିଜକୁ ଅଧିକ ସଚେତନ ଓ ସମ୍ବେଦନଶୀଳ ମନେକରନ୍ତି ଓ ନିଜ ଶରୀରରେ ଏଭଳି ହେଉଥିବା ପରିବର୍ତ୍ତନକୁ ଲକ୍ଷ୍ୟ କରି କାହିଁକି ସେମାନଙ୍କ କ୍ଷେତ୍ରରେ ଏଭଳି ଘଟୁଛି ବୋଲି ଚିନ୍ତା କରନ୍ତି ? ଯେହେତୁ ସେମାନେ ବୟଃପ୍ରାପ୍ତ ଭଳି ଦେଖାଯାଆନ୍ତି । ବୟସ୍କମାନେ ତାଙ୍କଠାରୁ ଅଧିକ ଦାୟିତ୍ୱବୋଧ ଆଶା କରନ୍ତି । ବିଳମ୍ବରେ ଯୌନପ୍ରାପ୍ତି ଲାଭ କରିଥିବା ଝିଅମାନେ ସାନ ଦେଖାଯାଆନ୍ତି ଓ ତାଙ୍କଠାରୁ ବଡ଼ମାନଙ୍କ ଭଳି ବ୍ୟବହାର ଆଶା କରାଯାଏ ନାହିଁ ତେଣୁ ସେମାନେ ସହଜ/ହାଲକା ହୋଇଥାନ୍ତି । ଯଦିଓ ସେମାନେ ପୁଅମାନଙ୍କ ନଜରକୁ ଆସନ୍ତି ନାହିଁ ।

ଅଳ୍ପ ବୟସରେ ଯୌନ ପରିପକ୍ୱତା ଲାଭ କରିଥିବା ପୁଅମାନେ, ଝିଅମାନଙ୍କଠାରୁ ଅଧିକ ଆତ୍ମବିଶ୍ୱାସୀ ହୋଇଥାନ୍ତି । ସେମାନଙ୍କର ଅଧିକ ଶାରୀରିକ କ୍ଷମତା ଓ ଉନ୍ନତ ଶାରୀରିକ ଗଠନ ଯୋଗୁଁ

ମନ୍ତବ୍ୟ (Notes)

ସେମାନେ ନେତୃତ୍ୱ ନେବାପାଇଁ ମନୋନୀତ ହୋଇଥାଆନ୍ତି । ସେମାନେ ନିଜ ଉପରେ ସନ୍ତୁଷ୍ଟ ଥାଆନ୍ତି । ସେହିସମୟରେ ବୟସ୍କ ବ୍ୟକ୍ତିମାନେ ସେମାନଙ୍କଠାରୁ ଅଧିକ କାର୍ଯ୍ୟ ଆଶା କରିଥାନ୍ତି । ବିଳମ୍ବରେ ଯୌନପ୍ରାପ୍ତି ଲାଭ କରିଥିବା ପୁଅମାନଙ୍କର ଆବଶ୍ୟକ ଶାରୀରିକ ବିକାଶ ହୋଇନଥିବାରୁ ସେମାନେ ନିଜକୁ ନ୍ୟୁନ ମନେକରନ୍ତି । ସେମାନେ ତାଙ୍କ ବନ୍ଧୁମାନଙ୍କ ସହ ଶକ୍ତି ଓ ସାମର୍ଥ୍ୟରେ କିପରି ସମକକ୍ଷ ହୋଇପାରିବେ ସେଥିପାଇଁ ସର୍ବଦା ଚିନ୍ତାଗ୍ରସ୍ତ ଥାଆନ୍ତି ।

ସାଧାରଣତଃ ଏଭଳି ଭାବନା ସେମାନଙ୍କ ପାଇଁ କ୍ଷଣସ୍ଥାୟୀ କାରଣ କିଶୋର ଅବସ୍ଥା ପ୍ରାପ୍ତିପରେ ଏ ଭାବନା ତାଙ୍କର ଦୂର ହୋଇଥାଏ । ପିତାମାତାମାନେ, କିଶୋରମାନଙ୍କ ସହ ଏଭଳି ଶାରୀରିକ ପରିବର୍ତ୍ତନ ସମ୍ବନ୍ଧରେ ଆଲୋଚନା କରିବା ଉଚିତ ଓ କିଶୋରମାନଙ୍କୁ ଯୌନଶିକ୍ଷା ଦେବା ଉଚିତ ।

## ୨୦.୩ କିଶୋରମାନଙ୍କର ସାମାଜିକ-ଆବେଗାତ୍ମକ ବିକାଶ

କିଶୋରମାନେ ପ୍ରାଥମିକ ଅବସ୍ଥାରେ ଖିଆଲି ହୋଇଥାନ୍ । ସେମାନେ ସହଜରେ କାନ୍ଦନ୍ତି ଓ ହସନ୍ତି । ଏହି ସମୟରେ ସେମାନେ ଉଦ୍‌ବିଗ୍ନ, ବଦ୍‌ମିଜାଜୀ ଓ ଉଚ୍ଛୃଙ୍ଖଳ ହୋଇଥାନ୍ତି କାରଣ ସେମାନଙ୍କ ଶରୀରରେ ହେଉଥିବା ପରିବର୍ତ୍ତନକୁ ସେମାନେ ବୁଝିପାରନ୍ତି ନାହିଁ । କିନ୍ତୁ ଏହି ସମୟ ଅତିକ୍ରମ କରିଗଲାପରେ ତାଙ୍କ ଶରୀରରେ ଏହି ହର୍‌ମୋନ୍‌ର କ୍ରିୟାକଳାପ କମିଯାଏ ଏବଂ ଏଥିସହିତ ସେମାନଙ୍କର ଉଦ୍‌ବିଗ୍ନଭାବ କମିଯାଇଥାଏ ।


ସାମାଜିକସ୍ତରରେ ସେମାନେ ସାଙ୍ଗମାନଙ୍କ ମେଳରେ ଅଧିକ ସମୟ ବିତାଇବାକୁ ଚାହାନ୍ତି । ଏହି ବନ୍ଧୁମେଳରେ ସଂସ୍କୃତି, ମୂଲ୍ୟବୋଧ, ଭାଷା, ପୋଷାକପତ୍ର, କେଶ ବିନ୍ୟାଶ, ସଙ୍ଗୀତ ତଥା ରୁଚି ବା ଅରୁଚି ସ୍ୱତନ୍ତ୍ର ଥାଏ । ଏଥିଯୋଗୁଁ କିଶୋରମାନଙ୍କର ବହୁତ ବନ୍ଧୁଥାଆନ୍ତି । ଯେଉଁମାନଙ୍କର କେହି ବନ୍ଧୁ ନଥାଆନ୍ତି, ସେମାନେ ମାନସିକ ବିଷାଦଗ୍ରସ୍ତ ହୋଇଥାଆନ୍ତି ଓ ପରବର୍ତ୍ତୀ ସମୟରେ ଏହାର ଫଳାଫଳ ଭୟଙ୍କର ହୋଇଥାଏ ।

## ୨୦.୪ ଭାଷାଗତ ବିକାଶ

ତୁମେ ଜାଣିଛ ଯେ ମଧ୍ୟବର୍ତ୍ତୀ ବାଲ୍ୟାବସ୍ଥାର ଶେଷଆଡ଼କୁ ପିଲାଟିର ଶବ୍ଦଜ୍ଞାନ ୪୦୦୦ରୁ ୫୦୦୦ ଶବ୍ଦ ମଧ୍ୟରେ ସୀମିତ ଥାଏ । କିଶୋର ଅବସ୍ଥାରେ ଏହି ଶବ୍ଦଜ୍ଞାନର ଅଧିକ ଉପଯୋଗ ହେତୁ ସେମାନଙ୍କର ଭାଷା ଅଧିକ ଜଟିଳ ଓ ଅନର୍ଗଳ ହୋଇଥାଏ । ସେମାନେ ଅଧିକ ଶବ୍ଦ ସଂଯୋଜନ କରିବାରେ ସକ୍ଷମ ହୋଇଥାନ୍ତି ଏବଂ ଏହି ଶବ୍ଦକୋଷକୁ ବ୍ୟବହାର କରି ଜଟିଳ ବାକ୍ୟ ଗଠନ କରିପାରନ୍ତି । ଏହା ସେମାନଙ୍କୁ ଅନର୍ଗଳ କଥା ଗପିବାରେ ସହାୟକ ହୋଇଥାଏ ।

କିଶୋରମାନଙ୍କର ଭାଷାଗତ ବିକାଶର ଏକ ଲକ୍ଷଣ ହେଲା ଯେ ସେମାନେ ଅଶ୍ଳୀଳ ତଥା ଶବ୍ଦର ସଂକ୍ଷିପ୍ତ ବିନ୍ୟାସ କରିଥାନ୍ତି । 'ଅଶ୍ଳୀଳ' ଶବ୍ଦ ହେଉଛି କେତେଗୁଡ଼ିଏ ଶବ୍ଦର ସମଷ୍ଟି ବା ଚିନ୍ତାଧାରକୁ ବୁଝାଏ । ଉଦାହରଣ ସ୍ୱରୂପ କମ୍ ବୟସର ଝିଅମାନଙ୍କୁ 'ଚିକ୍‌ସ୍' ଏବଂ ଲଗାମଛଡ଼ା ମନୋଭାବ ପାଇଁ "ବିନ୍‌ଦାସ" ଭଳି ଶବ୍ଦ ବ୍ୟବହାର କରିଥାନ୍ତି । ତୁମେମାନେ ଏଭଳି କିଛି ଅଶ୍ଳୀଳ ଅପଭାଷା ବିଷୟରେ ଚିନ୍ତା କରିପାରିବ କି ?

କିଶୋରମାନଙ୍କର ଅନ୍ୟ ଏକ ଭାଷାଗତ ବିକାଶ ହେଲା ବିଭିନ୍ନ ଶବ୍ଦର ସଂକ୍ଷିପ୍ତ ସଂକେତ ବ୍ୟବହାର କରିବା ଯଥା : କନ୍ନଟ ପ୍ଲେସକୁ (ସି.ପି.), ଗ୍ରେଟର କୈଳାସକୁ (ଜି.କେ) ଆଦି କହିଥାନ୍ତି । କେତେକ କିଶୋର ଏଭଳି ଗୁଣାବଳୀ ତାଙ୍କ ପ୍ରାପ୍ତ ବୟସରେ ମଧ୍ୟ ବ୍ୟବହାର କରିଥାନ୍ତି ।





## ୨୦.୫ ବୌଦ୍ଧିକ ବିକାଶ


କିଶୋର ଅବସ୍ଥାରେ ପ୍ରବେଶ କରିବା ପୂର୍ବରୁ କିଶେରଟି ଯେ କୌଣସି ବସ୍ତୁ ସହିତ ତା'ର ସମ୍ବନ୍ଧ ବିଷୟରେ ଚିନ୍ତା କରିବାକୁ ଦରକାର କରେ । କିଶୋରମାନଙ୍କର ଚିନ୍ତାଧାରା ଦୁର୍ବୋଧ୍ୟ ହୁଏ । ଗୋଟିଏ କିଶୋର କୌଣସି ଘଟଣା ଏବଂ ତାର ଫଳାଫଳକୁ ଅନୁଧ୍ୟାନ କରିପାରେ । ଉଦାହରଣ ସ୍ୱରୂପ ଯଦି କୁହାଯାଏ କ, ଖ ଠାରୁ ବଡ଼ ଏବଂ ଖ, ଗ ଠାରୁ ବଡ଼ । ଏକ ୧୫ ବର୍ଷ ବୟସର ତରୁଣ ସହଜରେ କହି ଦେଇପାରେ ଯେ କ' ଗ ଠାରୁ ବଡ଼ । କିନ୍ତୁ ଅନ୍ୟ ଏକ ପିଲା ଯେ କି, କିଶୋର ଅବସ୍ଥାରେ ପଦାର୍ପଣ କରିନଥାଏ । ତାକୁ ଯଦି ଏହି କଥା କୁହାଯାଏ ତେବେ ସେ ଏଇ ବସ୍ତୁ ମଧ୍ୟରେ ପ୍ରଭେଦ ଜାଣିବା ପାଇଁ କ, ଖ ଏବଂ ଗ କୁ ଦେଖିବା ପାଇଁ ଚାହିଁବ ।

ଗୋଟିଏ କିଶୋର କୌଣସି ତଥ୍ୟର ପ୍ରତିକୂଳ ପ୍ରସ୍ତାବକୁ ମଧ୍ୟ ବୁଝିପାରିଥାଏ । ଉଦାହରଣ ସ୍ୱରୂପ ଯଦି ଗୋଟିଏ ତରୁଣକୁ କୁହାଯାଏ କଳ୍ପନା କର "ଯଦି ଆମେ ସମସ୍ତେ ଉଡ଼ିପାରନ୍ତେ" ତାହାହେଲେ ଉପକାର କ'ଣ ହେବ ? ତରୁଣଟି ତାର ଉତ୍ତର ଚିନ୍ତା କରିବ ଏହିପରି ଯେ, "ତାହାହେଲେ ଯାନବାହାନର ଆଉ ଆବଶ୍ୟକତା ରହିବ ନାହିଁ ।" ଆଉ କ'ଣ ଅଧିକ ଉପକାର ହେବ ତୁମେ ଚିନ୍ତା କରିପାରିବ ? କିଶୋରଟି ଏହିଭଳି କାଳ୍ପନିକ ଏବଂ ଅବାସ୍ତବ କଥା ଛଳରେ ବିଭିନ୍ନ ପ୍ରକାର ଉପମା ବା ଅଳଙ୍କାର ଏବଂ କୌତୁକିଆ କଥାର ଅବତାରଣା କରିପାରିବ । ଏହାଦ୍ୱାରା କିଶୋରଟି କୌଣସି ଗୋଟିଏ ସମସ୍ୟାର ସମାଧାନ ପାଇଁ ସମ୍ଭାବ୍ୟ ବିକଳ୍ପ ବାହାର କରିବାରେ ସକ୍ଷମ ହେବ । ତେଣୁ ଆମେ କହିପାରିବା ଯେ ବର୍ତ୍ତମାନ କିଶୋରଟିର ଚିନ୍ତାଧାର ଧିରେ ଧିରେ ପରିପକ୍ୱ ଓ ଶୃଙ୍ଖଳିତ ହୋଇଥାଏ ।

## ୨୦.୬ କିଶୋର ମାନଙ୍କ ପାଇଁ ଯୌନଶିକ୍ଷାର ଆବଶ୍ୟକତା

କିଶୋର ଅବସ୍ଥାର ଶେଷ ପର୍ଯ୍ୟାୟରେ କିଶୋରଟି ଯୌନ ପରିପକ୍ୱତା ଲାଭ କରିଥାଏ ଏବଂ ବିବାହ ଓ ପରିବାର ଗଠନ ପାଇଁ ପ୍ରସ୍ତୁତି ହୋଇଥାଏ । ତେଣୁ କିଶୋରୀମାନେ ସେମାନଙ୍କ ଯୌନ ପରିପକ୍ୱତା ସମ୍ବନ୍ଧରେ ଶିକ୍ଷାଲାଭ କରିବା ଉଚିତ ଏବଂ ଏହି ପରିବର୍ତ୍ତନ ସହିତ ଖାପ ଖୁଆଇ ଚଳିବା ଉଚିତ । ଗୋଟିଏ କିଶୋରର ଯୌନ ବ୍ୟବହାର ତା'ର ଯୌନଶିକ୍ଷାର ପ୍ରଭାବ ଉପରେ ନିର୍ଭର କରେ । ପିତାମାତା ଓ ସ୍କୁଲର ପରିବେଶ ଏହି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥା'ନ୍ତି । ଏହ ଶିକ୍ଷାକୁ "ଯୌନ ସ୍ୱାସ୍ଥ୍ୟ ଶିକ୍ଷା" ବୋଲି କୁହାଯାଏ ।

ଏହି ସମୟରେ କିଶୋର/ କିଶୋରୀମାନଙ୍କର ଯୌନଶିକ୍ଷା ପ୍ରତି ଆକର୍ଷଣ ସ୍ୱାଭାବିକ ହୋଇଥାଏ । ଗୌଣ-ଯୌନଲକ୍ଷଣର ପରିପ୍ରକାଶ ଏବଂ ଶରୀରରେ ହରମୋନ୍‌ର କାର୍ଯ୍ୟକଳାପ ଯୋଗୁଁ କିଶୋର/ କିଶୋରୀ ମନରେ ଅନେକ ପ୍ରଶ୍ନ ଉଠିଥାଏ । ସେସବୁର ଉତ୍ତର ପାଇବାପାଇଁ ସେମାନେ ସାଙ୍ଗସାଥୀ କିମ୍ବା ବହିପତ୍ରର ସାହାଯ୍ୟ ନେଇଥାନ୍ତି । ସାଙ୍ଗସାଥୀଙ୍କଠାରୁ ଯେଉଁ ସୂଚନା ମିଳିଥାଏ ତାହା ଅନେକ ସମୟରେ ସତ୍ୟ ହୋଇ ନଥାଏ ଏବଂ ଏଥିରେ ଅନେକ ଭ୍ରାନ୍ତ ଧାରଣା ଓ ଭ୍ରମାତ୍ମକ ତଥ୍ୟ ଥାଏ । ସେହିପରି ମିଳୁଥିବା ବହିପତ୍ର ସର୍ବଦା ଉଚ୍ଚମାନର ହୋଇନଥାଏ ଏବଂ ଅଧିକାଂଶ ସମୟରେ ବିଭ୍ରାନ୍ତ କରାଇଥାଏ । ଏହା କିଶୋର/ କିଶୋରୀମାନଙ୍କୁ ସାହାଯ୍ୟ କରାଇବା ପରିବର୍ତ୍ତେ କ୍ଷତି ପହଞ୍ଚାଇଥାଏ । ତେଣୁ ପିତାମାତାମାନେ ଯୌନଶିକ୍ଷା କ୍ଷେତ୍ରରେ ମୁଖ୍ୟଭୂମିକା ଗ୍ରହଣକରି କିଶୋର କିଶୋରୀ ମନରେ ଉଠୁଥିବା ବିଭିନ୍ନ ପ୍ରଶ୍ନର ସମାଧାନ କରିବା ଉଚିତ । ଅଧିକାଂଶ ପିତାମାତା ଏ କ୍ଷେତ୍ରରେ ନିଜକୁ ଅପ୍ରସ୍ତୁତ ମନେକରନ୍ତି ଏବଂ କିଭଳି ଏ ପ୍ରଶ୍ନର ସମାଧାନ କରିପାରିବେ ତାହା ଜାଣିପାରନ୍ତି ନାହିଁ । ଏଣୁ



ମନ୍ତବ୍ୟ (Notes)

ଏ କ୍ଷେତ୍ରରେ ପିତାମାତା କିଶୋର/ କିଶୋରୀମାନଙ୍କ ସହିତ ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିପାରିଲେ କିଶୋର/ କିଶୋରୀମାନଙ୍କର ପ୍ରଶ୍ନର ସଠିକ ଉତ୍ତର ଦେବାପାଇଁ କୁଣ୍ଠିତ ହେବେ ନାହିଁ ।

**୨୦.୨ ପାଠଗତ ପ୍ରଶ୍ନ**

❖ ସଠିକ୍ ଉତ୍ତର ବାଛ ଏବଂ ଏହାର କାରଣ ଦର୍ଶାଅ ।

୧। ପ୍ରାକ୍ ଯୌନ ପରିପକ୍ୱତା ପ୍ରାପ୍ତ କିଶୋରୀମାନଙ୍କର ଅନୁଭବ

(କ) ଉତ୍ତମ ଓ ଆତ୍ମବିଶ୍ୱାସପୂର୍ଣ୍ଣ ହୋଇଥାଏ ।

(ଖ) ସଚେତନ ଓ ଅମାର୍ଜିତ ହୋଇଥାଏ ।

(ଗ) ସଚେତନ ଓ ଆତ୍ମବିଶ୍ୱାସୀ ହୋଇଥାଏ ।

କାରଣ ..........................................................................................

୨। ନିମ୍ନଲିଖିତ ମଧ୍ୟରୁ କେଉଁଟି କିଶୋରମାନଙ୍କର ଦୃଷ୍ଟି ଆକର୍ଷଣ କରେ ନାହିଁ

(କ) ବିଳମ୍ବ ଯୌନପ୍ରାପ୍ତି ଲାଭ କରିଥିବା କିଶୋରୀ

(ଖ) ପ୍ରାକ୍ ଯୌନପ୍ରାପ୍ତି ଲାଭ କରିଥିବା କିଶୋରୀ

(ଗ) ଉଭୟ କ ଓ ଖ

କାରଣ ..........................................................................................

୩। କିଶୋରମାନଙ୍କ ମଧ୍ୟରେ ଅଗ୍ରଣୀ ଭୂମିକା ଲାଭକରିଥିବା ତରୁଣ

(କ) ବିଳମ୍ବ ଯୌନ ପରିପକ୍ୱତା ଲାଭ କରିଥିବା କିଶୋର

(ଖ) ପ୍ରାକ୍ ଯୌନ ପରିପକ୍ୱତା ଲାଭ କରିଥିବା କିଶୋର

(ଗ) ଦୁଇଟିରୁ ଯେ କୌଣସି ଗୋଟିଏ ।

କାରଣ ..........................................................................................

୪। ଯୌନ ସମ୍ବନ୍ଧୀୟ ତଥ୍ୟ ଜାଣିବା ପାଇଁ କାହା ଉପରେ କିଶୋର କିଶୋରୀ ମାନେ ସାଧାରଣତଃ ବିଶ୍ୱାସ କରନ୍ତି ନାହିଁ

(କ) ସାଙ୍ଗସାଥୀ


(ଖ) ବହିପତ୍ର

(ଗ) ଜେଜେ ବାପା ଓ ଜେଜେ ମା'

କାରଣ ..........................................................................................

## ୨୦.୭ ପିତା ମାତାଙ୍କ ଭୂମିକା

ଯୁବକ ଅବସ୍ଥାରେ କିଶୋର କିଶୋରୀମାନେ ପିତାମାତାଙ୍କଠାରୁ ସ୍ୱାଧୀନତା ଆଶା କରିଥାନ୍ତି । ମାତ୍ର ସେମାନଙ୍କ ବିଭିନ୍ନ ଆବଶ୍ୟକତା ପାଇଁ ପିତାମାତାଙ୍କ ଉପରେ ନିର୍ଭରଶୀଳ ହୋଇଥାନ୍ତି । "ଏଇଟା





କର", "ଏଇଟା କର ନାହିଁ" ଭଳି ଶବ୍ଦଗୁଡ଼ିକୁ ସେମାନେ ଭଲ ପାଆନ୍ତି ନାହିଁ । ମାତ୍ର ପିତାମାତା ସେମାନଙ୍କୁ ନିଜର ଅକ୍ତିଆରରେ ରଖିବାକୁ ଚାହୁଁଥିବା ବେଳେ ଏବଂ ଯୁବକ ଯୁବତୀମାନେ ସ୍ୱାଧୀନତା ଚାହୁଁଥିବାରୁ ସେମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୁଏ । ଏ କ୍ଷେତ୍ରରେ ପିତାମାତାମାନଙ୍କୁ ଜଗରଖି ନିଷ୍ପତ୍ତି ନେବାକୁ ପଡ଼ିଥାଏ । ସଂକ୍ଷେପରେ ପିତାମାତାମାନଙ୍କୁ ଯୁବକ ଯୁବତୀମାନଙ୍କ ସହିତ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ଅନୁଶାସନ ଯୁକ୍ତ ମନୋଭାବ ପୋଷଣ କରିବା ଉଚିତ ।

ଆସ ପିତାମାତାଙ୍କର ଲାଳନପାଳନ ଶୈଳୀ ଏବଂ ଏହାର ପ୍ରଭାବ ବିଷୟରେ ଆଲୋଚନା କରିବା :-

୧। ଯେଉଁ ପିତାମାତାମାନେ କିଶୋର/ କିଶୋରୀମାନଙ୍କୁ ଯୁବକ ଅବସ୍ଥାରେ ଅଧିକ ସ୍ୱାଧୀନତା ଦେଇଥାନ୍ତି ଏବଂ ତା'ସହିତ ସେମାନଙ୍କର ନିଷ୍ପତ୍ତି ସମ୍ବନ୍ଧରେ ଆଗ୍ରହୀ ଓ ଦାୟିତ୍ୱବାନ ହୋଇଥାନ୍ତି ସେମାନେ କିଶୋର/ କିଶୋରୀମାନଙ୍କୁ ସ୍ୱାଧୀନ ଓ ଦାୟୀତ୍ୱବାନ ହେବାପାଇଁ ଉତ୍ସାହିତ କରିଥାନ୍ତି ।

୨। ଯେଉଁ ପିତାମାତାମାନେ ଯୁବକ ଯୁବତୀମାନଙ୍କୁ କଡ଼ା ଶାସନ ମଧ୍ୟରେ ରଖିଥାନ୍ତି ଏବଂ କଠୋର ମନୋବୃତ୍ତି ପୋଷଣ କରିଥାନ୍ତି ଅର୍ଥାତ୍ କିଶୋର/ କିଶୋରୀମାନଙ୍କର ନିଜସ୍ୱ ନିଷ୍ପତ୍ତି ନେବାରେ ବାଧକ ହୋଇଥାନ୍ତି ସେହି ଯୁବକ ଯୁବତୀମାନେ ସ୍ୱାଧୀନଚେତା ହୋଇପାରନ୍ତି ନାହିଁ ।

୩। ଅନ୍ୟ ପକ୍ଷରେ ଯେଉଁ ପିତାମାତା ମାନେ ଯୁବକ ଯୁବତୀମାନଙ୍କର ସମ୍ମୁଖୀନ ହେଉଥିବା ସମସ୍ୟା ପ୍ରତି ଉଦାସୀନ ରୁହନ୍ତି ଏବଂ ସେମାନଙ୍କ ସହିତ କୌଣସି ଆଲୋଚନା କରନ୍ତି ନାହିଁ ତେବେ ସେ ପିଲାମାନେ ଅନାସକ୍ତ ମନୋଭାବ ନେଇ ବଢ଼ିଥାନ୍ତି ।

ଯେଉଁ ପିତାମାତାମାନେ ପିଲାମାନଙ୍କୁ ପାରିବାରିକ ଆଲୋଚନାରେ ଭାଗ ନେବାପାଇଁ ଉତ୍ସାହିତ କରନ୍ତି ସେମାନଙ୍କ ମତାମତକୁ ସମ୍ମାନ ଦିଅନ୍ତି ଓ ସେମାନଙ୍କ କାର୍ଯ୍ୟାବଳୀରେ ରୁଚି ରଖନ୍ତି ସେମାନଙ୍କର ପିଲାମାନେ ଅଧିକ ଆତ୍ମବିଶ୍ୱାସୀ ହୋଇପାରନ୍ତି ।

ଏଣୁ ଆମେ କହିପାରିବା ଯେ ପିତାମାତା ଏବଂ ସେମାନଙ୍କର କିଶୋର କିଶୋରୀ ସନ୍ତାନମାନଙ୍କ ମଧ୍ୟରେ ସମ୍ପର୍କ ପାରସ୍ପରିକ ଶ୍ରଦ୍ଧା ଓ ସ୍ନେହ ପୂର୍ଣ୍ଣ ହେବା ଉଚିତ ।

ତୁମେ ତୁମର ପିତାମାତାଙ୍କ ସହ ସମ୍ପର୍କକୁ ନିରୀକ୍ଷଣ କର । କିଛି ସମସ୍ୟା ଅନୁଭବ କରୁଛ କି ? ତୁମେ ଓ ତୁମର ପିତାମାତା ଏ ସମସ୍ୟାର ସମାଧାନ କିପରି କରିବ ?

ଏହା ତୁମେ ମନେ ରଖିବା ଉଚିତ ଯେ ପିତାମାତା ଯେପରି ସେମାନଙ୍କର ଯୁବକ/ ଯୁବତୀ ସନ୍ତାନମାନଙ୍କୁ ବୁଝିବାକୁ ଚେଷ୍ଟା କରନ୍ତି, ପିଲାମାନେ ମଧ୍ୟ ସେହିଭଳି ପିତାମାତାଙ୍କ ଭାବନା ଏବଂ ମତାମତକୁ ସମ୍ମାନ ଦେଇ ସେମାନଙ୍କର ଉପଦେଶ ଗ୍ରହଣ କରିବା ଉଚିତ । କାରଣ ପିତାମାତାଙ୍କ ପାଖରେ ବହୁବର୍ଷର ଅଭିଜ୍ଞତା ରହିଥାଏ ।

## ୨୦.୮ ସାଙ୍ଗସାଥୀମାନଙ୍କର ଭୂମିକା



ଚିତ୍ର : ୨୦.୧

କିଶୋର ଅବସ୍ଥାରେ (୧୪ରୁ ୧୬ ବର୍ଷ ବୟସ ମଧ୍ୟରେ) ପିତାମାତାଙ୍କ ଅପେକ୍ଷା ସମବୟସ୍କ ବନ୍ଧୁମାନଙ୍କ ଆଡ଼କୁ ଧିରେ ଧିରେ ମନ ଢଳିଥାଏ । ପରିବର୍ତ୍ତିତ ପାରିବାରିକ ଚିତ୍ର ଯଥା- ଯୌଥ ପରିବାର (ଜେଜେ ବାପା, ଜେଜେ ମା, ପିତାମାତା ଓ ପିଲାମାନେ) ଭାଙ୍ଗି

ମନ୍ତବ୍ୟ (Notes)

ଏବଂ ଏକକ ପରିବାର ସୃଷ୍ଟି ହେଲେ କିଶୋରମାନଙ୍କ ମନ ବନ୍ଧୁମାନଙ୍କ ଆଡ଼କୁ ବେଶି ଢଳିଥାଏ । ଏକକ ପରିବାରରେ ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିବାକୁ କେହିନଥାନ୍ତି । କାରଣ ପିତାମାତା ପରିବାର ପାଇଁ ରୋଜଗାର କରିବାରେ ବ୍ୟସ୍ତ ଥିବା ଯୋଗୁଁ, ଘରେ କିଶୋର/କିଶୋରୀମାନେ ଏକାକୀ ରୁହନ୍ତି ।

ତୁମେମାନେ ଜାଣିଛ ଯେ, ପିଲାବେଳେ ଆମେମାନେ ବନ୍ଧୁମାନଙ୍କ ଦ୍ୱାରା ଯେଉଁଭଳି ପ୍ରଭାବିତ ହେଉ ଯୁବକ ଅବସ୍ଥାରେ ମଧ୍ୟ ବନ୍ଧୁମାନେ ସେହିଭଳି ଭୂମିକା ନିର୍ବାହ କରିଥାନ୍ତି, ଯଥା– ସମବୟସ୍କ ବନ୍ଧୁମାନଙ୍କ ସହିତ ଭାବର ଆଦାନପ୍ରଦାନ, ବୟସ ଅନୁଯାୟୀ ଆନୁସଙ୍ଗିକ କୌଶଳ ଶିକ୍ଷା ଏବଂ ସମସ୍ୟା ସମାଧାନର ପନ୍ଥା ଇତ୍ୟାଦି ।

କିଶୋର ଅବସ୍ଥାରେ ସାଙ୍ଗମାନଙ୍କର ପ୍ରଭାବ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, କାରଣ–

୧ । ସମସ୍ତେ ଏକ ପ୍ରକାର ସମସ୍ୟା ଓ ପରିସ୍ଥିତି ମଧ୍ୟରେ ଗତି କରୁଥାନ୍ତି ।

୨ । ବନ୍ଧୁମାନେ ପିତାମାତାଙ୍କ ଅପେକ୍ଷା ଯୁବକର ସମସ୍ୟାକୁ ଅଧିକ ଭଲ ଭାବରେ ବୁଝନ୍ତି ବୋଲି ସେମାନଙ୍କର ସାଧରଣ ଧାରଣା ଥାଏ ।

୩ । କିଶୋର ଅବସ୍ଥାରେ ଜଣେ ତରୁଣ ତା'ର ବିପରୀତ ଲିଙ୍ଗ ସହିତ କିପରି ଭାବର ଆଦାନ ପ୍ରଦାନ କରିବ ତାହା ବନ୍ଧୁମାନଙ୍କ ମାଧ୍ୟମରେ ଶିକ୍ଷା କରିଥାଏ ।

୪ । ସମସ୍ତ କିଶୋରମାନେ ଭାବନ୍ତି ଯେ ସାଙ୍ଗମାନେ ଯେପରି କଥାବାର୍ତ୍ତା କରନ୍ତି, ଚାଲନ୍ତି, ପୋଷାକ ପିନ୍ଧନ୍ତି, ଯେପରି ବ୍ୟବହାର କରନ୍ତି ତାହାହିଁ ଗୁରୁତ୍ୱପୂର୍ଣ୍ଣ । ଏହାକୁ "ବନ୍ଧୁତ୍ୱ ସଂସ୍କୃତି" କୁହାଯାଏ । ତୁମେ ଏହାର ଉଦାହରଣ ଦେଇପାରିବ କି ? ହଁ, ଗୋଟିଏ ଉଦାହରଣ ହେଲା ପୁଅମାନେ କାନରେ କୁଣ୍ଡଳ ପିନ୍ଧିବା, ଚୁଟି ଅତି ଛୋଟ ଛୋଟ କାଟିବା ବା ଲମ୍ବା ଲମ୍ବା ଛାଡ଼ିବା ।

ଅନେକ ଲୋକ ଭାବନ୍ତି ଯେ "ବନ୍ଧୁ ସଂସ୍କୃତି" କିଶୋରମାନଙ୍କୁ ପିତାମାତାଙ୍କ ତୁଳନାରେ ଏକ ଭିନ୍ନ ସ୍ୱାଦ ବା ଅନୁଭୂତି ଦେଇଥାଏ । ଯାହାର କି ଏକ ନିଜସ୍ୱ ଭାଷା ଏବଂ ବେଶ ପରିପାଟୀ ଥାଏ ।

ଏଠାରେ ମନେରଖିବାକୁ ହେବ ଯେ ପିତାମାତାମାନେ ଯୁବକ ଯୁବତୀମାନଙ୍କୁ ବନ୍ଧୁମେଳରେ ରହିବାକୁ ଅନୁମତି ଦେଇପାରନ୍ତି ମାତ୍ର ତାଙ୍କର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଆବଶ୍ୟକ । କାରଣ ଅଜାଣତରେ ସେମାନେ କିଛି ଅସାମାଜିକ ଯୁବକଙ୍କର ସଙ୍ଗଦୋଷରୁ ସାହି ବସ୍ତିରେ ଗଣ୍ଡଗୋଳ କରିବା ଭଳି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିପାରନ୍ତି ।

ଏହା ସର୍ବଦା ସତ୍ୟ ନୁହେଁ ଯେ ସାଙ୍ଗସାଥୀ ଏବଂ ପିତାମାତା ସର୍ବଦା ପରସ୍ପର ବିପରୀତଧର୍ମୀ । ଅଧିକାଂଶ ସମୟରେ ବନ୍ଧୁମାନେ ପିତାମାତାଙ୍କ ସହ ସହଯୋଗ କରିଥାନ୍ତି ଯଦି କିଶୋରଟିର ପରିବାର ଏବଂ ସାଙ୍ଗସାଥୀମାନଙ୍କର ସାମାଜିକ, ଅର୍ଥନୈତିକ ଅବସ୍ଥା ସମାନ ଥାଏ । ସାଙ୍ଗସାଥୀମାନେ ବେଳେବେଳେ କ୍ଷତିକାରକ ହୋଇପାରନ୍ତି । ବିଷମଲିଙ୍ଗୀ ବନ୍ଧୁତ୍ୱ ସ୍ଥାପନ ବେଳେ ଯଦି ଜଣେ କିଶୋର ବା କିଶୋରୀ ଉପହାସ ବା ପ୍ରତ୍ୟାଖ୍ୟାନର ଶୀକାର ହୁଏ ତେବେ ସେ ଉତ୍କଣ୍ଠାର ଶୀକାର ହୁଏ । ବେଳେବେଳେ ବନ୍ଧୁମାନଙ୍କର ଚାପ ଯୋଗୁଁ କିଶୋରଟିଏ ଏଭଳି କାର୍ଯ୍ୟକଳାପରେ ଜଡ଼ିତ ହୁଏ ଯାହା ସେମାନଙ୍କର ଇଚ୍ଛା ବିରୁଦ୍ଧରେ କରାଯାଇଥାଏ ଓ ପରବର୍ତ୍ତୀ କାଳରେ ସେମାନେ ସେଥିପାଇଁ ଅନୁତପ୍ତ





ହୋଇଥାନ୍ତି । ଯଥା- ନିଶାଦ୍ରବ୍ୟ ସେବନ କରିବା ପାଇଁ ବାଧ୍ୟ କରିବା, କିମ୍ବା ଦୋକାନରୁ ଚୋରି କରିବା ଇତ୍ୟାଦି ଇତ୍ୟାଦି ।

## ୨୦.୯- ବିଦ୍ୟାଳୟ ଏବଂ ଶିକ୍ଷକଙ୍କ ଭୂମିକା

ପରିବାର ବ୍ୟତୀତ ବିଦ୍ୟାଳୟ ଏଭଳି ଏକ ଅନୁଷ୍ଠାନ ଯାହାକି କିଶୋରର ସାମାଜିକ ତଥା ଶିକ୍ଷାଗତ ଯୋଗ୍ୟତା ପାଇଁ ଦାୟୀ । ଜଣେ ଯୁବତ ତା'ର ପାଠ ପଢ଼ାରେ କେତେ ଉନ୍ନତ ଏହା ତା'ର ବିଦ୍ୟାଳୟର ପରିବେଶ ଓ ଶିକ୍ଷକଙ୍କ ଉପରେ ମୁଖ୍ୟତଃ ନିର୍ଭର କରେ । ଯଦି ବିଦ୍ୟାଳୟର ଶୃଙ୍ଖଳା ଓ ନିୟମ ଅତି କଠୋର ନ ହୋଇଥାଏ ଏବଂ ଛାତ୍ରଛାତ୍ରୀଙ୍କର ମତାମତକୁ ସମ୍ମାନ ଦିଆଯାଉଥାଏ, ତେବେ କିଶୋରମାନେ ତାଙ୍କର ପାଠପଢ଼ାକୁ ଉପଭୋଗ କରିପାରନ୍ତି । ଯେତେବେଳେ ଶିକ୍ଷକମାନେ ଉପଯୁକ୍ତ ତାଲିମପ୍ରାପ୍ତ, ଉତ୍ସାହୀ ଓ ଉଦ୍ଦୀପନାଯୁକ୍ତ ହୋଇଥାନ୍ତି, ସେତେବେଳେ ସେମାନେ ଛାତ୍ରଛାତ୍ରୀଙ୍କ ନିକଟରେ ଥିବା ଲୁକ୍‌କାୟିତ ପ୍ରତିଭାକୁ ଚିହ୍ନଟ କରିପାରନ୍ତି ଓ ସେ ପ୍ରତିଭାକୁ ବିକଶିତ କରିବାରେ ସାହାଯ୍ୟ କରିଥାନ୍ତି ।

ଅନ୍ୟପକ୍ଷରେ ବିନା ତାଲିମପ୍ରାପ୍ତ, ଅଯୋଗ୍ୟ ଶିକ୍ଷକ, ବଡ଼ଶ୍ରେଣୀ, ବହୁତ କାର୍ଯ୍ୟଭାର କଠିନ ପାଠ୍ୟଖସଡ଼ା ଏବଂ କଠୋର ନିୟମ ପ୍ରଣୟନ କରି ଛାତ୍ରମାନଙ୍କ ମନରେ ନକାରାତ୍ମକ ପ୍ରଭାବ ପକାଇଥାନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମନରେ ଉଠୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ସୁଯୋଗ ମିଳିନଥାଏ । ଫଳରେ ସେମାନେ ପାଠପଢ଼ା ପ୍ରତି ଆଗ୍ରହ ହରାଇଥାନ୍ତି ଓ ପାଠପଢ଼ାରେ ଭଲ କରିବା ପାଇଁ ସେମାନଙ୍କର ମନୋବୃତ୍ତି ନଥାଏ । ସେମାନଙ୍କ ମଧ୍ୟରୁ ଅଧିକାଂଶ ସମୟ ପୂର୍ବରୁ ସ୍କୁଲ ପରିତ୍ୟାଗ କରିଥାନ୍ତି ।

ପିତାମାତାଙ୍କର ସ୍କୁଲ ଏବଂ ଶିକ୍ଷକମାନଙ୍କ ପ୍ରତି ଥିବା ମନୋଭାବ ଏବଂ ସକାରାତ୍ମକ ଆଗ୍ରହ କିଶୋରମାନଙ୍କ ମନରେ ସ୍ୱତନ୍ତ୍ର ପ୍ରଭାବ ପକାଇଥାଏ । ଯାହାଫଳରେ କିଶୋରଟିର ପିତାମାତାଙ୍କ ଭଳି ବିଦ୍ୟାଳୟ ଏବଂ ଶିକ୍ଷକଙ୍କ ପ୍ରତି ସମ୍ମାନ ବଢ଼ିଯାଏ ।

ଶିକ୍ଷା ଓ ସାମାଜିକ ଦକ୍ଷତା ବୃଦ୍ଧି ଭଳି ଗୁଣ ବ୍ୟତୀତ ବିଦ୍ୟାଳୟଟି ପିତାମାତା ଓ କିଶୋରମାନଙ୍କ ମଧ୍ୟରେ ଥିବା ବୟସର ବ୍ୟବଧାନକୁ ସଙ୍କୁଚିତ କରିଥାଏ । ଶିକ୍ଷକଟି ଯଦି କିଶୋରମାନଙ୍କ ଦ୍ୱାରା ଆଦୃତ ହୋଇଥାଏ, ତେବେ ସେମାନଙ୍କ ପିତାମାତାଙ୍କ ଅପେକ୍ଷା ଶିକ୍ଷକଙ୍କୁ ବେଶି ମାନନ୍ତି ଏବଂ ଶିକ୍ଷକଟି ସେମାନଙ୍କ ମଧ୍ୟରେ ମଧ୍ୟବର୍ତ୍ତୀ ସ୍ଥାନ ଗ୍ରହଣ କରିଥାଏ । ଏହି ସୁଯୋଗର ସଦ୍‌ବ୍ୟବହାର କରି ଶିକ୍ଷକ କିଶୋରର ମନୋଭାବକୁ ଜଣେ ବନ୍ଧୁ ଭାବରେ ସମାଧାନ କରିପାରିଥାଏ ।

ବିଦ୍ୟାଳୟରେ ବନ୍ଧୁମାନେ ଶିକ୍ଷାଦୀକ୍ଷା କ୍ଷେତ୍ରରେ ଆଉ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଯଦି ବନ୍ଧୁମାନେ ପାଠପଢ଼ା ଉପରେ ବେଶି ଗୁରୁତ୍ୱ ଆରୋପ କରୁଥାନ୍ତି ତେବେ କିଶୋରଟି କଠିନ ପରିଶ୍ରମ କରି ପାଠପଢ଼ାରେ ଭଲ କରିବାକୁ ଚେଷ୍ଟା କରେ ଯାହାଦ୍ୱାରା କି ସେ ବନ୍ଧୁମାନଙ୍କ ମେଳରେ ଏକ ଅଂଶବିଶେଷ ହୋଇପାରିବ ।

**ପାଠଗତ ପ୍ରଶ୍ନ : ୨୦.୩**

**୧ । 'କ' ସ୍ତମ୍ଭରେ ଥିବା ବାକ୍ୟାଂଶକୁ 'ଖ' ସ୍ତମ୍ଭ ସହିତ ମିଳାଇ ବାକ୍ୟ ସମ୍ପୂର୍ଣ୍ଣ କର ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| କ) ଯେତେବେଳେ ପିତାମାତା କିଶୋରଟିକୁ ସ୍ୱାଧୀନତା ଦିଅନ୍ତି ଏବଂ ତାର କାର୍ଯ୍ୟକଳାପରେ ରୁଚି ରଖନ୍ତି । | i) କିଶୋରମାନେ ନିର୍ଭରଶୀଳ ହୋଇଥାନ୍ତି । |
| ଖ) ଯେତେବେଳେ ପିତାମାତା ପିଲାଟିକୁ କଡ଼ା ଅନୁଶାସନ ଓ କଠୋର ମନୋଭାବାପନ୍ନ ହୋଇଥାନ୍ତି । | ii) କିଶୋରମାନେ ସ୍ୱାଧୀନ ହୋଇଥାନ୍ତି । |
| ଗ) ଯେତେବେଳେ ପିତାମାତା କିଶୋର ମାନଙ୍କୁ ସେମାନଙ୍କର ଇଚ୍ଛା ଅନୁସାରେ ଛାଡ଼ି ଦିଅନ୍ତି । | iii) କିଶୋରମାନେ ସ୍ୱାଧୀନ ଏବଂ ଦାୟିତ୍ୱବାନ୍ ହୋଇଥାନ୍ତି । |
| | iv) କିଶୋରମାନେ ଆତ୍ମବିଶ୍ୱାସି ହୋଇଥାନ୍ତି କିନ୍ତୁ ଉଦାସୀନ ରୁହନ୍ତି । |

**୨ । ଏହି ପାଠ୍ୟକ୍ରମରେ ଦିଆଯାଇଥିବା ଉଦାହରଣ ବ୍ୟତୀତ ନିମ୍ନଲିଖିତ ବିଷୟଗୁଡ଼ିକର ଦୁଇଟି ଲେଖାଏଁ ଉଦାହରଣ ଦିଅ ।**


| i) ବନ୍ଧୁମେଳ ସଂସ୍କୃତି | ii) କ୍ଷତିକାରକ ସଙ୍ଗଦୋଷ | iii) ସାଙ୍ଗମାନଙ୍କର ସକାରାତ୍ମକ ପ୍ରଭାବ |
|---|---|---|
| କ)...................... | କ)....................... | କ).................... |
| ଖ)..................... | ଖ)....................... | ଖ).................... |

## ୨୦.୧୦- କିଶୋର ଅବସ୍ଥାରେ ଘଟୁଥିବା ବିକାଶାତ୍ମକ କାର୍ଯ୍ୟ

ବର୍ତ୍ତମାନ ପର୍ଯ୍ୟନ୍ତ କିଶୋର ଅବସ୍ଥାରେ ଘଟୁଥିବା ବିଭିନ୍ନ କ୍ଷେତ୍ରରେ ହେଉଥିବା ବିକାଶ ବିଷୟରେ ଆଲୋଚନା କରାଗଲା । କିନ୍ତୁ ଏହି ବିକାଶ କିଶୋରମାନଙ୍କର ଆବେଗିକ ବିକାଶ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ । ଏଗୁଡ଼ିକୁ ବିକାଶାତ୍ମକ କାର୍ଯ୍ୟ ବୋଲି କୁହାଯାଏ । ଆସ ଏଗୁଡ଼ିକୁ ତାଲିକା କରିବା ।

୧ । ପ୍ରଥମ ଏବଂ ମୁଖ୍ୟ କାର୍ଯ୍ୟ ହେଲା ନିଜ ଶରୀରର ପରିବର୍ତ୍ତନକୁ ଗ୍ରହଣ କରିବା ଏବଂ ତା'ର ସଦୁପଯୋଗ କରିବା ।

୨ । ଉଭୟ ଲିଙ୍ଗର ସମବୟସ୍କମାନଙ୍କ ସହିତ ନୂତନ ଏବଂ ଉତ୍ତମ ସମ୍ପର୍କ ସ୍ଥାପନ କରିବା ।





୩ । ସମାଜରେ ଜଣେ ଦାୟିତ୍ୱବାନ ପୁରୁଷ ବା ନାରୀର ଭୂମିକା ଗ୍ରହଣ କରିବାରେ ସକ୍ଷମ ହେବା ।

୪ । ପିତାମାତା ଏବଂ ଅନ୍ୟାନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ଠାରୁ ଆବେଗିକ ସ୍ୱାଧିନତା ଲାଭ କରିବା ।

୫ । ମୂଲ୍ୟବୋଧ ଲାଭ କରିବା ଯଥା ଆଦର୍ଶବାଦୀ ହେବା ।

୬ । ନିଜର ବୃତ୍ତି (ଭବିଷ୍ୟତ) ପାଇଁ ପ୍ରସ୍ତୁତ ହେବା ।

୭ । ବିବାହ ଓ ପରିବାର ଗଠନ ପାଇଁ ପ୍ରସ୍ତୁତ ହେବା ।

**୨୦.୪-ପାଠଗତ ପ୍ରଶ୍ନ**

୧ । ଗୋଟିଏ କିଶୋରର ଭାଷିକ ବିକାଶର ଦୁଇଟି ମୁଖ୍ୟ ଚରିତ୍ର ଚିତ୍ରଣ କର ।

.....................................................................................................

୨ । କିଶୋରର ଭାବନା ସମ୍ପର୍କରେ ଦୁଇଟି ମୁଖ୍ୟ ଉଦାହରଣ ଦିଅ ।

.....................................................................................................

୩ । କିଶୋରର ବିକାଶମୂଳକ କାର୍ଯ୍ୟର ତିନୋଟି ଉଦାହରଣ ଦିଅ ।

.....................................................................................................

୪ । କିଶୋରମାନଙ୍କର ଦୁଇଟି ଆବେଗିକ ଓ ସାମାଜିକ ଗୁଣାବଳୀ ଉଲ୍ଲେଖ କର ।

.....................................................................................................

ଆବେଗିକ <     ସାମାଜିକ <

## ୨୦.୧୧- ଆଦର୍ଶ ଗୁଣାବଳୀ

କିଶୋରାବସ୍ଥାର ବିସ୍ତୃତ ଆଲୋଚନା କରିବା ପରେ ତୁମେ ସେମାନଙ୍କର ଏଭଳି ବିଶ୍ୱ ଗୁଣାବଳୀ ବା ବ୍ୟବହାର ବିଷୟରେ ଆଲୋକପାତ କର ଯାହା ଗୋଟିଏ କିଶୋରକୁ ଜଣେ ବୟସ୍କ ଓ ଜଣେ ଶିଶୁଠାରୁ ପୃଥକ୍ କରାଇପାରିବ । ଆସ ସେ ବିଷୟରେ ଆଲୋଚନା କରିବା ।

ପ୍ରଥମେ କିଶୋରର ଶରୀର ଓ ନଜର ଉପରେ ଆଲୋଚନା କରିବା ।

୧ । ସବୁ କିଶୋରମାନେ ଭାବନ୍ତି ଯେ ତାଙ୍କ ଶରୀର ଗଠନ ଅତି ସୁନ୍ଦର ଯାହାକି ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରୁଛି । କିଛି ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ, କିଶୋରମାନେ ନିଜକୁ ସର୍ବଦା ମୁଖ୍ୟ ନାୟକ ବୋଲି ଭାବିଥାନ୍ତି । କିଶୋର/କିଶୋରୀମାନେ ମୁହଁରେ ବ୍ରଣ ଉଠିଲେ କିମ୍ବା ଦାଢ଼ି ନ ଉଠିଲେ ଅତିମାତ୍ରାରେ ବିଚଳିତ, ବିବ୍ରତ ଓ ଚିନ୍ତିତ ହୋଇପଡ଼ନ୍ତି ।

୨ । ସବୁ କିଶୋରମାନେ ବନ୍ଧୁମେଳରେ ରହିବାକୁ ଭଲପାଆନ୍ତି ଏବଂ ଏଠାରେ ତାଙ୍କର ଭାଷା, ଚାଲି ଏବଂ ବ୍ୟବହାର ସ୍ୱତନ୍ତ୍ର ହୋଇଥାଏ ଯାହାକି ବୟସ୍କମାନଙ୍କୁ ଅଦ୍ଭୁତ ଜଣାପଡ଼େ ।



ମନ୍ତବ୍ୟ (Notes)

୩ । ଏହି ସମୟରେ ଜଣେ କିଶୋର ଜଣେ ବୟସ୍କ ବିପରୀତ ଲିଙ୍ଗ ବ୍ୟକ୍ତିଙ୍କ ପ୍ରତି ତୀବ୍ର ଆକର୍ଷଣ କରେ ମାତ୍ର ତା'ର ସମବୟସ୍କ ବିପରୀତ ଲିଙ୍ଗ ବ୍ୟକ୍ତି ତାକୁ ଜଣେ ଛୁଆ ବା ଅପରିପକ୍ୱ ଭଳି ଲାଗନ୍ତି ।

୪ । କିଶୋରମାନଙ୍କର ଆଉ ଗୋଟିଏ ଗୁଣ ହେଲା ସେମାନଙ୍କର ଆଦର୍ଶବାଦ । ଏହି ସମୟରେ ଜଣେ ଆଦର୍ଶ ବ୍ୟକ୍ତି କିଭଳି ହେବା ଦରକାର, ତା'ର ଗୁଣାବଳୀ କ'ଣ ହେବା ଦରକାର ଏବଂ ଗୋଟିଏ ଆଦର୍ଶ ଦୁନିଆର ଗଠନ ବିଷୟରେ କିଶୋରମାନେ ଭାବନ୍ତି ଯେଉଁଠି ସବୁକିଛି ନିୟମ ଅନୁଯାୟୀ ହୁଏ ।

୫ । ଏହି ସମୟରେ କିଶୋରମାନଙ୍କର ମନରେ ସମୟ ସମୟରେ ବିଦ୍ରୋହ ମନୋଭାବ ସୃଷ୍ଟି ହୁଏ । ସେମାନେ ଅନୁଭବ କରନ୍ତି ଯେ ପିତାମାତା ଏବଂ ବୟସ୍କମାନେ ସେମାନଙ୍କୁ ଠିକ୍ ଭାବରେ ବୁଝିପାରୁ ନାହାନ୍ତି । କିଛି କାର୍ଯ୍ୟ କରିବାରେ ସେମାନେ ଖୁବ୍ ଆନନ୍ଦ ଲାଭ କରୁଥିଲାବେଳେ ପିତାମାତାମାନେ ତାହାକୁ ଅନୁମୋଦନ କରିନଥାନ୍ତ ଯଥା, ବିଭିନ୍ନ ପ୍ରକାରର ପୋଷାକପତ୍ର ପିନ୍ଧିବା, ଶରୀରରେ ଟାଟୁ ଲଗାଇବା କିମ୍ବା ଉଚ୍ଚସ୍ୱରରେ ଗୀତ ଶୁଣିବା ଇତ୍ୟାଦି । ପ୍ରାୟ ସମସ୍ତ କିଶୋର କିଶୋରୀ ତାଙ୍କ ପିତାମାତା ଓ ନିଜ ସମବୟସ୍କ ବ୍ୟକ୍ତିମାନଙ୍କ ମଧ୍ୟରେ ପିଢ଼ୀଗତ ପାର୍ଥକ୍ୟ (generation gap)କୁ ଅନୁଭବ କରିଥାନ୍ତି ।

୬ । ସମସ୍ତ କିଶୋର କିଶୋରୀ ସମୟ ସମୟରେ ତୀବ୍ର ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥାନ୍ତି । ମାନସିକ ଦ୍ୱନ୍ଦ୍ୱ କ'ଣ ତୁମେ ଜାଣ କି ? କିଶୋରଟିଏ ନ ଚାହୁଁଥିବା ଜିନିଷଟିଏ ଯଦି ଘଟେ ତେବେ ସେ ବିଷର୍ଣ୍ଣ ହୋଇପଡ଼େ । ଉଦାହରଣ ସ୍ୱରୂପ ଯଦି ଜଣେ ବନ୍ଧୁ ତାକୁ ଭେଟିବାକୁ ନଆସେ କିମ୍ବା ଟେଲିଫୋନ୍ ନ କରେ ତେବେ ଏହା ତା'ର ବିଷାଦ ପାଇଁ ଯଥେଷ୍ଟ ହୋଇଥାଏ । ତୁମେ କେବେ ଏଭଳି ମାନସିକ ଦ୍ୱନ୍ଦ୍ୱ ଅନୁଭବ କରିଛ କି ? ତୁମେ ଏଥିରୁ କିଭଳି ମୁକ୍ତି ପାଅ ?

୭ । ଆବେଗକୁ ବିଚାରକୁ ନେଲେ କିଶୋରମାନେ ସମ୍ପୂର୍ଣ୍ଣ ପରିପକ୍ୱ ନୁହଁନ୍ତି । ଅନ୍ୟମାନଙ୍କ କଥାରେ ସେମାନେ ସହଜରେ ବଶୀଭୂତ ହୋଇପାରନ୍ତି । ଯଦି ଜଣେ ବ୍ୟକ୍ତି ସେମାନଙ୍କ ସହ ଆଲୋଚନା କରି ସେମାନଙ୍କର ଆସ୍ଥାଭାଜନ ହୋଇଥାଏ ତେବେ ସେମାନେ ସେହି ବ୍ୟକ୍ତି ଉପରେ ଅତି ସହଜରେ ଭରସା କରିଥାନ୍ତି । କାରଣ ଜଣେ କିଶୋର ସେ ବ୍ୟକ୍ତିର ଉଦ୍ଦେଶ୍ୟ ନ ବୁଝି ତାହାର କଥା ଉପରେ ବିଶ୍ୱାସ କରିଥାଏ ।

କିଶୋରର ବିକାଶ ସମୟରେ, ତା'ର ନିଜ ପରିଚୟ ତା' ପାଇଁ ମୁଖ୍ୟ ହୋଇଥାଏ । 'ମୁଁ କିଏ' ? ଏହି ପ୍ରଶ୍ନ ବାରମ୍ବାର ତା' ମନରେ ଉଦ୍ରେକ ହୁଏ । ଯଦି ତା'ର ବନ୍ଧୁମାନେ, ତା'ର ଚର୍ତୁପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନେ, କିଶୋରଟିର ଗୁଣ, ଚେହେରା ଓ ବ୍ୟବହାର ନେଇ ଖୁସିଥାନ୍ତି ତେବେ ତା'ର ମନରେ ଆତ୍ମବିଶ୍ୱାସ ସୃଷ୍ଟି ହୁଏ । ବୌଦ୍ଧିକ ବିକାଶ ବଢ଼ିବା ସଙ୍ଗେ ସଙ୍ଗେ ସେମାନେ ନିଜ ପାଇଁ କିଛି ନିୟମ କାନୁନ୍ ତିଆରି କରିଥାନ୍ତି, ଯାହାକି ସେମାନଙ୍କର ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ ।

## ୨୦.୧୨- କିଶୋରାବସ୍ଥାରେ ସମସ୍ୟା

କିଶୋରାବସ୍ଥାରେ ଦ୍ରୁତ ଶାରୀରିକ ବୃଦ୍ଧି ଘଟିଥାଏ । ଏହି ସମୟରେ କିଶୋରମାନଙ୍କ ପ୍ରତି ପିତାମାତା ଓ ଅନ୍ୟ ବୟସ୍କମାନଙ୍କର ଆଶା, ଆକାଂକ୍ଷା ବଢ଼ିଥାଏ । ଅନ୍ୟ ସମସ୍ତ ବିଭାଗରେ ମଧ୍ୟ

ଅଭିବୃଦ୍ଧି ଘଟିଥାଏ । ଏ ସମସ୍ତ ଘଟଣା କିଶୋରକୁ ଦ୍ୱନ୍ଦ୍ୱରେ ପକାଇଥାଏ । ପିତାମାତା ଏବଂ ସାଙ୍ଗସାଥୀଙ୍କ ସହଯୋଗରେ ଅଧିକାଂଶ କିଶୋର ସଫଳତାର ସହିତ ଏଭଳି ପରିସ୍ଥିତିରୁ ଅଭିଜ୍ଞ ବ୍ୟକ୍ତି ଭଳି ବାହାରି ଆସନ୍ତି । କିନ୍ତୁ କିଛି କିଶୋର ସେଭଳି ପରିସ୍ଥିତିର ସାମ୍ନା କରିନପାରି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥାନ୍ତି । ଆସ ସେମାନଙ୍କ ବିଷୟରେ ଆଲୋଚନା କରିବା ।

### ୧ । ଖାଦ୍ୟରେ ବିଶୃଙ୍ଖଳା

ପ୍ରାକ୍ ପରିପକ୍ୱତା ଲାଭ କରିଥିବା କେତେକ କିଶୋର ଭାବନ୍ତି ଯେ ସେମାନେ ଅତ୍ୟଧିକ ମୋଟା ହୋଇଯାଉଛନ୍ତି, ଯାହା ଫଳରେ ଖାଦ୍ୟ ପରିମାଣ କମାଇ ଦିଅନ୍ତି । ଅନ୍ୟ କେତେଜଣ ଭାବନ୍ତି ତାଙ୍କୁ କେହି ଭଲ ପାଉନାହାନ୍ତି ତେଣୁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ସେମାନେ ଅଧିକ ଖାଦ୍ୟଗ୍ରହଣ କରନ୍ତି ଏବଂ ମୋଟା ହୋଇଯାଆନ୍ତି । ମାନସିକ ଉତ୍ତେଜନା କିମ୍ବା ଗାଳି ଶୁଣିବା ଦ୍ୱାରା କିଛି କିଶୋର ସମ୍ବେଦନଶୀଳ ହୋଇ ବାନ୍ତି କରିପକାନ୍ତି ।

### ୨ । ଆତ୍ମହତ୍ୟା ପ୍ରବୃତ୍ତି / ପ୍ରବଣତା

ଅନେକ କିଶୋର ତାଙ୍କର ସମବୟସ୍କ ସାଙ୍ଗମାନଙ୍କ ସହିତ 'ବନ୍ଧୁତା' କରିବାରେ ଅକ୍ଷମ ହୁଅନ୍ତି । ସେମାନେ ମଧ୍ୟ ଅପର ପକ୍ଷରେ ପିତାମାତାଙ୍କୁ ବିଶ୍ୱାସ କରନ୍ତି ନାହିଁ । ସେହି କ୍ଷେତ୍ରରେ, ସେମାନେ ନିଜକୁ ଏକୁଟିଆ ମନେ କରନ୍ତି ଏବଂ ଭାବନ୍ତି କେହି ତାଙ୍କୁ ଭଲ ପାଉନାହାନ୍ତି । ଯାହାକି ସେମାନଙ୍କର ଚିନ୍ତା ଓ ଅବସନ୍ନତାର କାରଣ ହୋଇଥାଏ । ଯାହା ସେମାନଙ୍କୁ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇଥାଏ ଏବଂ ଏହି ବିପଦସଙ୍କୁଳ କାର୍ଯ୍ୟ ପାଇଁ ସେମାନେ ଉଦ୍ୟମ କରିପାରନ୍ତି ।

### ୩ । ସମବୟସ୍କ ବନ୍ଧୁମାନଙ୍କ ଚାପ

କିଶୋରମାନେ ତାଙ୍କ ବନ୍ଧୁମାନଙ୍କ ଆଗରେ ନିଜର ପୁରୁଷ ପଣିଆ ପ୍ରଦର୍ଶନ କରିବା ପାଇଁ ମଦ୍ୟପାନ, ଧୂମ୍ରପାନ ଏବଂ ଦରକାରବେଳେ ନିଶା ସେବନରେ ଜଡ଼ିତ ହୋଇଯାଆନ୍ତି । ଏସବୁ ଘଟିବାର କାରଣ ସେମାନେ ଏହି ସମୟରେ ଅତ୍ୟଧିକ ସମ୍ବେଦନଶୀଳ ହୋଇଥାନ୍ତି । ବନ୍ଧୁ କିମ୍ବା ପରିବାରବର୍ଗଙ୍କ ଦ୍ୱାରା ସାମାନ୍ୟ ଅବହେଳିତ ହେଲେ ଭୟଙ୍କର ପରିସ୍ଥିତି ସୃଷ୍ଟି କରନ୍ତି । ଏହିଭଳି ସମସ୍ୟାଗୁଡ଼ିକ ପିତାମାତାଙ୍କ ସ୍ନେହ ଏବଂ ସାଙ୍ଗମାନଙ୍କର ବୁଝମଣା ଦ୍ୱାରା ଅତି ସହଜରେ ସମାଧାନ କରାଯାଇପାରେ ।

### ୪ । ବ୍ୟକ୍ତିଗତ ସମସ୍ୟା

କିଶୋରମାନଙ୍କର ଚେହେରାକୁ ନେଇ ଅନେକଗୁଡ଼ିଏ ବ୍ୟକ୍ତିଗତ ସମସ୍ୟା ଥାଏ ଯଥା: ଅତ୍ୟଧିକ ମୋଟା ବା ଅତି ପତଳା, ଅତି ଡେଙ୍ଗା କିମ୍ବା ଗେଡ଼ା ଇତ୍ୟାଦି । ସେମାନେ ନିଜ ପୋଷାକପତ୍ର ଏବଂ ନାକର ଆକାର ଇତ୍ୟାଦି ନେଇ ମଧ୍ୟ ଚିନ୍ତିତ ଥାଆନ୍ତି ।

### ୫ । ସାମାଜିକ ସମସ୍ୟା

ସାମାଜିକ ବା ପାରିବାରିକ ଉତ୍ସବରେ କିଶୋରମାନେ ଭାଗନେବାକୁ ଚାହାନ୍ତି ନାହିଁ । କିଶୋରମାନେ ବିପରୀତ ଲିଙ୍ଗ ସାଙ୍ଗମାନଙ୍କ ମେଳରେ ରହିବାକୁ ପସନ୍ଦ କରନ୍ତି ନାହିଁ କାରଣ କାଳେ ତାଙ୍କ ବିଷୟରେ ସେମାନେ ଥଟ୍ଟାମଜା ବା ପରିହାସ କରିବେ ।



ମନ୍ତବ୍ୟ (Notes)



**୬।  ଦୈନିକ ସମସ୍ୟା (ଶାରୀରିକ ସମସ୍ୟା)**

ଉଭୟ କିଶୋର ଓ କିଶୋରୀମାନଙ୍କ ପାଇଁ ଶାରୀରିକ ସମସ୍ୟା ଅତି ଜଟିଳ ହୋଇଥାଏ । ପ୍ରାୟତଃ କିଶୋରୀମାନଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ । କିଶୋରୀମାନେ ତାଙ୍କ ସମସ୍ୟା ଅନ୍ୟମାନଙ୍କ ସହ ଆଲୋଚନା କରିବାକୁ ପଛଘୁଞ୍ଚା ଦିଅନ୍ତି । ତାଙ୍କ ଶରୀରରେ ଘଟୁଥିବା ପରିବର୍ତ୍ତନ ବିଷୟରେ କିଭଳି ତଥ୍ୟ ସଂଗ୍ରହ କରିବେ ତାହା ସେମାନେ ଜାଣିପାରନ୍ତି ନାହିଁ । ଡାକ୍ତର ବା ସ୍ୱାସ୍ଥ୍ୟକର୍ମୀମାନଙ୍କ ସହ ତାଙ୍କ ସମସ୍ୟା ବିଷୟରେ ପରାମର୍ଶ କରିବା ପାଇଁ ଭୟ ଅନୁଭବ କରନ୍ତି । କିଶୋରମାନଙ୍କୁ ପ୍ରଜନନ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଉପଯୁକ୍ତ ଶିକ୍ଷା ମିଳିନଥାଏ ।

କିଶୋରୀମାନଙ୍କ କ୍ଷେତ୍ରରେ ଯୌବନାବସ୍ଥାରେ ମାସିକ ଋତୁସ୍ରାବ ସମୟରେ ଅନେକ ସମସ୍ୟା ଦେଖାଦେଇଥାଏ । ସେମାନେ ବିଭିନ୍ନ ପ୍ରକାର ଧାର୍ମିକ ପ୍ରକ୍ରିୟା ଏବଂ ଅନ୍ଧବିଶ୍ୱାସର ଶିକାର ହୋଇ ଅନେକ ଅସ୍ୱାସ୍ଥ୍ୟକର ଚିକିତ୍ସା ପ୍ରଣାଳୀର ବ୍ୟବହାର କରି ବିଭିନ୍ନ ପ୍ରକାର ମାନସିକ ପରିସ୍ଥିତିର ସମ୍ମୁଖୀନ ହୋଇଥାନ୍ତି । ଏଣୁ ସେମାନଙ୍କୁ ଉପଯୁକ୍ତ ଉପଦେଶ ଓ ଜ୍ଞାନର ଜରୁରୀ ଆବଶ୍ୟକତା ଏହି ସମୟରେ ଆବଶ୍ୟକ ହୁଏ ।

**୭ ।  କିଶୋରୀ ଅବସ୍ଥାରେ ଗର୍ଭଧାରଣ**

ଭାରତରେ ବାଲ୍ୟବିବାହ ଅନେକ ସ୍ଥାନରେ ଦେଖାଯାଏ । ଯାହାଫଳରେ ଅଧିକାଂଶ ମହିଳାମାନଙ୍କ କ୍ଷେତ୍ରରେ ଅଳ୍ପ ବୟସରେ ଯୌନକ୍ରିୟାର ଲିପ୍ତ ହେବାକୁ ପଡ଼ିଥାଏ । ତୁମେ ଜାଣକି, ଭାରତରେ ବିବାହ ନିମନ୍ତେ ପୁଅ ଓ ଝିଅଙ୍କ ପାଇଁ ଆଇନ୍ ଅନୁଯାୟୀ ବୟସ କେତେ ? ପୁଅମାନଙ୍କ ପାଇଁ ୨୧ ବର୍ଷ ଏବଂ ଝିଅମାନଙ୍କ ପାଇଁ ୧୮ ବର୍ଷ । ଏହି ବୟସ ପୂର୍ବରୁ ବିବାହ ଆଇନ୍ ବିରୁଦ୍ଧ ଅଟେ ।

ଭାରତରେ ଅଧିକାଂଶ କିଶୋର କିଶୋରୀ ପୂର୍ଣ୍ଣ ଶାରୀରିକ ବିକାଶ ଲାଭ କରିବା ପୂର୍ବରୁ ବିବାହ କରିଥାନ୍ତି । ପ୍ରଜନନ କ୍ଷମତା ଲାଭ କରବା ପୂର୍ବରୁ ସେମାନେ ଗର୍ଭଧାରଣ କରିଥାନ୍ତି କିମ୍ବା ମାତୃତ୍ୱ ଲାଭ କରିଥାନ୍ତି । କିଶୋରୀ ଅବସ୍ଥାରେ ଗର୍ଭଧାରଣ ବୈବାହିକ ଜୀବନରେ ହେଉ ବା ବିନା ବିବାହରେ ହେଉ ପ୍ରାୟତଃ ଆକସ୍ମିକ ହୋଇଥାଏ ଏବଂ ଏହାଦ୍ୱାରା କିଶୋରୀଟି ତୀବ୍ର ମାନସିକ ତଥା ଶାରୀରିକ ସ୍ୱାସ୍ଥ୍ୟ, ସାମାଜିକ ଓ ଆର୍ଥିକ ପରିସ୍ଥିତିର ସମ୍ମୁଖୀନ ହୁଏ ଏବଂ ଅଳ୍ପ ବୟସରୁ ଗର୍ଭଧାରଣ କରିବା ଫଳରେ ସନ୍ତାନ ପ୍ରସବ କରିବା ଦ୍ୱାରା ଯୌନାଙ୍ଗରେ ଗୁରୁତର କ୍ଷତି ଘଟିଥାଏ । ଏହି କିଶୋରୀ ମାଆର ଛୁଆମାନେ ସାଧାରଣତଃ ଅଳ୍ପ ଓଜନର ହୋଇଥାନ୍ତି ଏବଂ ଜନ୍ମ ସମୟରେ କିମ୍ବା ଶୈଶବରେ ସେମାନଙ୍କର ମୃତ୍ୟୁ ହୋଇଥାଏ । ଅଳ୍ପ ବୟସରୁ ମାଆ ହେବାଫଳରେ ଗୋଟିଏ ବଡ଼ ପରିବାରର ସୃଷ୍ଟି ହୋଇଥାଏ ଯାହାର ନକାରାତ୍ମକ ପ୍ରଭାବ ଜୀବନର ଗୁଣାତ୍ମକ ମୂଲ୍ୟ ହ୍ରାସ କରିଥାଏ । ଅଳ୍ପ ବୟସରେ ସନ୍ତାନ ପ୍ରସବ କରିବା ଦ୍ୱାରା କିଶୋରୀ ଉପରେ ପ୍ରଚଣ୍ଡ ମନସ୍ତାତ୍ତ୍ୱିକ ଚାପ ପଡ଼ିଥାଏ ଯାହାକି ତା'ର ଭବିଷ୍ୟତ ପାଠପଢ଼ା ଓ ଜୀବିକା ଅର୍ଜନର ସୁଯୋଗ ଛଡ଼ାଇନିଏ । କିଶୋରୀଟିଏ ମାତୃତ୍ୱ ଲାଭ କରିବା ଫଳରେ ସାମାଜିକ ଲାଞ୍ଛନାର ଶିକାର ହୋଇଥାଏ ଯାହାଦ୍ୱାରା ଲଜ୍ୟା, ଭୟ ଓ ଗ୍ଳାନି ସହିତ ସେ ନିଜକୁ ଦୋଷୀ ମନେକରେ । ଏ ସବୁଥିରୁ ମୁକ୍ତି ପାଇବା ପାଇଁ କିଶୋରୀଟି ଅଯୋଗ୍ୟ ବ୍ୟକ୍ତିମାନଙ୍କ ଠାରୁ ସାହାଯ୍ୟ ଭିକ୍ଷାକରି ଅନୁପଯୁକ୍ତ ପଦ୍ଧତି ବ୍ୟବହାର କରି ଗର୍ଭପାତ କରାଇଥାଏ ।





ତୁମେ କିମ୍ବା ତୁମର ବନ୍ଧୁ ଯଦି ଏଭଳି ପରିସ୍ଥିତିର ସାମ୍ନା କର ତେବେ ତୁମେ ପରିବାରର ଗୁରୁଜନମାନଙ୍କ ଠାରୁ ସାହାଯ୍ୟ ନେବାପାଇଁ କୁଣ୍ଠିତ ହୁଅନାହିଁ । ଅବାଞ୍ଛିତ ଗର୍ଭଧାରଣରୁ ମୁକ୍ତି ପାଇବା ପାଇଁ କେଉଁ କେଉଁ ପ୍ରକ୍ରିୟାର ସାହାଯ୍ୟ ନିଆଯାଇପାରିବ ତାହା ଜାଣିବା ନିହାତି ଜରୁରୀ । ଏ ସଂକ୍ରାନ୍ତରେ ତୁମ ପାଖ ପଡ଼ୋଶୀରେ ଥିବା ତାଲିମ ପ୍ରାପ୍ତ ସ୍ୱାସ୍ଥ୍ୟ ସହାୟିକା ଏବଂ ନର୍ସ ଦିଦିଙ୍କର ସାହାଯ୍ୟ ନେବା ଉଚିତ୍ ।

## ପାଠଗତ ପ୍ରଶ୍ନ-20.5

୧। ନିମ୍ନରେ କେତେଗୁଡ଼ିଏ ଗୁଣାବଳୀର ତାଲିକା ଦିଆଯାଇଛି । କେଉଁଟି କିଶୋରମାନଙ୍କ ପାଇଁ ଉପଯୁକ୍ତ ତାହା ବାଛ ।

- କ) 'ମୁଖ୍ୟ ନାୟକ' ଭଳି ଅନୁଭବ କରିବା
- ଖ) ଅହଂଭାବ
- ଗ) ଅଜଣା ଉତ୍କଣ୍ଠା
- ଘ) ବନ୍ଧୁମେଳ ସଂସ୍କୃତି
- ଙ) ବିପରୀତ ଲିଙ୍ଗ ପ୍ରତି ସାମୟିକ ତୀବ୍ର ଆକର୍ଷଣ
- ଚ) ବାସ୍ତବ ଚିନ୍ତାଧାରା
- ଛ) ଆଦର୍ଶବାଦ
- ଜ) ବିଦ୍ରୋହ
- ଝ) କର୍ମପ୍ରବଣତା
- ଞ) ଦୁଇଟି ପିଢ଼ୀର ଅନ୍ତର
- ଟ) ଭାଇଭଉଣୀଙ୍କ ମଧ୍ୟରେ ଶତ୍ରୁତା
- ଠ) ଉଦ୍ଭଟ ଚିନ୍ତାଧାରା
- ଡ) ମାନସିକ ଦ୍ୱନ୍ଦ
- ଢ) ପରିପକ୍ୱ ଚିନ୍ତାଧାରା
- ଣ) ସହଜରେ ପ୍ରଭାବିତ ହେବା

୨। ପ୍ରତ୍ୟେକ ଉକ୍ତିର ନିମ୍ନରେ ଦିଆଯାଇଥିବା ଚାରୋଟି ତଥ୍ୟ ମଧ୍ୟରୁ ଉପଯୁକ୍ତ ଉତ୍ତର ବାଛି ଲେଖ ।

କ) କିଶୋରମାନଙ୍କର ଖାଦ୍ୟଜନିତ ବିଶୃଙ୍ଖଳତାର ସମ୍ବନ୍ଧ–

- i) କମ୍ ଖାଦ୍ୟଗ୍ରହଣ, ବହୁତ ଖାଦ୍ୟ ଖାଇବା, ବାନ୍ତି କରିବା
- ii) ଦ୍ରୁତ ଶାରୀରିକ ବୃଦ୍ଧି ଯୋଗୁଁ ପାକସ୍ଥଳୀର ସଂକୋଚନ
- iii) ବନ୍ଧୁମେଳର ଚାପ
- iv) ମାନସିକ ଦ୍ୱନ୍ଦ

ଖ) କିଶୋରମାନଙ୍କ ଠାରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବାର କାରଣ-

i) ଖାଦ୍ୟରେ ବିଶୃଙ୍ଖଳା

ii) ବନ୍ଧୁମେଳର ଚାପ

iii) ଶାରୀରିକ ସ୍ୱାସ୍ଥ୍ୟଗତ ସମସ୍ୟା

iv) ନିସଙ୍ଗତା

ଗ) କିଶୋରମାନେ ଯୌନସ୍ୱାସ୍ଥ୍ୟ ଶିକ୍ଷା ଆବଶ୍ୟକ କରନ୍ତି, କାରଣ-

i) ସେମାନଙ୍କର ଦ୍ରୁତ ଶାରୀରିକ ବୃଦ୍ଧି ଯୋଗୁଁ

ii) ସେମାନେ ତାଙ୍କର ଶାରୀରିକ ଆକୃତିକୁ (ଈଶ୍ୱର ପ୍ରଦତ୍ତ) ଗ୍ରହଣ କରିନେବା ଉଚିତ୍

iii) ସେମାନେ ପୁରୁଷ/ନାରୀର ଭୂମିକା ଗ୍ରହଣ କରିବା ଜରୁରୀ

iv) ବିବାହ କରି ପରିବାର ଗଠନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବା ଜରୁରୀ

ଘ) କିଶୋରମାନେ ତାଙ୍କର ଅଭିଭାବକଙ୍କ ପ୍ରତି ବିଦ୍ରୋହାତ୍ମକ ମନୋଭାବ ପୋଷଣ-

i) ବୟସ୍କମାନେ ତାଙ୍କ ଉପରେ ଭରସା / ବିଶ୍ୱାସ କରନ୍ତି ନାହିଁ

ii) ବୟସ୍କମାନେ ତାଙ୍କୁ ଠିକ୍ ଭାବରେ ବୁଝିପାରନ୍ତି ନାହିଁ

iii) ସାଙ୍ଗମେଳର ଚାପର ପ୍ରଭାବ ତାଙ୍କ ଉପରେ ରହୁଛି

iv) ସେମାନେ ବଡ଼ପିଲା ହୋଇଯାଇଛନ୍ତି

୩ । ଶୀଘ୍ର ବିବାହ କରିବା ଦ୍ୱାରା ଘଟୁଥିବା ଦୁଇଟି ଶାରୀରିକ କ୍ଷତି ଓ ଦୁଇଟି ଆର୍ଥିକ କ୍ଷତିର ତାଲିକା କର-

| ସ୍ୱାସ୍ଥ୍ୟଗତ କ୍ଷତି | ଆର୍ଥିକ କ୍ଷତି |
| --- | --- |
| .................... | .................... |
| .................... | .................... |
| .................... | .................... |



ମନ୍ତବ୍ୟ (Notes)

## ତୁମେ କ'ଣ ଶିଖିଲ

**କିଶୋର ଅବସ୍ଥା**

- **ଶାରୀରିକ ପରିବର୍ତ୍ତନ ଏବଂ ଯୌନ ପରିପକ୍ୱତା**
  - ୧. ଉଚ୍ଚତା ବୃଦ୍ଧି
  - ୨. ମାଂସପେଶୀ ଓ ତନ୍ତୁର ବୃଦ୍ଧି
  - ୩. କେଶ ବୃଦ୍ଧି
  - ୪. ସ୍ୱରରେ ପରିବର୍ତ୍ତନ
  - ୫. ଜନନେନ୍ଦ୍ରିୟର ବିକାଶ
- **ସାମାଜିକ ଏବଂ ଆବେଗିକ ବିକାଶ**
  - ପିତାମାତା, ସାଙ୍ଗସାଥୀ ଓ ବିଦ୍ୟାଳୟର ଭୂମିକା
- **ଭାଷିକ ଓ ବୌଦ୍ଧିକ ବିକାଶ**
  - ୧. ଭାଷା- ଅନର୍ଗଳ ଓ ଜଟିଳ
  - ୨. ଚିନ୍ତାଧାରା- ଦୁର୍ବୋଧ ଓ ଜଟିଳ
  - ୩. ତଥ୍ୟର ପ୍ରତିକୂଳ ଚିନ୍ତନ ଓ କାଳ୍ପନିକ ତଥ୍ୟକୁ ବୁଝିବା
- **କିଶୋରମାନଙ୍କ ସମସ୍ୟା**
  - ୧. ଖାଦ୍ୟ ବିଶୃଙ୍ଖଳା
  - ୨. ଆତ୍ମହତ୍ୟା ପ୍ରବଣତା
  - ୩. ସଙ୍ଗମେଳର ଚାପ
  - ୪. ନିଜସ୍ୱ ସମସ୍ୟା
  - ୫. ସାମାଜିକ ସମସ୍ୟା
  - ୬. ଶାରୀରିକ ସମସ୍ୟା
  - ୭. କିଶୋରୀ ଅବସ୍ଥାରେ ଗର୍ଭଧାରଣ

## ପାଠାନ୍ତ ପ୍ରଶ୍ନ

୧ । ନିଜ ଭାଷାରେ କିଶୋରାବସ୍ଥା ଶବ୍ଦକୁ ବର୍ଣ୍ଣନା କର ।

୨ । କିଶୋରାବସ୍ଥାରେ ପୁଅଝିଅଙ୍କର ଶାରୀରିକ ବିକାଶ ବିଷୟରେ ବର୍ଣ୍ଣନା କର ।

୩ । ପୂର୍ବ ପରିପକ୍ୱତା ଓ ଉତ୍ତର ପରିପକ୍ୱତା କହିଲେ କ'ଣ ବୁଝ ?

୪ । ପିଲାମାନଙ୍କୁ ଯୌନ ଶିକ୍ଷା ଦେବାରେ ପିତାମାତାଙ୍କର ଭୂମିକା କ'ଣ ?

୫ । ପିତାମାତା କିଶୋର ଅବସ୍ଥାରେ ପିଲାମାନଙ୍କ ପାଇଁ କେଉଁ କେଉଁ ଉପାୟରେ ଶୃଙ୍ଖଳିତ କରାଇଥାନ୍ତି ବର୍ଣ୍ଣନା କର । ତୁମ ମତରେ ସେଥିରୁ କେଉଁଟି ସବୁଠାରୁ ଭଲ ।

୬ । କିଶୋର ଅବସ୍ଥାରେ ସମବୟସ୍କ ବନ୍ଧୁମାନଙ୍କର ଭୂମିକା ଆଲୋଚନା କର ।

୭ । 'ବିଦ୍ୟାଳୟରେ ସୁନାମ ଅର୍ଜ୍ଜନ କରିବା ପାଇଁ କିଶୋରମାନଙ୍କୁ ପ୍ରୋତ୍ସାହନ ଦେବାରେ ଉତ୍ତମ ସ୍କୁଲ ପରିବେଶ ଓ ତାଲିମପ୍ରାପ୍ତ ଶିକ୍ଷକଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ' । ତୁମେ ଏଥିରେ ସହମତ କି ? ଉଦାହରଣ ସହ ବୁଝାଅ ।

ମନ୍ତବ୍ୟ (Notes)

୮। କିଶୋର ଅବସ୍ଥାରେ ବୌଦ୍ଧିକ ବିକାଶର ଗୁଣାବଳୀ ଗୁଡ଼ିକ ଆଲୋଚନା କର ।

୯। କିଶୋରମାନଙ୍କ କ୍ଷେତ୍ରରେ ମୁଖ୍ୟ ବିକାଶମୂଳକ ପ୍ରକ୍ରିୟାଗୁଡ଼ିକ ବର୍ଣ୍ଣନା କର ।

୧୦। କିଶୋରମାନଙ୍କର ସ୍ୱାଭାବିକ ଲକ୍ଷଣ ସହିତ ସମସ୍ୟାଗୁଡ଼ିକ ଉଲ୍ଲେଖ କର ।

**ପାଠଗତ ପ୍ରଶ୍ନର ଉତ୍ତର :**

**୨୦.୧ :** ୧। (i) ଖ, (ii) କ, (iii) ଗ, (iv) ଖ

୨। ପୁଅମାନେ - ୩, ୪, ୫

ଝିଅମାନେ- ୧, ୨, ୬

**୨୦.୨ :** (i) ଖ- କାରଣ ତାଙ୍କ ଠାରେ କ'ଣ କ'ଣ ପରିବର୍ତ୍ତନ ଘଟୁଛି ସେମାନେ ବୁଝିପାରନ୍ତି ନାହିଁ, ଯଦିଓ ସେମାନଙ୍କ ଠାରୁ ଦାୟିତ୍ୱପୂର୍ଣ୍ଣ ଆଚରଣ ଆଶା କରାଯାଏ ।

(ii) କ- କାରଣ ସେମାନେ ପ୍ରାପ୍ତବୟସ୍କ ଭଳି ଦିଶନ୍ତି ନାହିଁ ଏବଂ ସେମାନଙ୍କୁ ପିଲା ବୋଲି ଧରାଯାଏ ।

(iii) ଖ- କାରଣ ସେମାନଙ୍କର ଦୃଢ଼ ଶାରୀରିକ ଶକ୍ତି ଏବଂ ପୂର୍ଣ୍ଣ ବିକଶିତ ଶରୀର ।

(iv) ଘ- କିଶୋର କିଶୋରୀମାନେ ଜେଜେବାପା ଜେଜେ ମା'ଙ୍କ ଠାରୁ ଯୌନ ସମ୍ପର୍କିତ ଜ୍ଞାନ ଗ୍ରହଣ କରିବା ପାଇଁ ଲଜ୍ୟା ଏବଂ କୁଣ୍ଠାବୋଧ କରନ୍ତି ।

**୨୦.୩ :** ୧) (i) ପ (ii) ଘ (iii) ଘ

୨) (i) କ- ଚିରା ଓ ରଙ୍ଗଛଡ଼ା ଜିନ୍ ପିନ୍ଧିବା ।

ଖ- ଅନ୍ଧ ଭାବରେ ବିଚିତ୍ର ଫେସନକୁ ଆପଣେଇବା ।

(ii) କ- ଧୂମପାନ ଓ ମଦ୍ୟପାନ କରିବା

ଖ- କାହାକୁ କିଛି ନ କହି କର୍ମକ୍ଷେତ୍ରରୁ / ବିଦ୍ୟାଳୟରୁ ଲୁଚି ପଳାଇବା

(iii) କ- ପରୀକ୍ଷାରେ ଭଲ କରିବା ପାଇଁ ଚେଷ୍ଟା କରିବା

ଖ- ନୂଆ ନୂଆ କୌଶଳ ହାସଲ କରିବା ପାଇଁ ପରସ୍ପରକୁ ଉତ୍ସାହିକ କରବା

**୨୦.୪ :** ୧. ଅଶ୍ଳୀଳ ଓ ସଂକ୍ଷିପ୍ତ

୨. ବାସ୍ତବ ଓ ସଂକ୍ଷିପ୍ତ

୩. ପାଠକୁ ଦେଖ

୪. ଆବେଗିକ
- ବଦମିଜାଜ୍ ବା ଚିଡ଼ିଚିଡ଼ା ହେବା
- ଆତ୍ମହତ୍ୟା ପ୍ରବଣତା

ସାମାଜିକ
- ସାଙ୍ଗମେଳରେ ରହିବା
- ଦଳଗତ ନିୟମକୁ ମାନିବା

**୨୦.୫ :** ୧. କ, ଘ, ଗ, ଛ, ଜ, ଞ, ଠ, ଜ, ଣ

୨. (i) କ, (ii) ଘ, (iii) ଘ, (iv) ଖ